# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୭/୨୦୧୮ (୨୦ ପୃଷ୍ଠା) Sambalpur, Monday, September 17/ 2018 ★★

୧୪ଶ ଭାଗ ୨୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






**ଆଦର୍ଶ ମା'ର ଭାବମୂର୍ତ୍ତି ପ୍ରତିଷ୍ଠା କରେ ଫିଲ୍ମ: କାଜଲ୍**
ଟିଭି ଓ ଫିଲ୍ମ ପରଦାରେ ଅଭିନୟ କରିବା ଦ୍ୱାରା ଜଣେ ମହିଳା ପାଇଁ ଆଦର୍ଶ ମା'ର ଭାବମୂର୍ତ୍ତି ପ୍ରତିଷ୍ଠା ହୋଇପାରେ ବୋଲି ବଲିଉଡ୍ ଅଭିନେତ୍ରୀ କାଜଲ୍ ମୁଖାର୍ଜୀ ପ୍ରକାଶ କରିଛନ୍ତି।
୦୯

୧୫
**ମାରାଥନରେ କିପ୍‌ଚୋଗେଙ୍କ ବିଶ୍ୱ ରେକର୍ଡ**
ବର୍ଲିନ ମାରାଥନରେ ୨ ଘଣ୍ଟା ୧ ମିନିଟ୍ ଓ ୩୯ ସେକେଣ୍ଡ ଟାଇମିଂ ସହ କେନିଆର ଇଲିଉଡ୍ କିପ୍‌ଚୋଗେ ନୂଆ ବିଶ୍ୱ ରେକର୍ଡ କରିଛନ୍ତି।







## ଓଡ଼ିଆଙ୍କୁ ଚାପୁଡ଼ା

ଭାରତୀୟ ହକି ଦଳରେ ଓଡ଼ିଆ ଖେଳାଳିଙ୍କ ଅବଦାନ ସ୍ମରଣୀୟ ରହିଆସିଛି। ଦିଲୀପ ତୀର୍କି, ଲାଜରୁସ ବାର୍ଲା, ଇଗ୍ନେଶ ତୀର୍କି, ପ୍ରବୋଧ ତୀର୍କିଙ୍କ ଭଳି ଓଡ଼ିଆ ଖେଳାଳିଙ୍କ ଉତ୍ତମ ପ୍ରଦର୍ଶନ ଦେଶକୁ ବହୁ ଅନ୍ତର୍ଜାତୀୟ ସ୍ତରୀୟ ଖେଳରେ ବିଜୟ ଆଣିଦେଇଛି। ନିକଟରେ ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ଭଳି ଯୁବ ଖେଳାଳି ଓଡ଼ିଆଙ୍କୁ ଗର୍ବିତ କରିଛନ୍ତି। ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ ଭୁବନେଶ୍ୱରରେ ସେପ୍ଟେମ୍ବର ୧୭ରୁ ହକି ଇଣ୍ଡିଆର ଜାତୀୟ ପ୍ରଶିକ୍ଷଣ ଶିବିର ଆରମ୍ଭ ହେଉଛି। ଆଶ୍ଚର୍ଯ୍ୟର ବିଷୟ, ସେପ୍ଟେମ୍ବର ୧୨ରେ ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ୍ ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳି ନାହାନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ଆସନ୍ତା ହକି ବିଶ୍ୱକପ୍‌ର ଆୟୋଜକ ଥିବା ସତ୍ତ୍ୱେ ହରବିନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ୧୩ ଜଣିଆ 'ହକି ଇଣ୍ଡିଆ ସିଲେକ୍‌ଶନ୍ କମିଟି' ଏଠାକାର ଦକ୍ଷ ଖେଳାଳିଙ୍କୁ ମନୋନୀତ କରିନାହିଁ। ସ୍ୱାଭାବିକ ଭାବେ ବିଶ୍ୱ କପ୍ ହକିରେ ଘରୋଇ ପଡ଼ିଆରେ ଓଡ଼ିଆ ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ସେହିପରି ଓମାନ୍ ରାଜଧାନୀ ମସ୍କଟଠାରେ ଅକ୍ଟୋବର ୧୮ରୁ ୨୮ ଯାଏ ଏସିଆନ୍ ହକି ଚାମ୍ପିୟନ୍ସ ଟ୍ରଫି ଅନୁଷ୍ଠିତ ହେବ। ଏହି କ୍ୟାମ୍ପରୁ ଖେଳାଳି ମନୋନୟନ ହେବାର ଥିବାରୁ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ କୌଣସି ଓଡ଼ିଆ ଖେଳାଳି ସ୍ଥାନ ପାଇବେ ନାହିଁ ବୋଲି ଏବେଠାରୁ ସ୍ପଷ୍ଟ ହୋଇଯାଇଛି।

ଦେଖିବାକୁ ଗଲେ ଆସନ୍ତା ହକି ବିଶ୍ୱକପ୍‌କୁ ସ୍ମରଣଯୋଗ୍ୟ କରିବା ସହ ଏହାର ପରିଚାଳନା ସୁଗମ କରିବାକୁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। ହେଲେ ଓଡ଼ିଶାରେ ପ୍ରତିଭାବାନ୍ ଖେଳାଳି ଥିବା ସତ୍ତ୍ୱେ କେଉଁ ମାନଦଣ୍ଡକୁ ନେଇ ଖେଳାଳି ଚୟନ କରାଯାଇଛି, ତାହା ଓଡ଼ିଆ ହକି ଖେଳାଳି, ବିଶେଷଜ୍ଞ ଓ ସର୍ବୋପରି ରାଜ୍ୟବାସୀଙ୍କୁ ବିସ୍ମିତ କରିଛି। ଓଡ଼ିଶାରେ ଖେଳ ଆୟୋଜନ ହେଉଛି ବୋଲି ନୁହେଁ, ଦକ୍ଷ ଖେଳାଳି ଥିବାରୁ ସେମାନେ ପ୍ରଶିକ୍ଷଣ ଶିବିରରେ ସ୍ଥାନ ପାଇବା ଆଶା ରହିବା ସ୍ୱାଭାବିକ। ଏଠାରେ ଅଯୋଗ୍ୟ ଖେଳାଳିଙ୍କୁ ଜୋରଜବରଦସ୍ତ ଅନ୍ତର୍ଭୁକ୍ତ କରାଯିବା ପାଇଁ ଦାବି କରାଯାଉ ନାହିଁ। ସେଥିପାଇଁ ଏ ସମ୍ପର୍କରେ ରାଜ୍ୟ ସରକାର ମଧ୍ୟ ନିଜର ଦାବିକୁ ସ୍ପଷ୍ଟ ଭାବେ ରଖିବା ଦରକାର।

ଜୁନିୟର ହକି ବିଶ୍ୱକପ୍‌ରେ ଦୀପସାନ୍ ତୀର୍କି ଚମତ୍କାର ପ୍ରଦର୍ଶନ କରିଥିଲେ। ସେହିଭଳି ନିଲମ ସଞ୍ଜୀପ ଖେସ୍ ଜୁନିୟର ସ୍ତରରେ ଉତ୍ତମ ଖେଳ ଦେଖାଇ ସାରିଛନ୍ତି। ବିଶେଷଜ୍ଞଙ୍କ ମତରେ, ଘରୋଇ ପରିବେଶରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଥିବାରୁ ଏମାନଙ୍କୁ ମଧ୍ୟ ଉଦୀୟମାନ୍ ଖେଳାଳି ଭାବେ ଅନ୍ତର୍ଭୁକ୍ତ କରାଯାଇ ପାରିଥାଆନ୍ତା। ସେମାନେ ବରିଷ୍ଠମାନଙ୍କଠାରୁ ବହୁ କୌଶଳ ଶିଖି ଅଭିଜ୍ଞତା ଅର୍ଜନ କରିବାର ସୁଯୋଗ ପାଇପାରିଥା'ନ୍ତେ। କେବଳ ସେତିକି ନୁହେଁ, ନିଜ ମାଟିରେ ବିଶ୍ୱକପ୍ ଖେଳିବା ଲାଗି ଓଡ଼ିଆ ଖେଳାଳି ମନୋନୀତ ହୋଇଥିଲେ, ଭାରତୀୟ ଦଳ ପାଇଁ ପ୍ରଶଂସକଙ୍କ ଉତ୍ସାହ ବହୁଗୁଣିତ ହୋଇଥାଆନ୍ତା ବୋଲି କୁହାଯାଇପାରେ।

ଓଡ଼ିଶା କଥା ଦେଖିଲେ ରାଜ୍ୟର ଅଧିକାର ଓ ସମ୍ମାନ ପାଇଁ କେହି ସ୍ୱର ଉଠାଉ ନାହାନ୍ତି। ଏଭଳି କ୍ଷେତ୍ରରେ ସବୁଆଡୁ ପ୍ରତିବାଦ ହେବା ଜରୁରୀ। ଏପରିକି ଓଡ଼ିଶା ସରକାର ଏଥିରେ

**ତଥାଗତ ସତପଥୀ**

ହସ୍ତକ୍ଷେପ କରିବା ଉଚିତ। ହକି ଇଣ୍ଡିଆ ସିଲେକ୍‌ଶନ କମିଟିକୁ ଏ ନେଇ ପ୍ରଶ୍ନ ହେବା ଦରକାର। ସୁନ୍ଦରଗଡ଼ ଓଡ଼ିଶାର ହକି ପାଇଁ ଅନ୍ତୁଡ଼ିଶାଳ। ସର୍ବଭାରତୀୟ ସ୍ତରରେ ଅଧଡଜନରୁ ଊର୍ଦ୍ଧ୍ୱ ଖେଳି ସେମାନଙ୍କ ଉତ୍ତମ ପ୍ରଦର୍ଶନ ମାଧ୍ୟମରେ ଦେଶ ସକାଶେ ସୁନାମ ଅର୍ଜନ କରିସାରିଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଶା ନିଜ ଖେଳାଳିଙ୍କ ଅଧିକାରକୁ ଠିକ୍ ଭାବେ ଉପସ୍ଥାପନ କରୁ। ହକି ଟିମ୍‌ର ପ୍ରାୟୋଜକ ସହ ବିଶ୍ୱକପ୍ ଆୟୋଜନ କରୁଥିବାରୁ ସେଥିପାଇଁ ଓଡ଼ିଶାକୁ ପ୍ରଶଂସା ମିଳିଗଲେ ସେଥିରେ ସନ୍ତୁଷ୍ଟ ହେବା ଠିକ୍ ନୁହେଁ। ଏହାର ଦକ୍ଷ ଖେଳାଳିଙ୍କୁ ସୁଯୋଗ ମିଳିଲେ ରାଜ୍ୟକୁ ଉପଯୁକ୍ତ ସମ୍ମାନ ମିଳିପାରିବ। ଆମେ ଆହୁରି ଏକପାଦ ଆଗକୁ ଯାଇ ଏହା ମଧ୍ୟ କହିବୁ ଯେ, ଏହି ପ୍ରଶିକ୍ଷଣ ଶିବିରରେ ଯଦି ଓଡ଼ିଆ ଖେଳାଳିଙ୍କୁ ନେବା ପାଇଁ ଜାତୀୟ ଚୟନକର୍ତ୍ତା କୁଣ୍ଠାବୋଧ କରନ୍ତି, ତେବେ ରାଜ୍ୟ ସରକାର ଏହି ଖେଳ ପାଇଁ ପ୍ରବଳ ମାତ୍ରାରେ ଖର୍ଚ୍ଚ କରିବାକୁ ଯାଉଥିବା ଅର୍ଥରୁ ବିରତ ହୁଅନ୍ତୁ। ନ ହେଲେ ଚୟନ କମିଟିର ନିଷ୍ପତ୍ତି ଓଡ଼ିଆଙ୍କୁ ଚାପୁଡ଼ା ବୋଲି ଧରାଯିବ।

■ ଚିଠା ପେସେଣ୍ଟ ଚାର୍ଟର ଜାରି କଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

# ରୋଗୀଙ୍କୁ ରୋକି ପାରିବେନି ହସ୍ପିଟାଲ

ନୂଆଦିଲ୍ଲୀ,୧୬।୯

ପେମେଣ୍ଟ ବିବାଦକୁ କେନ୍ଦ୍ରକରି ରୋଗୀଙ୍କୁ ହସ୍ପିଟାଲ ରୋକିପାରିବେ ନାହିଁ। ରୋଗୀଙ୍କୁ ଅଟକାଇଲେ କିମ୍ବା ତାଙ୍କ ମୃତଦେହକୁ ସମ୍ପର୍କୀୟଙ୍କୁ ହସ୍ତାନ୍ତର ନ କଲେ ଏହାକୁ ଅପରାଧ ଭାବେ ବିଚାର କରାଯିବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ପେମେଣ୍ଟ ସମ୍ପର୍କିତ ଚିଠା ପେସେଣ୍ଟ ଚାର୍ଟରରେ ଏଭଳି ନିୟମ କରାଯାଇଛି।

ପେମେଣ୍ଟ ବିବାଦକୁ କେନ୍ଦ୍ରକରି ଦେଶର ବିଭିନ୍ନ ସ୍ଥାନରେ ନର୍ସିଂହୋମ୍ ଓ ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀ କିମ୍ବା ରୋଗୀଙ୍କ ମୃତଦେହକୁ ପ୍ରଶାସନିକ କାର୍ଯ୍ୟ ଚାଲିଥିବା ଆଳରେ ଦୀର୍ଘ ଦିନ ଅଟକାଇ ରଖୁଥିବାର ବହୁ ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ପକ୍ଷରୁ ଏକ ପେସେଣ୍ଟ ଚାର୍ଟର ପ୍ରସ୍ତୁତ କରାଯାଇଛି। ଏହାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବସାଇଟରେ ଅପଲୋଡ୍ କରାଯାଇଛି। ଏଥିରେ କୁହାଯାଇଛି ଯେ, ରୋଗୀଙ୍କ ସହ କୌଣସି ପେମେଣ୍ଟ ବିବାଦ ଉପୁଜିଲେ ଟଙ୍କା ପାଇବା ପର୍ଯ୍ୟନ୍ତ ପ୍ରଶାସନିକ କାର୍ଯ୍ୟ ଚାଲିଥିବା ଆଳ ଦେଖାଇ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଛାଡିବାରେ ବିଳମ୍ବ କରିପାରିବେ ନାହିଁ। ଚାର୍ଟରରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଚିକିତ୍ସାଧୀନ ରୋଗୀ ଅଥବା ମୃତଦେହକୁ ଅନ୍ୟାୟ ଭାବେ ଅଟକାଯାଇନି ଏହା ଦେଖିବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ରୋଗୀଙ୍କୁ ଦେଖାଶୁଣା ପାଇଁ ଆସିଥିବା ତାଙ୍କ ପରିବାର ଲୋକେ ଯେପରି ମୃତଦେହ ଫେରିପାଇବେ ତାହା ଦେଖିବା ମଧ୍ୟ ହସ୍ପିଟାଲର କର୍ତ୍ତବ୍ୟ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଧୀର କୁମାରଙ୍କ ସ୍ୱାକ୍ଷରରେ ଏ ସଂକ୍ରାନ୍ତରେ ନୋଟିସ ଜାରି କରାଯାଇଛି। ହସ୍ପିଟାଲଗୁଡିକ ଯେପରି ସୁଚାରୁ ରୂପେ ସ୍ୱାସ୍ଥ୍ୟସେବା ଯୋଗାଇବେ ସେଥିଲାଗି ରାଜ୍ୟ ସରକାରଙ୍କ ମାଧ୍ୟମରେ ମନ୍ତ୍ରଣାଳୟ ଉକ୍ତ ଚାର୍ଟରକୁ ଲାଗୁ କରିବ। ଚିଠା ଚାର୍ଟର ଅନୁଯାୟୀ ଆଗତ ଅଭିଯୋଗର ତ୍ୱରିତ୍ ତଥା ନ୍ୟାୟପୂର୍ଣ୍ଣ ସମାଧାନ ପାଇବା ଲାଗି ରୋଗୀ କିମ୍ବା ତାଙ୍କର କେୟାରଟେକରଙ୍କ ସମ୍ପୂର୍ଣ୍ଣ ଅଧିକାର ରହିଛି। ଅଭିଯୋଗ ପାଇବାର ୧୫ ଦିନ ମଧ୍ୟରେ ବିବାଦର ସମାଧାନ କିପରି କରାଗଲା ସେ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ସବିସ୍ତାରେ ଜଣାଇବାକୁ ବାଧ୍ୟ ରହିବେ। ଏଥିରେ ଦର୍ଶାଯାଇଛି ଯେ, ପ୍ରତ୍ୟେକ ହସ୍ପିଟାଲ କିମ୍ବା ଚିକିତ୍ସାଳୟର ଦାୟିତ୍ୱ ହେଉଛି, ବିବାଦର ସମାଧାନ ଲାଗି ସେମାନେ ନିଜସ୍ୱ ବ୍ୟବସ୍ଥା ପ୍ରତିଷ୍ଠା କରିବେ। ଅନୁରୂପ ଭାବେ ସରକାରୀ ବିବାଦର ସମାଧାନ ପାଇଁ ଏଭଳି ବ୍ୟବସ୍ଥା କାର୍ଯ୍ୟ କରିବ। ପେସେଣ୍ଟ ଚାର୍ଟର ଅଥବା ପ୍ରଚଳିତ ଆଇନ ଅନୁଯାୟୀ ବିବାଦର ସମାଧାନ ଲାଗି ସମସ୍ତ ସୂଚନା ସେମାନଙ୍କୁ ଉପଲବ୍ଧ କରିବାକୁ ପଡ଼ିବ। ଚାର୍ଟରରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ବିବାଦର ସମାଧାନ ଲାଗି ଯଥେଷ୍ଟ ଅଧିକାର ଦିଆଯାଇଛି। ସରକାରଙ୍କ ଦ୍ୱାରା ଗଠିତ ପେସେଣ୍ଟ ରାଇଟ୍ସ ଟ୍ରିବ୍ୟୁନାଲ ଫୋରମ୍ ଅଥବା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ରେଗୁଲେଟୋରୀ ଅଥରିଟିଙ୍କ ନିକଟରେ ରୋଗୀ ଅଥବା ତାଙ୍କ ☞ପୃଷ୍ଠା-୪

■ ମୃତଦେହ ଅଟକାଇବା ମଧ୍ୟ ଅପରାଧ
■ ପେମେଣ୍ଟ ମିଳି ନ ଥିବା ଆଳରେ ବିଳମ୍ବ କରିବା ମନା
■ ଅଭିଯୋଗର ୧୫ ଦିନ ଭିତରେ ବିବାଦର ସମାଧାନ



# ବଜ୍ରପାତ ନେଲା ୮ ଜୀବନ

ଭୁବନେଶ୍ୱର/ଟିଟିଲାଗଡ଼/ଗାଇସିଲଟ
୧୬।୯(ବ୍ୟୁରୋ/ଡି.ଏନ୍.ଏ.)



■ ମୃତକଙ୍କ ମଧ୍ୟରେ ଜଣେ ଯବାନ
■ ୧୮ରେ ଲଘୁଚାପ
■ ୨୧ ଯାଏ ପ୍ରବଳ ବର୍ଷା

ରାଜ୍ୟରେ ରବିବାର ବଜ୍ର ବିଦ୍ୟୁତରେ ୮ ଜୀବନ ଚାଲିଯାଇଛି। ୧୨ ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ଏବଂ ଆହତମାନେ କୋରାପୁଟ, ରାୟଗଡା, ଅନୁଗୋଳ, କଳାହାଣ୍ଡି, ଗଞ୍ଜାମ, ମୟୂରଭଞ୍ଜ, ବରଗଡ ଏବଂ ବଲାଙ୍ଗୀର ଜିଲାର। ସୂଚନା ମୁତାବକ, କଳାହାଣ୍ଡି ଜିଲା ଏମ୍. ରାମପୁର ଅନ୍ତର୍ଗତ ତଲସାଗରପଡା ଗାଁର ୧୦ ଜଣ ବଲାଙ୍ଗୀର ଜିଲା ଟିଟିଲାଗଡ଼ର ମାଥନପଲ୍ଲା ପ୍ରୋଜେକ୍ଟ ନିକଟରେ ବଣଭୋଜି କରିବାକୁ ଯାଇଥିଲେ। ଅପରାହ୍ନରେ ବଣଭୋଜି ଚାଲିଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସିଆରପିଏଫ୍ ଯବାନ ମନୋରଞ୍ଜନ ମହାକୁଡ(୪୩) ଏବଂ ଏଲ୍‌ଆଇସି ଏଜେଣ୍ଟ ନିମାଇଁ ମହାକୁଡ(୪୩)ଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ସହ ଥିବା କୀର୍ତ୍ତିଚନ୍ଦ୍ର ପ୍ରଧାନ, ସଞ୍ଜୀବ ଭୋଇ ଏବଂ ରଜନୀ ଗଡତ୍ୟା ଆହତ ହୋଇଥିଲେ। ସେମାନଙ୍କୁ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଟିକ୍ରାପଡା ଗାଁର ମୁନି ନାଗ(୬୦) ବଜ୍ରପାତରେ ଗୁରୁତର ଆହତ ହୋଇ ଟିଟିଲାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ଭୂପଡ ଗାଁର ସନିଆ ହେମ୍ବ୍ରମଙ୍କ ସ୍ତ୍ରୀ ସୀତା ହେମ୍ବ୍ରମ୍(୪୫) ନାତି ନାତୁଣୀଙ୍କୁ ସାଥୀରେ ଧରି ପୋଖରୀରୁ ଗାଧୋଇ ଘରକୁ ଫେରୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ସୀତାଙ୍କ ମୃତ୍ୟୁ ହୋଇଥିବାବେଳେ ନାତୁଣୀ ଦେଉଲା ହେମ୍ବ୍ରମ୍(୬) ଏବଂ ନାତି ରଘୁ ହେମ୍ବ୍ରମ୍(୪) ଆହତ ହୋଇଥିଲେ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ତେଣ୍ଡେଇପାଲି ଗାଁର ଗୋକୁଳ ପ୍ରଧାନଙ୍କ ସ୍ତ୍ରୀ ତୁଳା ପ୍ରଧାନ(୫୨) ବଜ୍ରପାତରେ ପ୍ରାଣ ହରାଇଛନ୍ତି। ତୁଳା ବିଲରେ ତଳି ରୋଉଥିବାବେଳେ ବଜ୍ରପାତ ହୋଇଥିଲା। ସେଠାରେ ଥିବା ଗ୍ରାମର ଅହଲ୍ୟା ସେଠୀ ମଧ୍ୟ ଆହତ ହୋଇଛନ୍ତି। ☞ପୃଷ୍ଠା-୪







**ଆଜିର ମନ୍ତବ୍ୟ**

ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ ନ କରିବା ନରେନ୍ଦ୍ର ମୋଦି ସରକାରଙ୍କୁ ଭାରି ପଡ଼ିବ।

-ରାମଦେବ, ଯୋଗଗୁରୁ

**କିଛି ତଥ୍ୟ**

ଚଳିତ ବର୍ଷ ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୫ ମଧ୍ୟରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିୱାଇ) ଅନ୍ତର୍ଗତ ୩୨ କୋଟି ୬୧ ହଜାର ଆକାଉଣ୍ଟରେ ୧ ହଜାର ୨୬୬ କୋଟି ଟଙ୍କା ଜମା ହୋଇଛି। -ଅର୍ଥ ମନ୍ତ୍ରଣାଳୟ


**୨୦ରେ ଶ୍ରୀମନ୍ଦିର ଆସିବେ ଆମିକସ୍‌କ୍ୟୁରି**
........୪........

**ଛାତ୍ରୀଛାତ୍ରଙ୍କ ପାଇଁ ତାଲୁକସ୍ତରରେ ରହିବ ଆଧାର ପଞ୍ଜୀକରଣ ମେଶିନ**
........୧୩........



NECC NATIONAL EGG CO-ORDINATION COMMITTEE 16.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers

ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।

- ଚାଣକ୍ୟ




## ସଂକ୍ଷେପରେ

### ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ରାଜନଗର,୧୬।୯(ଡି.ଏନ୍.ଏ.): ସୁଦୂର ଦୁବାଇରେ କାମ କରୁଥିବା ଜଣେ ଓଡିଆ ଶ୍ରମିକଙ୍କ ଗତ ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ମଧପଡା ଗ୍ରାମର ବାମନ ଜେନାଙ୍କ ପୁତ୍ର ଦେବାଶିଷ । ପରିବାର ଲୋକଙ୍କ କହିବାନୁଯାୟୀ, ସେ ୨ବର୍ଷ ହେବ ଦୁବାଇର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେଠାରେ ଅନ୍ୟ ରାଜ୍ୟର ୫ ଜଣ ଯୁବକଙ୍କ ସହ ମିଳିମିଶି ରହୁଥିଲେ। ଦୁବାଇରେ କାମକରୁଥିବା ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡେଇପଡା ଓ ସନ୍ଥପଡାର ୨ ଜଣ ଯୁବକ ଶନିବାର ଘରକୁ ଫୋନ କରି ଦେବାଶିଷଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ଦେଇଥିଲେ। ଶୁକ୍ରବାର ରାତିରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ସେମାନେ କହିଥିଲେ। ଦୁବାଇ ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିସହ ସାଙ୍ଗରେ ରହୁଥିବା ୫ ଜଣ ଯୁବକଙ୍କୁ ଥାନାକୁ ନେଇ ପଚରାଉଚୁରା କରିଛି ବୋଲି ସେମାନେ ପ୍ରକାଶ କରିଥିଲେ। ଅପରପକ୍ଷେ କାମକରୁଥିବା କମ୍ପାନୀ ଓ ସାଙ୍ଗରେ ରହୁଥିବା ଯୁବକଙ୍କ ପକ୍ଷରୁ ଦେବାଶିଷଙ୍କ ମୃତ୍ୟୁ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଏନେଇ ସନ୍ଦେହ ବୃଦ୍ଧି ପାଇବାରେ ଲାଗିଛି ବୋଲି ପରିବାର ପକ୍ଷରୁ କୁହାଯାଇଛି। ଅକ୍ଟୋବର ୩ରେ ତାଙ୍କର ଘରକୁ ଆସିବାର ଥିଲା। ଏଥିପାଇଁ ସେ ବିମାନ ଟିକେଟ ବୁକିଂ କରିଥିଲେ। ଏବେ ମୃତ୍ୟୁ ଖବରପାଇ ପରିବାର ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

■ ତୈଳ ଦର ବୃଦ୍ଧି ନେଇ ରାଜନୀତି

# ରାଜ୍ୟକୁ କର ହ୍ରାସ ପାଇଁ ଧର୍ମେନ୍ଦ୍ରଙ୍କ ପରାମର୍ଶ

■କେନ୍ଦ୍ର ଅଧିକ ଉତ୍ପାଦ ଶୁଳ୍କ ଲାଗୁ କରିଛି: ବିଜେଡି

■ହ୍ରାସ ନ କରି ଆରୋପ-ପ୍ରତ୍ୟାରୋପ: କଂଗ୍ରେସ



ପ୍ରତାପ ଦେବ



ଧର୍ମେନ୍ଦ୍ର ପ୍ରଧାନ



ବିଶ୍ୱରଞ୍ଜନ ମହାନ୍ତି

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ନେଇ ସାଧାରଣ ଜନଜୀବନ ପ୍ରଭାବିତ ହୋଇ ଚାଲିଛି। ଏହି ପରିସ୍ଥିତିରୁ ଜନସାଧାରଣଙ୍କୁ ମୁକୁଳାଇବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ହେଲେ କେନ୍ଦ୍ର ହେଉ କି ରାଜ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାନ୍ତି। ଓଲଟି ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ରାଜନୈତିକ ଆରୋପ-ପ୍ରତ୍ୟାରୋପରେ ମାତିଛନ୍ତି। ସେହିକ୍ରମରେ ରବିବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଉଭୟ ବିଜେଡି-ଭାଜପାକୁ ସମାଲୋଚନା କରାଯାଇଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ଦ୍ୱାରା ରାଷ୍ଟ୍ର ଅପେକ୍ଷା ରାଜ୍ୟ ଅଧିକ ଲାଭବାନ ହୋଇଥାଏ। ୨୦୧୪ ମସିହାରେ ଓଡ଼ିଶା ସରକାର କେବଳ ତୈଳ ବାବଦରେ ୩୦୦୦ କୋଟି ଟଙ୍କା ରାଜସ୍ୱ ପାଉଥିଲେ। ବର୍ତ୍ତମାନ ସମୟରେ ସେହି ରାଜସ୍ୱର ପରିମାଣ ୭୦୦୦ କୋଟିରେ ପହଞ୍ଚିଛି। ତେଣୁ ପେଟ୍ରୋଲ ଓ ଡିଜେଲ ଉପରେ ରାଜ୍ୟ ଲାଗୁ କରିଥିବା କର ହ୍ରାସ କରୁ, ଯାହା ଦ୍ୱାରା ଓଡ଼ିଶାରେ ତୈଳ ଦର ହ୍ରାସ ପାଇବେ। ଅନ୍ୟ ରାଜ୍ୟ ଗୁଡିକ ଏହି ପନ୍ଥା ଆପଣେଇ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ନିୟନ୍ତ୍ରଣ ଆଣିଥିବା ଧର୍ମେନ୍ଦ୍ର କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ। ସେ କହିଛନ୍ତି ଯେ, ପେଟ୍ରୋଲ ଉପରେ କେନ୍ଦ୍ର ୬ ପ୍ରତିଶତରୁ ୧୯ ପ୍ରତିଶତ ଉତ୍ପାଦ ଶୁଳ୍କ ଲାଗୁ କରିଛି। ଅନୁରୂପ ଭାବେ ଡିଜେଲ ଉପରେ ୧୫ ପ୍ରତିଶତ ଉତ୍ପାଦ ଶୁଳ୍କ ଲାଗୁ କରାଯାଇଛି। ତେଣୁ ତୈଳ ଦର ବୃଦ୍ଧି ପାଇଁ କିଏ ଦାୟୀ, ଏଥିରୁ ସ୍ପଷ୍ଟ ଅନୁମେୟ। ସେହିପରି ରାଜ୍ୟକୁ କର କମାଇବା ପାଇଁ ଉପଦେଶ ଦେଉଥିବା କେନ୍ଦ୍ର ଗତ ୪ ବର୍ଷରେ ତୈଳରୁ ମିଳିଥିବା ଲାଭାଂଶରେ କି କାର୍ଯ୍ୟ ହୋଇଛି, ତାହାର ହିସାବ ପ୍ରଥମେ ଦିଅନ୍ତୁ ବୋଲି ପ୍ରତାପ ଦେବ କହିଛନ୍ତି।

ଏହି ପ୍ରସଙ୍ଗରେ ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, କେନ୍ଦ୍ର-ରାଜ୍ୟ ପରସ୍ପରକୁ ଆରୋପ-ପ୍ରତ୍ୟାରୋପ କରିବାରେ ଲାଗିପଡିଛନ୍ତି। ସାଧାରଣ ବୁଦ୍ଧିରେ ଯଦି ବିଚାର କରାଯାଏ, ଯଦି କେନ୍ଦ୍ର ୩ରୁ ୪ ଟଙ୍କା କର ହ୍ରାସ କରେ, ତେବେ ଦର ହ୍ରାସ ପାଇପାରିବ। ଅନୁରୂପ ଭାବେ ରାଜ୍ୟ ସରକାର ସଂଗ୍ରହ କରୁଥିବା ରାଜସ୍ୱ ମଧ୍ୟ ହ୍ରାସ କରିବାର ଆବଶ୍ୟକତା ରହିଛି। ଉଭୟ ଏଥିପ୍ରତି ଦୃଷ୍ଟି ନ ଦେଇ ଦରବୃଦ୍ଧି ପ୍ରସଙ୍ଗରୁ ନଜର ହଟାଉଛନ୍ତି। ଦୁଇ ଦଳ ମଧ୍ୟରେ ଶାସନ କ୍ଷମତାରେ ରହିବା ଏବଂ ରାଜସ୍ୱ ସଂଗ୍ରହ ପାଇଁ ଥିବା ବୁଝାମଣା ଜନସାଧାରଣଙ୍କ ପାଇଁ କାଳ ହୋଇଛି।

## ୩୨ ଦିନରେ ଶିକ୍ଷକଙ୍କ ଅହୋରାତ୍ର ଆନ୍ଦୋଳନ

# ୩୦ଲକ୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରଭାବିତ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନରେ ଚାଲିଥିବା ଅହୋରାତ୍ର ଗଣଧାରଣା ରବିବାର ୩୨ଦିନରେ ପହଞ୍ଚିଛି। ୪୦ହଜାର ବିଦ୍ୟାଳୟ ଓ ୧୫୦୦ ମହାବିଦ୍ୟାଳୟର ୬୦ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳତଃ ସରକାରୀ ଶିକ୍ଷା ବ୍ୟବସ୍ଥାରେ ଅଚଳାବସ୍ଥା ଉପୁଜିଛି। ଶିକ୍ଷକ, ଅଧ୍ୟାପକଙ୍କ ଆନ୍ଦୋଳନ ଯୋଗୁ ୩୦ଲକ୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। କିନ୍ତୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଶିକ୍ଷକଙ୍କ ଦାବି ପୂରଣ ନ କରି ସରକାର ପରୋକ୍ଷରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବୋଲି ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ମିଳିତ ମଞ୍ଚର କହିବାନୁଯାୟୀ, ଗୋଟିଏ ଗଣତାନ୍ତ୍ରିକ ସରକାର ଉପରେ ଥିବା ବିଶ୍ୱାସ ତୁଟିଯିବାକୁ ବସିଲାଣି। ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲାଣି। ଏଥର ଜନତା ଦରବାରରେ ଫେରାଦ ହେବୁ। ଏହା ସତ୍ତ୍ୱେ ଯଦି ସରକାର ସମସ୍ୟା ସମାଧାନର ସୂତ୍ର ବାହାର ନ କରନ୍ତି, ତେବେ ଆସନ୍ତା ୨୦ତାରିଖ ଦିନ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ସହିତ ଶିକ୍ଷା ବିକାଶ ମଞ୍ଚର ସମସ୍ତ ସଦସ୍ୟ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ମିଳିତ ମଞ୍ଚର ଆବାହକମଣ୍ଡଳୀ ସଦସ୍ୟ ପବିତ୍ର ମହାଲା ସୂଚନା ଦେଇଛନ୍ତି।

# ହାଇକୋର୍ଟ ସ୍ଥାୟୀ ବେଞ୍ଚକୁ ନେଇ ରାଜନୀତି

■ସି.ଆର. ପାଲ ରିପୋର୍ଟକୁ ସାର୍ବଜନୀନ କରିବା ପାଇ କଂଗ୍ରେସର ଦାବି

■କମିଶନ ବାବଦକୁ ଖର୍ଚ୍ଚ ୧,୫୨,୫୮, ୭୨୨ ଟଙ୍କା

■ଫାଇଲ ତଳେ ରିପୋର୍ଟ



ସତ୍ୟ ପ୍ରକାଶ ନାୟକ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ରାଜନୀତି କରୁଛନ୍ତି। କେନ୍ଦ୍ର ସହ ବେଞ୍ଚ ପ୍ରତିଷ୍ଠା ଦିଗରେ ଚିଠି ଲେଖା ବନ୍ଦ କରି ସି.ଆର. ପାଲ ରିପୋର୍ଟକୁ ସାର୍ବଜନୀନ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ରବିବାର ଦାବି କରାଯାଇଛି। କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ରାଜ୍ୟ ସରକାର ୨୮ ସେପ୍ଟେମ୍ବର ୨୦୧୩ରେ ତତ୍କାଳୀନ ଆଇନ ମନ୍ତ୍ରୀ କପିଲ ସିବଲଙ୍କୁ ଚିଠି ଲେଖିଥିଲେ। ଏହା ପରେ ଡି.ଭି. ଶେଷାନନ୍ଦ ଗୌଡ଼ାଙ୍କୁ ୧୩ ଫେବୃୟାରୀ ୨୦୧୪ରେ ଓ ରବିଶଙ୍କର ପ୍ରସାଦଙ୍କୁ ସେପ୍ଟେମ୍ବର ୫, ୨୦୧୮ରେ କେବଳ ଚିଠି ଲେଖି ଦାୟିତ୍ୱ ସାରିଦେବା ପ୍ରୟାସ ଦୁର୍ଭାଗ୍ୟଜନକ। ଏହି ସଂକ୍ରାନ୍ତ କମିଶନ ବାବଦକୁ ରାଜ୍ୟ ସରକାର ରାଜକୋଷରୁ ୧,୫୨,୫୮,୭୨୨ ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ଉକ୍ତ କମିଟି ରିପୋର୍ଟ ଶୀତଳ ଭଣ୍ଡାରରେ ରହିଥିବା ସତ୍ୟ ପ୍ରକାଶ କହିଛନ୍ତି।

ପ୍ରକାଶ ଯେ, ଗତ ୬ ବର୍ଷ ଧରି ଚାଲିଥିବା କମିଶନ ଶେଷରେ ୩୧ ମେ ୨୦୧୪ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ୪ ବର୍ଷରୁ ଅଧିକ ସମୟ ବିତି ଯାଉଥିଲେ ବି ରିପୋର୍ଟ ସାର୍ବଜନୀନ ନ ହେବାର କାରଣ କ'ଣ ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ୨୦୧୫ ଅଗଷ୍ଟରେ କେନ୍ଦ୍ରକୁ ଅବଗତ କରାଇଥିଲେ। ଯେହେତୁ ଏକ ସ୍ୱତନ୍ତ୍ର ବିଚାର ବିଭାଗୀୟ କମିଶନ ଗଠନ ହୋଇଥିଲା, ତେଣୁ ସି.ଆର. ପାଲଙ୍କ ରିପୋର୍ଟରେ କ'ଣ ପ୍ରସ୍ତାବ ରହିଛି ତା'ର ଅନୁଧ୍ୟାନର ଆବଶ୍ୟକତା ଥିବା କୁହାଯାଇଥିଲା। ରାଜ୍ୟ ସରକାର ଏ ସମସ୍ତ ପ୍ରସଙ୍ଗରେ ଅବଗତ ଥାଇ ପଦକ୍ଷେପ ନ ନେବା ନିନ୍ଦନୀୟ ବୋଲି କଂଗ୍ରେସ ପକ୍ଷରୁ ସତ୍ୟ ଅଭିଯୋଗ କରିଛନ୍ତି। ସମ୍ବଲପୁର ବାର ଆସୋସିଏଶନ ଏବଂ ସେଣ୍ଟ୍ରାଲ ଆକ୍ସନ କମିଟି ଆନ୍ଦୋଳନର ଡାକରା ଦେଇଛନ୍ତି।



ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୭/୨୦୧୮



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଶ୍ରୀରାମ
ପରିବାରବର୍ଗ



ସୌମ୍ୟରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified



**real estate**

**SALE**

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64153

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

14000 sft. gharabari corner plot (commercial) near East College Phulnakhara for O/R/ Sharing lease. Suitable for godown and hospital. 9778822122. D-8390

ମୋର ନିଜସ୍ୱ ସ୍ଥିତିବାନ plot ଜାମୁକୋଳି ମୌଜାରେ 4270 sqft. ସୁନ୍ଦରପଦା ଜଟଣୀ ରୋଡ Lingaraj Railway Stationଠାରୁ 7km. ବିକ୍ରିହେବ। 9238896887, 8249821200. D-62126

BDAର ଅରଗୁଳଠାରେ ନିର୍ମିତ IITକୁ ଲାଗି ପିଚୁରାସ୍ତାର ସୁବିଧାଥାଇ ଘରବାରି plot ମିଳୁଛି। 9861812258. D-64315

4800 sft. gharabari corner plot, BDA yellowzone Mendhasal near Infocity-2. 9778822122. D-8391

Lingaraj Stationରୁ 5km. ଦୂରତାରେ right side gharabari plot ମିଳୁଛି। 9090963952. D-64320



**healthcare**

Sonali ayurvedic full body massage/ smart lady expert therapist. Best facility. 9661643016, 9572698260, 9934132232, 9631368840. D-8096

All type of massage and good therapy full body massage Sai herbal spa. 7609005923. D-64202

Lady Diana massage centre full body massage by high profile smart females therapist. 9199941577, 9135760601. D-8393

Opening newly ayurvedic full body massage ladies, gents. 7609923705, 7438851534. D-38530

ପାଠକଙ୍କ ପାଇଁ ସୂଚନା: [illegible]


## ବାର୍‌ହା ଶିକାର ଅଭିଯୋଗରେ ଜଣେ ଗିରଫ

**ନୂଆପଡା ଅଫିସ/କୋମନା, ୧୬।୯**

ନୂଆପଡ଼ା ଜିଲା କୋମନା ବନ୍ୟପ୍ରାଣୀ ବିଭାଗ ଅଧୀନ ସୁନାବେଡା ଅଭୟାରଣ୍ୟରୁ ବାର୍‌ହା ଶିକାର କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ବନ ବିଭାଗ ଗିରଫ କରିଛି। ସେ ହେଲେ ଜାମଗାଁର ରାଜିନ ମାଝି (୩୦)। ଶନିବାର ରାତିରେ ସେ ଅଭୟାରଣ୍ୟରୁ ଏକ ବାର୍‌ହା ଶିକାର କରି ମାଂସ ବିକ୍ରି କରୁଥିଲେ। ଏହି ଖବର ପାଇ ବନ୍ୟପ୍ରାଣୀ ବିଭାଗ ଗାଁରେ ଚଢ଼ାଉ କରିଥିଲା। ରାଜିନଙ୍କ ଘରୁ ୨୦ କେଜି ମାଂସ ଜବତ କରି ତାଙ୍କୁ ଗିରଫ କରାଯାଇଛି।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**





**ଶ୍ରୀମାନ୍ ଧ୍ରୁବ୍ (ସୁଟୁନୀ)**

**ସମେଇଗଡିଆ, ମଞ୍ଚେଶ୍ୱର, ଭୁବନେଶ୍ୱର**

ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଭବିଷ୍ୟତ ଚଲାପଥ ସର୍ବଦା କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା-ନିହାର, ମାତା-ଶୁଭଶ୍ରୀ, ଜେଜେ-ଅଭିମନ୍ୟୁ, ଜେଜେମା-ଡଲି, ପିଉସୀ, ଗୁଡି, ପିଉସା-ସୁଶିଲ୍, ଅଜା, ଆଈ ଓ ପରିବାରବର୍ଗ।

ଧ-୮୩୧୫


### ମା' ପୁଅଙ୍କ ମଧ୍ୟରେ ଗଣ୍ଡଗୋଳର ପରିଣତି

## ଶୋଇଥିବାବେଳେ ପୁଅକୁ ହାଣିଦେଲେ ମା'

**ହେମଗିର, ୧୬।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଟପରିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଲୋମହର୍ଷଣ ଘଟଣା ଘଟିଛି। ଜଣେ ମହିଳା ନିଜ ଜନ୍ମ କଲା ପୁଅକୁ ନିଜ ହାତରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ଟପରିଆ ଗ୍ରାମ ଖମାରପଡାର ପୁଷମନ ବଡ଼େକ (୩୫)। ପୁଷମନଙ୍କ ସ୍ତ୍ରୀ ପାର୍ଥବୀ ହେମଗିର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ. ୧୧୬/୧୮) ରୁଜୁ କରିଛି। ପୁଷମନଙ୍କ ମା' ତଥା ଅଭିଯୁକ୍ତା ଗୁରୁବାରୀ ବଡ଼େକ (୫୫)ଙ୍କୁ ପୋଲିସ ଗିରଫ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠା ଯାଇଥିଲା। ପରେ ଘର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ପୁଷମନ ତାଙ୍କ ସ୍ତ୍ରୀ, ଝିଅ, ମା'ଙ୍କୁ ନେଇ ରହନ୍ତି। ଶନିବାର ସନ୍ଧ୍ୟାରେ ନିଶା ଖାଇ ସେ ଘରକୁ ଆସିଥିଲେ। ହେଲେ କୌଣସି କାରଣକୁ ନେଇ ମା' ଗୁରୁବାରୀଙ୍କ ସଙ୍ଗରେ ସାମାନ୍ୟ ବଚସା ହୋଇଥିଲା। ପରେ ପୁଷମନ ଘରେ ଶୋଇପଡିଥିଲେ। ରାତିରେ ଗଣେଶ ପୂଜା ଉପଲକ୍ଷେ ଗ୍ରାମରେ ରେକର୍ଡ ଡ୍ୟାନ୍ସ ହେଉଥିଲା। ପୁଷମନଙ୍କ ଝିଅ ନାଚ ଦେଖିବା ପାଇଁ ଯାଇଥିଲେ। ନାତୁଣୀଙ୍କୁ ଡାକି ଆଣିବାକୁ ରାତି ପ୍ରାୟ ୧୧ଟାରେ ଗୁରୁବାରୀ ତାଙ୍କ ବୋହୂ ପାର୍ଥବୀ (୩୨)ଙ୍କୁ ପଠାଇଥିଲେ । ବୋହୂ ଚାଲିଯିବା ପରେ ନିଦରେ ଶୋଇପଡି ଥିବା ନିଜ ପୁଅର ବେକକୁ ଏକ ଫାଉଡାରେ ହାଣି ଦେଇଥିଲେ। ସେଠାରେ ପୁଷମନଙ୍କ ପ୍ରାଣବାୟୁ ଉଡି ଯାଇଥିଲା । ଏହାପରେ ଗୁରୁବାରୀ ନିଜେ ଯାଇ ଲୋକମାନଙ୍କୁ ପୁଅକୁ ହାଣିଥିବା ବିଷୟ ଜଣାଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛି' କରିବା ତାଙ୍କର ଗୁଣ;**
**ତେଲ ଦିନେ ଥିଲେ ନ ଥାଏ ଲୁଣ ।**

କିଛି ବ୍ୟକ୍ତି ଅଛନ୍ତି ଘରେ କିଛି ନ ଥାଉ ପଛେ ପରର ଜିନିଷ ବା ଦରବ ପ୍ରତି କିନ୍ତୁ ନାନା ଟିକାଟିପ୍ପଣୀ ଦେବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। ନିଜର ବଡ଼ଲୋକୀ ଦେଖାଇ ନିଜର ଟେକ ବଜାୟ ରଖିବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପ୍ରୌଢ଼ି ବା ଚାତୁରୀ ଦେଖେଇହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛିଣ୍ଡିଗଲେ ଗଇଣ୍ଠିବାକୁ ନାହିଁ;**
**ହଜିଗଲେ ଖୋଜିବାକୁ ନାହିଁ ।**

ଯାହାର କେହି ଆତ୍ମୀୟ କି ସଖା ସହୋଦର ନ ଥାଏ, ତା'ର ଭଲରେ ମନ୍ଦରେ ତଥା ବିପଦ ଆପଦରେ ପାଖରେ ଛିଡ଼ା ହୋଇ ସାହା ହେବାକୁ କେହି ନ ଥାଏ। ଦୁଃଖ ତା'ର ଚିରକାଳ ହୋଇଥିବା ବେଳେ ଜୀବନରେ ସେ କେବେ ହସଖୁସି ସାଉଁଟି ପାରି ନ ଥାଏ। ନିଃସଙ୍ଗ ଜୀବନ ବଡ଼ ସଂଘର୍ଷପୂର୍ଣ୍ଣ ଓ କଷ୍ଟଦାୟକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## ମନେ ପଡ଼ନ୍ତି

**ସତରତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରଘୁନାଥ ବେହେରା**

ତିରୋଧାନ: ୧୭।୦୯।୨୦୦୨
କାଳିକା ଦେବୀ ସାହି, ପୁରୀ
N1/17, IRC Village, ଭୁବନେଶ୍ୱର
ଚାହୁଁ ଚାହୁଁ ୧୬ ବର୍ଷ ପୂରିଗଲା। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।

ଧ-୬୧୯୦୮

**ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୌରଗୋବିନ୍ଦ ଦାସ**

ଦାସଭିଲ୍ଲା, ଡାଏଟ୍ ରୋଡ ଅଇଁଠାପାଲି, ସମ୍ବଲପୁର
ଆବିର୍ଭାବ: ୨୧।୦୯।୧୯୨୫
ତିରୋଧାନ: ୦୭।୦୯।୨୦୧୮
ତୁମ ସ୍ନେହ, ଶ୍ରଦ୍ଧା, ଆଶିଷ ଆଉ କରୁଣା ସଦା ଆମ ଉପରେ ବରଷୁ ଥାଉ। ତୁମ ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେମାନେ ବିନମ୍ର ପ୍ରାର୍ଥନା କରୁଛୁ। ପତ୍ନୀ-ନଳିନୀ, ପୁତ୍ର-ଶଚି, କୁନ୍ତୁ, ପାପୁ, ପୁତ୍ରୀ-ମାମା, ମାନି, ପୁତ୍ରବଧୂ-ରୀନା, ଲିସା, ଜିତା, ଜାମାତା, ମନ୍ଟୁ, ରବି, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ।

ଧ-୬୨୪୪୪


### ଗୁଣିଆ ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଘଟଣା

## ମୁଖ୍ୟ ଅଭିଯୁକ୍ତ ମାସକ ପରେ ବଲାଙ୍ଗୀରରୁ ଗିରଫ

**ନୂଆପଡା ଅଫିସ, ୧୬।୯**

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଖର୍ସେଲ ପଡା ଗାଁରେ ଗୁଣିଆ ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ଜଣଙ୍କୁ ଗିରଫ କରାଯାଇଥିଲା। ହେଲେ ଘଟଣାର ଠିକ୍ ମାସକ ପରେ ରବିବାର ମୁଖ୍ୟ ଅଭିଯୁକ୍ତ ଦିଗାମ୍ବର ମାଝି(୩୫)ଙ୍କୁ ପୋଲିସ ଗିରଫ କରିଛି। ବଲାଙ୍ଗୀର ଜିଲା ଖୋକସା ଗାଁରେ ଲୁଚିଥିବା ବେଳେ ପୋଲିସ ତାଙ୍କୁ କାବୁ କରିଛି।

ଖର୍ସେଲ ପଡାର ଦୈତାରୀ ମାଝିଙ୍କୁ ଗାଁ ଲୋକେ ଗୁଣିଆ ସନ୍ଦେହ କରି ବାସନ୍ଦ କରିଥିଲେ। ଏଣୁ ସେ ନିଜ କ୍ଷେତରେ ଏକ କୁଡିଆ କରି ରହୁଥିଲେ। ଗତ ଅଗଷ୍ଟ ୮ ତାରିଖ ରାତିରେ ହଠାତ ସେହି ଗାଁର କିଛି ଲୋକ କୁଡିଆରେ ପଶି ହାତୁଡିରେ ତାଙ୍କୁ ପିଟି ପିଟି ହତ୍ୟା କରିଥିଲେ। ପର ଦିନ ସକାଳେ ପରିବାର ଲୋକ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଏହାକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଛାନ ଭିନ କରିଥିଲା। ଏଥିରେ ସଂପୃକ୍ତ ଥିବା ଅଭିଯୁକ୍ତ ଅର୍ଜୁନ ମାଝି(୪୦)ଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଦିଗାମ୍ବର ଚମ୍ପଟ ମାରିଥିଲେ। ସେହି ଦିନଠାରୁ ପୋଲିସ ତାଙ୍କୁ ଖୋଜୁଥିଲା। ସେ ବଲାଙ୍ଗୀର ଖୋକସା ଗାଁରେ ନିଜ ସମ୍ପର୍କୀୟ ଘରେ ଲୁଚି ରହିଥିଲେ। ଏଠିକାର ଥାନା ଅଧିକାରୀ ନିର୍ମଳ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ବଲାଙ୍ଗୀର ଯାଇ ସେଠିକାର ପୋଲିସ ସହାୟତାରେ ଦିଗାମ୍ବରଙ୍କୁ ଗିରଫ କରିଛି।

## 'ସୁନ୍ଦରୀ'ର ଗତିବିଧି ଉପରେ ନଜର

**ଭୁବନେଶ୍ୱର(ବ୍ୟୁରୋ)/ ବନ୍ତଲା, ୧୬।୯(ଡି.ଏନ.ଏ.)**

ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ'ର ଗତିବିଧି ଉପରେ ନଜର ରଖିଛି ବନ ବିଭାଗ ଏବଂ କେନ୍ଦ୍ରୀୟ ଟିମ୍। ୱାଇଲ୍ଡଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି) ଓ ୱାଇଲ୍ଡଲାଇଫ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ)ର ସଦସ୍ୟମାନେ 'ସୁନ୍ଦରୀ'ର ଆଚରଣ ଓ ବିଚରଣ ଉପରେ ୨୪ ଘଣ୍ଟା ନିରୀକ୍ଷଣ କରୁଛନ୍ତି। ବାଘୁଣୀକୁ କେମିତି ଧରାଯିବ ସେଥିପାଇଁ କେନ୍ଦ୍ରୀୟ ଟିମ୍ ପ୍ରୟାସ ଆରମ୍ଭ କରିଛି। ରବିବାର ସକାଳେ ସୁନ୍ଦରୀ ଆଠମଲ୍ଲିକ ଧଣ୍ଡାତୋପା ରେଞ୍ଜ କୁରାବ ଗାଁ ନିକଟ ଜଙ୍ଗଲରେ ଥିଲା। ଅପରାହ୍ନରେ ବିପ୍ରଡ଼ିହଠାରୁ ୧୫ କିଲୋମିଟର ଦୂର ଏବଂ ଆଠମଲ୍ଲିକ ଟାଉନଠାରୁ ୪ କିଲୋମିଟର ଦୂର ଏକ ବଡ଼ ପାହାଡ଼ର ୫ଶହ ମିଟର ଉଚ୍ଚରେ ଥିବା ଜଣାପଡ଼ିଛି।

ଡବ୍ଲ୍ୟୁସିସିବିର କ୍ରାଇମବ୍ରାଞ୍ଚ, ସିଆଇଡି ଓ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଦେଇଥିବା ବେଳେ ଡବ୍ଲ୍ୟୁଆଇଆଇର ଡ. ରମେଶଙ୍କ ସହିତ ୬ ଜଣିଆ ଟିମ୍ ସୁନ୍ଦରୀ ଉପରେ ନଜର ରଖିଛନ୍ତି। ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସୌମ୍ୟକ ସାମନ୍ତରାୟଙ୍କ ସହିତ ୧୫୦ରୁ ଉର୍ଦ୍ଧ୍ୱ ବନ କର୍ମଚାରୀ ଓ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ବାଘୁଣୀକୁ ଦେଖିବା ପାଇଁ ଆଠମଲ୍ଲିକରେ ଲୋକଙ୍କ ସୁଅ ଛୁଟିଛି। ତେବେ ବାଘୁଣୀ ଜଙ୍ଗଲ ଖୁଲ ପାହାଡ଼ ଉପରେ ଥିବାରୁ ତାକୁ ଟ୍ରାଙ୍କୁଲାଇଜ କରାଯାଇପାରୁ ନାହିଁ। ବାଘୁଣୀକୁ ଟ୍ରାଙ୍କୁଲାଇଜ କରିବା ପାଇଁ ଟିମ୍ ପ୍ରସ୍ତୁତ ଥିବାବେଳେ କେବଳ ଉପଯୁକ୍ତ ସମୟକୁ ଅପେକ୍ଷା କରାଯାଇଛି। ବାଘୁଣୀକୁ ଟ୍ରାଙ୍କୁଲାଇଜ କରିବା ପରେ ତାକୁ ଆଣି ଏନ୍‌କ୍ଲୋଜର ମଧ୍ୟରେ ରଖାଯିବ। ପ୍ରଥମେ ସୁନ୍ଦରୀକୁ କାବୁ କରାଯିବ, ଏହା ପରେ ତା'କୁ ସ୍ଥାନାନ୍ତର କରାଯିବ ନା ରଖାଯିବ ସେନେଇ ନିଷ୍ପତ୍ତି ଗ୍ରହଣ କରାଯିବ। ଅନ୍ୟପଟେ ମୃତ ମହିଳାଙ୍କ ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଛି। ମହିଳାଙ୍କୁ ବାଘୁଣୀ ମାରିଛି କି ନାହିଁ ତାହା ସ୍ପଷ୍ଟ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ସୁଦର୍ଶନ ପଣ୍ଡା କୁହନ୍ତି, ଉଚ୍ଚ ପାହାଡ଼ ଖୁଲରେ ଥିବାରୁ ବାଘୁଣୀକୁ ଟ୍ରାଙ୍କୁଲାଇଜ କରାଯାଇପାରୁ ନାହିଁ। ଉପଯୁକ୍ତ ସମୟ ହେଲେ ଟ୍ରାଙ୍କୁଲାଇଜ କରାଯିବ।

### ■ ଶ୍ରୀମନ୍ଦିର ସଂସ୍କାର ମାମଲା

## ୨୦ରେ ଆସିବେ ଆମିକସ୍‌କ୍ୟୁରି

**ପୁରୀ ଅଫିସ, ୧୬।୯**

■ **ସୁପ୍ରିମ୍‌କୋର୍ଟଙ୍କ ୧୨ ପ୍ରସ୍ତାବ ଉପରେ ମତ ନେବେ**

■ **ଶଙ୍କରାଚାର୍ଯ୍ୟ, ଗଜପତି, ଛତିଶା ନିଯୋଗ ସହ କରିବେ ଆଲୋଚନା**

ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସେହିପରି ପୁରୀ ଜିଲାଜଜ୍‌ଙ୍କ ସୁପାରିସକୁ ଆଧାର କରି ୧୨ଟି ପ୍ରସ୍ତାବ ମଧ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଆସନ୍ତା ୨୦ ତାରିଖରେ ପୁରୀ ଗସ୍ତରେ ଆସୁଥିବା ଜଣାପଡିଛି। ସେ ୨୧ ଓ ୨୨ ତାରିଖ ଦୁଇଦିନ ଧରି ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ଜିଲାଜଜ୍, ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗ ସହ ଶ୍ରୀମନ୍ଦିର ସଂସ୍କାର ନେଇ ଆଲୋଚନା କରିବେ। ବିଶେଷକରି ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ଉପରେ ସମସ୍ତଙ୍କଠାରୁ ମତ ସଂଗ୍ରହ କରିବେ। ଏହି ପ୍ରସ୍ତାବ ମଧ୍ୟରେ ଦାନ ଦକ୍ଷିଣା ଏବଂ ବଂଶାନୁକ୍ରମିକ ସେବକ ମୁଖ୍ୟ ପ୍ରସଙ୍ଗ ରହିବ ବୋଲି କୁହାଯାଉଛି।

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଦାନ ଦକ୍ଷିଣା ଆଦାୟ ଉପରେ ରୋକ୍ ଲଗାଇଛନ୍ତି। ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଲେ ସେବାୟତଙ୍କ ବଂଶାନୁକ୍ରମିକ ସେବା ପ୍ରତି ବିପଦ ସୃଷ୍ଟି ହେବ। ଦାନ ଦକ୍ଷିଣା ଆଦାୟ କରିପାରିବେ ନାହିଁ କି ରୋଷ ଚୁଲି ଉପରେ ସେମାନଙ୍କର ଅଧିକାର ରହିବ ନାହିଁ। ଏହାକୁ ନେଇ ଚିନ୍ତାରେ ପଡିଛନ୍ତି ସେବାୟତ। ନିଜ ସେବା, ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ଏକାଧିକ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିଛନ୍ତି। ଆଇନଜୀବୀଙ୍କଠାରୁ ପରାମର୍ଶ ମଧ୍ୟ ନେଇଛନ୍ତି। ହେଲେ ସବୁଠି ମିଳିଥିବା ଆଶ୍ୱାସନାକୁ ଭରସା କରିପାରୁ ନାହାନ୍ତି ସେବାୟତ। ତେଣୁ ସର୍ବୋଚ୍ଚ ଅଦାଲତଙ୍କ ପ୍ରତିଟି ପ୍ରସ୍ତାବ ସଂକ୍ରାନ୍ତରେ ଆମିକସ୍‌କୁରିଙ୍କୁ ଜଣାଇବା ଲାଗି ସେମାନେ ଅପେକ୍ଷା କରି ରହିଛନ୍ତି। ଏହି ଆଲୋଚନା ଲାଗି ସେବାୟତଙ୍କ ପକ୍ଷରୁ ଏକ ଲିଗାଲ ସେଲ୍ ଟିମ୍ ଗଠନ କରାଯାଇଛି। ସୂଚନାଥାଉ କି, ସେପ୍ଟେମ୍ବର ୫ରେ ଏହି ମାମଲାର ଶୁଣାଣି ରହିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଶୁଣାଣି ବାତିଲ ହୋଇଥିଲା। ଆମିକସ୍‌କ୍ୟୁରି ପୁରୀ ଗସ୍ତରେ ଆସି ନ ଥିବାରୁ ଶୁଣାଣି ବାତିଲ ହୋଇଥିବା କୁହାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିବେ ବିଭାଗୀୟ ମୁଖ୍ୟ କର୍ମଚାରୀ ସଂଘ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ବିଭାଗୀୟ ମୁଖ୍ୟ ଦପ୍ତରର କର୍ମଚାରୀମାନଙ୍କ କ୍ୟାଡର ପୁନର୍ଗଠନ କରାଯାଉ। ଏଥିସହ ସେମାନଙ୍କର ଦରମା ଓ ପଦମର୍ଯ୍ୟାଦାକୁ ଉନ୍ନତ କରାଯାଉ। ଏହିପରି କେତେକ ଦାବି ହାସଲ ନେଇ କର୍ମଚାରୀ ସଂଘ ଚଳିତ ମାସ ୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବେ। ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ନବୀନ ନିବାସ ଅଭିମୁଖେ ଶୋଭାଯାତ୍ରାରେ ଯିବେ। ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ପାତ୍ର ରବିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପୂର୍ବରୁ ସଂଘ ପକ୍ଷରୁ ଚଳିତ ଅଗଷ୍ଟ ୧୭ରୁ କଲମଛାଡ ଆନ୍ଦୋଳନ ଏବଂ ୨୮ରୁ ପୂର୍ବାହ୍ନ ୧୦ ଟାରୁ ୧୨ଟା ୩୦ପର୍ଯ୍ୟନ୍ତ ପିକେଟିଂ କରାଯାଇଥିଲା। ଚଳିତ ମାସ ୫ରେ ଏସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବଙ୍କ ସହ ହୋଇଥିବା ଆଲୋଚନା ମଧ୍ୟ ବିଫଳ ହୋଇଛି। ଆନ୍ଦୋଳନ ୩୦ ଦିନରୁ ଅଧିକ ଦିନ ଧରି ଚାଲିଲାଣି। ହେଲେ ସରକାର ସମସ୍ୟାର ସମାଧାନ ପାଇଁ ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ଫଳସ୍ୱରୂପ ଆନ୍ଦୋଳନର ପ୍ରତୀକ ସ୍ୱରୂପ ପୁନର୍ବାର କଲମ ଛାଡ ସହ ଶାନ୍ତିପୂର୍ଣ୍ଣ ଧାରଣା କରାଯିବାର ନିଷ୍ପତ୍ତି ହୋଇଛି। ଧାରଣା ଚାଲିଥିବା ସମୟରେ କୌଣସି ଅଧିକାରୀ କିମ୍ବା ଅନ୍ୟ ବର୍ଗର କର୍ମଚାରୀଙ୍କୁ ଦପ୍ତରରେ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି। ସଂଘର ଦାବି ଅନୁଯାୟୀ ୧୬ ଏପ୍ରିଲ ୨୦୧୮ରେ ଏସଂକ୍ରାନ୍ତ ନିଷ୍ପତ୍ତିକୁ ରାଜ୍ୟ ସରକାର ଅବିକଳ ଭାବେ ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ତେଣୁ ସଂଘ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ଦାବି ପୂରଣ ନେଇ ସକାରାତ୍ମକ ସଙ୍କେତ ଦେଇଥିବା ସଙ୍ଗଠନ ସମ୍ପାଦକ ଶିଶିର କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ନିଶ୍ଚୟ ସମାଧାନ ହେବ ବୋଲି କର୍ମକର୍ତ୍ତା ଆଶା ବାନ୍ଧିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ରୋଗୀଙ୍କୁ ରୋକି...

ସମ୍ପର୍କୀୟ ପେମେଣ୍ଟ ବିବାଦର ଅଭିଯୋଗ କରିପାରିବେ। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପ୍ରତ୍ୟେକ ରୋଗୀ କିମ୍ବା ତାଙ୍କ ପରିବାର ସଦସ୍ୟ ରୋଗୀଙ୍କ ନିକଟରେ ଅଥବା ରେକର୍ଡରୁମ୍‌ରେ ରଖାଯାଉଥିବା ଚିକିତ୍ସା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଦେଖି ଯାଞ୍ଚ କରିପାରିବେ। ଚିକିତ୍ସାରେ ସନ୍ତୁଷ୍ଟ ନ ହେଲେ ସେମାନେ ଅନ୍ୟ ଡାକ୍ତରଙ୍କଠାରୁ ପରାମର୍ଶ ନେଇପାରିବେ। ଏକ୍ଷେତ୍ରରେ ହସ୍ପିଟାଲ କର୍ତ୍ତୃପକ୍ଷ ଏହାକୁ ରୋକିପାରିବେ ନାହିଁ କି ବାରଣ କରିପାରିବେ ନାହିଁ। ଦ୍ୱିତୀୟ ପରାମର୍ଶ ପାଇଁ କର୍ତ୍ତୃପକ୍ଷ ରୋଗୀଙ୍କ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ କାଗଜପତ୍ରର ନକଲ ମାଗଣାରେ ଯୋଗାଇଦେବେ। ଏଥିପାଇଁ କୌଣସି ପ୍ରକାରେ ବିଳମ୍ବ କରାଯାଇ ପାରିବନି। ରୋଗୀଙ୍କ ସମ୍ପର୍କରେ ଗୋପନୀୟତା ରକ୍ଷା କରିବା ସମସ୍ତଙ୍କର ଦାୟିତ୍ୱ। ତେଣୁ ଦାୟିତ୍ୱରେ ଥିବା ଡାକ୍ତର ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବେ। ଏହାଛଡା କେଉଁ ଚିକିତ୍ସା ପାଇଁ କେତେ ଖର୍ଚ୍ଚ ହେବ ଏବଂ ହସ୍ପିଟାଲରେ କ'ଣ ସବୁ ସୁବିଧା ରହିଛି ସେ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ନିଜ ପରିସରରେ ବୋର୍ଡରେ ଏକ ଖର୍ଚ୍ଚ ତାଲିକା ଦର୍ଶାଇବେ ଏବଂ ବ୍ରୋସରରେ ଉଲ୍ଲେଖ କରିବେ। ଦେୟ ପ୍ରଦାନ ବେଳେ ରୋଗୀ ଅଥବା ତାଙ୍କ ସମ୍ପର୍କୀୟଙ୍କୁ ବିଭିନ୍ନ ଚିକିତ୍ସା ବାବଦରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ସବିସ୍ତାରେ ଜଣାଇବେ। ଏଚ୍‌ଆଇଭି ଭଳି ଦୂରାରୋଗ୍ୟ ରୋଗ କ୍ଷେତ୍ରରେ ରୋଗୀ ଯେଉଁ ସ୍ଥିତିରେ ଥାଆନ୍ତୁ ନା କାହିଁକି ଡାକ୍ତରମାନେ ଲିଙ୍ଗ, ଧର୍ମ, ଜାତି, ବୟସ ଆଦି ଭେଦଭାବ ଭୁଲି ଚିକିତ୍ସା କରିବାକୁ ବାଧ୍ୟ ହେବେ।

### ବଜ୍ରପାତ ନେଲା...

ଏହାବ୍ୟତୀତ ଗଞ୍ଜାମ ଜିଲା ସାନଖେମୁଣ୍ଡି ତହସିଲ ଜୁରାସାମନ୍ତରାପୁର ଗାଁର ଭିକାରୀ ଗୌଡ(୪୨) ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେହିପରି କବିସୂର୍ଯ୍ୟନଗର ଏନ୍‌ଏସିର ଜେନା ସାହିରେ ବଜ୍ରପାତ ଘଟି ୩ ଆହତ ହୋଇଛନ୍ତି। ସେମାନେ ହେଲେ ରୂପଶ୍ରୀ ଜେନା(୧୪), ଗୌର ଜେନା(୧୯), ବାସନ୍ତୀ ଜେନା(୩୭)। ଜରଡା ଗାଁର ଜ୍ୟୋତ୍ସ୍ନା ନାହାକ(୨୭) ପୋଖରୀରେ ଗାଧୋଉଥିବାବେଳେ ବଜ୍ରପାତ ହେବାରୁ ଆହତ ହୋଇଛନ୍ତି। କୋରାପୁଟ ଜିଲା ଜୟପୁର ସଦରଥାନାର ବାଗ୍ରାଗୁଡା ଗ୍ରାମରେ ବଜ୍ରପାତ ଯୋଗୁ ତ୍ରିନାଥ ମହାପାତ୍ର(୪୭)ଙ୍କ ସମେତ ତାଙ୍କ ୩ଟି ଗାଈଙ୍କର ମୃତ୍ୟୁ ଘଟିଛି। ତ୍ରିନାଥ ଗୁହାଳରେ ଥିବାବେଳେ ବଜ୍ରପାତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଜୟପୁର ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡା ଜିଲା ମିରାବାଲି ପଞ୍ଚାୟତ ସଦର ଗାଁର ମୁନି ଚେଦିବଂଶ(୧୯)ଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ଖୁଣ୍ଟପାଲିର ରାଜକୁମାର ଭାଇନାଙ୍କ ସ୍ତ୍ରୀ ଜ୍ଞାନବତୀ (୩୦) ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଜଣେ ମହିଳା ଛାୟାକାନ୍ତୀ କର୍ଣ୍ଣଲ(୨୬) ଆହତ ହୋଇଛନ୍ତି। ଉଭୟ ଚାଷଜମିରେ ଘାସ ବାଛିବା ସମୟରେ ବଜ୍ରପାତ ହୋଇଥିଲା।

ଆନ୍ଧ୍ରପ୍ରଦେଶର ଉତ୍ତର ଉପକୂଳ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଆସନ୍ତା ୧୮ କିମ୍ବା ୧୯ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ରୂପ ନେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହା ପ୍ରଭାବରେ ୨୧ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ସହିତ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ରାୟଗଡା, କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହେବା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ସକାଳୁ ସକାଳୁ ନୂତନ କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଆନୁଷ୍ଠାନିକ, ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁମିଳନ ପାଇଁ ଶୁଭ ସାବିତ୍ ହେବ। କିନ୍ତୁ ସାମୟିକ ଭାବରେ ସହକର୍ମୀଙ୍କ ସହ ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ**



ଘରୋଇ କଳହକୁ ନେଇ ସାମୟିକ ଅଶାନ୍ତି ଲାଗିରହିବ ମାତ୍ର ତାହା କିଛିକ୍ଷଣ ପରେ ସମାଧାନ ହୋଇଯିବ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅନ୍ୟମାନଙ୍କୁ ସାମୟିକ ସହଯୋଗ ଦେଇ ପରୋକ୍ଷରେ ପ୍ରଶଂସିତ ହେବେ। ନୂତନ ଯାନବାହନ, ଜମିଜମା କ୍ରୟବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ**



ଯେତେ ସତର୍କତାର ସହ ଚଳିଲେ ମଧ୍ୟ ବନ୍ଧୁମାନଙ୍କ ପରୋକ୍ଷ ସମାଲୋଚନାଜନିତ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭ୍ରମଣ ସୁଯୋଗ ପାଇବେ କିନ୍ତୁ ହୁଏତ ପରିସ୍ଥିତିବଶତଃ ଆପଣ ତାହାକୁ ଅସ୍ୱୀକାର କରି ଦେଇପାରନ୍ତି। ସଭାସମିତି, ଜମିଜମା କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ**



ବାରମ୍ବାର ଭ୍ରମଣଜନିତ ସ୍ୱାସ୍ଥ୍ୟ ସମସ୍ୟା ନିମ୍ନାଭିମୁଖୀ ହୋଇପାରେ। ଆଜି ଯେକୌଣସି କାମ କରନ୍ତୁନା କାହିଁକି, ବିଶେଷ ଭାବେ ଖର୍ଚ୍ଚ କରିବାକୁ ପଡିପାରେ। ଇଚ୍ଛା ନ ଥାଇ ମଧ୍ୟ ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ**



କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ଆପଣଙ୍କ କୌଶଳ କିଛିମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା**



କୌଣସି ବ୍ୟକ୍ତିଙ୍କୁ ପ୍ରତୀକ୍ଷା କରି କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଋଣ ସୂତ୍ରରେ ଅର୍ଥଲାଭ କରିବେ ମାତ୍ର ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**



ପରିବାରର ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ସତର୍କତା ଅଭାବରୁ ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା**



ଆଲୋଚନା ପରିସରରେ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବା ସହ ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ**



କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଆବଶ୍ୟକତା ପୂରଣରେ ସମସ୍ୟା ଜନିତ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସାମୟିକ ଶାରୀରିକ ସୁସ୍ଥତା ମନୋବଳ ବୃଦ୍ଧିରେ ସହାୟକ ହେବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର**



ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିବ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ ।

**କୁମ୍ଭ**



ଆବଶ୍ୟକତା ପୂରଣ କ୍ଷେତ୍ରରେ ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନ ରାସ୍ତା ଖୋଲିଯିବ।

**ମୀନ**



ପରିବାରର ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନିଧ୍ୟ ଲାଭରୁ ଖୁସି ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା, ଭାଦ୍ରବ ମାସ ଶୁକ୍ଳପକ୍ଷର ସର୍ବସମ୍ମତ ଶ୍ରୀରାଧାଷ୍ଟମୀ ସୋମବାର, ସେପ୍ଟେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ମୂଳା/ଧନୁ, ମିଥୁନ ରାଶିର ଘାତବାର, ଦିବା ଘ.୭।୦୯ମି. ମଧ୍ୟେ ଘ.୧।୧୩ମି. ଗତେ, ଘ.୨।୪୩ମି. ମଧ୍ୟେ ଘ.୪।୧୩ମି. ଗତେ, ଘ.୫।୪୩ମି. ମଧ୍ୟେ ଅମୃତବେଳା। ସକାଳ ଘ.୮।୩୯ମି. ଗତେ, ଘ.୧୦।୦୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୭।୦୮ମି. ଗତେ, ଘ.୮।୪୦ମି. ମଧ୍ୟେ ରାହୁକାଳ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୭/୨୦୧୮



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବ୍ଲେଡରେ ଆକ୍ରମଣ, ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ୍,୧୬।୯: ବରଗଡ଼ ଟାଉନ ଥାନା ଅନ୍ତର୍ଗତ ସର୍ଲା ଗ୍ରାମରେ ଶନିବାର ଗଣେଶ ବିସର୍ଜନ ଶୋଭାଯାତ୍ରା ସମୟରେ ବ୍ଲେଡରେ ଆକ୍ରମଣ କରିଥିବା ଅଭିଯୁକ୍ତ ତରଣୀ ସୁନାଙ୍କୁ ପୋଲିସ ଗିରଫ କରିଛି । ତାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇ ପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ, ଶନିବାର ସର୍ଲା ଗ୍ରାମରେ ଗଣେଶ ବିସର୍ଜନ ଶୋଭାଯାତ୍ରା ଚାଲିଥିବାବେଳେ ଅଭିଯୁକ୍ତ ତରଣୀ ଗ୍ରାମର ବଳରାମ ହିଆଲଙ୍କୁ ବ୍ଲେଡରେ ଆକ୍ରମଣ କରିଥିଲେ । ଆକ୍ରମଣରେ ବଳରାମଙ୍କ ଗଳାରେ ଗଭୀର ଆଘାତ ଲାଗିଥିଲା । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ଶନିବାର ରାତ୍ରିରେ ସ୍ଥାନାନ୍ତର କରାଯାଇଥିଲା ।

### ସ୍କ୍ରାପ ବୋଝେଇ ଟ୍ରକ୍ ଜବତ

ବେଦବ୍ୟାସ,୧୬।୯ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ରବିବାର ବେଦବ୍ୟାସ ଛକରୁ ଲକ୍ଷାଧିକ ଟଙ୍କାର ସ୍କ୍ରାପ ବୋଝେଇ ଟ୍ରକ୍ (ଓଡି ୧୪ ଏଚ- ୨୨୫୫)କୁ ଜବତ କରିଛି। ଗାଡିଟି ରାଉରକେଲାରୁ କୁଆଁରମୁଣ୍ଡା ଆଡକୁ ଯାଉଥିଲା। ଖବର ପାଇ ପୂର୍ବରୁ ଜଗି ରହିଥିବା ପୋଲିସ ଗାଡିକୁ ଅଟକାଇ କାଗଜପତ୍ର ମାଗିଥିଲେ । ହେଲେ ଗାଡିରେ ଥିବା ପାନପୋଷ ରୁପୁଟୋଲା ନିବାସୀ ଧନୁ ଓରାମ (ଗାଡି ଚାଳକ) ଓ ଟେଙ୍ଗେ ବାହାଦୁର କାଗଜ ପତ୍ର ଦେଖାଇ ପାରି ନ ଥିଲେ । ଓଜନ କରିବାରୁ ଗାଡିରେ ପ୍ରାୟ ୯ଟନ୍ ବେଆଇନ ସ୍କ୍ରାପ ବୋଝେଇ ହୋଇଥିବା ଜଣାପଡିଥିଲା। ପୋଲିସ ଗାଡି ସମେତ ସ୍କ୍ରାପ ଜବତ କରିଛି। ଧନୁ ଓ ଟେଙ୍ଗେଙ୍କୁ ନୋଟିସ ଦେଇ ଛାଡିଛି।

# ୧୩ ଜିଲାରେ ହେବ ସିଟି ଗ୍ୟାସ୍ ଯୋଜନା

ଢେଙ୍କାନାଳ ଅଫିସ,୧୬।୯

ଫର୍ଟିଲାଇଜର ପ୍ରକଳ୍ପ ଲାଗି ୭୦ଦଶକରେ ସୁନାମ ଅର୍ଜନ କରିଥିଲା ଅବିଭକ୍ତ ଢେଙ୍କାନାଳ ଜିଲା। ଟେକ୍ନୋଲୋଜି ଅଭାବ ଏବଂ ଆର୍ଥିକ ସଙ୍କଟ ଯୋଗୁ ଏହି ପ୍ରକଳ୍ପ ବନ୍ଦ ହୋଇଯାଇଥିଲା। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସହାୟତାରେ ଏହାର ପୁନରୁଦ୍ଧାର କରାଯିବ। ଭାରତୀୟ କୋଲ୍‌କୁ ଉପଯୋଗ କରି ଗ୍ୟାସ୍ ଏବଂ ୟୁରିଆ ବାହାରିବ। ଏଥିରେ ୧୩ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଉଛି। ବିଶ୍ୱସ୍ତରୀୟ କମ୍ପାନୀ ଗେଲ୍ ଏହାର ମୁଖ୍ୟ ପୁନରୁଦ୍ଧାର ଦାୟିତ୍ୱ ନେଇଛି। ୧୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଟେଣ୍ଡର ପରେ କାର୍ଯ୍ୟାଦେଶ ଦିଆସରିଛି। ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ଗସ୍ତ କରି ଏହାର ଶୁଭଦେବେ। ସେହିଦିନ ହିଁ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଢେଙ୍କାନାଳ ସର୍କିଟ୍ ହାଉସରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି।

ପେଟ୍ରୋଲିୟମ ମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ପୂର୍ବାଞ୍ଚଳର ବିକାଶ ବ୍ୟତିରେକ ଭାରତର ବିକାଶ ଅସମ୍ଭବ। ଏଥି ପାଇଁ ପ୍ରଧାନମନ୍ତ୍ରୀଙ୍କ ସଭାକୁ ବିକାଶ ସମାବେଶ ନାମରେ ନାମିତ କରାଯାଇଛି। ଅତିଶୀଘ୍ର ରାଜ୍ୟର ୧୩ ଜିଲାକୁ ସହରାଞ୍ଚଳ ସିଟି ଗ୍ୟାସ୍ ଯୋଜନାରେ ସାମିଲ କରାଯିବ। ପାଇପ୍ ଲାଇନ ମାଧ୍ୟମରେ ଉପଭୋକ୍ତାମାନେ ସିଧାସଳଖ ଗ୍ୟାସ୍ ବ୍ୟବହାର କରିପାରିବେ। ଏହି ଯୋଜନାରେ ଢେଙ୍କାନାଳ, ଅନୁଗୋଳ, ଯାଜପୁର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା ସମେତ ଅନ୍ୟ ୭ଟି ଜିଲାକୁ ଧାମରାରୁ ଗ୍ୟାସ୍ ସଂଯୋଗ ଆରମ୍ଭ କରାଯିବ। ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ପାଇଁ ଜିଏ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଅକ୍ଟୋବର କିମ୍ବା ନଭେମ୍ବର ସୁଦ୍ଧା ଢେଙ୍କାନାଳରେ କାମ ଆରମ୍ଭ ହେବ। ଜିଲାବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହା ଲକ୍ଷ୍ମୀପୂଜା ଭେଟି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ପ୍ରଗତି ସମୀକ୍ଷାରେ ଢେଙ୍କାନାଳ ସମେତ ଅନ୍ୟ ୩ ଜିଲାରେ ମେଡିକାଲ କଲେଜ ଖୋଲିବାକୁ ସୁପାରିସ କରାଯାଇଛି। ସେହିପରି ବିଶ୍ୱପ୍ରସିଦ୍ଧ ମହିମାଧର୍ମ ପୀଠସ୍ଥଳୀ ଯୋରନ୍ଦା, କାଲୁରିଆ ପଞ୍ଚାୟତରେ ଲାଗି ରହିଥିବା ଉତ୍କଟ ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ୧୮ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ଓଏନ୍‌ଜିସି ୫ବର୍ଷ ପାଇଁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏଥିଲାଗି ବ୍ୟୟ ଅଟକଳ କରାଯାଇଛି। ହେଲେ ରାଜ୍ୟ ସରକାରଙ୍କ ସହଯୋଗ ମିଳୁ ନ ଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ। ନରେନ୍ଦ୍ର ମୋଦି ସରକାର ଆସିବା ପରେ ଓଡ଼ିଶାର ଏଲ୍‌ପିଜି ଗ୍ରାହକଙ୍କ ସଂଖ୍ୟା ୨୧ରୁ ୬୩ ଲକ୍ଷରେ ପହଞ୍ଚିଛି। ରାଜ୍ୟରେ ୪୨ ଲକ୍ଷ ନୂତନ ସଂଯୋଗ ଦିଆଯାଇଥିବାବେଳେ ସେଥିରୁ ୩୨ ଲକ୍ଷ ଉଜ୍ଜ୍ୱଳ ଯୋଜନାରେ ଅନ୍ତର୍ଭୁକ୍ତ। ୨୦୧୮-୧୯ ସୁଦ୍ଧା ୮୦ରୁ ୮୫% ଘରେ ଗ୍ୟାସ୍ ସଂଯୋଗ କରାଯିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା କେନ୍ଦ୍ର ତୈଳମନ୍ତ୍ରୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

**ସ୍ପଷ୍ଟ କଲେ ଧର୍ମେନ୍ଦ୍ର**
- ପୁନରୁଦ୍ଧାର ହେବ ତାଳଚେର ଫର୍ଟିଲାଇଜର ପ୍ରକଳ୍ପ
- ୧୩ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ
- ୨୦୧୯ ସୁଦ୍ଧା ୮୦ରୁ ୮୫% ଘରେ ଗ୍ୟାସ୍ ସଂଯୋଗ

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

# ଅନଶନକାରୀଙ୍କୁ ଭେଟିଲେ ଆଇଏଚଆରସି ଟିମ୍

କେନ୍ଦ୍ରାପଡା ଅଫିସ, ୧୬।୯

ମହାକାଳପଡା ଥାନା ହାଜତରୁ ଫେରାର ଯୁବକ ଅବିନାଶ ପାଇଟାଳ ଓରଫ ମୂଷା(୨୩) ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଥାନାଧିକାରୀ ଶ୍ୟାମଘନ ବେହେରାଙ୍କ ଗିରଫ ଦାବି କରି ପରିବାର ସଦସ୍ୟ ଗତ ବୁଧବାରଠାରୁ ଜିଲାପାଳଙ୍କ ଅଫିସ୍ ଆଗରେ ଅନଶନରେ ବସି ରହିଛନ୍ତି। ଏହି ଘଟଣାର ଅନୁଧ୍ୟାନ ପାଇଁ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ (ଆଇଏଚଆରସି)ର ରାଜ୍ୟସ୍ତରୀୟ ଏକ ଟିମ୍ ରବିବାର ଅନଶନସ୍ଥଳରେ ପହଞ୍ଚିଥିଲେ। ପରିଷଦର ରାଜ୍ୟ ବୋର୍ଡ ସଭାପତି ଶିବସୁନ୍ଦର ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲା ସଭାପତି ପ୍ରତାପ ଚନ୍ଦ୍ର ପାଢ଼ୀ ଓ ସଦସ୍ୟ ସୀମାଞ୍ଚଳ ପଣ୍ଡା ଅନଶନକାରୀଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ମହାକାଳପଡା ଥାନା ଓ କେତେକ ପ୍ରଶାସନିକ ଅଧିକାରୀଙ୍କୁ ଭେଟିଥିଲେ। ଏହି ଅବସରରେ ରାଜ୍ୟ ବୋର୍ଡସଭାପତି ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଏହା ଏକ ହାଜତ ମୃତ୍ୟୁ ଘଟଣା। ଏହି ଘଟଣାରେ ବହୁ ସ୍ଥାନରେ ମାନବିକ ଅଧିକାର ଉଲ୍ଲଂଘନ କରାଯାଇଛି। ଏହାକୁ ମାନବାଧିକାର ପରିଷଦ ଗୁରୁତ୍ୱ ଦେଇଥିବା ସେ ପ୍ରକାଶ କରିଛନ୍ତି। ସେହିପରି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ଏହି ଘଟଣାକୁ ନେଇ ଗତ ୨୮ ତାରିଖରେ ଜାତୀୟ ମାନାବାଧିକାର କମିଶନ ନିକଟରେ ଏକ ପିଟିଶନ ଦାଖଲ କରିଛନ୍ତି। ଏଥିରେ ମାନବାଧିକାର ଉଲ୍ଲଂଘନ ହୋଇଥିବା ଉଲ୍ଲେଖ କରିବା ସହ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବା ପାଇଁ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ, ମହାକାଳପଡ଼ା ଥାନା ଚଢ଼େଇଗୁଆଁ ଗ୍ରାମର ଶାନ୍ତିଲତା ସାମଲଙ୍କ ଘରୁ ହୋଇଥିବା ଚୋରି ଘଟଣାରେ ପୋଲିସ ମୂଷାଙ୍କୁ ଗତ ଅଗଷ୍ଟ ୨୫ ତାରିଖରେ ଉଠାଇ ନେଇଥିଲା। ସେହିଦିନ ରାତିରେ ମୂଷା ପୋଲିସ ହେପାଜତରୁ ଫେରାର ହୋଇ ଯାଇଥିବା ପୋଲିସ କହୁଥିବା ବେଳେ ପରଦିନ ସକାଳେ ଥାନାଠାରୁ ୨୦୦ ମିଟର ଦୂରରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ମୂଷାଙ୍କୁ ପୋଲିସ ପିଟିପିଟି ମାରି ଦେଇଥିବା ତାଙ୍କ ବଡବାପା ଦୈତାରୀ ପାଇଟାଳ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୯୧/୧୮ ନଂ. ଏକ ମାମଲା ରୁଜୁ ହୋଇଛି। ପରେ ପରିସ୍ଥିତିକୁ ଅନୁଧ୍ୟାନ କରାଯାଇ ଆଇଆଇସି ଶ୍ୟାମଘନଙ୍କୁ ନିଲମ୍ବିତ କରାଯାଇଥିଲା। ଫଟୋ-ଅନଶନସ୍ଥଳରେ ମୂଷାଙ୍କ ପରିବାର ସଦସ୍ୟଙ୍କ ସହ ଆଇଏଚ୍ଆର୍‌ସି ଟିମ୍ ଆଲୋଚନା କରୁଛନ୍ତି।





ଅନଶନସ୍ଥଳରେ ମୂଷାଙ୍କ ପରିବାର ସଦସ୍ୟଙ୍କ ସହ ଆଇଏଚ୍ଆର୍‌ସି ଟିମ୍ ଆଲୋଚନା କରୁଛନ୍ତି।

# ଦୁଇ ଓଡ଼ିଆଙ୍କୁ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର

## ଓଡ଼ିଶୀରେ ଜାହ୍ନବୀ, ଲୋକନୃତ୍ୟରେ ସର୍ବେଶ୍ୱରଙ୍କୁ ମିଳିଲା ପୁରସ୍କାର

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୧୭ ମସିହା ଲାଗି ବହୁ ପ୍ରତୀକ୍ଷିତ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ମେଘାଳୟ ରାଜଧାନୀ ସିଲଂର ୟୁ ସୋ ସୋ ଥାମ୍ ଅଡିଟୋରିୟମ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ସମଗ୍ର ଦେଶରୁ ମନୋନୀତ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଓଡ଼ିଶାର ଦୁଇଜଣଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଓଡିଶୀ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଗି ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ଜାହ୍ନବୀ ବେହେରା ଏବଂ ଲୋକନୃତ୍ୟ ପାଇଁ ସମ୍ବଲପୁରର ସର୍ବେଶ୍ୱର ଭୋଇଙ୍କୁ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାରରେ ପୁରସ୍କୃତ କରାଯାଇଛି। ମେଘାଳୟର ରାଜ୍ୟପାଳ ତଥାଗତ ରୟ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।

ସମଗ୍ର ଦେଶରୁ ୩୪ ଜଣ ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ୨୦୧୭ ପାଇବାକୁ ମନୋନୀତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨ ଓଡ଼ିଆ ଜାହ୍ନବୀ ଏବଂ ସର୍ବେଶ୍ୱର ଚୟନ ହୋଇଥିଲେ। ଜାହ୍ନବୀ ଜଣେ ଯୁବ ପ୍ରତିଭାଭାବେ ଓଡିଶୀ ନୃତ୍ୟ କ୍ଷେତ୍ରରେ ନିଜ ପରାକାଷ୍ଠା ପ୍ରଦର୍ଶନ କରିବା ସହ ଦେଶ ବିଦେଶରେ ଓଡିଶୀ ପରିବେଷଣ କରିଛନ୍ତି। ସେହିଭଳି ସମ୍ବଲପୁରର ସର୍ବେଶ୍ୱର ଓଡ଼ିଶାର ଲୁପ୍ତପ୍ରାୟ ଲୋକନୃତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।



ଜାହ୍ନବୀ ବେହେରା ପୁରସ୍କାର ଗ୍ରହଣ କରୁଛନ୍ତି।



ସର୍ବେଶ୍ୱର ଭୋଇ

# ଦେଶର ୧୩,୫୧୧ ଗାଁରେ ସ୍କୁଲ ନାହିଁ

ନୂଆଦିଲ୍ଲୀ,୧୬।୯

ସାର୍ବଜନୀନ ଶିକ୍ଷାର ପ୍ରସାର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛନ୍ତି। ହେଲେ ଦେଶର ୧୩,୫୧୧ ଗ୍ରାମରେ ଅଦ୍ୟାବଧି ସ୍କୁଲ ଖୋଲାଯାଇ ପାରିନାହିଁ। ଖୋଦ୍ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ରିପୋର୍ଟରେ ଏହି ତଥ୍ୟ ପ୍ରଘଟ ହୋଇଛି।

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସଦ୍ୟ ରିପୋର୍ଟରେ କୁହାଯାଇଛି ଯେ, ସାରା ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏଭଳି ୧୩,୫୧୧ ଗ୍ରାମ ରହିଛି, ଯେଉଁଠି ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲ ଖଣ୍ଡିଏ ନାହିଁ। ଏହାର ଅନେକ କାରଣ ଥାଇପାରେ। ପ୍ରଥମତଃ ରାଜ୍ୟ ସରକାରଗୁଡ଼ିକର ଖାମଖିଆଲ ମନୋଭାବ ଯୋଗୁ ଗାଁଗୁଡ଼ିକରେ ସ୍କୁଲ ଖୋଲାଯାଇ ପାରୁନାହିଁ। ଏହାବାଦ୍ ଏପରି କେତେକ ଗ୍ରାମ ରହିଛି, ଯେଉଁଠି ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜନସଂଖ୍ୟା କିମ୍ବା ପରିବେଶ ନାହିଁ। ସଂଖ୍ୟା ଦୃଷ୍ଟିରୁ ମିଜୋରାମ ହେଉଛି ଏକମାତ୍ର ରାଜ୍ୟ, ଯେଉଁଠି ପ୍ରତ୍ୟେକ ଗ୍ରାମରେ ସ୍କୁଲ ରହିଛି। ମୋଟାମୋଟି ଭାବେ ଏହି କ୍ଷେତ୍ରରେ ଦେଶର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଅନ୍ୟ ଭାଗ ଅପେକ୍ଷା ଉନ୍ନତ। କେବଳ ମେଘାଳୟର ୪୧ଟି ଗ୍ରାମରେ ଗୋଟିଏ ହେଲେ ବିଦ୍ୟାଳୟ ନାହିଁ। ଉତ୍ତରପ୍ରଦେଶରେ ସବୁଠୁ ବେଶି ସ୍କୁଲ ନ ଥିବା ଗାଁ ରହିଛି। ଏହି କ୍ଷେତ୍ରରେ ଗୋଆକୁ ନେଇ ରିପୋର୍ଟ ଉପଲବ୍ଧ ନୁହେଁ।

www.gandhiinstitute.in
B.ED.
DIRECT ADMISSION
FEW SEATS LEFT - HURRY UP!!
Helpline No.: 9777988870 9348898852

ADMISSION OPEN
GNM
Duration : 3 Years
Eligibility: 2 Arts , Science & Commerce
Age: Both Male & Female 17 to 30 Years
ANM
Duration : 2 Years
Eligibility: +2 in any Stream or its equivalent examination
Age: 17 to 30 year
Clinical Training at : District Head Quarter Hospital, SBP; VIMSAR, Burla
Details Contact
KOSHAL ANM & GNM TRAINING SCHOOL
At/Po:Dhanupali(Naxapali) Sambalpur-768005(Odisha)
Phone: (0663) 2546997: Mobile 9938569414
Permitted by: Health & Family Welfare Deptt. Govt of Odisha, Bhubaneswar
Affiliated By : Indian Nursing Council New Delhi and Odisha Nursing Council, Bhubaneswar



ଜୋଶ୍ ଏବଂ ସୁଖର ଭରପୂର ଅନୁଭୂତି, ଯାହା କରିଥାଏ ଆପଣଙ୍କ ସମ୍ପର୍କକୁ ଆହୁରି ଖାସ୍!!!
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
କେବଳ ପୁରୁଷଙ୍କ ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ
ମହିଳାଙ୍କ ପାଇଁ ମଧ୍ୟ ଉପଲବ୍ଧ ପ୍ଲେ-ୱିନ୍-F କ୍ୟାପ୍‌ସୁଲ କେବଳ ମହିଳାଙ୍କ ପାଇଁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଶାରୀରିକ ସୁଖ ଜୀବନର ଏକ ଅମୂଲ୍ୟ ଉପହାର ଅଟେ, ଧାଁଦଉଡ଼ ଏବଂ ଚାପପୂର୍ଣ୍ଣ ଜୀବନରେ ଲୋକମାନେ ନିଜ ଭୋଜନ ଉପରେ ପୂର୍ଣ୍ଣ ଧ୍ୟାନ ଦେଇପାରି ନ ଥାନ୍ତି, ଏହି କାରଣରୁ ଅନେକ ଥର ରୋଗର ଶିକାର ହୋଇଥାନ୍ତି, ଯାହାଦ୍ୱାରା ଲୋକମାନଙ୍କ ଶାରୀରିକ କ୍ଷମତା ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହି କାରଣରୁ ସେମାନେ ଶୀଘ୍ରପତନ, ଉତ୍ତେଜନାର ଅଭାବ, ଇନ୍ଦ୍ରିୟ ଶିଥିଳତା, ପୁରୁଷଙ୍କ କ୍ଷେତ୍ରରେ ଉତ୍ତେଜନା ନ ଆସିବା ଇତ୍ୟାଦି ସମସ୍ୟାର ଶିକାର ହୋଇଥାନ୍ତି। ଏହିସବୁ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲର ୨୧ ଦିନର କୋର୍ସ କରି ଭରପୂର ଜୋସ୍, ଶକ୍ତି ଏବଂ ସ୍ଫୂର୍ତ୍ତି ବଢ଼ାନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରି ସମସ୍ୟାଗୁଡ଼ିକୁ ଦୂର କରନ୍ତୁ ଏବଂ ନିଜ ବୈବାହିକ ଜୀବନର ଅଦ୍ଭୁତ ଆନନ୍ଦ ଅନୁଭବ କରନ୍ତୁ।





ତେଲ କ୍ୟାପ୍‌ସୁଲ
SS : Mahendra Pharma / Orissa Drug Distributors
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
www.playwincapsule.com
ଜୋଶ, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ!!



ଆଜି ପ୍ରାତଃସ୍ମରଣୀୟ ଓଡ଼ିଆ ଭାଗବତର ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଶୁଭ ଜନ୍ମତିଥି ଅବସରରେ ଓଡ଼ିଆ ଜାତିର ବିନମ୍ର ପ୍ରଣତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଗର୍ବ ପାଳନ କରୁଅଛି ଅତିବଡ଼ୀଙ୍କ ଶୁଭ ଜନ୍ମତିଥି।
କହଇ ଦାସ ଜଗନ୍ନାଥ ଗୀତ-ପ୍ରବନ୍ଧେ ଭାଗବତ

କାର୍ଯ୍ୟସୂଚୀ
୧୭ ସେପ୍ଟେମ୍ବର ୨୦୧୮
ପୂର୍ବାହ୍ନ ୧୦.୦୦ ଘଟିକା
ସ୍ଥାନ: କପିଳେଶ୍ୱରପୁର, ପୁରୀ
- ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ
- ସାହିତ୍ୟ ସଭା
- ଭଜନ ପରିବେଷଣ

ସନ୍ଧ୍ୟା ୫.୩୦ ଘଟିକା
ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
- ଭାଗବତ ପାଠ
- ସାରସତ ସଭା

୧୮ ସେପ୍ଟେମ୍ବର ୨୦୧୮
ପୂର୍ବାହ୍ନ ୧୦.୩୦ ଘଟିକା
ସ୍ଥାନ: ସାତଲହଡ଼ି ମଠ, ପୁରୀ
- ଆଲୋଚନା ଚକ୍ର
- ଭଜନ ପରିବେଷଣ



DSPL-158
03001/13/0040/1819

ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ।

-ଶ୍ରୀଅରବିନ୍ଦ

# କୁମ୍ଭକର୍ଣ୍ଣଙ୍କୁ କୋଟି ପ୍ରଣାମ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ସବୁଠୁ ବଡ ଅଳସୁଆ କିଏ ? ଯିଏ ପେଟେ ଖାଇ ନିର୍ଦ୍ଧୁମ ଶୋଇବା ବ୍ୟତୀତ କିଛି କାମ କରେନାହିଁ।

ଏମିତି ଆମେ ଯଦି ଗୋଟିଏ ମାପକାଠି ଦେଖିବା, ତେବେ ରାମାୟଣରେ ବର୍ଣ୍ଣିତ କୁମ୍ଭକର୍ଣ୍ଣ ଏହାର ପ୍ରକୃଷ୍ଟ ଆଦର୍ଶ ଦୃଷ୍ଟାନ୍ତ ହେବ। କେତେକ ପୁରାଣକାରଙ୍କ ମତରେ କୁମ୍ଭକର୍ଣ୍ଣ ଛଅମାସ ଶୁଅନ୍ତି। ନିଦରୁ ଉଠିବା ମାତ୍ରେ ରାକ୍ଷସ ରାବଣର ଏହି ସାନ ଭାଇଟି ସାମ୍ନାରେ ମଣିଷ ସମେତ ଯେଉଁ ପ୍ରାଣୀକୁ ଦେଖନ୍ତି, ତାକୁ ଉଦରସ୍ଥ କରିଦିଅନ୍ତି। ଭୋଜନ ପର୍ବ ସରିବା ପରେ ଆରମ୍ଭ ହୋଇଯାଏ ଛଅମାସିଆ ନିଦ୍ରା।

ବିଭିନ୍ନ ରାମାୟଣରେ କୁମ୍ଭକର୍ଣ୍ଣଙ୍କ ବିଷୟରେ ବର୍ଣ୍ଣିତ ଅଛି ଯେ, ଭାଇ ରାବଣ ଓ ବିଭୀଷଣ ସହ ସେ ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିବା ପାଇଁ କଠୋର ତପସ୍ୟାରେ ନିମଗ୍ନ ହେଲେ। ବରଦାନ ସମୟ ଆସିବା ବେଳେ ଈର୍ଷାରେ ଜର୍ଜରିତ, ଭୟଭୀତ ଇନ୍ଦ୍ର କାଳେ ନିଜ ଆସନ କୁମ୍ଭକର୍ଣ୍ଣ ହସ୍ତଗତ କରିବେ ବୋଲି ଦେବୀ ସରସ୍ୱତୀଙ୍କୁ ଆତ୍ମରକ୍ଷା ପାଇଁ ଅନୁରୋଧ କଲେ। ସରସ୍ୱତୀ କୁମ୍ଭକର୍ଣ୍ଣଙ୍କ ଜିହ୍ୱାକୁ ଏମିତି ବନ୍ଧନ କଲେ ଯେ, କୁମ୍ଭକର୍ଣ୍ଣ ବରସ୍ୱରୂପ 'ଇନ୍ଦ୍ରାସନ' ଭିକ୍ଷା କରିବା ବେଳେ ତାହା ଉଚ୍ଚାରିତ ହୋଇଗଲା 'ନିଦ୍ରାସନ'। ପରେ ରାବଣ ଏହି ଦୁର୍ଭାଗ୍ୟଜନକ ସ୍ଖଳନ ବୁଝିପାରି ବ୍ରହ୍ମାଙ୍କୁ ଅନୁରୋଧ କଲେ ଏହାକୁ କୋହଳ କରିବାକୁ। ଫଳରେ ଛଅମାସ ଲେଖାଏ 'ନିଦ୍ରା ଓ ଭୋଜନ'ର ବାର୍ଷିକ ଚକ୍ର ଦ୍ୱାରା କୁମ୍ଭକର୍ଣ୍ଣ ଅବଶିଷ୍ଟ ଜୀବନ ବଞ୍ଚିଲେ।

ତେବେ ଏଥିରୁ ସ୍ପଷ୍ଟ ଯେ, ଏମିତି ଖାଇବା ଓ ଶୋଇବା ବ୍ୟତୀତ ଅନ୍ୟ କୌଣସି କାମ ନ କରିବା ଆଳସ୍ୟର ଅକାଟ୍ୟ ପ୍ରମାଣ ଏବଂ ଏହା କୁମ୍ଭକର୍ଣ୍ଣ ପରି ଅଭିଶପ୍ତ ବ୍ୟକ୍ତିମାନେ ଭୋଗ କରିଥାନ୍ତି। ଏହା ଆମ ପାଇଁ ଗ୍ରହଣୀୟ ନୁହେଁ।

ତେବେ ଆଳସ୍ୟ କ'ଣ ସତରେ ଗୋଟିଏ ଅଭିଶାପ ? ଏହାକୁ ଏକ ଦୁର୍ଗୁଣ ବୋଲି ଆମେ ବିବେଚନା କରିବାକୁ ବାଧ୍ୟ କି, ବିଶେଷତଃ ଆଗାମୀ ଯୁଗରେ ?

ପ୍ରସିଦ୍ଧ ବ୍ରିଟିଶ ଗଣିତଜ୍ଞ ଓ ଦାର୍ଶନିକ ବାର୍ଟ୍ରାଣ୍ଡ ରସେଲ (ଜୀବନକାଳ, ମେ ୧୮୭୨ରୁ ଫେବୃୟାରୀ ୧୯୭୦) 'ଇନ୍ ପ୍ରେଜ୍ ଅଫ୍ ଆଇଡିଲ୍‌ନେସ' ନାମକ ଗୋଟିଏ ବହୁ ପଠିତ ପ୍ରବନ୍ଧ ପୁସ୍ତକ (ପ୍ରକାଶକ ଜର୍ଜ ଆଲେନ୍ ଆଣ୍ଡ୍ ଆନ୍‌ୱିନ, ଲଣ୍ଡନ) ୧୯୩୫ରେ ପ୍ରକାଶ କରିଥିଲେ। ଉକ୍ତ ବହିରେ ସନ୍ନିବେଶିତ ବିଷୟଟିର ସାରାଂଶ ନିମ୍ନ ଉଦ୍ଧୃତାଂଶରେ ପ୍ରତିଫଳିତ।

''ଆମେ ଅଧିକ ଉତ୍ପାଦନ ପାଇଁ ଚିନ୍ତା କରୁଛେ ଏବଂ ଏହାର ବ୍ୟବହାରଜନିତ ସୁଖ ସକାଶେ କମ୍ ଧ୍ୟାନ ଦେଉଛେ। ଏହାର ଗୋଟିଏ ଫଳ ହେଉଛି ଯେ, ଆମେ ଉପଭୋଗ ଓ ସିଧାସଳଖ ଆନନ୍ଦ ପାଇବାକୁ କମ୍ ଗୁରୁତ୍ୱ ଦେଉଛେ। ଉତ୍ପାଦିତ ବସ୍ତୁର ବ୍ୟବହାର ଦ୍ୱାରା ଗ୍ରାହକ ଯେଉଁ ତୃପ୍ତି ପାଇବ, ତାହା ବିଚାରକୁ ଆମେ ନେଉନାହୁଁ।'' ଦୈନନ୍ଦିନ ଜଞ୍ଜାଳରୁ ଆମେ ଯେଉଁ ଅପର୍ଯ୍ୟାପ୍ତ ବିରାମ ବା ଛୁଟି ପାଇବା, ତାହା ଭୁଲିଯାଉଛେ। ରସେଲ ଏଥିରେ ଆମର ମାନସିକତାକୁ ଘୋର ନାପସନ୍ଦ କରିଛନ୍ତି। ପ୍ରକାଶଥାଉ କି, ସେ ଏମିତି ଅପ୍ରିୟ ବାକ୍ୟ ପ୍ରକାଶ କରିଥିଲେ ଗତ ଶତାବ୍ଦୀର ପ୍ରଥମ ଭାଗରେ। ସେତେବେଳକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଯଥେଷ୍ଟ ଉନ୍ନତି ହୋଇସାରିଥିଲା। ବିଭିନ୍ନ ଘରୋଇ ଉପକରଣ ଓ ଯନ୍ତ୍ରପାତି ସହାୟତାରେ ଆମର କେବଳ ଶାରୀରିକ ପରିଶ୍ରମ ଲାଘବ ହେଲା ନାହିଁ, ଆମେ ଅଧିକ ସମୟ ଅବକାଶ ପାଇଁ ମଧ୍ୟ ପାଇଲେ। କୌଣସି କାମ କରିବାକୁ ଆଉ ବାକି ନ ଥିବାରୁ ଆମକୁ ଅଧିକ ମୁକ୍ତ ଅବସର ମିଳିଲା। ତେବେ ତାହାକୁ ପୁରୁଣାକାଳିଆ ଲୋକମାନେ କଟୁ ସମାଲୋଚନା କରିପାରନ୍ତି ଯେ, ତାହା ହେଉଛି ଅଳସୁଆମି ପାଇଁ ସୁଯୋଗ ଓ ପ୍ରେରଣା ଯାହାକି ଆଦୌ ସ୍ୱାଗତଯୋଗ୍ୟ ନୁହେଁ।

ଏହା ଅନସ୍ୱୀକାର୍ଯ୍ୟ ଯେ, ପୂର୍ବ କାଳରେ ଲୋକେ ବଞ୍ଚିବା ପାଇଁ ଯେମିତି ପ୍ରାଣପଣେ ଶାରୀରିକ ଉଦ୍ୟମ କରୁଥିଲେ, ଯାନ୍ତ୍ରିକ ସଭ୍ୟତା ଦ୍ୱାରା ଆମେ ସେଥିରୁ ଅନେକାଂଶରେ ନିସ୍ତାର ପାଇଲେ। ତେଣୁ ଆମେ ପ୍ରଚୁର ଅବସର-ସମୟ ପାଇବା ଅବଧାରିତ। ରସେଲ୍‌ଙ୍କ ସମୟର ଯାନ୍ତ୍ରିକ ଉଦ୍‌ଯୋଗ ଅପେକ୍ଷା ବର୍ତ୍ତମାନ ଶତ ଶତ ଗୁଣରେ ଏହା ଉନ୍ନତ ହେଲାଣି। ତେଣୁ ଆମେ କ୍ରମବର୍ଦ୍ଧିଷ୍ଣୁ ଭାବେ ଅବକାଶ ପାଉଛେ। ଫଳରେ ଆମେ ଉପଭୋଗ କରିବାକୁ ପ୍ରଚୁର ସମୟ ପାଉଛେ, ଯାହା ଅନ୍ୟ ଭାଷାରେ ଆଳସ୍ୟପରାୟଣତା ପଦବାଚ୍ୟ।

ହୁଏତ ଏମିତି ସ୍ଥିତିକୁ ବହୁ ନିନ୍ଦୁକ ବର୍ଜନୀୟ ବୋଲି ମତଦେବେ। ଏହା କାର୍ଯ୍ୟକାରୀ ହେଲେ, ମଣିଷମାନେ ଶାରୀରିକ ପରିଶ୍ରମ ଅଭାବରୁ ରୋଗଗ୍ରସ୍ତ ହୋଇ ଶେଷରେ ଶଯ୍ୟାଶାୟୀ ଭାବେ ଦୁଃଖଯନ୍ତ୍ରଣାରେ ଅକାଳ ମରଣ ଲଭିବେ ବୋଲି ସେମାନେ ଆମ ଭବିଷ୍ୟତର ଏକ ଭୟଙ୍କର ଛବି ଉପସ୍ଥାପନ କରିବେ। କିନ୍ତୁ ଏମିତି ଏକ ପୂର୍ବାନୁମାନ ଭ୍ରାନ୍ତ ହେବା ସମ୍ଭବ। ଏହି ବିଷୟରେ ଅନୁଶୀଳନ କରାଯାଇପାରେ।

ଯୁକ୍ତରାଷ୍ଟ୍ର ଅନ୍ତର୍ଗତ କ୍ୟାନସସ୍ ୟୁନିଭରସିଟିରେ କାର୍ଯ୍ୟରତ ଡକ୍ଟର ଲ୍ୟୁକ୍ ଷ୍ଟ୍ରୋଟନଙ୍କ ତତ୍ତ୍ୱାବଧାନରେ ଏକ ଦଳ ପ୍ରାଣୀର ବିବର୍ତ୍ତନ ବିଷୟରେ ଗବେଷଣା କରିଛନ୍ତି। ୨୯୯ଟି ପ୍ରଜାତିର ବିଗତ ୫ ନିୟୁତ ବର୍ଷ ବ୍ୟାପୀ ମେଟାବୋଲିକ୍ ହାର ସେମାନେ ଅନୁଧ୍ୟାନ କରିଛନ୍ତି। ଉକ୍ତ ପ୍ରାଣୀମାନଙ୍କ ଶରୀରର ବୃଦ୍ଧିକାରୀ ଓ ଶକ୍ତି ପ୍ରଦାୟକ ବିଭିନ୍ନ ରାସାୟନିକ ପ୍ରକ୍ରିୟା ବିଷୟରେ ସେମାନେ ବିଶ୍ଳେଷଣ କଲେ। ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରଜାତି ମଧ୍ୟରେ ଗେଣ୍ଡା ବା ଶାମୁକା ଜାତୀୟ ଜୀବ (ମୋଲୁସ୍କା) ଅନ୍ତର୍ଭୁକ୍ତ। ମେରୁଦଣ୍ଡ ନ ଥିବା ତଥା କଠିନ ଆବରଣ ମଧ୍ୟରେ ନରମ ଶରୀର ବହନ କରିଥିବା ଏହି ପ୍ରାଣୀ ଉପରେ ଅଧିକ ଧ୍ୟାନଦେବା କାରଣ ହେଉଛି ଯେ, ପାଞ୍ଚ ନିୟୁତ ବର୍ଷ ବ୍ୟାପୀ ସେମାନଙ୍କ ମୃତ ଓ ଜୀବିତ ପ୍ରଜାତିର ଇତିହାସ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ। ତେଣୁ ସେମାନଙ୍କ ମେଟାବୋଲିକ୍ ହାରକୁ ଅଧିକ ବ୍ୟାପକ ଓ ଗଭୀର ଭାବେ ଅନୁଶୀଳନ କରିବା ସମ୍ଭବପର। ଏତାଦୃଶ ବ୍ୟାପକତା ଗବେଷଣାକୁ ଦୃଢ଼ କରିବ।

ଷ୍ଟ୍ରୋଟନଙ୍କ ଗବେଷଣା-ଦଳ ଯେଉଁ ନିଷ୍କର୍ଷରେ ପହଞ୍ଚିଲେ, ତାହା ଥିଲା ଅତି ଚମକପ୍ରଦ। ଚାର୍ଲସ ଡାରଉଇନ (୧୨ ଫେବୃୟାରୀ ୧୮୦୯ରୁ ୧୯ ଏପ୍ରିଲ ୧୮୮୨) ହେଉଛନ୍ତି ବିବର୍ତ୍ତନବାଦର ଜନକ। ତାଙ୍କର ତତ୍ତ୍ୱ ହେଉଛି 'ଯୋଗ୍ୟତମ ହିଁ ତିଷ୍ଠେ ବା ବଞ୍ଚେ' (ସର୍ଭାଇଭାଲ୍ ଅଫ୍ ଦ ଫିଟେଷ୍ଟ)। କିନ୍ତୁ ଷ୍ଟ୍ରୋଟନଙ୍କ ଗବେଷଣା ଏଥିରେ ଏକ ନୂତନ ଦିଗ ଯୋଡିଲା। ତାଙ୍କ ଦଳର ଜଣେ ପ୍ରମୁଖ ଗବେଷକ ପ୍ରଫେସର ବ୍ରୁସ୍ ଲିବର୍‌ମ୍ୟାନ ଜଣାଇଲେ ଯେ, 'ସର୍ଭାଇଭାଲ୍ ଅଫ୍ ଦ ଫିଟେଷ୍ଟ' ବଦଳେ। 'ସର୍ଭାଇଭାଲ୍ ଅଫ୍ ଦ ଲେଜିଏଷ୍ଟ' ନୀତି ଅଧିକ ଉଚିତ ହେବ। ଅନ୍ତତଃ 'ସର୍ଭାଇଭାଲ୍ ଅଫ୍ ଦ ସ୍ଲଗିଶ୍' ବୋଲି ଗ୍ରହଣ କରାଯାଇପାରିବ। ଅର୍ଥାତ୍ ସବୁଠାରୁ ଯେଉଁ ପ୍ରଜାତି ଅଧିକ ଅଳସୁଆ ବା ଅତ୍ୟନ୍ତ ମନ୍ଥର (ଆଳସ୍ୟ ପରାୟଣତାରୁ) ସେ ହିଁ ବଞ୍ଚିବ। ସେମାନେ ଏମିତି ଚାଞ୍ଚଲ୍ୟକର ଉପସଂହାରରେ ପହଞ୍ଚିବା ପଛର କାରଣ ହେଉଛି ଯେ, ଗେଣ୍ଡା ଜାତୀୟ ପ୍ରଜାତିମାନଙ୍କ ମଧ୍ୟରୁ ଯାହାର ମେଟାବୋଲିକ ହାର ଅଧିକ (ଅର୍ଥାତ୍ ଯାହା ଅଧିକ ସକ୍ରିୟ) ଥିଲା, ଇତ୍ୟବସରରେ ତାହା ବିଲୁପ୍ତ ହୋଇଗଲାଣି। କିନ୍ତୁ ଯେଉଁ ପ୍ରଜାତିର ମେଟାବୋଲିକ ହାର କମ୍ ଅର୍ଥାତ୍ ଯେଉଁମାନେ ଅଳସୁଆ, ସେମାନେ ଅଦ୍ୟାବଧି ବଞ୍ଚି ରହିଛନ୍ତି। ତେଣୁ ଶୋଇବା ପୁଅର ଭାଗ ନାହିଁ ବୋଲି କହିବା ବେଳେ ଆମେ ଦୋଦୋପାଞ୍ଚ ହେବା। ସେମିତି ଗଛମୂଳେ କୋଳି ଖାଇବା ପାଇଁ ପାଟିମେଲା କରି ଉପରକୁ ଚାହିଁ ରହିଥିବା ବିଲୁଆକୁ ଆଉ ନିନ୍ଦା କରିବା ନାହିଁ।

ପ୍ରିୟ ପାଠକେ! ଆଜିକାଲି ଆମେ ପ୍ରତି ଗାଁରେ ରାମ ମନ୍ଦିର ଦେଖୁଛେ। କିନ୍ତୁ କୁମ୍ଭକର୍ଣ୍ଣଙ୍କ ମନ୍ଦିର ଖୋଜି ପାଇବା ପ୍ରାୟତଃ ଅସମ୍ଭବ। କିନ୍ତୁ କିଏ ଜାଣେ ଭବିଷ୍ୟତରେ ପ୍ରତି ଗାଁର ସାହି ସାହିରେ କୁମ୍ଭକର୍ଣ୍ଣ ଆମର ଆଦର୍ଶ ଦେବତା ହେବେ ଓ ସର୍ବଜନପୂଜିତ ହେବେ। ସେ ଆମକୁ ଭବିଷ୍ୟତରେ ବଞ୍ଚି ରହିବାର ସୂତ୍ର ପ୍ରଚାର କରିବେ! ଇନ୍ଦ୍ର ଓ ସରସ୍ୱତୀ ତାଙ୍କୁ ଅଭିଶପ୍ତ କରିବା ପରିବର୍ତ୍ତେ ବରଦାନ କରିଛନ୍ତି।

ମୋ-୯୪୩୭୦୨୬୬୫୧

# ଟିକସ କମିଲେ କମିବ ତୈଳଦର

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧିକୁ ନେଇ ବଡ଼ଧରଣର ହଇଚଇ ସୃଷ୍ଟି ହୋଇଛି। ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦର ସର୍ବକାଳୀନ ରେକର୍ଡ କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃଦ୍ଧି ତଥା ଟଙ୍କାର ମୂଲ୍ୟ ହ୍ରାସ ପରିପ୍ରେକ୍ଷୀରେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ନେଉଥିବା ବିପୁଳ ଟିକସକୁ କମାଇବାର ନାଁ ଧରୁ ନ ଥିବାରୁ ଆଗାମୀ ଦିନରେ ଏହା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି।

କେନ୍ଦ୍ର ସରକାର ତୈଳ ଦରରେ ହୋଇଥିବା ବୃଦ୍ଧି ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ଦାୟୀ କରିଛନ୍ତି। ଯେହେତୁ ଆମର ତୈଳ ଚାହିଦାର ୮୦%ରୁ ଅଧିକ ଆମେ ବିଦେଶରୁ ଆମଦାନୀ କରିଥାଉ, ତେଣୁ ବିଶ୍ୱ ବଜାରରେ ଦର ବୃଦ୍ଧି ହେଲେ ଆମ ଦେଶରେ ତୈଳ ଦର ବଢ଼ିବା ଅବଶ୍ୟମ୍ଭାବୀ ହୋଇଉଠେ। ସମାନ ଯୁକ୍ତିରେ ବିଶ୍ୱ ବଜାରରେ ତୈଳ ଦର ହ୍ରାସ ପାଇଲେ ଏଠାରେ ବି ତେଲ ଦର ଶସ୍ତା ହେବା କଥା। କିନ୍ତୁ ଗତ ଚାରିବର୍ଷ ଧରି ଅନ୍ତର୍ଜାତୀୟ ଦରରେ ରେକର୍ଡ ହ୍ରାସ ସତ୍ତ୍ୱେ କେବେ ବି ତୈଳ ଦର ହ୍ରାସ କରି ନ ଥିବା ମୋଦି ସରକାର ଆଜି ଦର ବୃଦ୍ଧି ପାଇଁ ଅନ୍ତର୍ଜାତୀୟ ଦରକୁ ଦାୟୀ କରିବା ହାସ୍ୟାସ୍ପଦ ମନେହୁଏ।

ଏହା ସତ ଯେ ଇରାନ୍ ସହିତ ହୋଇଥିବା ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା ପରେ ସୃଷ୍ଟି ହୋଇଥିବା ଅନିଶ୍ଚିତତା, ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ଭେନେଜୁଏଲା ବିରୋଧରେ ଆମେରିକାର କଟକଣା ତଥା ପ୍ରମୁଖ ତୈଳ ଉତ୍ପାଦକ ରାଷ୍ଟ୍ର ସୌଦୀ ଆରବର ଉତ୍ପାଦନ ହ୍ରାସ ପରି ଭୂ-ରାଜନୈତିକ କାରଣରୁ ବିଶ୍ୱ ବଜାରରେ ତୈଳ ଦର ବ୍ୟାରେଲ ପିଛା ଏବେ ୮୫ ଡଲାରରେ ପହଞ୍ଚିଛି। କିନ୍ତୁ ବିଶ୍ୱ ବଜାରରେ ଏହି ମୂଲ୍ୟ ବୃଦ୍ଧି ଆଦୌ ଅସ୍ୱାଭାବିକ ନୁହେଁ। କାରଣ ଅତୀତରେ ଉପା ସରକାରଙ୍କ ଶାସନ କାଳରେ ତୈଳ ଦରରେ ଯେପରି ରେକର୍ଡ ବୃଦ୍ଧି ଘଟିଥିଲା ସେଦୃଷ୍ଟିରୁ ଦେଖିଲେ ଚଳିତ ମୂଲ୍ୟ ବୃଦ୍ଧି ଏତେ ବେଶି ବି ନୁହେଁ। ବରଂ ଉପା ସରକାରର ଶେଷ ବର୍ଷରେ ଅର୍ଥାତ ୨୦୧୩ ଶେଷ ଆଡ଼କୁ ଅଶୋଧିତ ତେଲର ବ୍ୟାରେଲ ପିଛା ଦର ୧୧୩ ଡଲାର ହୋଇଥିବା ସତ୍ତ୍ୱେ ପେଟ୍ରୋଲ ଲିଟର ପିଛା ୭୦ ଟଙ୍କାରେ ମିଳୁଥିବା ବେଳେ ମୋଦି ସରକାରର ଗତ ଚାରି ବର୍ଷର ଶାସନ କାଳରେ ଅଶୋଧିତ ତୈଳ ଦର ହାରାହାରି ୬୦ ଡଲାରକୁ ହ୍ରାସ ପାଇଥିଲେ ବି ଆମକୁ ପେଟ୍ରୋଲ ଲିଟର ପିଛା ୭୮ ଟଙ୍କାରେ କିଣିବାକୁ ପଡିଛି। ଗତ ଚାରି ବର୍ଷ ମଧ୍ୟରେ ଦେଶର ତୈଳ ବିପଣନ କମ୍ପାନୀଙ୍କ ମୁନାଫା ହେଉ ବା ସରକାରଙ୍କ ଟିକସ ଆୟ ହେଉ କିମ୍ବା ଡିଲରଙ୍କ କମିଶନ ସବୁଥିରେ ଆଖିଦୃଶିଆ ବୃଦ୍ଧି ଦେଖାଯାଇଛି। ତୈଳ ବିଶୋଧନ ଏବଂ ବିପଣନ କ୍ଷେତ୍ରରେ କାର୍ଯ୍ୟରତ ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ ଆଦି ୫ଟି କମ୍ପାନୀଙ୍କ ଶୁଦ୍ଧ ମୁନାଫାରେ ୨୦୦୦ ମସିହାଠାରୁ ପ୍ରତିବର୍ଷ ଲଗାତର ଦର ବୃଦ୍ଧିପାଇ ଚାଲିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ଟିକସ ପରିମାଣରେ ପ୍ରାୟ ୧୦୦% ବୃଦ୍ଧି ପରିଲକ୍ଷିତ ହୋଇଛି। ପେଟ୍ରୋଲ ଓ ଡିଜେଲରେ ଲିଟର ପିଛା ଡିଲର କମିଶନ ବି ଗତ ଚାରି ବର୍ଷ ମଧ୍ୟରେ ଯଥାକ୍ରମେ ୧୦୨% ଓ ୧୩୧% ବୃଦ୍ଧି ପାଇଛି। କେବଳ ସାଧାରଣ ଖାଉଟି ହିଁ କ୍ଷତିରେ ରହିଛି।

ଆମ ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ତୈଳ ବିକ୍ରିରୁ ନିଆଯାଉଥିବା ଟିକସର ପରିମାଣ ଅନ୍ୟ ଦେଶମାନଙ୍କ ତୁଳନାରେ ଯଥେଷ୍ଟ ଅଧିକ। ଆମ ଦେଶରେ ସରକାରମାନେ ତୈଳ ମୂଲ୍ୟର ପ୍ରାୟ ଅର୍ଦ୍ଧେକ କେବଳ ଟିକସ ବାବଦରେ ସଂଗ୍ରହ କରି ସାଧାରଣ ଜନତାଙ୍କୁ ଏକରକମ ଲୁଟୁଛନ୍ତି ବୋଲି କୁହାଯାଇପାରେ। ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଗୃହୀତ ଟିକସର ପରିମାଣ ୨୦୧୪-୧୫ରେ ୧.୩ ଲକ୍ଷ କୋଟି ଥିବାବେଳେ ୨୦୧୬-୧୭ ବେଳକୁ ତାହା ୧୧୭% ବୃଦ୍ଧି ପାଇ ତାହା ୨.୭ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ରାଜ୍ୟ ସରକାରମାନେ ବି ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍ ବାବଦରେ ୨୦୧୪-୧୫ରେ ୧.୬ ଲକ୍ଷ କୋଟି ସଂଗ୍ରହ କରିଥିବା ବଳେ ତାହା ୧୮% ବୃଦ୍ଧି ପାଇ ୧.୯ ଲକ୍ଷ କୋଟିରେ ପହଞ୍ଚିଛି।

ତୈଳ ଉପରେ ବିପୁଳ ଟିକସ ଆଦାୟ କରିବା ପଛରେ ସରକାରଙ୍କ ଯୁକ୍ତି ହେଲା ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟସେବା ତଥା ଭିତ୍ତିଭୂମିର ବିକାଶ ପାଇଁ ତାକୁ ବିନିଯୋଗ କରିବା। ଏଠାରେ ପ୍ରଶ୍ନ ଉଠେ ଯେ ଗତ ଚାରିବର୍ଷ ମଧ୍ୟରେ ତେଲରୁ ବାର୍ଷିକ ଅତିରିକ୍ତ ଦୁଇ ଲକ୍ଷ କୋଟି ହିସାବରେ ମୋଟ ଆଠ ଲକ୍ଷ କୋଟିର ଅତିରିକ୍ତ ରାଜସ୍ୱ ସଂଗ୍ରହ କରିଥିବା ସରକାର ପ୍ରତିବର୍ଷ ବଜେଟ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟସେବା ପରି ସାମାଜିକ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରିବା ପରିବର୍ତ୍ତେ ତାକୁ ହ୍ରାସ କରୁଛନ୍ତି କିପରି? ଯଦି ବିକାଶ ପାଇଁ ଆବଶ୍ୟକ ଅର୍ଥ ସଂଗ୍ରହ କରିବାକୁ ତୈଳ ଉପରେ ବିପୁଳ ଟିକସ ନେବା ଜରୁରୀ, ତା'ହେଲେ ବିଶ୍ୱର ଉନ୍ନତ ଦେଶମାନେ ତୈଳ ଉପରେ ଟିକସର ହାର ଏତେ କମ୍ ସତ୍ତ୍ୱେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବାବଦରେ ଆମଠାରୁ ଅଧିକ ପୁଞ୍ଜି ବିନିଯୋଗ କରି ପାରୁଛନ୍ତି କିପରି ?

ଆଜି ଦେଶରେ ତେଲର ଚଢ଼ା ମୂଲ୍ୟ ପଛରେ ସରକାରଙ୍କ ଦ୍ୱାରା ନିଆଯାଉଥିବା ବିପୁଳ ଟିକସ, ତେଲ କମ୍ପାନୀଙ୍କ ବିପୁଳ ମୁନାଫା ଏବଂ ଡିଲର କମିଶନ ପ୍ରମୁଖ କାରଣ। ଅତଏବ ଏହାକୁ ଶସ୍ତା କରିବାକୁ ହେଲେ ଉପଭୋକ୍ତାଙ୍କଠାରୁ ଅନ୍ୟାୟ ଭାବେ ନିଆଯାଉଥିବା ଉପରୋକ୍ତ ଟିକସ ତଥା ମୁନାଫାକୁ କମାଇବା ଜରୁରୀ।

ମୋ-୯୪୩୭୧୬୬୩୯୧,
ଇ-ମେଲ:bhalachandra.odisha@gmail.com

## ଏଇ ଭାରତରେ

ବିପଦରେ ପଡିଥିବା ବ୍ୟକ୍ତିଙ୍କୁ ସହାୟତା କରିବା ମାନବିକତାର ଏକ ଲକ୍ଷଣ। ନିକଟରେ ପ୍ରବଳ ବନ୍ୟା ଦ୍ୱାରା କେରଳ ବିପନ୍ନ ହୋଇପଡିଥିବା ବେଳେ ଦେଶ ଏବଂ ଦେଶ ବାହାରୁ ସହାୟତାର ସୁଅ ଛୁଟୁଛି। କିଏ ଆର୍ଥିକ ସହାୟତା ଯୋଗାଉଛି ତ କିଏ ବିଭିନ୍ନ ଖାଦ୍ୟ ସାମଗ୍ରୀ, ଗୃହ ସରଞ୍ଜାମ ଏବଂ ପୋଷାକ ପତ୍ର ଦାନ କରୁଛନ୍ତି। କେତେକ ଅନୁଷ୍ଠାନ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହି କ୍ରମରେ ଦିଲ୍ଲୀରେ ହାତବୁଣା ଶାଢ଼ି ନିଲାମ କରାଯାଇ ତହିଁରୁ ୧.୫ ଲକ୍ଷ ଟଙ୍କା ଆୟ ହୋଇପାରିଛି। କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଏହି ଅର୍ଥ ପ୍ରଦାନ କରାଯିବ। ଭାରତୀୟ କଳା, ସଂସ୍କୃତି ଓ ଐତିହ୍ୟର ଡିଜିଟାଲ୍ ଏନସାଇକ୍ଲୋପେଡିଆ 'ସାହାପେଡିଆ' ଦ୍ୱାରା ଉକ୍ତ ନିଲାମ କାର୍ଯ୍ୟକ୍ରମ କରାଯାଇଥିଲା। ୨୬୦ଟି ଶାଢ଼ିର ନିଲାମ ବିକ୍ରି ଦ୍ୱାରା ଦେଢ଼ ଲକ୍ଷ ଟଙ୍କା ଆୟ ହୋଇପାରିଥିବା ସାହାପେଡିଆ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଏଥିପାଇଁ ଗୋଟିଏ ଶାଢ଼ି ସର୍ବାଧିକ ୧୦,୫୦୦ ଟଙ୍କାରେ ନିଲାମ ହୋଇଥିଲା। ନିଲାମ ସମୟସୀମା ଦୁଇଘଣ୍ଟା ଧାର୍ଯ୍ୟ ହୋଇଥିବା ବେଳେ ଏହି ସମୟ ମଧ୍ୟରେ ଅଧିକାଂଶ ର୍‍ୟାକ୍ ଖାଲି ହୋଇଯାଇଥିଲା। ଉକ୍ତ ସଂସ୍ଥା ଦ୍ୱାରା ବାର୍ଷିକ ଶାଢ଼ି ବିକ୍ରି ତୃତୀୟ ବର୍ଷରେ ପଦାର୍ପଣ କରିଛି। ବିଭିନ୍ନ ରାଜ୍ୟରୁ ସଂଗ୍ରହ କରାଯାଇଥିବା ଶାଢ଼ିରେ ସମ୍ପୃକ୍ତ ରାଜ୍ୟର କଳା ଓ ସଂସ୍କୃତିର ଛବି ରହିଥାଏ। ଏହାଦ୍ୱାରା ଭାରତର ମହାନ୍ ସାଂସ୍କୃତିକ ଐତିହ୍ୟ ବିଷୟରେ ଜନସାଧାରଣ ଅବଗତ ହୋଇପାରିବେ ବୋଲି ଉକ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି।

## ଚିରନ୍ତନୀ

ସନ୍ଧ୍ୟା ରହିଛି ମୋହରି ଆଶାରେ
  ରଞ୍ଜିବି ତା'ର ଭାଲ
ପ୍ରଭାତ ଡାକଇ ବିରହ-ଭାଷାରେ
  ମୋହରି ପାଇଁ ବିକଳ।
କାନନେ ଡାକେ ମୟୂରୀ
  ନଦୀରେ ଡାକେ ଭଉଁରି
ଶିଖରି ଚୂଳରେ ମେଘ ଡାକିଲାଣି,
  ଭୁବନେ ଡାକିଲେ ସକଳ,
  ମୋହରି ପାଇଁ ସେ ବିକଳ।
ଧାନକ୍ଷେତ ପରେ ବଉଦ ଭାସୁଛି
  ସେ ଚାହିଁଛି ମୋର ଆଶାରେ,
ନୀଳ ଆକାଶରେ ଚାତକ ମିଶଇ
  ମୋହରି ବିରହ ଦଶାରେ।

(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୧୦-ତୈଳଦର ବୃଦ୍ଧି ବିରୋଧରେ କଂଗ୍ରେସ ସମେତ ୨୧ଟି ଦଳ ତରଫରୁ ଭାରତ ବନ୍ଦ୍ ପାଳିତ।

୧୧- ତେଲେଙ୍ଗାନାର ଜଗତିଆଲ ଜିଲାରେ ଏକ ସରକାରୀ ବସ୍ ଖାଇକୁ ଖସିପଡ଼ିବାରୁ ୫୭ ଜଣଙ୍କ ମୃତ୍ୟୁ ଘଟିଛି।

୧୨- ବିବାଦୀୟ ମନ୍ତବ୍ୟ ଦେବା ଯୋଗୁ ବରିଷ୍ଠ ବିଜେଡି ନେତା ତଥା ପାରାଦୀପ ବିଧାୟକ ଡ. ଦାମୋଦର ରାଉତଙ୍କୁ ଦଳରୁ ବହିଷ୍କାର କରାଯାଇଛି।

୧୩- ସାରିଡିନ୍ ଭଳି ଯନ୍ତ୍ରଣାନାଶକ ଔଷଧଠାରୁ ଆରମ୍ଭ କରି ସ୍କିନ୍ କ୍ରିମ୍ ପେନ୍‌ଡ୍ରମ୍ ସମେତ ୩୨୮ ପ୍ରକାର ଏଫ୍‌ଡିସି ଔଷଧକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷିଦ୍ଧ କରିଛି।

* ଜମ୍ମୁ-କଶ୍ମୀରର ତିନିଟି ସ୍ଥାନରେ ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ୮ ଆତଙ୍କବାଦୀଙ୍କ ମୃତ୍ୟୁ

୧୪- ଜମ୍ମୁ-କଶ୍ମୀର କିସ୍ତୱାର ଜିଲାରେ ଏକ ମିନିବସ୍ ଖାତକୁ ଖସିପଡ଼ିବା ଫଳରେ ୧୭ ଜଣଙ୍କ ମୃତ୍ୟୁ।

# ଅତିବଡ଼ ଜଗନ୍ନାଥ ଦାସ

### ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉପଲକ୍ଷେ

ଡ. ଉଦ୍ଧବ ଚରଣ ନାୟକ

ଆଗେ ଆମ ଓଡ଼ିଶାର ଗାଁ ଗାଁରେ ଥିଲା ଭାଗବତ ଟୁଙ୍ଗୀ। ପୂଜା ପାଉଥିବା ଏଇ ତାଳପତ୍ର ପୋଥିଙ୍କୁ ଲୋକେ ଭକ୍ତିରେ କହୁଥିଲେ ଭାଗବତ ଗାଦି। ପ୍ରତିଦିନ ସନ୍ଧ୍ୟା ସମୟରେ ବ୍ରାହ୍ମଣ ପଣ୍ଡିତ ଭାଗବତ ପାଠ କରନ୍ତି। ଲୋକେ ଏକାଠି ବସି ପଣ୍ଡିତଙ୍କ ମୁହଁରୁ ଭାଗବତ ଶୁଣନ୍ତି। ଯେଉଁଠାରେ କଷ୍ଟ ଲାଗେ ପଣ୍ଡିତ ମହାଶୟ ସରଳ ଭାଷାରେ ବୁଝାଇଦିଅନ୍ତି। ପୁଣ୍ୟାତ୍ମା ଜଗନ୍ନାଥ ଦାସ ହେଉଛନ୍ତି ଏହି ଓଡ଼ିଆ ଭାଗବତର ରଚୟିତା। ସେ ସଂସ୍କୃତ ଭାଗବତକୁ ଆକ୍ଷରିକ ଓଡ଼ିଆ କରିନାହାନ୍ତି। ସରଳ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ଏହି ଭାଗବତକୁ ଲେଖିଯାଇଛନ୍ତି।

ଜଗନ୍ନାଥ ଦାସ ପଣ୍ଡିତମାନଙ୍କ ପାଇଁ ଏହି ଭାଗବତ ରଚନା କରି ନ ଥିଲେ, ସେ ଲେଖିଥିଲେ ଉତ୍କଳର ଅଗଣିତ ନିରକ୍ଷର ଜନତାଙ୍କ ପାଇଁ। ଜଗନ୍ନାଥ ଦାସଙ୍କ ଭାଗବତ ହେଉଛି ଓଡ଼ିଆ ଜାତୀୟତାର ପ୍ରତୀକ। ଓଡ଼ିଆ ଜାତିକୁ ଏହି ଭାଗବତ ଏକତା ସୂତ୍ରରେ ବାନ୍ଧିରଖିଛି। ଯେଉଁଠି ଓଡ଼ିଆ, ଯେଉଁଠି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର, ସେଇଠି ରହିଛି ଏହି ଓଡ଼ିଆ ଭାଗବତ। ଏବେ ବି ମେଦିନୀପୁର ଅଞ୍ଚଳରେ ବଙ୍ଗଳା ଅକ୍ଷରରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଛପାଯାଇ ପାଠ କରାଯାଉଛି। ଜଗନ୍ନାଥ ଦାସଙ୍କ ଭାଗବତରୁ ପଦିଏ କାନରେ ପଡିଲେ ମନରେ ଓଡ଼ିଆତ୍ୱ ଭାବ ସଞ୍ଚରି ଉଠେ। ଜଗନ୍ନାଥ ଦାସଙ୍କ ଭାଗବତର ଅମର ପଙ୍କ୍ତି ଗାଉଁଲି ଖଟିଖିଆ ଚାଷୀଙ୍କ ମୁହଁରୁ ବାହାରି ଆସେ- ''କହଇ ଦାସ ଜଗନ୍ନାଥ, କୃଷ୍ଣ ଚରିତ ଭାଗବତ।'' ''କଳ୍ପନା ମୁଖେ କାଳ ଥାଇ, ପ୍ରାଣୀ ତା ଜାଣି ନ ପାରଇ।'' ''ଆତ୍ମା କୁଶଳେ ସର୍ବସିଦ୍ଧି, ତରଇ ସଂସାର ବାରିଧି।'' ''ଆତ୍ମାକୁ ଆତ୍ମା ଯେହୁ ସ୍ମରେ, ପରମାନନ୍ଦରେ ବିହରେ।'' ''ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ।'' ଇତ୍ୟାଦି।

ଏହି ମହାପୁରୁଷଙ୍କର ଜନ୍ମ ୧୪୯୦ ମସିହା ଭାଦ୍ର ଶୁକ୍ଳ ଅଷ୍ଟମୀ (ରାଧାଷ୍ଟମୀ) ତିଥିରେ ପୁରୀ ଶ୍ରୀକ୍ଷେତ୍ର ଅନ୍ତର୍ଗତ କପିଳେଶ୍ୱରପୁର ଶାସନରେ। ତାଙ୍କ ପିତାଙ୍କ ନାମ ପଣ୍ଡିତ ଭଗବାନ ଦାସ। ମାତାଙ୍କ ନାମ ପଦ୍ମାବତୀ ଦେବୀ। ପିତା ଥିଲେ ପୁରାଣ ପଣ୍ଡିତ। ସେ ଗୁଣଗ୍ରାହୀ ରାଜା ପୁରୁଷୋତ୍ତମ ଦେବଙ୍କଠାରୁ ଏହି ପୁରାଣ ପଣ୍ଡା ଉପାଧି ପ୍ରାପ୍ତ ହୋଇଥିଲେ। ଜଗନ୍ନାଥ ଦାସ ରାଧାଷ୍ଟମୀରେ ଜନ୍ମ ହୋଇଥିବାରୁ ଲୋକେ ତାଙ୍କୁ ସାକ୍ଷାତ୍ ରାଧାଙ୍କ ଅବତାର ବୋଲି ମାନ୍ୟ କରୁଥିଲେ।

ବାଲ୍ୟକାଳରୁ ଜଗନ୍ନାଥ ଦାସ ଥିଲେ ଅଗାଧ ଜ୍ଞାନର ଅଧିକାରୀ। ପ୍ରାଥମିକ ଶିକ୍ଷା ଲାଭ କରୁଥିବା ସମୟରେ ସେ ପିତାଙ୍କଠାରୁ ଅମରକୋଷ ସମେତ ଅନ୍ୟ ବ୍ୟାକରଣ ପୁସ୍ତକ ଅଧ୍ୟୟନ କରି ହୋଇପାରିଥିଲେ ଭାଷାରେ ପ୍ରବୀଣ। ଅଠର ବର୍ଷ ବୟସରେ ସେ ପୁରାଣଶାସ୍ତ୍ରରେ ଅଦ୍ୱିତୀୟ ପଣ୍ଡିତ ଭାବେ ଖ୍ୟାତି ଅର୍ଜନ କଲେ। ବୟସ ବୃଦ୍ଧି ଫଳରେ ପ୍ରତ୍ୟହ ଶ୍ରୀକ୍ଷେତ୍ରକୁ ଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଭାଗବତ ପଢ଼ିବାରେ ଲାଗିଲେ। ବଡ଼ ଦେଉଳର ଦକ୍ଷିଣ ଦିଗରେ ବାଟଗଣେଶଙ୍କ ପାଖରେ ପୁରାଣ ପାଠ ପାଇଁ ତାଙ୍କ ନିମନ୍ତେ ସ୍ଥାନ ନିର୍ଦ୍ଦିଷ୍ଟ କରିଦିଆଗଲା। ପ୍ରତ୍ୟହ ତାଙ୍କ ମୁଖରୁ ଭାଗବତ ଶୁଣିବା ପାଇଁ ସେଠାରେ ଲୋକେ ରୁଣ୍ଡ ହେଲେ। ଫଳରେ ପୁରାଣ ପାଠ ପାଇଁ ରାଜା ତାଙ୍କ ନିମନ୍ତେ ବୃତ୍ତି ଖଞ୍ଜିଦେଲେ। ଏବେ ବି ସେହି ବୃତ୍ତି ଖଞ୍ଜାହୋଇ ରହିଛି।

ଜଗନ୍ନାଥ ଦାସଙ୍କୁ ଉଣେଇଶ ବର୍ଷ ହୋଇଥିବା ବେଳର କଥା। ଏହି ସମୟରେ ବଙ୍ଗ ଦେଶରୁ ଶ୍ରୀଚୈତନ୍ୟ ଆସିଲେ ଶ୍ରୀକ୍ଷେତ୍ର ପୁରୀକୁ। ବଟମୂଳରେ ଶ୍ରୀଚୈତନ୍ୟଙ୍କ ସହ ଜଗନ୍ନାଥ ଦାସଙ୍କ ସାକ୍ଷାତ୍ ହେଲା। ସେତେବେଳେ ଜଗନ୍ନାଥ ଦାସ ଭାଗବତ ଦଶମ ସ୍କନ୍ଧର ବ୍ରହ୍ମସ୍ତୁତି ଗାୟନ କରୁଥାଆନ୍ତି। ତାଙ୍କର ଜ୍ଞାନଗରିମା ଦେଖି ଶ୍ରୀଚୈତନ୍ୟ ତାଙ୍କ ଅନୁଗାମୀମାନଙ୍କୁ କହିଲେ, ଏ ଜଗନ୍ନାଥ ଦାସ ଏମିତି ସେମିତି ବ୍ୟକ୍ତି ନୁହନ୍ତି, ସେ ମହାପ୍ରଭୁ ଜଗନ୍ନାଥଙ୍କର ସଙ୍ଗୀ। ଜଗନ୍ନାଥ ଶ୍ରୀଚୈତନ୍ୟଙ୍କୁ ଗୁରୁ ଭାବରେ ସମ୍ମାନ ପ୍ରଦର୍ଶନ କରିବାରେ ଲାଗିଲେ। ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ। ବଳରାମ ଦାସ ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ଦାସଙ୍କୁ ଦୀକ୍ଷା ପ୍ରଦାନ କରିଥିବା ଜଣାଯାଏ। ଫଳରେ ଜଗନ୍ନାଥ ଦାସ ଶ୍ରୀଚୈତନ୍ୟ ଓ ବଳରାମ ଦାସଙ୍କୁ ଗୁରୁ ରୂପରେ ମାନିବାରେ ଲାଗିଲେ। ଜଗନ୍ନାଥ ଦାସଙ୍କ ଅସାଧାରଣ ପ୍ରେମଭକ୍ତି ଦେଖି ଦିନେ ଶ୍ରୀଚୈତନ୍ୟ ତାଙ୍କୁ କହିଲେ, ଦାସେ! ତୁମେ ଅତି ବଡ଼। ଏହା କହି ଶ୍ରୀଚୈତନ୍ୟ ନିଜର ଗୈରିକ ଉତ୍ତରୀୟକୁ ଜଗନ୍ନାଥ ଦାସଙ୍କ ମୁଣ୍ଡରେ ବାନ୍ଧିଦେଲେ। ସେହିଦିନଠାରୁ ଲୋକେ ତାଙ୍କୁ ଅତିବଡ଼ ବା ଅତିବଡ଼ୀ ଗୋସ୍ୱାମୀ ଭାବରେ ସମ୍ବୋଧନ କରିବାରେ ଲାଗିଲେ।

ସମ୍ରାଟ୍ ପ୍ରତାପରୁଦ୍ର ଜଗନ୍ନାଥ ଦାସଙ୍କୁ ବହୁ ସମ୍ମାନ ପ୍ରଦର୍ଶନ କରୁଥିଲେ। ନିଜ ମହାରାଣୀଙ୍କ ନିର୍ମିତ ପ୍ରାସାଦରେ ରହିବା ପାଇଁ ସେ ଜଗନ୍ନାଥ ଦାସଙ୍କୁ ଅନୁରୋଧ କରିବାରୁ ସେଠାରେ ଜଗନ୍ନାଥ ଦାସ କିଛି କାଳ ଅବସ୍ଥାନ କରିଥିଲେ। ସେହି ସ୍ଥାନ ଆଧୁନିକ ଓଡ଼ିଆ ମଠ ଭାବରେ ଆଜି ପରିଚିତ। ସେଠାରେ ଜନଗହଳି ଲାଗିବାରୁ ଜଗନ୍ନାଥ ଦାସ ସମୁଦ୍ରକୂଳରେ ମଠ ନିର୍ମାଣ କରି ରହିଲେ। ସେହି ମଠ ବର୍ତ୍ତମାନ ସାତଲହଡ଼ି ମଠ ନାମରେ ପରିଚିତ। ଜଗନ୍ନାଥ ଦାସ ଭାଗବତ ବ୍ୟତୀତ ସଂସ୍କୃତରେ ଜଗନ୍ନାଥ ଚରିତାମୃତବୋଧ ସରଣୀ, ଦହିଖେଳା, ଗୁପ୍ତ ଭାଗବତ, ତୁଳାଭିଣା(ଗଦ୍ୟ) ଓ ଇତିହାସ ପୁରାଣ ଆଦି ଗ୍ରନ୍ଥ ରଚନା କରିଯାଇଛନ୍ତି। ୧୫୪୭ ମସିହା ମାଘ ଶୁକ୍ଳ ସପ୍ତମୀ ଚନ୍ଦ୍ରଭାଗା ସ୍ନାନଯୋଗ ତିଥିରେ ସାତଲହଡ଼ି ମଠରେ ସ୍ଥୂଳଶରୀର ତ୍ୟାଗକରି ସେ ବୈକୁଣ୍ଠ ଯାତ୍ରୀ ହେଲେ। ସେ ମରି ମଧ୍ୟ ଆଜି ଅମର।

ମୋ-୯୪୩୮୨୯୯୧୭୪

## ଆମ ସମସ୍ୟା

### ରାସ୍ତା ଖାଲଖମାରେ ପୂର୍ଣ୍ଣ

ମହାଶୟ,

ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଭରି ରହୁଛି। ଆଖପାଖ ତିନି ଚାରିଟି ପଞ୍ଚାୟତର ଲୋକେ ଓ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ହାଟ ବଜାର ନିମନ୍ତେ ଦିନକୁ ଶହ ଶହ ଲୋକ ଏଠାକୁ ଆସିଥାନ୍ତି। ଏହାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେବାକୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ମଶା ପ୍ରାଦୁର୍ଭାବ

ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପୁଥିବାର ଦେଖାଯାଉଛି। ଏହାର ମୂଳ କାରଣ ମଶା। ମଶାରି ବ୍ୟବହାର କଲେ ମଶାଠାରୁ ଆମେ ସୁରକ୍ଷିତ ରହିବା। ତା'ଛଡା ପରିବେଶକୁ ସଫାସୁତରା ରଖିଲେ ମଶା ପ୍ରାଦୁର୍ଭାବ ହ୍ରାସ ପାଇବ।

ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର,

### ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେଉ

କେନ୍ଦ୍ରାପଡ଼ାରେ ବସ୍‌ଯାତ୍ରୀମାନଙ୍କ ପାଇଁ ବିଶ୍ରାମାଗାର ନିତାନ୍ତ ଆବଶ୍ୟକ ମନେହେଉଛି। କଟକରୁ ଭାୟା ସାଲେପୁର ଦେଇ ଭଦ୍ରକ ପର୍ଯ୍ୟନ୍ତ, କଟକରୁ ଭାୟା ଚଣ୍ଡିଖୋଲ ଦେଇ ଭଦ୍ରକ ପର୍ଯ୍ୟନ୍ତ ଶହ ଶହ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି। କେନ୍ଦ୍ରାପଡା ସହରର ତିନିମୁହାଣି ଛକରୁ ଶହ ଶହ ବସ୍ ଯାତ୍ରୀ ଯାତ୍ରା କରୁଛନ୍ତି। ତେଣୁ ସରକାର ଏହି ଛକରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କଲେ ହଜାର ହଜାର ଯାତ୍ରୀ ଉପକୃତ ହୋଇପାରନ୍ତେ।

ଆଦିକନ୍ଦ ସାହୁ, ଦୁର୍ଗା ନର୍ସିଂହୋମ୍, ସାଆନ୍ତସାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | | 7 | 9 | E | 8 | | | | | | | A |
| | | | 1 | 6 | | 4 | | 2 | 9 | | | B | 0 | |
| 8 | | | A | | | | 6 | | 5 | 7 | | | 1 | |
| E | | | | 5 | 3 | 7 | | | A | D | 6 | | 2 | |
| | | | | | | 0 | | | | 2 | | | | 9 |
| A | | | | | D | | | | | 1 | B | | | 5 |
| | | | 5 | | | | | 0 | 3 | | | | | |
| 5 | | | | | 2 | 9 | | 7 | | 8 | | | 6 | |
| 7 | C | 3 | | | | | | | 0 | | 9 | 8 | B | |
| | | | | E | | | D | B | | A | | | | 1 |
| | | 5 | | | | | B | | | | 3 | | | |
| | | 2 | 9 | | | 1 | | | 8 | | | 3 | 4 | |
| 4 | | | | B | E | 3 | 0 | | | | 5 | D | | 6 |
| D | | | 8 | | 1 | | | 9 | | 0 | | 5 | | C |
| | | | D | | | | | E | 2 | | | 0 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 5 | E | A | 6 | 7 | 3 | D | 4 | 9 | 1 | 8 | 0 | B |
| 1 | 4 | 7 | 3 | 5 | 8 | B | 0 | 6 | 2 | D | E | A | 9 | C |
| D | A | 8 | 2 | C | B | 9 | 5 | E | 0 | 6 | 7 | 4 | 1 | 3 |
| 6 | 3 | 9 | 7 | 0 | D | C | 1 | 4 | A | 8 | B | E | 2 | 5 |
| B | E | 0 | 4 | 9 | 1 | A | 2 | 8 | 5 | 3 | C | D | 7 | 6 |
| 4 | 0 | D | 5 | 2 | E | 1 | 8 | 7 | 6 | B | A | C | 3 | 9 |
| 8 | 7 | 2 | A | D | 9 | E | 6 | B | 1 | C | 3 | 0 | 5 | 4 |
| C | B | 1 | 8 | 6 | 0 | 3 | 9 | 2 | D | 5 | 4 | 7 | A | E |
| 3 | 5 | 6 | 1 | B | 7 | 4 | A | C | E | 0 | 9 | 2 | 8 | D |
| E | 9 | A | C | 4 | 3 | 5 | D | 0 | 7 | 2 | 8 | B | 6 | 1 |
| 0 | 1 | C | 6 | 7 | 5 | 2 | 4 | A | 9 | E | D | 3 | B | 8 |
| 5 | 2 | E | 9 | 3 | 4 | 8 | C | 1 | B | A | 0 | 6 | D | 7 |
| A | D | 3 | B | E | C | 6 | 7 | 9 | 8 | 1 | 2 | 5 | 4 | 0 |
| 9 | 6 | 4 | 0 | 8 | A | D | B | 3 | C | 7 | 5 | 1 | E | 2 |
| 7 | 8 | B | D | 1 | 2 | 0 | E | 5 | 3 | 4 | 6 | 9 | C | A |

ଗତକାଲିର ଉତ୍ତର



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଜୁଜୁମୁରା ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ମାନେଶ୍ୱର, ୧୬।୯ (ଡି.ଏନ.ଏ.): ସମ୍ବଲପୁର ଜୁଜୁମୁରା ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବ ବର୍ଷର ଖର୍ଚ୍ଚ ଓ ଆଦାୟ ଉପରେ ପ୍ରଥମେ ଆଲୋଚନା କରାଯାଇଥିଲା । ପରେ ଚଳିତ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା । ସଭାପତି ବରୁଣ ଦେହୁରୀ, ଉପସଭାପତି ଅନ୍ତର୍ଯ୍ୟାମୀ ବୁଡେକ, ସମ୍ପାଦକ ସତ୍ୟଜିତ ସାଲିମା, ସହ ସମ୍ପାଦକ କିଶୋର ଦେହୁରୀ, କୋଷାଧକ୍ଷ ମନୋରଞ୍ଜନ ଧଳ, ସହ କୋଷାଧକ୍ଷ ଦୟାନିଧି ବିଶ୍ୱାଳ ରହିଛନ୍ତି । ସେହିପରି ମୁଖ୍ୟ ପୂଜକ ଚନ୍ଦ୍ରକାନ୍ତ ପାଣିଗ୍ରାହୀ ଓ କ୍ଷେତ୍ରପାଳ ନନ୍ଦଙ୍କୁ ଦାୟିତ୍ୱ ଦିଆଯିବ ବୋଲି ସ୍ଥିର କରାଯାଇଛି । ବରୁଣ ଦେହୁରୀ ଓ ତାଙ୍କ ପତ୍ନୀ ରଶ୍ମିତା ଦେହୁରୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇବେ ।

### ପଶ୍ଚିମ ଓଡିଶା କଲ୍ୟାଣ ସମିତିର ବୈଠକ

ସମ୍ବଲପୁର,୧୬।୯(ବ୍ୟୁରୋ): ପଶ୍ଚିମ ଓଡିଶା କଲ୍ୟାଣ ସମିତିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ପ୍ରଶାନ୍ତ ପାଢୀ ଏଥିରେ ଅଧକ୍ଷତା କରିଥିଲେ । ଅକ୍ଟୋବର ୨୧ତାରିଖ ସମିତି ପକ୍ଷରୁ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି । ଆସନ୍ତା ୩୦ତାରିଖରେ ବିଭିନ୍ନ ସ୍କୁଲ ଗୁଡିକରେ ଚିତ୍ରାଙ୍କନ, ହସ୍ତାକ୍ଷର, ସାଧାରଣ ଜ୍ଞାନ ଓ ନୃତ୍ୟ ପ୍ରତିଯୋଗିତା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହି ବୈଠକରେ ରବୀନ୍ଦ୍ର ଚନ୍ଦ୍ର ପାଣ୍ଡେ, ଜୟନ୍ତ ମିଶ୍ର, ବସନ୍ତ ବାରିକ, ଈଶ୍ୱର ସ୍ୱାଇଁ, ସନ୍ତୋଷ ଶତପଥୀ, ଘନଶ୍ୟାମ ମେହେର, ସରୋଜ ପଣ୍ଡା, ସୁଜାତା ଶୁକ୍ଲା, ଶରତ ମାଝି, ସୁକାନ୍ତି ସୁନା, ସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

### ସମ୍ବଲପୁର ନାଟ୍ୟକଳା ପରିଷଦର ନୂତନ କର୍ମକର୍ତ୍ତା ଚୟନ

ସମ୍ବଲପୁର,୧୬।୯(ବ୍ୟୁରୋ) : ସମ୍ବଲପୁର ନାଟ୍ୟକଳା ପରିଷଦର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ରବିବାର ଚିତ୍ରଗୁପ୍ତ କଲ୍ୟାଣ ସଂଘ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ପ୍ରସାଦ ପଣ୍ଡା ସଭାପତି, ଭବାନୀଶଙ୍କର ଦାସ ଉପସଭାପତି ଓ ପ୍ରଶାନ୍ତ ମହାରଣା ସାଧାରଣ ସମ୍ପାଦକ ମନୋନୀତ ହୋଇଛନ୍ତି। ସେହିପରି ସତ୍ୟନାରାୟଣ ଠାକୁର ସହସମ୍ପାଦକ, ଅଶୋକ ମିଶ୍ର କୋଷାଧକ୍ଷ, ଶିବନାରାୟଣ ଶତପଥି, ସୂର୍ଯ୍ୟ ପାଣିଗ୍ରାହୀ, ଦେର୍ବାଚନ ଠାକୁର, ବିପିନ ବିହାରୀ ଦାଶ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଡ. ପ୍ରଶନ୍ନ ସାହୁ, ଡ. ସୁରୁବାବୁ ମେହେର, ନରେନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ରହିଛନ୍ତି। ଡ. ସିର୍ଦ୍ଧାଥ ପଣ୍ଡାଙ୍କ ଅଧକ୍ଷତାରେ ସଭା ହୋଇଥିଲା। ନୂତନ ଓ ପୁରାତନ ସଭ୍ୟମାନେ ଯୋଗ ଦେଇଥିଲେ। ସରୋଜ ବାଗ, କାର୍ତ୍ତିକେଶ୍ୱର ପ୍ରଧାନ, ପ୍ରଫୁଲ୍ଲ ଗୁରୁ, ସନ୍ତୋଷ ମିଶ୍ର କାର୍ଯ୍ୟକ୍ରମରେ ସାମିଲ ଥିଲେ।

### କାଳୀବାଡ଼ି ଦୁର୍ଗାପୂଜା କମିଟିର ବୈଠକ

ସମ୍ବଲପୁର, ୧୬।୯ (ବ୍ୟୁରୋ) ସମ୍ବଲପୁର କାଳୀବାଡ଼ି ଶତବାର୍ଷିକୀ ଦୁର୍ଗାପୂଜା ସ୍ମରଣିକା କମିଟିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଶତବାର୍ଷିକୀ ସ୍ମରଣିକାକୁ କାଳୀବାଡ଼ି ଓ ଏହାଦ୍ୱାରା ଆୟୋଜିତ ହୋଇ ଆସୁଥିବା ଶହେ ବର୍ଷର ଇତିହାସ ବିଶେଷାଙ୍କ ଭାବେ ପ୍ରକାଶ କରିବାକୁ ନିଷ୍ପତ୍ତି ହୋଇଛି । କାଳୀବାଡ଼ିର ପ୍ରଥମ ଟ୍ରଷ୍ଟି ଓ ଟ୍ରଷ୍ଟବୋର୍ଡ଼ର ସଦସ୍ୟ ବୃନ୍ଦଙ୍କ ପ୍ରତି ବିଶେଷ ଶ୍ରଦ୍ଧାଞ୍ଜଳି ସମେତ ଇତିହାସ ଏବଂ ଦୁର୍ଗାପୂଜାର ପ୍ରାରମ୍ଭିକ ବର୍ଷ ଗୁଡ଼ିକର ବିବରଣୀ, ଦୁର୍ଗାପୂଜାକୁ ନେଇ ବରିଷ୍ଠ ନାଗରିକମାନଙ୍କର ସ୍ମୃତି, ବିଗତ ଦିନରେ ଦୁର୍ଗାପୂଜା ସହିତ ସମ୍ପୃକ୍ତ ରହିଥିବା ବ୍ୟକ୍ତିମାନଙ୍କୁ ମନେ ପକାଇବା, ଶହେ ବର୍ଷର ସ୍ମରଣୀୟ ଘଟଣା, ବଙ୍ଗୀୟ ପଦ୍ଧତିରେ ଦୁର୍ଗାପୂଜାର ବିଭିନ୍ନ ଅଂଶ ବିଶେଷର ମହତ୍ତ୍ୱ, ସମ୍ବଲପୁରର ସାଂସ୍କୃତିକ ଓ ସାମାଜିକ ଜୀବନ ପ୍ରତି ବଙ୍ଗୀୟ ସମାଜର ଦାନ, ସମ୍ବଲପୁରରେ ଦୁର୍ଗାପୂଜାର ଇତିହାସ, ବିଗତ ବର୍ଷ ଗୁଡିକରେ ଦୁର୍ଗାପୂଜା ସମୟରେ ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତୀତର ଆଇନାରେ ସ୍ଥାନିତ କରାଯିବ । ଡ. ଅରୁଣ ମଜୁମଦାର, ଐତିହାସିକ ଦୀପକ ପଣ୍ଡା, ଡ. ଗୌରୀଦାସ ପ୍ରଧାନ, କାଳୀ ପ୍ରସାଦ ସିହ୍ନା, ଶଙ୍କର ପ୍ରସାଦ ଘୋଷ, ଶୁଭାଶିଷ ସରକାର ଆଲୋଚନାରେ ଭାଗ ନେଇଥିଲେ ।

## ଦୁବାଇରେ ନୂଆଁଖାଇ ଭେଟଘାଟ

# ସମ୍ବଲପୁରୀ ଲୋକନୃତ୍ୟରେ କମ୍ପିଲା ମଞ୍ଚ





ଦୁବାଇରେ ରଙ୍ଗବତୀ ସଂଗୀତ ନିର୍ଦ୍ଦେଶକ ପ୍ରଭୁଦତ୍ତ ପ୍ରଧାନଙ୍କ ମରଣୋତ୍ତର ସମ୍ମାନକୁ ନୃତ୍ୟ ଗୁରୁ ଅସିମ ପ୍ରଧାନ ଗ୍ରହଣ କରୁଛନ୍ତି (ବାମ)। ଶିଶୁ କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ।





ସମ୍ବଲପୁର ନଟରାଜ ଡ୍ୟାନ୍ସ ଗ୍ରୁପର ୧୩ଜଣିଆ କଳାକାର ଦଳଙ୍କ ସମ୍ବଲପୁରୀ ନୃତ୍ୟ ।

ସମ୍ବଲପୁର,୧୬।୯(ବ୍ୟୁରୋ) ୟୁନାଇଟେଡ଼ ଆରବ ଏମିରେଟସ୍‌ର ଦୁବାଇସ୍ଥିତ ଇଣ୍ଡିଆନ୍ କନ୍‌ସୁଲେଟ ସଭାଗୃହରେ ୫ମ ନୂଆଁଖାଇ ଭେଟଘାଟ ଧୂମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା । ଓଡ଼ିଶାବାସୀଙ୍କ ମଧ୍ୟରୁ ୬୦ଜଣ ଓ ସମ୍ବଲପୁରରୁ ଯାଇଥିବା ୧୩ଜଣିଆ ଏକ କଳାକାର ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମ୍ବଲପୁର ନଟରାଜ ଡ୍ୟାନ୍ସ ଗ୍ରୁପର ୧୩ଜଣିଆ କଳାକାର ଦଳ ଏହି ଅବସରରେ ବିବିଧ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ମଞ୍ଚକୁ ଦୁଲକାଇ ଦେଇଥିଲେ । ଏହି ଅବସରରେ କନ୍‌ସୁଲ କଲଚରାଲ ପ୍ରେମଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତ୍ୟେକ ଲୋକଙ୍କୁ ନିଜ ମାଟି ଓ ପରମ୍ପରା ସହିତ ଯୋଡ଼ି ରଖିବାରେ ସହାୟକ ହୋଇଥାଏ । ପ୍ରତିବର୍ଷ ଇଣ୍ଡିଆନ୍ କନ୍‌ସୁଲେଟ ଏହି ପର୍ବକୁ ଚାହିଁ ରହିଥାଏ । କାରଣ ଏଥିରେ ଆକର୍ଷଣ ରହିଛି ବୋଲି ମୁଖ୍ୟ ଅତିଥି କହିଥିଲେ । ଏହି ଅବସରରେ ସୁନ୍ଦରଗଡ଼ର ପ୍ରସିଦ୍ଧ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଏବଂ ସମ୍ବଲପୁରୀ ଚଳଚ୍ଚିତ୍ର ଚିନିର ନିର୍ଦ୍ଦେଶକ ପ୍ରଦୀପ ଭୋଳଙ୍କୁ ସମ୍ମାନିତ କରାଯାଇଥିଲା। ସେ ୨୦୦ରୁ ଅଧିକ ନାଟକ ପରିବେଷଣ କରିବା ସହିତ ସର୍ବାଧିକ ନାଟ୍ୟ କଳାକାରଙ୍କୁ ନେଇ ସମ୍ବଲପୁରୀ ଭାଷାରେ ଏକ ନାଟକ ପ୍ରଦର୍ଶନ କରି ରେକର୍ଡ଼ ସୃଷ୍ଟି କରିଛନ୍ତି । ସେହିଭଳି ଚିନି ରାଜ୍ୟର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଓ ଅନ୍ୟାନ୍ୟ ପୁରସ୍କାର ପ୍ରାପ୍ତ କରିଛି । ସେହିଭଳି ବିଶ୍ୱର ଅନ୍ୟତମ ଅଗ୍ରଣୀ ଲୋକପ୍ରିୟ ଗୀତ ରଙ୍ଗବତୀର ସଙ୍ଗୀତ ନିର୍ଦ୍ଦେଶକ ପ୍ରଭୁଦତ୍ତ ପ୍ରଧାନଙ୍କୁ ମରଣୋତ୍ତର ପୁରସ୍କାର ପ୍ରଦାନ କରାଯାଇଛି । ବହୁଗୁଡ଼ିଏ ପ୍ରସିଦ୍ଧ ସମ୍ବଲପୁରୀ ଗୀତର ସୃଷ୍ଟିକର୍ତ୍ତା, ଅଗ୍ରଣୀ ବାଦ୍ୟଶିଳ୍ପୀ ପ୍ରଭୁଦତ୍ତ ପ୍ରଧାନଙ୍କ ମରଣୋତ୍ତର ସମ୍ମାନ ତାଙ୍କର ପୁତ୍ର ନୃତ୍ୟ ଗୁରୁ ଅସୀମ ପ୍ରଧାନ ଗ୍ରହଣ କରିଥିଲେ। ବିଦେଶ ମାଟିରେ ସମ୍ବଲପୁରୀ ସଂସ୍କୃତି ପ୍ରତି ଅତ୍ୟଧିକ ଆଦର ତାଙ୍କୁ ଭାବବିହ୍ୱଳିତ କରିଥିଲା। ନୂଆଁଖାଇ ଭେଟଘାଟ ଅବସରରେ ସ୍ଥାନୀୟ ନିବାସୀଙ୍କ ମଧ୍ୟରେ ସେଲଫିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେଲଫିରେ ତଶୱର ଅଲି ବିଜେତା ଓ ସେଫାଳି ପାଣିଗ୍ରାହୀ ଉପବିଜେତା ହୋଇ ପୁରସ୍କୃତ ହୋଇଛନ୍ତି । ଶେଷରେ ସମସ୍ତେ ପାରମ୍ପରିକ ଖାଦ୍ୟପେୟ ଗ୍ରହଣ କରିଥିଲେ ।

# ରୋଗୀଙ୍କୁ କମ୍ପାଉଣ୍ଡରଙ୍କ ଦୁର୍ବ୍ୟବହାର ଅଭିଯୋଗ

**ନାକଟିଦେଉଳ,୧୬।୯(ଡି.ଏନ.ଏ.)** ସମ୍ବଲପୁର ଜିଲା ମାଓବାଦୀ ପ୍ରଭାବିତ ଅଞ୍ଚଳ ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପ୍ରାଥମିକ ଡାକ୍ତରଖାନାରେ ଶନିବାର ରୋଗୀଙ୍କ ସମ୍ପର୍କୀୟମାନଙ୍କୁ କମ୍ପାଉଣ୍ଡର ଟଙ୍କା ମାଗିବାକୁ ଯାଇ ଦୁର୍ବ୍ୟବହାର କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କିସିଣ୍ଡା ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ ମଧ୍ୟ ହୋଇଛି। ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାଗଣା ଔଷଧ ଓ ସାଲାଇନ ରୋଗୀଙ୍କୁ ମାଗଣାରେ ଦିଆ ନ ଯାଇ ଆତ୍ମସାତ୍ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

ଅଭିଯୋଗ ମୁତାବକ, ଆମ୍ବଖୋଲ ଗ୍ରାମର ରମେଶ ବେହେରା, ବିଦେଶୀ ଦେହୁରୀ ଏବଂ ପିତାସିଆରୀ ଗ୍ରାମର ବୀର ପ୍ରଧାନ ଜ୍ୱରରେ ପୀଡିତ ହୋଇ ୧୫ ତାରିଖରେ ଗିରିଶ୍ଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ସରକାରଙ୍କ ଦ୍ୱାରା ଉପଲବ୍ଧ ମାଗଣା ଔଷଧ ଓ ସାଲାଇନ ଦିଆଯାଇ ସେମାନଙ୍କୁ ଚିକିତ୍ସା କରାଯାଇଥିଲା । ତେବେ ଡାକ୍ତରଖାନାର କମ୍ପାଉଣ୍ଡର ଔଷଧ ଖର୍ଚ୍ଚ ବାବଦରେ ୧୨ଶହ ୭୦ ଟଙ୍କା ଦାବି କରିଥିଲେ। ରୋଗୀଙ୍କ ସମ୍ପର୍କୀୟମାନେ ପ୍ରତିବାଦ କରିବାରୁ କମ୍ପାଉଣ୍ଡରଜଣକ କ୍ଷୁବ୍ଧ ହୋଇ ଧମକ ଦେଇଥିଲେ। ଏପରି କି ପିତାସିଆରୀ ଗ୍ରାମର ଶିପୁନ ବିଶିଙ୍କୁ ଧକ୍କା ମାରିଥିଲେ। ଏହି ଘଟଣା ପରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ରବିବାର ଡାକ୍ତରଖାନା ବନ୍ଦ ରହିଥିଲା। ରୋଗୀମାନେ ଡାକ୍ତରଖାନାକୁ ଆସି ଫେରି ଯାଇଥିବା ଦେଖିବାକୁ ମିଳିଥିଲା।

# ରୋଟାରୀ କ୍ଲବ୍‌ରେ ବକ୍ତୃତା ପ୍ରତିଯୋଗିତା



ରବିବାର ସମ୍ବଲପୁର ରୋଟାରୀ କ୍ଲବ୍ ସମ୍ମିଳନୀ କକ୍ଷରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

**ସମ୍ବଲପୁର,୧୬।୯(ବ୍ୟୁରୋ)**

ସମ୍ବଲପୁର ରୋଟାରୀ କ୍ଲବ ସମ୍ମିଳନୀ କକ୍ଷରେ ରବିବାର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେଣ୍ଟଜୋଶେଫ୍ କନଭେଣ୍ଟ ସ୍କୁଲର ସିଦ୍ଧିସଂସ୍କୃତି ସାହୁ ପ୍ରଥମ, ଇସାନି ତ୍ରିପାଠୀ ଦ୍ୱିତୀୟ ଏବଂ ଉଜମା ଇଲାମି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୭ ସ୍କୁଲର ୧୪ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଫେସର ହରିହର ମଲ୍ଲିକ, ଡ. ରଘୁମଣି ନାୟକ ବିଚାରକ ଥିଲେ। କ୍ଲବ୍ ସଭାପତି ସଞ୍ଜୟ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁରର ସୁଜିତ କୁମାର ପାଣିଗ୍ରାହୀ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ମୁଖ୍ୟ ଡ. ମୂରଲୀ ପି. ନାୟକ ପ୍ରତିଯୋଗିତା ବିଷୟରେ ବକ୍ତବ୍ୟ ରଖିଥିଲେ। କ୍ଲବ୍‌ର ଡା. ଅଶୋକ ସିଂ, ରାଜକିଶୋର ଦାସ, ସୁଧୀର ପଣ୍ଡା, ରଞ୍ଜିତ ସିଂ, ରଶ୍ମି ମହାପାତ୍ର, ବିକ୍ରମ ସେନାପତି, ଏଚଏସ ମୋଖା, ଶ୍ରୀକ୍ରାନ୍ତ ମୁଖାର୍ଜୀ, ତୁଷାର ପ୍ରଧାନ ଓ ସୁଶାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାବ୍ୟାଞ୍ଜଳି କାର୍ଯ୍ୟକ୍ରମ

# କବିତାରେ ବାଜପେୟୀଙ୍କ ସ୍ମୃତିଚାରଣ

ସମ୍ବଲପୁର/ ରେଢ଼ାଖୋଲ, ୧୬।୯ (ବ୍ୟୁରୋ/ ଡି.ଏନ.ଏ.) ସମ୍ବଲପୁର ଜିଲା ଅଟଳବିହାରୀ ବାଜପେୟୀ ସ୍ମୃତି କମିଟି ପକ୍ଷରୁ ରବିବାର ରାତିରେ କାବ୍ୟାଞ୍ଜଳୀ କାର୍ଯ୍ୟକ୍ରମ ଲାୟନ୍ସ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସହରରୁ ବିଭିନ୍ନ ଅଞ୍ଚଳରୁ କବିମାନେ ଯୋଗଦେଇ ବାଜପେୟୀଙ୍କ କବିତା ଗୁଡିକୁ ଆବୃତ୍ତି କରି ସ୍ମୃତିଚାରଣ କରିଛନ୍ତି । ସ୍ୱରାଜ ଦାଶ ଓ ସୁବୋଧ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କବୟିତ୍ରୀ ବିଷ୍ଣୁପ୍ରିୟା ଭୋଇ, ପଦ୍ମିନୀ ବେହେରା, ସୁରଭ ପୁରୋହିତ, ଅଶୋକ ଜଲାନ, ସଙ୍ଗୀତା ଗୌନ୍ତିଆ, ଡ. ପ୍ରଦୀପ ପଣ୍ଡା, ଅରବିନ୍ଦ ନାୟକ, ସୂର୍ଯ୍ୟ ପାଣିଗ୍ରାହୀ, ମୁନମୁନ ସୌଦାଗର, ସୁପ୍ରିୟା ପାଣିଗ୍ରାହୀ, ଗୋବିନ୍ଦ ଅଗ୍ରୱାଲ, ରୁକ୍ମଣୀ ମହାରଣା ପ୍ରମୁଖ କବିତା ପାଠ କରିଥିଲେ । ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ବାଜପେୟୀଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । ଭାଜପା ଜିଲା ସାଧାରଣ ସମ୍ପାଦକ ଦାମୋଦର କର, ପ୍ରବକ୍ତା ମାନସ ବକ୍ସି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିଭଳି ରେଢାଖୋଲଠାରେ ସ୍ଥାନୀୟ ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ଗୋବିନ୍ଦ ଅଗ୍ରୱାଲଙ୍କ ଆବାହକତ୍ତ୍ୱରେ ଅନୁଷ୍ଠିତ କାବ୍ୟାଞ୍ଜଳୀ କାର୍ଯ୍ୟକ୍ରମରେ ଶିକ୍ଷକ ଜୟନ୍ତ ମାହାର, ମନୋରଞ୍ଜନ ରାଜହଂସ, ସ୍ୱପ୍ନେଶ୍ୱର ମେଣ୍ଡୁଲି, ସନ୍ତୋଷ ସାହୁ ପ୍ରମୁଖ ବାଜପେୟୀଙ୍କ ରଚିତ କବିତା ପାଠ କରିଥିଲେ। ଶିବରାମ ସାହୁ, ତ୍ରିପୁରାରି ବିଶ୍ୱାଳ, ରଶ୍ମି ଖଡିରତ୍ନ ସହଯୋଗ କରିଥିଲେ।



ରବିବାର ରାତିରେ ସମ୍ବଲପୁର ଲାୟନ୍ସ କ୍ଲବ ସଭାକକ୍ଷରେ ଆୟୋଜିତ କାବ୍ୟାଞ୍ଜଳି କାର୍ଯ୍ୟକ୍ରମ ।

### ଏମସିଏଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ସମ୍ବଲପୁର,୧୬।୯(ବ୍ୟୁରୋ)** ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଜାଗୃତି ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ମୁଖ୍ୟାଳୟ ସିଭିଲ ବିଭାଗର ମହାପ୍ରବନ୍ଧକ ଅଦେଶ ପ୍ରସାଦଙ୍କ ପରିଚାଳନାରେ ଅଞ୍ଚଳ ସଫେଇ କରାଯାଇଥିଲା। ଲକ୍ଷ୍ମଣପୁର ଖୋଲା ମୁହଁ ଖଣି, ଡାକ୍ତରଖାନା, ବଜାର, କଲୋନୀ ଓ ବସଷ୍ଟାଣ୍ଡ ଆଦି ସ୍ଥାନଗୁଡ଼ିକୁ ସ୍ୱଚ୍ଛ କରିବାରେ ଲଖନପୁର କ୍ଷେତ୍ର କର୍ମଚାରୀ ଓ ଅଧିକାରୀଙ୍କ ସମେତ ସ୍କୁଲ ପିଲାମାନେ ସାମିଲ ହୋଇଥିଲେ। ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। ଏହି ପରିପ୍ରେକ୍ଷୀରେ ଏମସିଏଲ ପକ୍ଷରୁ ଏକ ସଚେତନତା ରାଲି ଓ ସ୍ୱଚ୍ଛତା ଶୀର୍ଷକ ରଚନା, ପେଣ୍ଟିଂ, ସ୍ଲୋଗାନ ପ୍ରତିଯୋଗିତା ସହ ପଥପ୍ରାନ୍ତ ନାଟକ କରାଯିବାକୁ ସ୍ଥିର ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୧୭/୨୦୧୮



ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି,
ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା



## ସଂକ୍ଷେପରେ

### ମୋବାଇଲ ଫାଟି ଛାତ୍ର ଗୁରୁତର

**ପାଇକମାଳ, ୧୬।୯ (ଡି.ଏନ.ଏ):** ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ପତ୍ରାଗୁଡା ଗ୍ରାମରେ ରବିବାର ଅପରାହ୍ନରେ ମୋବାଇଲ ଫାଟି ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ପଦ୍ମପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ପତରାଗୁଡା ଗ୍ରାମର ଭୀମସେନ ବହିଦାରଙ୍କ ପୁଅ ଶୁଭଂ ବହିଦାର (୧୧) ଘରେ ମୋବାଇଲ ଖେଳୁଥିବା ବେଳେ ହଠାତ୍ ଫାଟିଯିବାରୁ ତାଙ୍କ ହାତରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା ।

### ମହିଳାଙ୍କୁ ଅସଦାଚରଣ, ଔଷଧ ଦୋକାନୀ ଗିରଫ

**ରାଉରକେଲା ଅଫିସ,୧୬।୯-** ଛେଣ୍ଡ ଅଞ୍ଚଳରେ ଥିବା ଏକ ଔଷଧ ଦୋକାନକୁ ଆସିଥିବା ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଶନିବାର ଛେଣ୍ଡ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଔଷଧ ଦୋକାନୀ ମୁନା ସାହୁ (୪୮)ଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଦଫା ୩୫୪ ବଳରେ ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଏକ ବସ୍ତିର ସମ୍ପୃକ୍ତ ମହିଳା ଶନିବାର ମୁନାଙ୍କ ଦୋକାନକୁ ଔଷଧ କିଣିବାକୁ ଆସିଥିଲେ। ଏହି ସମୟରେ ମୁନା ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ମହିଳା ଏହାର ପ୍ରତିବାଦ କରିବାରୁ ମୁନା ଉତ୍କ୍ଷିପ୍ତ ହୋଇ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ।

### ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗ

**ରାଉରକେଲା ଅଫିସ,୧୬।୯-** ବିବାହ ପ୍ରତିଶ୍ରୁତି ଦେଇ ସେକ୍ଟର-୬ ଅଞ୍ଚଳର ଜଣେ ନାବାଳିକାଙ୍କୁ ପଡ଼ୋଶୀ ଯୌନ ନିର୍ଯାତନା ଦେଇଥିବା ସେକ୍ଟର-୭ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦଫା ୧୦୪, ୩୬୩, ୩୬୬, ୩୭୬, ପକ୍ସୋ/୬୬(ଏ) ୬୭, ୬୭(ଏ)(ବି) ବଳରେ ଏକ ମାମଲା (ନଂ-୨୯୨/୨୦୧୮) ରୁଜୁ କରି ଅଭିଯୁକ୍ତ ରାଧାକାନ୍ତ ନନ୍ଦ (୨୨)ଙ୍କୁ ଗିରଫ କରିଛି।

■ ଗଣେଶ ମୂର୍ତ୍ତି ବିସର୍ଜନ ହେଲା କାଳ

# ପୋଖରୀ ପାଣିରେ ଗଲା ଛାତ୍ରଙ୍କ ଜୀବନ

**ବାରକୋଟ,୧୬।୯(ଡି.ଏନ.ଏ.)**

ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳରେ ଜଣେ ଛାତ୍ର ପୋଖରୀ ପାଣିରେ ବୁଡ଼ି ମୃତ ହୋଇଛନ୍ତି। ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଛାତ୍ରଜଣକ ହେଲେ ଝାରବାହାଳ ଗ୍ରାମର ଘନଶ୍ୟାମ ସାହୁ (୧୨)। ଗ୍ରାମସ୍ଥିତ ବମ୍ପରଡା ଶିଶୁ ମନ୍ଦିରରେ ସପ୍ତମ ଶ୍ରେଣୀରେ ସେ ପାଠ ପଢୁଥିଲେ। ରବିବାର ସ୍ଥାନୀୟ ଏକ ଆଶ୍ରମ ସ୍କୁଲରେ ପୂଜା ପାଇଥିବା ଗଣେଶଙ୍କ ମୂର୍ତ୍ତି ବିସର୍ଜନରେ ଘନଶ୍ୟାମ ଯୋଗ ଦେଇଥିଲେ। ନିକଟ ଏକ ପୋଖରୀରେ ମୂର୍ତ୍ତି ବସର୍ଜନ କରିବା ସମୟରେ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବାରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବାରକୋଟ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସ୍ଥାନୀୟ ଅଞ୍ଚଳରେ ଏହା ଶୋକର ଛାୟା ଖେଳାଇ ଦେଇଛି।

# ରକ୍ତଦାନ ଶିବିର, ୬୫ ୟୁନିଟ ରକ୍ତ ସଂଗ୍ରହ

**ବାରକୋଟ,୧୬।୮(ଡି.ଏନ.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଇ ଗ୍ରାମସ୍ଥିତ ଆନନ୍ଦସେବା ସଦନଠାରେ ଆନନ୍ଦ ମାର୍ଗ ସେବା ୟୁନିଟ ଓ ଷ୍ଟୋର୍ଟସ କ୍ଲବ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଡାକ୍ତର କେଦାର ନାଥ ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ କଣ୍ଢେଇ ସରପଞ୍ଚ ବିରଞ୍ଚି ବେହେରା, ଜୟକୃଷ୍ଣ ପ୍ରଧାନ, ତୁଳସୀ ବିଶ୍ୱାଳ, ନିରଞ୍ଜନ ରାଉତ, ଗାୟତ୍ରୀ ବିଶ୍ୱାଳ, ସୁନିଲ ବେହେରା, କୃଷ୍ଣଚନ୍ଦ୍ର ସାହୁ, ବିଶ୍ୱଜିତ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

# ଦେବଗଡ଼ରେ ନୂଆଁଖାଇ ଭେଟ୍‌ଘାଟ୍

**ଦେବଗଡ଼,୧୬।୯(ସ୍ୱ.ପ୍ର.)**

ସ୍ଥାନୀୟ ଲିଟିଲ ସମ୍ମିଳନୀ କକ୍ଷରେ ରବିବାର ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃଷ୍ଣ ପ୍ରସାଦ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାବିତ୍ ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ତଥା କୃଷିବିତ୍ ପ୍ରସନ୍ନ କୁମାର ପଟେଲ ମୁଖ୍ୟଅତିଥି, ଅଧ୍ୟାପକ ଅଶୋକ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ମତବ୍ୟକ୍ତ ପ୍ରଦାନ କରିଥିଲେ। ସେହିପରି ମିତ୍ରଭାନୁ ମହାପାତ୍ର, ବିପିନ ବିହାରୀ ଦ୍ୱିବେଦୀ, ଦୁଃଖବନ୍ଧୁ ବେହେରା, ସୌଭାଗ୍ୟ ପାତ୍ର ପ୍ରମୁଖ କୃଷିଭିତ୍ତିକ ନୂଆଁଖାଇ ପର୍ବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।




ଦେବଗଡ଼ ଗଣେଶ ମେଳାର ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ଲୋକପ୍ରିୟ କମେଡିଆନ୍ ଯୋଗେଶ ଜୋଜୋ ନାଇଟ୍।

# ଦେବଗଡ଼ ଗଣେଶ ମେଳାର ଚତୁର୍ଥ ଦିନ

**ଦେବଗଡ଼,୧୬।୯(ସ୍ୱ.ପ୍ର.)**

■ ଷ୍ଟଲରେ ଶ୍ରଦ୍ଧାଳୁଙ୍କ ଭିଡ଼
■ କମେଡି କାର୍ଯ୍ୟକ୍ରମକୁ ଉପଭୋଗ କଲେ ଦର୍ଶକ

ଦେବଗଡ଼ ଗଣେଶ ପୂଜା ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ଝିପିଝିପି ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଆୟୋଜିତ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ସମ୍ବଲପୁରରୁ ଆସିଥିବା ଲୋକପ୍ରିୟ କମେଡିଆନ୍ ଯୋଗେଶ ଜୋଜୋ ନାଇଟ୍‌ରେ ହାସ୍ୟ ରସାତ୍ମକ କାର୍ଯ୍ୟକ୍ରମକୁ ଦର୍ଶକ ଭରପୂର ମଜା ଉଠାଇଥିଲେ। ସେହିପରି ପୂଜା ମଣ୍ଡପ ପାଖରେ ପାଲା ସାଙ୍ଗକୁ ଗୋପାଳଜୀ ମନ୍ଦିରରେ ଜଗନ୍ନାଥ ଫ୍ରି ଶୋ ଅପେରା, ବିଭିନ୍ନ ସ୍ଥାନରେ ପଡିଥିବା ଡ୍ରାଗନ ଟ୍ରେନ୍, ବ୍ରେକଡ୍ୟାନ୍ସ, ରାମଦୋଳି ତଥା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଦୋଳି ଖେଳ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସେହିପରି ପୁରୁଣା ଅଗ୍ନିଶମ କାର୍ଯ୍ୟାଳୟ ତଥା ରାଜବାଟି ପଡ଼ିଆରେ ତ୍ରିନାଥ ଅପେରା ଏବଂ ରବିବାରଠାରୁ ୨୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଧାନପାଟସ୍ଥିତ ବଡବଗିଚା ପଡ଼ିଆରେ ଯାତ୍ରା ବିଶ୍ୱ ଦରବାର ନାଟକ ମଞ୍ଚସ୍ଥ ହେଉଥିବା ବେଳେ ପ୍ରଥମ ରାତିରେ ପ୍ରବଳ ଭିଡ ହୋଇଥିଲା। ସ୍ଥାନୀୟ ସଭାଗୋଲିଠାରେ ପଡିଥିବା ସୁପର ମାର୍କେଟ, ରାଜପ୍ରାସାଦ ପରିସର ସମେତ ସରକାରୀ ବସ୍‌ଷ୍ଟାଣ୍ଡ ଓ ଗୋହିରୀ ବନ୍ଧ ନିକଟରେ ଖୋଲା ଯାଇଥିବା ମିନାବଜାର ଷ୍ଟଲ୍ ଏବଂ ବାଣିଜ୍ୟ ମେଳାରେ ଗହଳି ଲାଗି ରହିଥିଲା। କାର୍ଯ୍ୟକ୍ରମରେ ସଭାପତି ଧର୍ମେନ୍ଦ୍ର ଦେବତା, ସମ୍ପାଦକ ଶଶାଙ୍କଶେଖର ଝାଙ୍କରଙ୍କ ସମେତ ଉପସଭାପତି ମୋତିଲାଲ ବେହେରା, କୋଷାଧ୍ୟକ୍ଷ ରାଜେନ୍ଦ୍ର ଆଚାର୍ଯ୍ୟ, ମିଡିଆ ସେଲର ମୋତିଲାଲ ଶର୍ମା, ସୁଶାନ୍ତ ନନ୍ଦ, ପିଣ୍ଟୁ ଦ୍ୱିବେଦୀଙ୍କ ସହ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରୁଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194
07496852157

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଲୋକ ପାଇବା, ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡା, ଗୃହକଳହ, ଶତ୍ରୁ ମୁକ୍ତି, ବଶୀକରଣ, କ୍ୟାରିୟରରେ ଅସଫଳତା ଆଦି ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ।
ଅଗ୍ରିମ 90,00,000/-
ଭଡ଼ା - 50,000/-।
ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପଓ୍ୱନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ ୨୫ ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now **********
7310644383

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର
FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପଛେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now
9953851922

Aital Companyରେ
ଘରେ ବସି ପୁଅ–ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।

| | |
|---|---|
| ଭୁବନେଶ୍ୱର | 9870548744 |
| କଟକ | 7290022882 |
| ଅନୁଗୁଳ | 7290027866 |
| ବଲାଙ୍ଗୀର | 9870548676 |
| ପୁରୀ | 7290022876 |
| ବରଗଡ଼ | 7290027864 |
| ଭଦ୍ରକ | 7290022886 |
| ଗଞ୍ଜାମ | 7290027860 |
| ଯାଜପୁର | 9870548373 |
| ଖୋର୍ଦ୍ଧା | 9870549050 |
| କୋରାପୁଟ | 9870549092 |
| ମୟୂରଭଞ୍ଜ | 7290022884 |
| ସମ୍ବଲପୁର | 7290022879 |
| ସୁନ୍ଦରଗଡ଼ | 7290027868 |

Shop No. 108, 1st Floor, M.G. Road, Gurgaon

9911436726, 9540938429

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଗୋସୁରକ୍ଷା ନାଁରେ ଭିଡ଼ହିଂସା ଘଟିବା ଗଣତନ୍ତ୍ର ପାଇଁ ଏକ କଳାଦାଗ ସଦୃଶ । ସବୁ ଦେଖି ସୁଦ୍ଧା ସେଠାକାର ସରକାର ଚୁପ୍ ବସୁଛନ୍ତି ।

- ମାୟାବତୀ, ବିଏସ୍‌ପି ମୁଖ୍ୟ



## ସଂକ୍ଷେପରେ

### କୋଲ୍‌କାତା ବାଗ୍ରୀ ବଜାରରେ ନିଆଁ



**କୋଲ୍‌କାତା, ୧୬।୯(ପି.ଟି.):** ପଶ୍ଚିମବଙ୍ଗର କେନ୍ଦ୍ରୀୟ କୋଲ୍‌କାତାର ବାଗ୍ରୀ ବଜାରରେ ରବିବାର ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏକ ବହୁ ମହଲା ବିଶିଷ୍ଟ ବାଣିଜ୍ୟିକ କୋଠାରେ ନିଆଁ ଲାଗି ଚାରିଆଡ଼େ ବ୍ୟାପିଯାଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କିନ୍ତୁ କୌଣସି ବ୍ୟକ୍ତି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ଉକ୍ତ କୋଠାରେ ପାଖାପାଖି ୧୦୦୦ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଭୋର ୨ଟା ୪୫ରେ ଅଗ୍ନିକାଣ୍ଡ ଘଟିଥିଲା। ୧୨ ଘଣ୍ଟା ପର୍ଯ୍ୟନ୍ତ ଉଦ୍ୟମ କରିବା ସତ୍ତ୍ୱେ ନିଆଁକୁ ନିୟନ୍ତ୍ରଣ କରାଯାଇପାରି ନ ଥିଲା। ପରେ ଦମକଳ ବାହିନୀ ନିଆଁ ଲିଭାଇପାରିଥିଲେ। ସେହିପରି ଦିଲ୍ଲୀର ଉଦୟନଗରରେ ଦୁଇଟି ଜୋତା କାରଖାନାରେ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି। ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ଏକ ଶପିଂ କମ୍ପ୍ଲେକ୍ସରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି।

### ସ୍କୁଲରେ ୨ ଛାତ୍ରଙ୍କୁ ଯୌନ ନିର୍ଯାତନା

**ମୁମ୍ବାଇ, ୧୬।୯(ପି.ଟି.):** ମହାରାଷ୍ଟ୍ରର ପାରଭନୀ ଜିଲାରେ ଏକ ବୈଦିକ୍ ସ୍କୁଲରେ ଦୁଇ ଛାତ୍ରଙ୍କୁ ର୍‌ୟାଗିଂ କରାଯିବା ସହ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ଆସିଛି। ଦୁହିଁଙ୍କ ଗୁପ୍ତାଙ୍ଗକୁ ଅଭିଯୁକ୍ତମାନେ ତାରରେ ବାନ୍ଧି ଦେଇଥିଲେ। ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ସ୍କୁଲର ୪୨ ବର୍ଷୀୟ ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇଛି। ଅନ୍ୟ ଦୁଇ ଛାତ୍ରଙ୍କୁ ଅଟକ ରଖାଯାଇଥିବା ରବିବାର ପୋଲିସ କହିଛି। ପୀଡ଼ିତ ଛାତ୍ରଙ୍କ ବୟସ ୯ରୁ ୧୦ ବର୍ଷ ମଧ୍ୟରେ ହେବ। ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୧୨ ମଧ୍ୟରେ ଏହି ଘଟଣା ଘଟିଥିଲା।

### ଚାଇନା ଛୁଇଁଲା 'ମାଙ୍ଗଖୁଟ୍'

**ବେଜିଂ,୧୬।୯(ପି.ଟି.):** ଫିଲିପାଇନ୍ସ ପରେ ଏବେ ଚାଇନାରେ ମାଙ୍ଗଖୁଟ୍ ରଚିଛି ତାଣ୍ଡବ । ଦକ୍ଷିଣ ଚାଇନାର ଗ୍ୱାଙ୍ଗଡଙ୍ଗ ରାଜ୍ୟରେ ରବିବାର ସନ୍ଧ୍ୟାରେ ଏହି ଝଡ଼ ଲ୍ୟାଣ୍ଡ ଫଲ୍ କରିଥିଲା। ପ୍ରବଳ ବର୍ଷା ଓ ପବନ ମଧ ବହିଥିଲା । ଏହି ବାତ୍ୟା ଆସିବା ପୂର୍ବରୁ ୨୪ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା । ପ୍ରାୟ ୪୦୦ରୁ ଅଧିକ ବିମାନକୁ ବାତିଲ କରାଯାଇଥିବା ବେଳେ ମତ୍ସ୍ୟଜୀବୀଙ୍କ ୪୮ ହଜାର ବୋଟକୁ କୂଳକୁ ଫେରାଇ ଅଣାଯାଇଛି। ଝଡ଼ର ପ୍ରଭାବ ଭୟଙ୍କର ହେବ ବୋଲି ଚାଇନାର ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ଏଥର ଏହି ବାତ୍ୟା ଖୁବ୍ ଭୟଙ୍କର ରହିଛି।

### ମହିଳା ଆତଙ୍କବାଦୀ ଗିରଫ

**ଇମ୍ଫାଲ, ୧୬।୯(ପି.ଟି.):** ମଣିପୁରର ଇମ୍ଫାଲ ଇଷ୍ଟ ଜିଲାରୁ ଜଣେ ମହିଳା ଆତଙ୍କବାଦୀ ଧରାପଡ଼ିଛନ୍ତି। ସେ ଆତଙ୍କବାଦୀ ସଙ୍ଗଠନ ୟୁନାଇଟେଡ ନ୍ୟାଶନାଲ ଲିବରେଶନ ଫ୍ରଣ୍ଟ (ୟୁଏନ୍‌ଏଲ୍‌ଏଫ୍)ର ଜଣେ ସକ୍ରିୟ ସଦସ୍ୟ। ଲାମ୍‌ଲାଇ ମାଖା ଲିକାଇ ଅଞ୍ଚଳରୁ ତାଙ୍କୁ ସୁରକ୍ଷାକର୍ମୀମାନେ ଗିରଫ କରିଥିବା ରବିବାର ପୋଲିସ ସୂଚନା ଦେଇଛି।

## [ଇତିହାସର ଆଇନାରେ]

### ସେପ୍ଟେମ୍ବର ୧୭ର ପ୍ରମୁଖ ଘଟଣା

୧୯୮୦ ସେପ୍ଟେମ୍ବର ୧୭ରେ ନିକାରଗୁଆର ପୂର୍ବତନ ରାଷ୍ଟ୍ରପତି ଆନାଷ୍ଟାସିଓ ସୋମଜା ଦେବୟାଲେଙ୍କୁ ପାରାଗୁଏରେ ହତ୍ୟା କରାଯାଇଥିଲା । ୩ ଜଣ ବନ୍ଧୁକଧାରୀ ଆତତାୟୀ ତାଙ୍କ ଗାଡି ଉପରକୁ ଗୁଳି କରିଥିଲେ। ନିକାରଗୁଆର ସେ ୭୩ ଓ ୭୬ ତମ ରାଷ୍ଟ୍ରପତି ଥିଲେ।

୨୦୦୧ ସେପ୍ଟେମ୍ବର ୧୭ରେ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ ପୁଣି ଥରେ ଖୋଲିଥିଲା। ୯/୧୧ଆକ୍ରମଣ ପରେ ଏହା ବନ୍ଦ ରହିଥିଲା। ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ ବା ଆମେରିକାନ୍ ଷ୍ଟକ୍ ଏକ୍ସଚେଞ୍ଜ ୧୧ ୱାଲଷ୍ଟ୍ରିଟ୍, ଲୋୟର ମନହ୍ୟାଟନ୍, ନ୍ୟୁୟର୍କରେ ରହିଛି।

# ଉଣେଇଶରେ ଟି–୨୦

**ନୂଆଦିଲ୍ଲୀ, ୧୬।୯(ପି.ଟି.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ଜାତୀୟ ରାଜନୀତି ସରଗରମ ହେଲାଣି। ଶାସନ ଗାଦିରେ ବସିବା ପାଇଁ ବଳ ଲଗାଇବାକୁ ରଣନୀତି ପ୍ରସ୍ତୁତ କଲେଣି ଜାତୀୟସ୍ତରର ଦୁଇ ପ୍ରମୁଖ ଦଳ। ମୁଖ୍ୟତଃ ଭାରତୀୟ ଜନତା ପାର୍ଟି (ଭାଜପା) ପାଇଁ ଏହି ନିର୍ବାଚନ ଜିତିବା ସମ୍ମାନର ବିଷୟ। ତେଣୁ ଭୋଟରଙ୍କ ସମର୍ଥନ ପାଇବାକୁ ଦଳ କୌଣସି ବାଟ ଛାଡ଼ିବାକୁ ଚାହୁଁନାହିଁ। ତୃଣମୂଳ ସ୍ତରରେ ସଙ୍ଗଠନକୁ ମଜଭୁତ କରି ନିର୍ବାଚନ ରଣକ୍ଷେତ୍ରକୁ ଏହା ଓହ୍ଲାଇବ। 'ମୋ ବୁଥ୍ ସବୁଠୁ ମଜଭୁତ୍' ପରେ ଗୈରିକ ଦଳ ଆଉ ଏକ ମନ୍ତ୍ର ଆପଣାଇବାକୁ ଯାଉଛି। ତାହା ହେଉଛି 'ଟି–୨୦ ଫର୍ମୁଲା'। ଏ ସମ୍ପର୍କରେ ଭାଜପାର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଅଧିକାଂଶ ଲୋକ ସଭା ନିର୍ବାଚନମଣ୍ଡଳୀର କର୍ମୀଙ୍କ ସହ ସିଧାସଳଖ ଯୋଗାଯୋଗ କରିବେ।

କ୍ରିକେଟ ଖେଳର ଟି–୨୦ ମ୍ୟାଚ୍ ସହ ଭାଜପାର ଟି–୨୦ ଫର୍ମୁଲାରେ ସମାନତା ନାହିଁ। ଏହି ନୂଆ ତରିକା ଅନୁଯାୟୀ, ଭାଜପା ଦଳୀୟ କର୍ମୀଙ୍କ ପାଇଁ ଏକ ଟାର୍ଗେଟ ପ୍ରସ୍ତୁତ କରିଛି। କର୍ମୀମାନେ ନିଜ ଅଞ୍ଚଳରେ ୨୦ ଘରକୁ ଯିବେ। ସେଠାରେ ଚା' ପିଇବା ସହ ନରେନ୍ଦ୍ର ମୋଦି ସରକାରଙ୍କ ସଫଳତା ବଖାଣିବେ ଏବଂ ଭାଜପା ପାଇଁ ସମର୍ଥନ ଲୋଡ଼ିବେ। ପୁନଃ କ୍ଷମତାସୀନ ହେବାକୁ ଆଶାୟୀ ଥିବା ଭାଜପା ଘରେ ଘରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ବିଷୟରେ କହି ଲୋକଙ୍କ ମନ ଜିଣିବାକୁ ଦଳ ଉଦ୍ୟମ କରିବ। ଏଥିଲାଗି ଟି–୨୦ ଫର୍ମୁଲା ବାଦ୍ 'ହର୍ ବୁଥ୍ ଦଶ୍ ୟୁଥ୍' (ସବୁ ବୁଥ୍‌ରେ ଦଶ ଯୁବକ), ନମୋ ଆପ୍, ବୁଥ୍ 'ଟୋଲି' ଜରିଆରେ ଭୋଟରଙ୍କ ନିକଟତର ହେବାକୁ ଦଳୀୟ କର୍ମୀମାନଙ୍କୁ କୁହାଯାଇଛି। ଭାଜପା ସିଧାସଳଖ ଲୋକଙ୍କ ସହ ଯୋଡ଼ିହେବାକୁ ଚାହେଁ। ଚାରିବର୍ଷ ଭିତରେ ମୋଦି ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ସେ ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏମ୍‌ପି, ବିଧାୟକ, ସ୍ଥାନୀୟ ନେତା ଓ ବୁଥ୍‌ସ୍ତରୀୟ କର୍ମୀଙ୍କୁ ଭାଜପାର ଶୀର୍ଷସ୍ତରୀୟ ନେତୃବୃନ୍ଦ ପରାମର୍ଶ ଦେଇଛନ୍ତି।

୨୦୧୪ ନିର୍ବାଚନରେ ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ ଭାଜପା ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିଥିଲା। ୩–ଡି ରାଲି କରିଥିଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମୋଦି। ୩–ଡି ପ୍ରୋଜେକ୍ସନ୍ ଜରିଆରେ ସେ ପ୍ରଚାର କରି ବିପୁଳ ଜନସମର୍ଥନ ପାଇଥିଲେ। ଏଥର ମଧ ଟି–୨୦ ଫର୍ମୁଲା ସହିତ ନରେନ୍ଦ୍ର ମୋଦି ଆପ୍ (ନମୋ ଆପ୍)ର ନୂଆ ଭର୍ସନ ବ୍ୟବହାର ହେବ। ସବୁ ପୋଲିଂ ବୁଥ୍‌ରେ ୧୦୦ ଲୋକଙ୍କୁ ନମୋ ଆପ୍‌ରେ ସାମିଲ କରିବାକୁ ଭାଜପା ଯୋଜନା କରିଛି। ପ୍ରତି ବୁଥ୍‌ରେ ମୁଖ୍ୟ କର୍ମୀଙ୍କ ଏକ 'ଟୋଲି' ଟିମ୍ ପ୍ରସ୍ତୁତ ହେବ। ସେମାନେ ଦ୍ୱାର ଦ୍ୱାର ବୁଲି ସରକାରୀ ସରକାରୀ ଯୋଜନାରୁ ଲୋକେ ପାଉଥିବା ଫାଇଦା ସମ୍ପର୍କରେ ବୁଝାଇବେ। ସେହିପରି ସବୁ ବୁଥ୍‌ରେ ଅଧିକ ୨୦ କର୍ମୀଙ୍କୁ ସାମିଲ କରିବାକୁ ମଧ ଲକ୍ଷ୍ୟ ରଖାଯାଇଛି। ସେପଟେ କଂଗ୍ରେସ ମଧ ଭାଜପାକୁ ଅନୁସରଣ କରି ବୁଥ୍ ସ୍ତରରେ ଦଳକୁ ମଜଭୁତ କରିବାକୁ ଯୋଜନା ରଖିଛି। ଦେଶବ୍ୟାପୀ ୧ କୋଟି ବୁଥ୍ ସହକାରୀଙ୍କୁ ଏହା ନିଯୁକ୍ତ କରିବ।

### ପୁନଃ କ୍ଷମତା ପାଇଁ ରଣନୀତି

- ପ୍ରତି ବୁଥ୍‌ର ୨୦ ଘରକୁ ଯିବେ ଭାଜପା କର୍ମୀ
- ନମୋ ଆପ୍, ବୁଥ୍ 'ଟୋଲି'ରେ ହେବେ ସାମିଲ
- କର୍ମୀଙ୍କ ସହ ସିଧାସଳଖ ଯୋଡ଼ିହେବେ ମୋଦି
- ୧ କୋଟି ବୁଥ୍ ସହକାରୀଙ୍କୁ ନିଯୁକ୍ତ କରିବ କଂଗ୍ରେସ



### ସାଇବର ସେନା ପ୍ରସ୍ତୁତ

**ନୂଆଦିଲ୍ଲୀ, ୧୬।୯(ପି.ଟି.):** ଆଗାମୀ ନିର୍ବାଚନରେ ଦଳଗୁଡ଼ିକ ସୋସିଆଲ ମିଡିଆ ଏବଂ ଡାଟା ଆନାଲିଟିକ୍ସକୁ ମାଧ୍ୟମ କରି ଲୋକଙ୍କ ମନ ଜିଣିବାକୁ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ପ୍ରସ୍ତୁତି ମଧ ସରିଛି। ତେଣୁ ୨୦୧୯ରେ ସାଇବର ଯୁଦ୍ଧ ହେବ ବୋଲି କୁହାଯାଉଛି। କଂଗ୍ରେସ ଏବଂ ଭାଜପା ନିଜର ସାଇବର ସେନା ପ୍ରସ୍ତୁତ କରିସାରିଛନ୍ତି। ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଡାଟା ଆନାଲିଟିକ୍ସ ଓ ଯୋଗାଯୋଗ ରକ୍ଷା କରିବା ଲାଗି ହଜାର ହଜାର କର୍ମୀ ତାଲିମ ନେଲେଣି। ଏହି କ୍ରମରେ ଏଏପି ଏବଂ ସିପିଏମ୍ ମଧ ସାମିଲ ହୋଇଛନ୍ତି।

■ ଜେଏନ୍‌ୟୁ ଛାତ୍ର ସଂସଦ ନିର୍ବାଚନ: ଏବିଭିପିକୁ ଝଟକା

# ପୋଛିନେଲା ବାମ ମେଣ୍ଟ



**ନୂଆଦିଲ୍ଲୀ, ୧୬।୯(ପି.ଟି.)**

- ବାଲାଜୀ ସଭାପତି, ସାରିକା ଉପସଭାପତି
- ଖାତା ଖୋଲିପାରିଲେନି ଏନ୍‌ଏସ୍‌ୟୁଆଇ, ବାପ୍‌ସା

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ (ଜେଏନ୍‌ୟୁଏସ୍‌ୟୁ) ନିର୍ବାଚନ ଫଳାଫଳ ରବିବାର ଘୋଷଣା ହୋଇଛି। ଏଥର ଚାରି ବାମ ଦଳର ଛାତ୍ର ସଙ୍ଗଠନକୁ ନେଇ ଗଠିତ 'ୟୁନାଇଟେଡ୍ ଲେଫ୍ଟ' ମେଣ୍ଟ ବିଜୟ ଲାଭ କରିଛି। ଆର୍‌ଏସ୍‌ଏସ୍‌ର ଛାତ୍ରଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)କୁ ମାତ୍ ଦେଇ ଏହା କେନ୍ଦ୍ରୀୟ କମିଟିର ସମସ୍ତ ୪ ପଦବୀରେ ଜିତିଯାଇଛି। ବାମ ମେଣ୍ଟର ସଭାପତି ପ୍ରାର୍ଥୀ ଏନ୍. ସାଇ ବାଲାଜୀ ବିଜୟୀ ହୋଇଛନ୍ତି। ତାଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଥିବା ଏବିଭିପିର ଲଳିତ ପାଣ୍ଡେଙ୍କୁ ପରାଜୟର ମୁଖ ଦେଖିବାକୁ ପଡ଼ିଛି। ସବୁ ପଦ ପୋଛିନେବା ପରେ ବାମ ଦଳ ହାତରେ ଏବେ ଜେଏନ୍‌ୟୁ ଛାତ୍ର ସଂସଦ।

ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ନିର୍ବାଚନଲାଗିବାମସମର୍ଥିତସର୍ବଭାରତୀୟ ଛାତ୍ର ସଂଘ (ଏଆଇଏସ୍‌ଏ), ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ), ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଫେଡେରେଶନ (ଡିଏସ୍‌ଏଫ୍) ଏବଂ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେଶନ (ଏଆଇଏସ୍‌ଏଫ) ଏକାଠି ହୋଇ ମିଳିତ ବାମ ମେଣ୍ଟ ଗଠନ କରିଛନ୍ତି। ଛାତ୍ର ସଂସଦ ଦଖଲ ଲାଗି ଏହି ପ୍ରମୁଖ ଛାତ୍ର ସଙ୍ଗଠନର ନେତାମାନେ ହାତ ମିଳାଇ ଏବିଭିପି ବିରୋଧରେ ଲଢ଼େଇ କରିଥିଲେ। ଏଥିରେ ସେମାନେ ସଫଳ ହୋଇଛନ୍ତି। ଜେଏନ୍‌ୟୁ ନିର୍ବାଚନ କମିଟିର ସୂଚନା ମୁତାବକ ଏଆଇଏସ୍‌ଏର ଛାତ୍ରନେତା ବାଲାଜୀ ଏବିଭିପିର ଲଳିତଙ୍କୁ ୧,୧୭୯ ଖଣ୍ଡ ଭୋଟରେ ହରାଇଛନ୍ତି। ବାଲାଜୀଙ୍କୁ ମିଳିଛି ୨,୧୬୧ ଛାତ୍ରଙ୍କ ସମର୍ଥନ। ଉପସଭାପତି ପଦରେ ଡିଏସ୍‌ଏଫ୍ ନେତ୍ରୀ ସାରିକା ଚୌଧୁରୀ ଏବିଭିପି ପ୍ରାର୍ଥୀ ଗୀତାଶ୍ରୀ ବୋରୁଆଙ୍କୁ ୧,୬୮୦ ଭୋଟ ବ୍ୟବଧାନରେ ପଛରେ ପକାଇଛନ୍ତି। ସାରିକାଙ୍କୁ ମିଳିଛି ୨,୬୯୨ ଖଣ୍ଡ ଭୋଟ। ସେହିପରି ସାଧାରଣ ସମ୍ପାଦକ ପଦରେ ଏସ୍‌ଏଫ୍‌ଆଇ ନେତା ଐଜାଜ୍ ଅହମଦ ଏବଂ ଯୁଗ୍ମ ସମ୍ପାଦକ ପଦରେ ଏଆଇଏସ୍‌ଏଫ୍‌ର ଅମୁଥା ବିଜୟ ଲାଭ କରିଛନ୍ତି।

ବିଜୟୀ ସଭାପତି ବାଲାଜୀ ହେଉଛନ୍ତି ଜେଏନ୍‌ୟୁର ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ର ଛାତ୍ର। ଚୌଧୁରୀ, ଅହମଦ ଏବଂ ଅମୁଥା ସ୍କୁଲ ଅଫ୍ ସୋସିଆଲ ସାଇନ୍ସରେ ପଢୁଛନ୍ତି। ବାମ ମେଣ୍ଟ ଏବଂ ଏବିଭିପି ବାଦ୍ କଂଗ୍ରେସର ଛାତ୍ର ସଙ୍ଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ଏବଂ ଦଳିତଙ୍କ ପାଇଁ ସ୍ୱର ଉଠାଉଥିବା ବିର୍ସା ଆମ୍ବେଡକର ଫୁଲେ ଷ୍ଟୁଡେଣ୍ଟସ୍ ଆସୋସିଏଶନ (ବାପ୍‌ସା) ମଧ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀ ଦେଇଥିଲେ। କିନ୍ତୁ ଏହି ଦୁଇ ସଙ୍ଗଠନ ମଧ ଖାତା ଖୋଲିପାରି ନାହାନ୍ତି। ଗତବର୍ଷ ମଧ ବାମ ଛାତ୍ର ସଙ୍ଗଠନ ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ କମିଟିରେ ଚାରୋଟି ଯାକ ପଦରେ ଜିତିଥିଲେ।

ପ୍ରକାଶ ଯେ, ଶୁକ୍ରବାର ଜେଏନ୍‌ୟୁଏସ୍‌ୟୁ ନିର୍ବାଚନ ପାଇଁ ୬୭.୮ ପ୍ରତିଶତ ମତଦାନ ହୋଇଥିଲା। ଭୋଟଗଣତିକୁ ନେଇ ଶନିବାର ବିବାଦ ଉପୁଜିଥିଲା।

# ଜେଡିୟୁରେ ପ୍ରଶାନ୍ତ କିଶୋର



**ପାଟନା, ୧୬।୯(ପି.ଟି.)**

ଖ୍ୟାତନାମା ନିର୍ବାଚନ ରଣନୀତି ପ୍ରସ୍ତୁତକାରୀ ପ୍ରଶାନ୍ତ କିଶୋର ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଜେଡିୟୁରେ ଯୋଗଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପୂର୍ବରୁ ନୀତୀଶ ତାଙ୍କୁ ଜେଡିୟୁରେ ସାମିଲ କରିଛନ୍ତି। ତେଣୁ ଏବେ ୪୧ ବର୍ଷୀୟ ପ୍ରଶାନ୍ତ ରଣନୀତିଜ୍ଞରୁ ଜେଡିୟୁ ନେତା ପାଲଟିଯାଇଛନ୍ତି ବୋଲି ଦଳର ମୁଖପାତ୍ର ସଞ୍ଜୟ ସିଂ କହିଛନ୍ତି। ରାଜନୀତିରେ ନୂଆ ଯାତ୍ରା ଆରମ୍ଭ କରିଥିବା ଖୋଦ୍ ପ୍ରଶାନ୍ତ ମଧ ଟୁଇଟ୍ କରିଛନ୍ତି। ତେବେ ତାଙ୍କୁ ଜେଡିୟୁରେ କେଉଁ ଦାୟିତ୍ୱ ମିଳିବ, ତାହା ଜଣାପଡ଼ି ନାହିଁ। ଲୋକ ସଭା ନିର୍ବାଚନର କିଛିମାସ ପୂର୍ବରୁ ପ୍ରଶାନ୍ତ ଜେଡିୟୁରେ ମିଶିବା ନୀତୀଶଙ୍କ ପାଇଁ ବଡ଼ ବଳ ବୋଲି କୁହାଯାଉଛି।

ବିହାରର ବକ୍ସର ଜିଲା ନିବାସୀ ପ୍ରଶାନ୍ତ ୨୦୧୪ରେ ଖବରର ଶିରୋନାମାରେ ସ୍ଥାନ ପାଇଥିଲେ। ସେତେବେଳେ ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇଥିବା ନରେନ୍ଦ୍ର ମୋଦିଙ୍କ ପାଇଁ ସେ ନିର୍ବାଚନ ପ୍ରଚାରର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏହା ଫଳପ୍ରଦ ହୋଇଥିଲା। ବର୍ଷେ ପରେ ବିହାର ବିଧାନସଭା ନିର୍ବାଚନରେ ସେ ନୀତୀଶଙ୍କ ପାଇଁ ମଧ ରଣନୀତି ପ୍ରସ୍ତୁତକାରୀ ଭାବେ କାର୍ଯ୍ୟ କଲେ । ଆର୍‌ଜେଡି ଓ କଂଗ୍ରେସ ସହ ସେତେବେଳେ ମେଣ୍ଟ କରି ଲଢୁଥିବା ଜେଡିୟୁକୁ ଅନେକ ସଫଳତା ମିଳିଥିଲା। ଖୁସି ହୋଇ ନୀତୀଶ ତାଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତ କଲେ। ଏହାପରେ ପ୍ରଶାନ୍ତ ପଞ୍ଜାବ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ କାମ କଲେ। ସେଠାରେ ଶିରୋମଣି ଅକାଳୀ ଦଳକୁ ଗାଦିଚ୍ୟୁତ କରିବାରେ ସଫଳ ହେଲା କଂଗ୍ରେସ। ତେବେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ ପ୍ରଶାନ୍ତଙ୍କ ରଣନୀତି କାମ ଦେଲା ନାହିଁ।

## ଫୁର୍‌ସତ

### ପୋର୍ଟେବଲ୍ ଅଲଟ୍ରାସାଉଣ୍ଡ ମେଶିନ୍



**ଟରଣ୍ଟୋ:** ବୈଜ୍ଞାନିକମାନେ ଏକ କ୍ଷୁଦ୍ର ଅଲଟ୍ରାସାଉଣ୍ଡ ମେଶିନ୍ ବିକାଶ କରିଛନ୍ତି। ଏହା ସ୍ମାର୍ଟଫୋନ୍ ଦ୍ୱାରା ଶକ୍ତିସମ୍ପନ୍ନ ହୋଇପାରିବ। ଏହାଦ୍ୱାରା ମେଡିକାଲକୁ ଯାଇ ସ୍କାନିଂ କରିବାରେ ହେଉଥିବା ବ୍ୟୟଭାରକୁ ହ୍ରାସ କରାଯାଇପାରିବ।

ପାରମ୍ପରିକ ଅଲଟ୍ରାସାଉଣ୍ଡ ମେଶିନ୍‌ରେ ପିଜୋଇଲେକ୍ଟ୍ରିକ୍ କ୍ରିଷ୍ଟାଲ୍ ବ୍ୟବହାର ହୋଇଥାଏ। ଏହାଦ୍ୱାରା ଶରୀର ଭିତର ଫଟୋକୁ କମ୍ପ୍ୟୁଟର ସ୍କ୍ରିନ୍‌ରେ ପ୍ରତିଫଳିତ କରାଯାଏ। କାନାଡାସ୍ଥିତ ୟୁନିଭର୍ସିଟି ଅଫ୍ ବ୍ରିଟିଶ୍ କଲମ୍ବିଆ(ୟୁବିସି)ର ଇଞ୍ଜିନିୟରମାନେ ଏହି ଡିଭାଇସ୍ ବିକାଶ କରିଛନ୍ତି। ଅଲଟ୍ରାସାଉଣ୍ଡ ସ୍କାନର ଅପେକ୍ଷା ଏହାର ଦାମ୍ ଖୁବ୍ କମ୍।

### ଦେଶର ପ୍ରଥମ ଡଗ୍ ପାର୍କ




**ହାଇଦ୍ରାବାଦ୍:** ସ୍ଥାନୀୟ କୋଣ୍ଡାପୁରଠାରେ ଦେଶରେ ପ୍ରଥମ 'ଡଗ୍ ପାର୍କ' ଉଦ୍‌ଘାଟିତ ହେବାକୁ ଯାଉଛି। ୧.୩ ଏକର ବିଶିଷ୍ଟ ଉକ୍ତ ପାର୍କ ଗ୍ରେଟର ହାଇଦ୍ରାବାଦ୍ ମ୍ୟୁନିସିପାଲ କର୍ପୋରେଶନ୍ (ଜିଏଚ୍‌ଏମ୍‌ସି) ଦ୍ୱାରା ନିର୍ମାଣ କରାଯାଇଛି। ଏଥିପାଇଁ ୧.୧ କୋଟି ଟଙ୍କା ବ୍ୟୟ ହୋଇଛି। ପୂର୍ବରୁ ଏହି ସ୍ଥାନ ଏକ ଡମ୍ପିଂ ୟାର୍ଡ ଥିଲା। ଆସନ୍ତା ୧୦ ଦିନ ମଧ୍ୟରେ ଏହି ପାର୍କ ଉଦ୍‌ଘାଟନ କରାଯିବ।

ଏଠାରେ କୁକୁର ତାଲିମ କେନ୍ଦ୍ର, ବ୍ୟାୟାମ ଉପକରଣ, ଦୁଇଟି ଲନ୍, ବଡ ଓ ଛୋଟ କୁକୁରଙ୍କ ନିମନ୍ତେ ପୃଥକ୍ ଆବଦ୍ଧ ଗୃହ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି। ଏହା ହେଉଛି ଦେଶର ପ୍ରଥମ ପ୍ରମାଣିତ ଡଗ ପାର୍କ ବୋଲି ଜିଏଚ୍‌ଏମ୍‌ସିର ଜୋନାଲ କମିଶନର ଡି. ହରିଚନ୍ଦନା ପ୍ରକାଶ କରିଛନ୍ତି। ହରିଚନ୍ଦନା ନିଜେ କୁକୁର ପ୍ରିୟ। ସେ ଦେଶ ବାହାରେ ଏଭଳି ଡଗ୍‌ପାର୍କ ଦେଖିଛନ୍ତି। ସେଭଳି ଅନ୍ତର୍ଜାତୀୟ ମାନର ଡଗ୍‌ପାର୍କ ଏଠାରେ କାହିଁକି ପ୍ରତିଷ୍ଠା କରାଯାଇ ପାରିବ ନାହିଁ ବୋଲି ତାଙ୍କ ମନରେ ପ୍ରଶ୍ନ ଉଠିଥିଲା। ଏଥିପାଇଁ ଡିଜାଇନର, ପୋଷା ଜୀବ ପରାମର୍ଶଦାତାଙ୍କୁ ଡକାଯାଇ ଯଥାସ୍ଥାନରେ ଉପକରଣମାନ ସ୍ଥାପନ କରାଯାଇଛି। ସର୍ଭେ ଅନୁଯାୟୀ, ଦେଶର ପଶ୍ଚିମ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍‌ରେ ୨.୫ ଲକ୍ଷ ପୋଷା କୁକୁର ରହିଥିବା ବେଳେ ଉକ୍ତ ପାର୍କ ସେମାନଙ୍କ ପାଇଁ ନିକଟବର୍ତ୍ତୀ ହୋଇପାରିବ। ଜନସାଧାରଣ ସେମାନଙ୍କ ପୋଷା କୁକୁର ଆଣି ପାର୍କରେ ବିଭିନ୍ନ ସୁବିଧାର ସୁଯୋଗ ନେଇପାରିବେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ସମେତ ବିଭିନ୍ନ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି। ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୬ | ୨୪.୪ |
| ଚାନ୍ଦବାଲି | ୩୧.୮ | ୨୫.୦ |
| କଟକ | ୩୦.୫ | ୨୩.୨ |
| ପାରାଦ୍ୱୀପ | ୨୯.୭ | ୨୫.୯ |
| ଭୁବନେଶ୍ୱର | ୩୧.୦ | ୨୪.୨ |
| ଗୋପାଳପୁର | ୩୫.୮ | ୨୬.୯ |
| ପୁରୀ | ୩୧.୬ | ୨୫.୨ |
| ଅନୁଗୋଳ | ୩୨.୭ | ୨୨.୬ |
| ବାରିପଦା | ୩୩.୪ | ୨୫.୫ |
| ଝାରସୁଗୁଡ଼ା | ୩୨.୫ | ୨୫.୦ |
| କେନ୍ଦୁଝର | ୩୦.୮ | ୨୨.୬ |
| ସମ୍ବଲପୁର | ୩୪.୮ | ୨୫.୦ |
| ସୁନ୍ଦରଗଡ଼ | ୩୨.୦ | ୨୦.୫ |
| ହୀରାକୁଦ | ୩୨.୫ | ୨୫.୬ |
| ତାଳଚେର | ୩୨.୦ | ୨୫.୬ |
| ଭବାନୀପାଟଣା | ୩୨.୨ | ୨୩.୪ |
| ବଲାଙ୍ଗୀର | ୩୪.୦ | ୨୬.୦ |
| କୋରାପୁଟ | ୨୮.୬ | ୧୯.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୪.୫ |
| ମାଲକାନଗିରି | ୨୭.୦ | --- |
| ସୋନପୁର | ୩୪.୨ | ୨୪.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୨୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍




### ଆଦର୍ଶ ମା'ର ଭାବମୂର୍ତ୍ତି ପ୍ରତିଷ୍ଠା କରିଛି ଫିଲ୍ମ

**ନୂଆଦିଲ୍ଲୀ:** ଟିଭି ଓ ଫିଲ୍ମ ପରଦାରେ ଅଭିନୟ କରିବା ଦ୍ୱାରା ଜଣେ ମହିଳା ପାଇଁ ଆଦର୍ଶ ମା'ର ଭାବମୂର୍ତ୍ତି ପ୍ରତିଷ୍ଠା ହୋଇପାରେ। ପ୍ରଥମ କରି ଅଭିନୟରେ ପାଦ ଦେଉଥିବା ଅଧିକାଂଶ ମହିଳା ଏହି ଅନୁଭୂତି ହାସଲ କରିଥାଆନ୍ତି। ଜଣେ ଆଦର୍ଶ ମା'ର ଭୂମିକା ହେଉଛି ସେ ଖାଦ୍ୟ ପ୍ରସ୍ତୁତ କରେ। ପିଲା ଓ ପରିବାର ନିମନ୍ତେ ନିଜକୁ ଉତ୍ସର୍ଗ କରେ। ପିଲା ଯଦି ଭାବେ, ମୋ ମା' ହେଉଛି ଜଣେ ଆଦର୍ଶ ମହିଳା ତେବେ ତାହା ହିଁ ଯଥାର୍ଥ। ବର୍ତ୍ତମାନ ସୋସିଆଲ ମିଡିଆର ଯୁଗ। ଏହାଦ୍ୱାରା ଅନେକ କିଛିର ପରିବର୍ତ୍ତନ ଘଟୁଛି। ତେବେ କୌଣସି ବ୍ୟକ୍ତି ଏହାର ପ୍ରଭାବରୁ ସେମାନଙ୍କ ପିଲାଙ୍କୁ ମୁକ୍ତ କରିପାରିବ ନାହିଁ। ତାଙ୍କ ପିଲା ଅଭିନୟ କ୍ଷେତ୍ରରେ କେବେ ପ୍ରତିବନ୍ଧକ ହୋଇନାହାନ୍ତି ବୋଲି କାଜଲ ମୁଖାର୍ଜୀ ପ୍ରକାଶ କରିଛନ୍ତି। ଅବଶ୍ୟ ଶୈଶବାବସ୍ଥାରେ ପିଲାମାନେ, ମୁଁ କାହିଁକି ବାହାରକୁ ଯାଉଛି ବୋଲି ପ୍ରଶ୍ନ କରନ୍ତି। କିନ୍ତୁ ମୋ ଝିଅ ଏବେ କହୁଛି, ମା' ମୁଁ ତୋ ପାଇଁ ଖୁବ୍ ଗର୍ବିତ। ଝିଅର ଏହି ସ୍ୱୀକୃତି ପାଇବାପରେ ଏହା ଅପେକ୍ଷା ଅଧିକ କିଛି ପାଇ ଗର୍ବ କରିବି ତାହା ମୁଁ ଭାବିପାରୁ ନାହିଁ। ମୋ ସେଲିବ୍ରିଟି ମାନ୍ୟତା ଦ୍ୱାରା ପିଲାମାନେ ପ୍ରଭାବିତ ନୁହନ୍ତି। ସେମାନେ ଯଥାସମ୍ଭବ ସ୍ୱାଭାବିକ ଜୀବନଯାପନ କରନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

## ସଂକ୍ଷେପରେ

### ବିଜେଡ଼ିର ପଞ୍ଚାୟତସ୍ତରୀୟ ବୈଠକ

ରେଢ଼ାଖୋଲ,୧୬।୯(ଡିଏନଏ)

ରେଢ଼ାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତର କୁଦୋପାଲଠାରେ ରବିବାର ବିଜୁ ଜନତା ଦଳର ଏକ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଉଦିତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଦୋଲଗୋବିନ୍ଦ ପ୍ରଧାନ, ହାଡିବନ୍ଧୁ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ବସନ୍ତ ପ୍ରଧାନ, ରାଜକିଶୋର ପ୍ରଧାନ, ସତ୍ୟା ସାମଲ, ଖଗେଶ୍ୱର ପ୍ରଧାନ, ଧନେଶ୍ୱର ପ୍ରଧାନ, କେଶବ ପ୍ରଧାନ, ଛବିଳ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବୁଥ କମିଟି ଓ ସଙ୍ଗଠନ ଉପରେ ଆଲୋଚନା ହୋଇଥିଲା। ବଂଶାଜାଲ ପଞ୍ଚାୟତର ସଭାପତି ଭାବେ ନିଳାମ୍ବର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା।

### ସିଟି ଷ୍ଟେଶନରେ ଅନ୍ତର୍ଜାତୀୟ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୬।୯(ବ୍ୟୁରୋ)

ଆନ୍ତର୍ଜାତୀୟ ମାଷ୍ଟର୍ସ ଆଥଲେଟ୍ ରେଖା ଦେ ଓ ନମିତା ପଟେଲଙ୍କୁ ରବିବାର ରାତିରେ ସମ୍ବଲପୁର ସିଟି ଷ୍ଟେଶନଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଓଡିଶା ପୋଲିସ ହାବିଲଦାର କନଷ୍ଟେବଲ୍ ସମ୍ବଲପୁର ଶାଖା ସଭାପତି ରାମଦାସ ପଣ୍ଡା, ସାଧାରଣ ସମ୍ପାଦକ ସୁଶାନ୍ତ ସାହୁ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ଖଡିଆ ପୁଷ୍ପଗୁଚ୍ଛ ଦେଇ ରେଖା ଓ ନମୀତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସମ୍ବଲପୁର ଆଥେଲେଟିକ୍ କ୍ଲବ, ବଡବଜାର ନେତାଜୀ ସୁବାଷ ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମାଲେସିଆର ପେନାଙ୍ଗ ସହରରେ ପ୍ରଥମ ଏସିଆ ପେସିଫିକ୍ ମାଷ୍ଟର୍ଷ କ୍ରୀଡା ପ୍ରତିଯୋଗିତା ଗତ ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ସମ୍ବଲପୁରର ନମିତା ୪୫ବର୍ଷ ମହିଳା ବର୍ଗ ଜାଭିଲେନରେ ରୌପ୍ୟ ଓ ଡିସକସ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ରେଖା ୪୦ବର୍ଷ ବର୍ଗର ୧୦୦ମିଟର ଦୌଡରେ ରୌପ୍ୟ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଛନ୍ତି।

### ବ୍ରାହ୍ମଣୀନାଳ ପୋଲ କାମ ନିମ୍ନମାନର

ହେମଗିର, ୧୬।୯ (ଡି.ଏନ.ଏ.)

ଏମ୍‌ସିଏଲ ଅନୁଦାନରେ ବରପାଲି ଛକରୁ କନିକା ସାଇଡିଂ ପର୍ଯ୍ୟନ୍ତ ପ୍ରାୟ ୧୮କି.ମି. ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ କାମ ଚାଲିଛି। ଏହି ରାସ୍ତାର ଅଟକଳ ପରିମାଣ ପ୍ରାୟ ୨୦୦ କୋଟି ଟଙ୍କା ରହିଛି। ରାସ୍ତାଟି ପିଡବ୍ଲୁଡି ଅଧୀନରେ ରହିଛି। ଏମସିଏଲ ଦୀର୍ଘ ଦିନ ଧରି କିନ୍ତୁ ଏହି ରାସ୍ତାରେ କୋଇଲା ପରିବହନ କରି ଚାଲିଛି। ଏଣୁ ଦୁର୍ଘଟଣା ଘଟୁଛି। ପ୍ରଦୂଷଣ ବି ହେଉଛି। ଏଣୁ ଲୋକଙ୍କ ଦାବି ଯୋଗୁ ଏମ୍‌ସିଏଲ୍ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ଅନୁଦାନ ରାଶି ଦେଇଛି। ଜିଆର୍ ଇନଫ୍ରାଷ୍ଟ୍ରକ୍ଟର୍ ଉକ୍ତ ରାସ୍ତା କାମ ହାତକୁ ନେଇଛି। ତେବେ ଏହି ଚାରିଥାକିଆ ରାସ୍ତାରେ ହେମଗିର ଓ କନିକା ମଝିରେ ବ୍ରାହ୍ମଣୀ ନାଳା ପଡେ। ୨୦୦୩ ନାଳା ଉପରେ ପୋଲ ନିର୍ମାଣ ହୋଇଥିଲା। ହେଲେ ସେହି ପୋଲଟି ଦୁର୍ବଳ ହୋଇ ଭାଙ୍ଗି ଗଲା। ଏଣ ଗତ ଡିସେମ୍ବରରେ ତାହାକୁ ଭାଙ୍ଗି ଦିଆଗଲା। ଏମସିଏଲ ଏବେ ନୂତନ ପୋଲ ନିର୍ମାଣ କରିଛି। ହେଲେ ନିର୍ମାଣର ୪ ମାସ ନ ପୂରୁଣୁ ସେଥିରେ ଫାଟ ସୃଷ୍ଟି ହୋଇଛି।

---

ସମ୍ବଲପୁର ସର୍କଲ ଜେଲ ଉପରେ କୋର୍ଟ ବନ୍ଦର ପ୍ରଭାବ

# ପାଇଖାନା ପାଇଁ ଲମ୍ବା ଲାଇନ, ରହିବାରେ ସମସ୍ୟା

ସମ୍ବଲପୁର,୧୬।୯(ବ୍ୟୁ.ରୋ.)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସେପ୍ଟେମ୍ବର ୫ତାରିଖଠାରୁ ଜିଲାର ସମସ୍ତ କୋର୍ଟ କଚେରି ବନ୍ଦ ହେବା ସହ ଓକିଲମାନେ ଧାରଣାରେ ବସିଛନ୍ତି। ସେହିପରି ହାଇକୋର୍ଟରେ ମଧ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରିବା ସହ କୋର୍ଟ କାର୍ଯ୍ୟ ବନ୍ଦ ରହୁଛି। ଏହାର ସିଧାସଳଖ ପ୍ରଭାବ ସମ୍ବଲପୁର ମଣ୍ଡଳ କାରାଗାରରେ ପଡିଛି। ଆବଶ୍ୟକଠାରୁ ଅଧିକ ବିଚାରାଧୀନ କଏଦୀ ଥିବାରୁ ଜେଲ ଭିତରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ଶୌଚ ପାଇଁ ପାଇଖାନା ସମ୍ମୁଖରେ ଲମ୍ବା ଲାଇନରେ କଏଦୀମାନେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇଛନ୍ତି। ଏପରିକି ପାଇଖାନା ଅପରିଷ୍କାର ହେଉଛି। ସେହିପରି ଗାଧୋଇବାରେ ମଧ ସମସ୍ୟା ଦେଖାଦେଉଛି। କୋଠରି କାମ ଥିବାରୁ ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ କଏଦୀ ଗୋଟିଏ କୋଠରିରେ ରହୁଛନ୍ତି। ଖାଇବାରେ ମଧ ଲମ୍ବା ଲାଇନ ଲାଗିବାକୁ ପଡୁଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ମଣ୍ଡଳ କାରାଗାରରେ ପୁରୁଷ ୫୧୯, ମହିଳା ୨୨ ମୋଟ ୫୪୨ କଏଦୀ ରହିବାର ବ୍ୟବସ୍ଥା ରହିଛି। ହେଲେ ମିଳିଥିବା ରିପୋର୍ଟ ଅନୁଯାୟୀ ରବିବାର ମୋଟ ୮୩୬ କଏଦୀ ରହିଛନ୍ତି। ୨୯୪ କଏଦୀ ଅଧିକ ସଂଖ୍ୟାରେ ରହିଛନ୍ତି। ତେଣୁ ଏହି ସମସ୍ୟା ଏବେ ଜେଲ କର୍ତ୍ତୃପକ୍ଷଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ୫୧୪ଜଣ ରହିବାର କ୍ଷମତା ଥିଲେ ମଧ ନିୟମିତ ଭାବେ ପ୍ରାୟ ୧୦୦ଜଣ ଅର୍ଥାତ୍ ୬୦୦ରୁ ୬୩୦ଜଣ କଏଦୀ ରହିଲେ ବିଶେଷ ଅସୁବିଧା ହୋଇ ନ ଥାଏ। ଏତେ ମାତ୍ରାରେ କଏଦୀ ସଂଖ୍ୟା ବଢି ଯିବାରୁ ଜେଲ ଭିତରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ଏପଟେ କୋର୍ଟ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିବାକୁ ନେଇ ଜିଲା ଓକିଲ ସଂଘ ନିଷ୍ପତ୍ତି ନେଇଥିବାବେଳେ ପ୍ରଶାସନ ଏ ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ମନୁଷ୍ୟଙ୍କୁ ଏଭଳି ଜେଲ ଭିତରେ ରଖିବା ମାନବାଧିକାରର ନିୟମକୁ ଉଲ୍ଲଂଘନ କରୁଛି। ଜେଲ ଭିତରେ ରହିବା ସମୟରେ କଏଦୀମାନଙ୍କୁ ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟ ଉପରେ ସେବା ଯୋଗାଇ ଦେବାର ନିୟମ ରହିଛି। ହେଲେ ସମ୍ବଲପୁର ସର୍କଲ ଜେଲରେ ଏହାର ବ୍ୟତିକ୍ରମ ସ୍ପଷ୍ଟ ଅନୁମେୟ। ଏ ନେଇ ଜେଲ ଅଧିକାରୀ ସୌଭାଗ୍ୟ ବଳଙ୍କୁ ପଚାରିବାରୁ ସମସ୍ୟା ଦେଖାଦେଇଛି। ହେଲେ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ ଜଣାଇ ଦିଆଯାଇଛି। ଶୀଘ୍ର କିଛି ସମାଧାନ ନ କଲେ ପରିସ୍ଥିତି ଜଟିଳ ହେବ ବୋଲି ସେ କହିଛନ୍ତି।

---

ଟ୍ରାକ୍ଟର ଦୁର୍ଘଟଣା ଗ୍ରସ୍ତ

## ମାମଲା ଚପାଇ ଦେବାକୁ ପୋଲିସର ଉଦ୍ୟମ

ସମ୍ବଲପୁର,୧୬।୯(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ପଡ଼ିଆବଡ଼ମାଲ ଗ୍ରାମସ୍ଥିତ ଯୋର ନିକଟରେ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଡ୍ରାଇଭର ଉପରେ ଟ୍ରାକ୍ଟରଟି ମାଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ବିଳମ୍ବରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାକୁ ଚପାଇ ଦେବାକୁ ପୋଲିସ ଉଦ୍ୟମ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ଡ୍ରାଇଭର ଛଟକୁ ସିଂ ଟ୍ରାକ୍ଟରକୁ ନଦୀ ଭିତରକୁ ନେଉଥିଲା। ସେହି ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇଥିଲା। ଏଥିରେ ଡ୍ରାଇଭର ଗାଡ଼ିରୁ ଖସି ପଡ଼ିଥିଲେ।

---

## ସିଦ୍ଧିବିନାୟକ କମିଟିର ରକ୍ତଦାନ ଶିବିର



ରକ୍ତଦାନ ଶିବିରକୁ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୧୬।୯(ବ୍ୟୁରୋ)

ଅଇଁଠାପାଲି ତଳିଛକ ସିଦ୍ଧି ବିନାୟକ କମିଟି ପକ୍ଷରୁ ରକ୍ତଦାନ ଶିବିର ରବିବାର ସମ୍ବଲପୁର ପ୍ରେସ କ୍ଲବ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ୫ବର୍ଷ ହେବ ସିଦ୍ଧି ବିନାୟକ କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି। ସମ୍ବଲପୁର ପ୍ରେସ କ୍ଲବ୍, ଉତ୍ସର୍ଗ, ସମ୍ବଳ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। କମିଟିର ସୁବ୍ରତ ସାହୁ, ଆଲୋକ ଦାଶ, ହେମନ୍ତ ସାହୁ, ବିନୋଦ ସାହୁ, ରାଜେଶ ରାଉଲ, ସୁନୀଲ ମେହେର, ସରୋଜ ନାୟକ, ସାନ୍ତନୁ ସାହୁ, ଉପଦେଷ୍ଟା ରାମଶଙ୍କର ସାହୁ, ଗିରିଜା ଶଙ୍କର ସାହୁ, ସଞ୍ଜୀବ କୁମାର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

---

ରାଜ୍ୟ ଜୁଡୋ ଚାମ୍ପିୟନଶିପ୍- ୨୦୧୮

## ସମ୍ବଲପୁରକୁ ୮ସ୍ୱର୍ଣ୍ଣ, ୪ ରୌପ୍ୟ, ୩ ବ୍ରୋଞ୍ଜ ପଦକ

ସମ୍ବଲପୁର, ୧୬।୯ (ବ୍ୟୁରୋ)

ରାଜ୍ୟ ଜୁଡୋ ଚାମ୍ପିୟନଶିପ୍-୨୦୧୮ ରବିବାର ରାତିରେ ଜଗତସିଂହପୁର ଜିଲା ପାରାଦୀପଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସମ୍ବଲପୁରର ଖେଳାଳିମାନେ ୮ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସାହାନାଜ୍ ଖାତୁନ୍, ଶିବାନୀ ଅଗ୍ରୱାଲ, ରୋଶନି ସିଂ, ଗାୟତ୍ରୀ ମିଶ୍ର, ଅମନ ଗୋଏଲ, ଆଶିଷ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଦିବ୍ୟଲକ୍ଷ୍ମୀ ମାଝି, ଶିବପ୍ରସାଦ ରାୟ, ସଗୁନ ଅଗ୍ରୱାଲ ଓ ସ୍ନିଗ୍ଧାରାଣୀ ମାଝି ରୌପ୍ୟ ପଦକ ଏବଂ ପ୍ରିୟଙ୍କା ମିତ୍ତଲ, ସୋନୁପ୍ରସାଦ ସୋନାର, ରଶ୍ମିରଞ୍ଜନ କର ବ୍ରୋଞ୍ଜ ପଦକ ହାସଲ କରିଥିବା ଜିଲା ଜୁଡୋ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

---

## ଦୟାମଣୀ ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୧୬।୯(ବ୍ୟୁରୋ)



ଦୟାମଣୀ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ସମ୍ବଲପୁର ମହାନଗର ନିଗମ ଦୁର୍ଗାପାଲିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମଠାରେ ରବିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬୬ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସମ୍ବଲପୁର ପିଡିଡିଆରଡିଏ ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ଦୟାମଣୀ ବୃଦ୍ଧାଶ୍ରମ ସଭାନେତ୍ରୀ ପ୍ରମିଳା ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡା. ଇପସିତ ପଣ୍ଡା, ଡା. ଆରଏନ ଗୁରୁ, ଡା. ଅଂଶୁମାନ ମିଶ୍ର, ଡା. ଜ୍ୟୋତିର୍ମୟୀ ସ୍ୱାଇଁ, ଡା. ପୂଜା ଦାଶ, ଡା. ନିବେଦିତା ଗୁରୁ, ଡା. ତଥାଗତ ରଥ, ଡା. ରବିନାରାୟଣ ମିଶ୍ର, ଡା. ସଜନ୍ କୁମାର ପଂଶାରୀ, ଡା. ସୁବୋଧ ନାୟକ, ଡା. ଏମ. ତ୍ରିପାଠୀ, ଡା. ରାହୁଲ ଅଗ୍ରୱାଲ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା. ସୁରେଶ ଚନ୍ଦ୍ର ଦାନୀ, ଡା. ରମାବଲ୍ଲଭ ମିଶ୍ର, ଡା. ଲକ୍ଷ୍ମୀନାରାୟଣ ରଥ, ଅଶୋକ ସେନାପତି, ଡା. ପ୍ରତିଭା ଦେବୀ, ଅଶୋକ ପଟ୍ଟନାୟକ, ଇଂ. ଶ୍ରୀକାନ୍ତ ପାଣିଗ୍ରାହୀ, ସୂର୍ଯ୍ୟନାରାୟଣ ପଣ୍ଡା, ରଘୁମଣୀ ପାଣ୍ଡିଆ, ଲୁଲୁ ଦାନୀ, ଭୀମସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ ଗୁପ୍ତା, ଭୀମସାର ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ବ୍ରଜବନ୍ଧୁ ମିଶ୍ର, ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ଭାରତ ଦାଶ ଶିବିରରେ ଯୋଗଦେଇ ରୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

---

# ରେଢ଼ାଖୋଲରେ ନୂଆଁମୁଣ୍ଡା ପୂଜା

ରେଢ଼ାଖୋଲ,୧୬।୯(ଡି.ଏନ.ଏ.)

### ରାଜବାଟୀକୁ ଆସିଲେ ଅନ୍ଧାରିବାଉତି

ରେଢ଼ାଖୋଲରେ ରବିବାର ନୂଆଁମୁଣ୍ଡା ପୂଜା ଅନୁଷ୍ଠିତ ହୋଇଯାଇଛି। ରାଜା ରାଜୁଡା ଅମଳରୁ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ପର ରବିବାର ଦିନ ନୂଆଁମୁଣ୍ଡା ପୂଜା ଅନୁଷ୍ଠିତ ହୋଇଥାଏ। ପ୍ରଚଳିତ ପ୍ରଥା ଅନୁଯାୟୀ ରେଢ଼ାଖୋଲର ନୂଆଁମୁଣ୍ଡା ପୂଜା ପରେ ଗ୍ରାମମାନଙ୍କରେ ଥିବା ଗ୍ରାମଦେବୀମାନଙ୍କୁ ପୂଜା କରାଯାଇ ନୂଆଁଖାଇ ଉତ୍ସବ ପାଳିତ ହୋଇଥାଏ। ଏହି କ୍ରମରେ ରବିବାର ପୂର୍ବାହ୍ନରେ ମା'ଅନ୍ଧାରବାଉତୀଙ୍କୁ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ରାଜବାଟୀସ୍ଥିତ ରେଢ଼ାଖୋଲର ଆରାଧ ଦେବତା ପଞ୍ଚଖଣ୍ଡା ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ତା'ପରେ ରାଜପରିବାର ସଦସ୍ୟ ଓ ରେଢ଼ାଖୋଲର ଜନସାଧାରଣଙ୍କ ମିଳିତ ସହଯୋଗରେ ନୂଆଁମୁଣ୍ଡାପୂଜା ଅନୁଷ୍ଠିତ ହୋଇଥିଲା। ଘଣ୍ଟ ଶଙ୍ଖ ଢୋଲ ନିଶାଣ ବଜାଇ ଏକ ଶୋଭାଯାତ୍ରାରେ ପଞ୍ଚଖଣ୍ଡା ଓ ଅନ୍ଧାରବାଉତୀ ଦେବୀଙ୍କୁ ନୁଆମୁଣ୍ଡା ପୂଜା ସ୍ଥଳକୁ ନିଆଯାଇଥିଲା। ନୂଆଁମୁଣ୍ଡା ପୂଜା ସ୍ଥଳରେ ଖେତୁ ଦେହୁରୀ, ଅଗସ୍ତୀ ଦେହୁରୀ, ବୈଶାଖୁ ଦେହୁରୀ, ମୁନୁ ଦେହୁରୀ ପ୍ରମୁଖ ପୂଜାର୍ଚ୍ଚନା କରି ନୂଆଁ ଚାଉଳରେ ପ୍ରସ୍ତୁତ ଖିରି ଭୋଗ ଅର୍ପଣ କରାଯାଇଥିଲା। ରେଢ଼ାଖୋଲର ରାଜ ପରିବାରର ବୀର କିଶୋର ଦେଓ, ବୀର ବିକ୍ରମ ଦେଓ ଯୋଗଦେଇ ବିଧି ଅନୁଯାୟୀ ନୂଆଁମୁଣ୍ଡା ପୂଜାର କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଧ୍ରୁବ ଚରଣ ସାହୁ, ବବଲୁ ଦେବ, ନିରଞ୍ଜନ ଅମାତ, ଅଚ୍ୟୁତ ଅମାତ ତତ୍ତ୍ୱାବଧାନରେ ନୂଆଁମୁଣ୍ଡା ପୂଜା ଅନୁଷ୍ଠିତ ହୋଇଥିଲା। ରାଜା ରାଜୁଡା ଅମଳରୁ ପ୍ରଚଳିତ ପ୍ରଥା ଅନୁଯାୟୀ ରେଢ଼ାଖୋଲର ନୂଆଁମୁଣ୍ଡା ପୂଜା ଅନୁଷ୍ଠିତ ହେବା ପରେ ଉପଖଣ୍ଡର ବିଭିନ୍ନ ଗାଁ ଗୁଡିକରେ ଥିବା ଗ୍ରାମଦେବୀ ପୀଠରେ ପୂଜା କରାଯାଇ ନୂଆଁଖାଇ ଅନୁଷ୍ଠିତ ହୋଇଥାଏ। ଶିବ ପ୍ରସାଦ ପ୍ରଧାନ, ଲକ୍ଷ୍ମୀ ସାହୁ, ମହାବୀର ସିଂ ଦେଓ, ସିକୁନ ମହାନ୍ତିଙ୍କ ସମେତ ସହରର ବହୁ ଜନସାଧାରଣ ଯୋଗଦେଇଥିଲେ।



ମା'ଅନ୍ଧାରବାଉତୀଙ୍କୁ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ଅଣାଯାଉଛି।

---

## ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ଦିବସ

ସମ୍ବଲପୁର,୧୬।୯(ବ୍ୟୁରୋ)

ଧନକଉଡାସ୍ଥିତ ସତସଙ୍ଗ ବିହାରରେ ରବିବାର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମ୍ବଲପୁର, ଦେବଗଡ, ବରଗଡ , ବୌଦ୍ଧ, ସୁନ୍ଦରଗଡ ତଥା ଆଖପାଖ ଗ୍ରାମର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଆବିର୍ଭାବ ଦିବସରେ ଶ୍ରଦ୍ଧାଳୁମାନେ।

---

## କର୍ଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ଶପଥ



କର୍ଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ରବିବାର ସ୍ଥାନୀୟ କର୍ଲା ଗ୍ରାମର ଶତାଧିକ ମହିଳା ଶପଥ ନେଉଛନ୍ତି।

ସୁନ୍ଦରଗଡ,୧୬।୯ (ଡି.ଏନ୍.ଏ.)

ସଦର ବ୍ଲକ ଅନ୍ତର୍ଗତ କର୍ଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ରବିବାର ସ୍ଥାନୀୟ କର୍ଲା ଗ୍ରାମର ଶତାଧିକ ମହିଳା ଶପଥ ନେଇଛନ୍ତି। ଅପରାହ୍ନ ୩ଟାରେ କର୍ଲାସ୍ଥିତ ରାହାସ ମଣ୍ଡପରେ ତୁଳେଶ୍ୱରୀ ହଂସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀବତ୍ସ କରସେଲ, ଭଗବାନ ମାଝି, ଦିଲୀପ ଆର୍ଯ୍ୟ, ବିକ୍ରମ ମୁଣ୍ଡା, ଏଡୱାର୍ଡ କାଣ୍ଡୁଲାନା, ରଂଜିତ ମୁଣ୍ଡା, ସୁଧୀର କୁମୁରା, ଦୂବରାଜ ଜୟପୁରିଆ, ଧରମ ସିଂ ମାଝିଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ। ରୂପାନନ୍ଦ ରଣବିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏ ନେଇ ଏକ କମିଟି ଗଠନ କରାଯାଇ ବେଆଇନ ମଦ ବେପାରୀଙ୍କୁ ନୋଟିସ ଜାରି କରିବା, ଜୋରିମାନା ଆଦାୟ କରାଯିବା, ପ୍ରଶାସନକୁ ଦାବିପତ୍ର ପ୍ରଦାନ ଏବଂ ବିଭିନ୍ନ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ସଭାରେ ହେମକାନ୍ତି ତନ୍ତୀଙ୍କୁ କମିଟିର ସଭାପତି, ସସ୍ମିତା ମୁଣ୍ଡୁଙ୍କୁ ସଂପାଦିକା ଓ ଦେବଯାନୀ ବାଗଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହିଅବସରରେ ଗ୍ରାମର ଶତାଧିକ ମହିଳା ଗ୍ରାମ ଦେବତୀଙ୍କ ନାମରେ କର୍ଲା ପଞ୍ଚାୟତକୁ ସଂପୂର୍ଣ୍ଣ ମଦମୁକ୍ତ କରିବାକୁ ଶପଥ ନେଇଥିଲେ।

---

## ଜିଲା ପ୍ରାଥମିକ ଶିକ୍ଷକ ସଂଘର ଶୋକସଭା

ସମ୍ବଲପୁର ୧୬।୯(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘର ଶୋକସଭା ହିନ୍ଦୀ ପ୍ରାଥମିକ ସ୍କୁଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଗୋଲକ ପାଢ଼ୀ ସ୍ୱର୍ଗତ ବିଷ୍ଣୁ ପ୍ରଧାନଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ବଭ୍ରୁବାହନ ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ ଯେ, ବିଷ୍ଣୁ ପ୍ରଧାନ ଶିକ୍ଷକ ସମାଜର ଚିନ୍ତା ନାୟକ ଥିଲେ। ସେ ରାଜ୍ୟପାଳ, ରାଷ୍ଟ୍ରପତି ପୁରସ୍କାର ପାଇଥିଲେ। କିନ୍ତୁ ଶିକ୍ଷକଙ୍କ ସମସ୍ୟାକୁ ନେଇ ୧୯୮୩ରେ ୬୩ ଦିନ ଆମରଣ ଅନଶନ କରି ଉଦାହରଣ ସୃଷ୍ଟି କରିଛନ୍ତି। ତେଣୁ ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଚଳିତ ମାସ ୨୦ତାରିଖ ରେଲୱେ କମ୍ୟୁନିଟି ହଲଠାରେ ସର୍ବଧର୍ମ ପ୍ରାର୍ଥନା ସଭା କରିବାକୁ ସ୍ଥିର ହୋଇଛି। ଜିଲା ସଭାପତି ରାଜକିଶୋର ସାହୁ, ଜୟନ୍ତୀ ପଣ୍ଡା, ରୋହିତ ବେହେରା, ମନୋଜ ସେଠ, ରଚନା ସିଂ, ଦିଲୀପ ତ୍ରିପାଠୀ, ପ୍ରଦୀପ ସାହୁ, ପଦ୍ମିନୀ ବେହେରା, ଦୁର୍ଗା ସିଂ, ସୁପ୍ରଭା ଦେଓ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ରାସ୍ତା କାମରେ ଦୁର୍ନୀତି ଅଭିଯୋଗ

ହେମଗିର, ୧୬।୯ (ଡି.ଏନ.ଏ.)- ହେମଗିର ବ୍ଲକର ମନୋହରପୁର-ସରବାହାଲ ରାସ୍ତା କାମକୁ ଛତିଶଗଡ ରାୟପୁରର ବିଶାଳ ବିଲ୍ଡର୍ସ ହାତକୁ ନେଇଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପାଣ୍ଠି ଦେଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତଦାରଖ କରୁଛନ୍ତି। ୨୦୧୬ରେ କାମ ଆରମ୍ଭ ହୋଇ ୨୦୧୭ରେ ଶେଷ ହେବା ପାଇଁ ଧାର୍ଯ୍ୟ ସମୟ ରହିଥିଲା। ହେଲେ ପ୍ରାୟ ଦେଢ଼ କି.ମି. ରାସ୍ତା ତିଆରି ହୋଇଛି। ତାହାବି ଅତି ନିମ୍ନମାନର। ଯେତିକି ରାସ୍ତା ନିର୍ମାଣ ହୋଇଛି ତାହା ପୁଣି ଫାଟି ଗଲାଣି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଆଶୀର୍ବାଦ



@ ଶୁଭମ୍



@ ଆନନ୍ଦ



@ ନାରାୟଣ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପକୁ ନେଇ ଟଣାଓଟରା

- କମ୍ ଦରରେ ବିଦ୍ୟୁତ୍ ଯୋଗାଇବା ଦାବିକୁ କଂଗ୍ରେସର ସମର୍ଥନ
- ରାଜ୍ୟ ସରକାର ବାଧା ନ ଦିଅନ୍ତୁ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ତାଳଚେରଠାରେ ଥିବା ଏନ୍‌ଟିପିସି ପ୍ରକଳ୍ପକୁ ଅନୁମୋଦନ ଦେବାରେ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଭାଜପା ବାରମ୍ବାର ଅଭିଯୋଗ ଉଠାଉଛି। ନିକଟରେ ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ଭାଜପା ସଦସ୍ୟମାନେ ଗୃହ ଭିତରେ ହୋହଲ୍ଲା କରିଥିଲେ। ରାଜ୍ୟ ୯୮୭୫କୋଟି ଟଙ୍କାର ଏକ ବୃହତ ପୁଞ୍ଜିନିବେଶକୁ ହରାଇବାକୁ ଯାଉଥିବା ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ କହିଥିଲେ। ମାତ୍ର ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି( ଏଚ୍‌ଏଲସି) ଏହାକୁ ଅନୁମତି ଦେଉନାହିଁ। ଏନ୍‌ଟିପିସିରୁ ଉତ୍ପାଦନ ହେବାକୁ ଥିବା ବିଦ୍ୟୁତ ୟୁନିଟ ପିଛା ୩.୪୦ଟଙ୍କା ମହଙ୍ଗା ହେଉଥିବା ଦର୍ଶାଇ ରାଜ୍ୟ ସରକାର ଏହାକୁ ଅନୁମତି ଦେଉ ନାହାନ୍ତି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ ପ୍ରସଙ୍ଗକୁ ଶୀଘ୍ର ଅନୁମୋଦନ ଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିବା ପରେ ରବିବାର ଓଡିଶା ଗସ୍ତରେ ଆସି କହିଛନ୍ତି, ରାଜ୍ୟ ସରକାରଙ୍କ ଏହା ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ନୁହେଁ। ଏହା ଉଭୟ ରାଜ୍ୟ ଓ ଦେଶକୁ ଲାଭ ଦେବ। ଅନ୍ୟପକ୍ଷରେ ବିଜେଡି ଏହାକୁ କେନ୍ଦ୍ରର ରାଜନୈତିକ ଚାଲ୍ ବୋଲି କହିଥିବାବେଳେ କଂଗ୍ରେସ ଏହାକୁ ସମର୍ଥନ ଜଣାଇଛି। ଏନ୍‌ଟିପିସିର ବିଦ୍ୟୁତ ପ୍ରକଳ୍ପ ଟିଟିପିଏସ-୩କୁ ରାଜ୍ୟ ସରକାର ତୁରନ୍ତ ଅନୁମୋଦନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ଏନଟିପିସି ପ୍ରକଳ୍ପକୁ ୧୯୬୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଶୁଭ ଦେଇଥିଲେ। ୯୦ଦଶକର ଟିଟିପିଏସକୁ ବିଜୁବାବୁ ଏନଟିପିସିକୁ ହସ୍ତାନ୍ତର କରିଥିଲେ। ୨୦୨୧ ମସିହାରେ ଟିଟିପିଏସ ପ୍ରକଳ୍ପ ପୁରୁଣା ହୋଇଯିବ ଓ ପରିବେଶ କାରଣରୁ ବନ୍ଦ ହେବ। କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନଟିପିସି ଏହାର ସମ୍ପ୍ରସାରଣ କରି ଟେକ୍ନୋଲୋଜିରେ ଏହାକୁ ନୂତନଭାବେ ନିର୍ମାଣ କରିବ। ହେଲେ ରାଜ୍ୟ ସରକାର ଏଥିପାଇଁ ଅନୁମତି ଦେଉ ନାହାନ୍ତି। ତେଣୁ ଏଥିରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରନ୍ତୁ ବୋଲି ଧର୍ମେନ୍ଦ୍ର ଦାବି କରିଛନ୍ତି। ଏହାସହ ରାଜ୍ୟ ସରକାର ସହଯୋଗୀ ହୁଅନ୍ତୁ ଏହାକୁ ବାଧା ନ ଦିଅନ୍ତୁ। ଏହାଦ୍ୱାରା ରାଜ୍ୟ ଓ ଦେଶର ଲାଭ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ନିକଟରେ ରାଜ୍ୟ ଶକ୍ତିମନ୍ତ୍ରୀ କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ରାଜ୍ୟର କଞ୍ଚାମାଲ ବ୍ୟବହାର କରାଯିବ ଏବଂ ଉତ୍ପାଦନ ହେବାକୁ ଥିବା ବିଦ୍ୟୁତ ୟୁନିଟ ପିଛା ୩.୪୦ଟଙ୍କା କଲେ ରାଜ୍ୟର କ୍ଷତି ହେବ। ତେଣୁ ଏହାର ଉତ୍ତରରେ କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂ ଚିଠି ଲେଖି ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ଅନୁରୋଧ କରିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଆସନ୍ତା ୨୨ରେ ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ତେଣୁ ଏହାକୁ ରାଜ୍ୟ ସରକାର ଅନୁମୋଦନ କରନ୍ତୁ। ଏଥିପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ମିଳିସାରିଛି। ରାଜ୍ୟ ଅନୁମୋଦନ ନ ଦେଲେ ମଧ୍ୟ ପ୍ରଧାନମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିପାରିବେ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, କେନ୍ଦ୍ର ସରକାର ଯେଉଁ ବିଦ୍ୟୁତ ଦର ସ୍ଥିର କରିଛନ୍ତି ତାକୁ କେନ୍ଦ୍ରମନ୍ତ୍ରୀ କମାଇବାକୁ କୁହନ୍ତୁ। ନଚେତ୍ ଓଡିଶାକୁ କ୍ଷତି ସହିବାକୁ ପଡିବ। କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ସବୁକଥାରେ ମନ୍ତବ୍ୟ ଦେବା ଭାଜପାର ଅଭ୍ୟାସରେ ପରିଣତ ହେଲାଣି ବୋଲି ସେ ସମାଲୋଚନା କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି, ରାଜ୍ୟର କୋଇଲା, ପାଣି ବ୍ୟବହାର କରାଯାଇ ଏନ୍‌ଟିପିସିରୁ ବିଦ୍ୟୁତ ଉତ୍ପାଦନ କରାଯିବ। ତେଣୁ ଓଡିଶାବାସୀଙ୍କୁ ଲାଭ ମିଳିବା ଆବଶ୍ୟକ। ଯଦି ରାଜ୍ୟ ସରକାର କମ୍ ଦରରେ ବିଦ୍ୟୁତ ଦେବାକୁ କେନ୍ଦ୍ର ନିକଟରେ ଦାବି କରୁଛନ୍ତି, ତେବେ ଏହା ଠିକ୍ ବୋଲି ଶ୍ରୀକାନ୍ତ କହିଛନ୍ତି।

## ମନୋଷା ଶ୍ରେଷ୍ଠ ସ୍ୱେଚ୍ଛାସେବୀ ମନୋନୀତ

**ନବରଙ୍ଗପୁର,୧୬।୯(ବି.ପ୍ର.):** ଜାତୀୟ ସେବା ସଂସ୍ଥା (ଏନଏସଏସ) ପକ୍ଷରୁ ୨୦୧୭-୧୮ ବର୍ଷ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ନବରଙ୍ଗପୁର ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ରାଜନୀତି ବିଜ୍ଞାନ ସମ୍ମାନ ଛାତ୍ରୀ ମନୋଷା ତ୍ରିପାଠୀ ମନୋନୀତ ହୋଇଛନ୍ତି। ଆସନ୍ତା ୨୪ ତାରିଖ ଜାତୀୟ ସେବା ଦିବସରେ ଭୁବନେଶ୍ୱର ସ୍ଥିତ ଇଡିକଲ ଅଡିଟୋରିୟମ ଠାରେ ରାଜ୍ୟପାଳ ତାଙ୍କୁ ପୁରସ୍କାର ପ୍ରଦାନ କରିବେ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଚିଠି ମାଧ୍ୟମରେ ଜଣାଇଛନ୍ତି। ଜାତୀୟ ସେବା ସଂସ୍ଥା ପକ୍ଷରୁ ରାଜ୍ୟର ୫ଶହ ଜଣଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୧ ଜଣଙ୍କୁ ଜୁରୀ କମିଟି ମନୋନୀତ କରିଛନ୍ତି। ମନୋଷାଙ୍କ ନାମ ସର୍ବାଗ୍ରେ ରହିଛି । କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡା ବ୍ୟାପାର ବିଭାଗ ଜାତୀୟ ସେବା ସଂସ୍ଥା ନିର୍ଦ୍ଦେଶକ ଏବଂ ଓଡିଶାର ଏହି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏହି ଚୟନ କମିଟିରେ ରହିଥିଲେ । ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ସଂସ୍ଥାରେ ମନୋନୀତ ହୋଇ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ରାଜପଥ ଠାରେ ସେ ପରେଡରେ ଭାଗ ନେଇଥିଲେ । ଦିଲ୍ଲୀରେ ବିଭିନ୍ନ ସମାଜସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର ପାରିଦର୍ଶିତା ପ୍ରଦର୍ଶନ କରି କୃତକାର୍ଯ୍ୟ ହାସଲ କରିଥିଲେ । କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଅନ୍ତର୍ଜାତୀୟ ମନୋନୀତ ପ୍ରକ୍ରିୟାରେ ଚୟନ ହୋଇ ସେ ନେପାଳ ଯାଇଥିଲେ। ସେଠାରେ ୭ ଦିନ ରହି ନେପାଳ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଅର୍ଜନ କରିଥିଲେ।

- ଚିଲିକାରେ ସି-ପ୍ଲେନ୍ ବୁଲିବା ନେଇ ଚର୍ଚ୍ଚା

# ପର୍ଯ୍ୟଟନ ମନ୍ତ୍ରୀ କହିଲେ ଏହା ଠିକ୍ ନୁହେଁ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ଚିଲିକାରେ ୱାଟର ଏରୋଡ୍ରମ କରିବା ପାଇଁ କେନ୍ଦ୍ର ସରକାର ନିକଟରେ ନିଷ୍ପତ୍ତି ନେଇଥିଲେ। ମାତ୍ର ଏହି ନିଷ୍ପତ୍ତିକୁ ଶାସକ ଦଳର କେତେଜଣ ନେତା ଓ ମନ୍ତ୍ରୀ ବିରୋଧ କରିବା ଆରମ୍ଭ କରିଛନ୍ତି। ଏହାଦ୍ୱାରା ଚିଲିକାର ଜୈବ ବିବିଧତା ନଷ୍ଟ ହେବ ବୋଲି ଶାସକ ଦଳର ନେତା ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ କୁହାଯାଇଥିଲା। ଫଳରେ ଏହି ଯୋଜନାକୁ ନିକଟରେ କେନ୍ଦ୍ର ସରକାର ବାତିଲ କରିଦେଇଥିବା ଜଣାପଡିଛି। ମାତ୍ର ଶନିବାର ହଠାତ୍ ଏକ ସି-ପ୍ଲେନ୍ ଚିଲିକାରେ କିଛି ସମୟ ପାଇଁ ଅବତରଣ କରିଥିବା ନେଇ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ମତ ରଖିବା ପରେ ଏହା ଠିକ୍ ନୁହେଁ ବୋଲି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି।

ଅଶୋକ କହିଛନ୍ତି ଯେ, ଚିଲିକାରେ ଯେଉଁ ଜୈବ ବିବିଧତା ରହିଛି ତାକୁ ଆମେ କୌଣସି ପରିସ୍ଥିତିରେ ହରାଇବାକୁ ଚାହୁଁନାହୁଁ। ଲୋକଙ୍କ ପେଟପାଟଣା କଥା ମଧ୍ୟ ରହିଛି। ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭରଶୀଳ। ଚିଲିକାକୁ ଏସିଆର ବୃହତ୍ତମ ହ୍ରଦ ଭାବେ ଯେଉଁ ମାନ୍ୟତା ମିଳିଛି ତାହା ମଧ୍ୟ ହରାଇବାକୁ ପଡିବ। ଏଭଳି ହେବା ଉଚିତ୍ ନୁହେଁ। ଜଙ୍ଗଲ ଓ ପରିବେଶ ବିଭାଗ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଚିଲିକାର ନୂଆ ମୁହାଣରେ ଏକ ସି-ପ୍ଲେନ ଶନିବାର ଚକର କାଟି ଯାଇଥିବା ଚର୍ଚ୍ଚା ହେଉଛି। ପ୍ରତ୍ୟକ୍ଷଦର୍ଶୀ ଅରଖକୁଦା ଗାଁର ପ୍ରଦୀପ ବେହେରା ଓ ବଳରାମ ବେହେରାଙ୍କ କହିବା ଅନୁଯାୟୀ ଚିଲିକାର ନୂଆ ମୁହାଣଠାରେ ଏକ ହେଲିକପ୍ଟର ଆସି ସମୁଦ୍ରର ଅତି ନିକଟରୁ ଚକର କାଟି ଥିଲା।

# ଇଂରେଜ ସରକାର ବିରୋଧରେ ୨୩ ବର୍ଷ ଧରି ଯୁଦ୍ଧ

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ଇତିହାସକାରମାନେ ସ୍ୱୀକାର କରିଛନ୍ତି ଐତିହ୍ୟରୁ ଯେଉଁ ଉପାଦାନ ମିଳେ ତାହା ଉପରେ ଅଧ୍ୟୟନ ଓ ଅନୁସନ୍ଧାନ କଳାପରେ ଶେଷ ପରିଣତିରେ ପହଞ୍ଚିବାକୁ ହୁଏ। ତାହା ହିଁ ଇତିହାସ ହୁଏ। ଏଥିପାଇଁ ନିରପେକ୍ଷ ଅନୁଧ୍ୟାନ କରିବାକୁ ହୁଏ। ଅନୁଧ୍ୟାନ ଓ ଅନୁଶୀଳନ ଏକ ନିରନ୍ତର ପ୍ରକ୍ରିୟା। ପୂର୍ବର ଅନୁସନ୍ଧାନ ଓ ଅନୁଶୀଳନ ପରିବର୍ତ୍ତନ ହେବାର ସମ୍ଭାବନା ରହିଥାଏ। ମୂଳ ଆଭିମୁଖ୍ୟ କିନ୍ତୁ ଓଲଟପାଲଟ ହୁଏ ନାହିଁ । ଆଭିମୁଖ୍ୟ ସମୃଦ୍ଧ ହୁଏ।

ଓଡ଼ିଶାରେ ହୋଇଥିବା ୧୮୦୪ ମସିହା ଯୁଦ୍ଧର ସମସ୍ତ ଉପାଦାନ ଆମ ପାଖରେ ଅଛି। ଆମେ ନିରପେକ୍ଷ ଅନୁସନ୍ଧାନ କରି ଏହାକୁ ଆମର ଜାତୀୟବାଦୀ ଇତିହାସରେ ପରିଣତ କରିବା କଥା। ସେ ଦିଗରେ ଆମର ଅଭାବବୋଧ ହିଁ ଆମକୁ ପଛକୁ ପେଲି ଦେଇଛି। ନଇଲେ ଭାରତର ସ୍ୱାଧୀନତା ଇତିହାସରେ୧୮୦୪ ମସିହା ଯୁଦ୍ଧ ହିଁ ପ୍ରଥମ ଯୁଦ୍ଧ ଭାବରେ ସ୍ଥାନ ପାଇଥାନ୍ତା। ସର୍ବଭାରତୀୟ ସ୍ତରରେ ସ୍ୱୀକୃତ ହୋଇଥାନ୍ତା। ବାସ୍ତବରେ ଜୟୀ ରାଜଗୁରୁଙ୍କ ଯୁଦ୍ଧଠାରୁ ହିଁ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲା ଏବଂ ଏହା ୧୮୨୭ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୩ ବର୍ଷ ଧରି ଓଡ଼ିଶାରେ ଲାଗି ରହିଥିଲା। ୨୩ ବର୍ଷର ଯୁଦ୍ଧ ଇତିହାସକୁ କ୍ରମ ଅନୁଯାୟୀ ଉପସ୍ଥାପନ କରିଥିଲେ ଓଡ଼ିଶାର ଗୌରବ ବଢ଼ି ଥାଆନ୍ତା। ସିପାହି ବିଦ୍ରୋହକୁ ପ୍ରଥମ ଯୁଦ୍ଧ ବୋଲି ଇତିହାସକାରମାନେ ଗ୍ରହଣ କରିବା ପୂର୍ବରୁ ଅନେକଥର ଭାବିଥାନ୍ତେ। ଆମକୁ ସ୍ମରଣ ରଖିବାକୁ ହେବ ସିପାହି ବିଦ୍ରୋହ ମୂଳରୁ 'ଯୁଦ୍ଧ' ନ ଥିଲା, ତାହା ବି ଏକ ବିଦ୍ରୋହ ଥିଲା। ଅଥଚ ଓଡ଼ିଶାର ୧୮୦୪ ମସିହାରେ 'ଯୁଦ୍ଧ' ଆରମ୍ଭ ହୋଇଥିଲା, ବିଦ୍ରୋହ ନୁହେଁ।

ଆମେ ଇତିହାସରୁ ପାଉଛେ ସାମ୍ରାଜ୍ୟବାଦୀ ବିରୁଦ୍ଧ ଆନ୍ଦୋଳନରେ ବକ୍ସି ଜଗବନ୍ଧୁଙ୍କର ଭୂମିକା ଥିଲା। ସେଇ ଭୂମିକା ହିଁ ତାଙ୍କୁ ଖ୍ୟାତି ଆଣି ଦେଇଥିଲା। କିନ୍ତୁ ୧୮୦୪ ମସିହା ଯୁଦ୍ଧ ବେଳେ ତାଙ୍କ ଅନୁପସ୍ଥିତି ସ୍ପଷ୍ଟ। ଏହାକୁ ନିରପେକ୍ଷ ଭାବରେ ଉଲ୍ଲେଖ କରିଛନ୍ତି ଡ. ବିଜୟ କୁମାର ରଥ। ତାଙ୍କ ଲିଖିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି-କଲୋନିୟାଲ ରେଜିଷ୍ଟାନ୍ସ ଇନ ଖୁର୍ଦ୍ଧା' ପୁସ୍ତକରେ ଆମକୁ ସବିଶେଷ ପ୍ରାମାଣିକ ଦଲିଲ ମିଳେ। ଏହି ପୁସ୍ତକଟିକୁ ଭୁବନେଶ୍ୱରର 'ଶିଶୁ କଲମ' ପ୍ରକାଶନ ସଂସ୍ଥା ପ୍ରକାଶିତ କରିଛନ୍ତି। ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ନୂଆଦିଲ୍ଲୀଠାରେ ଏହି ପୁସ୍ତକକୁ ଲୋକାର୍ପଣ କରିଥିଲେ।



the scene during the uprising in 1804. Some scholars attribute this to his (Jagabandhu's) deliberate marginalization at that point of time, while others refer to his preferred inaction at the situation. In this connection, Prof. B.C. Ray in his book *Bakshi Jagabandhu*, has observed that, "*In this important war between the Khurda Raja and the British, it is expected that Jagabandhu as the Commander in Chief should have played a major role in the war, a life and death struggle of Khurda against the foreign power. But there is no trace of his name available in this fight either in British records or in any other indigenous documents. This clearly brings the impression that perhaps apprehending the loss of Khurda Kingdom, Jagabandhu was not in agreement with the view of Jayee Rajguru to fight with so great a power as British, who could defeat and ousted the Marathas from Orissa. Perhaps for that reason he is found to have kept himself aloof from so important an event.*" [6] Again, he further observed that, "*In handling the affairs of relation with a great foreign power like the British, at the time of conquest of Orissa in 1803 A.D. Jagabandhu seems to have shown the temperament of reservation and caution than that of Rajguru.*[7]"

ଡ. ବିଜୟ କୁମାର ରଥଙ୍କ ଲିଖିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି-କଲୋନିୟାଲ ରେଜିଷ୍ଟାନ୍ସ ଇନ ଖୁର୍ଦ୍ଧା' ପୁସ୍ତକର କିୟଦଂଶ।



ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ପ୍ରତିମୂର୍ତ୍ତି। (ଫଟୋ: ଲୋକନାଥ ମିଶ୍ର)

## ନାବାଳିକା ଗର୍ଭବତୀ, ଅଭିଯୁକ୍ତ ଥାନାରେ ଅଟକ

**ଲହୁଣିପଡା,୧୬।୯(ଡି.ଏନ.ଏ)**-ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଧୀନ ନୂଆପଡା ଗ୍ରାମର ଜଣେ ଯୁବକ ଜଣେ ନାବାଳିକାଙ୍କୁ ପ୍ରତାରଣା କରିଛନ୍ତି। ନାବାଳିକା ଜଣକ ଏବେ ଗର୍ଭବତୀ। ଅଭିଯୁକ୍ତ କିନ୍ତୁ ବିବାହ ପାଇଁ ଦିନ ଗଡାଇ ଚାଲିଛନ୍ତି। ଏହାର ସମାଧାନ କରିବାକୁ ଯାଇ ନାବାଳିକାଙ୍କ ଘର ଲୋକେ ଅଭିଯୁକ୍ତଙ୍କ ଘର ଲୋକଙ୍କ ସହ ଆଲୋଚନା କରିଛନ୍ତି। ହେଲେ ସେମାନଙ୍କୁ ନିରାଶ ହେବାକୁ ପଡିଛି। ଏଣୁ ଶେଷରେ ନାବାଳିକାଙ୍କ ଘର ଲୋକେ ଶନିବାର ଲହୁଣିପଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ଟ୍ରେନରୁ ଖସି ରେଳ କର୍ମଚାରୀ ଗୁରୁତର

**ରେଢ଼ାଖୋଲ, ୧୬।୯ (ଡି.ଏନ.ଏ.)** ତାଳଚେର ସମ୍ବଲପୁର ରେଳପଥର ରେଢ଼ାଖୋଲ ଷ୍ଟେଶନରେ ରବିବାର ୧୧ଟାରେ ପୁରୀ- ଭାଲସାଦ ଦ୍ରୁତଗାମୀ ଟ୍ରେନରୁ ଖସିପଡି ଜନୈକ ରେଳ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ରବୀନ୍ଦ୍ର କୁମାର । ସର୍ଗିପାଲି ଷ୍ଟେଶନରେ ଟ୍ରାକମ୍ୟାନ ଭାବେ ସେ କାର୍ଯ୍ୟରତ। ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ପୁରୀ-ଭାଲସାଦ ଟ୍ରେନରେ ଅନୁଗୋଳରୁ ସମ୍ବଲପୁର ଯାଉଥିବାବେଳେ ରେଢ଼ାଖୋଲ ଷ୍ଟେଶନରେ ଖସିପଡିଥିଲେ।

**IFB IDENTIFICATION NO. EEBLGR-online-08/2018-19**

1. Name of work : Periodical Maintenance for the road Such as providing SDBC work
2. Total no. of works : 2 (Two) nos.
3. Approximate Estimated Cost : Varies from 57.46 lakhs to 75.15 lakhs.
4. Time for completion : 4 (Four) Calandar months
5. Mode of Submission of tender : Tender should be submitted online in www.tenders.ori.nic.in
6. Other details are as follow : As per TCN No.EEBLGR-online-8/2018-19

No.760-O

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Bolangir | Online Tender/08/ BLGR | 18.09.2018 At 11.00 A.M. | 29.09.2018 upto 5.00 P.M. | 28.09.2018 upto 1.00 P.M. | 03.10.2018 at 11.00 A.M. | The date will be intimated to the technically qualified bidders later on |

• Further details can be seen from the website **www.tenders.ori.nic.in**.
• Any Corrigendum/Addendum will be displayed in the above e- tender website only.

25068/11/0005/1819 **Executive Engineer, R.W Division, Bolangir**

**Office of the Collector & District Magistrate, Balasore**
**(Tourism Section)**
**No.598** **Date: 06.09.18**

**EXPRESSION OF INTEREST**

No16-R: Government of Odisha have launched a scheme, namely "Baristha Nagarika Tirtha Yatra Yojana" for senior Citizens of the State for realisation of their lifelong dream of having one Tirtha Darshan (Pilgrimage) in collaboration with IRCTC (A Govt. of India undertaking).

Expression of Interest is invited from reputed Event Management Agencies/Firms with experience in erection of tents for temporary accommodation/ outdoor catering / event management for making arrangement of accommodation, food & other logistic for 1000 nos. of pilgrims each who shall be travelling by train on a pilgrim tour from Balasore. The Agency shall arrange all pre-post travel requirements for these pilgrims before boarding & after completion of the tour in the above location.

Last date of submission of EOI is **28.09.2018** upto **3 P.M**.

The Terms of References may be collected from the District Tourist Office, Government of Odisha, Balasore or may be downloaded from the district website **www.baleswar.nic.in**.

24167/11/0003/1819 **Sd./- Collector & D.M., Balasore**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**KANDHAMAL MINOR IRRIGATION DIVISION, PHULBANI**

No.461-A

**e-Procurement Notice**

**BID IDENTIFICATION NO-Plb-MI-E-3/2018-19**

| | |
|---|---|
| Name of work | Construction of Check Dams under Mukhyamantri Adibandha Tiari Yojana. |
| No. Works | 57 (fifty seven) No. |
| Estimated Cost | Varies from Rs. 21.72 lakh to Rs.47.35 lakh Approximately |
| Tender paper cost | Rs.6000.00 and Rs.10000.00 (Non- refundable) |
| Period of completion | 5 (five) Calendar months including rainy season. |
| Availability of Bid documents | From 10.00 AM of 24.9.2018 to 16.00 hrs of 4.10.2018 in website (www.tendersodisha.gov.in) |
| Time of receipt of bid through online | From 10.00 AM of 24.9.2018 to 16.00 hrs of 4.10.2018 through online |
| Date of opening of bid documents | At 11.00 hrs of 5.10.2018 in the O/O E.E., K.M.I. Division, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website **http/dowrorissa.gov.in**.

Name and address of the OIT:- Executive Engineer, K.M.I. Division, Phulbani, Ph No.06842- 253634, Fax:-06842-253816, E-mail: kmidplb@gmail.com

Further details can be seen from the e-procurement market place, **http//www.tendersodisha.gov.in**.

**(Er. Bishnupada Pattayat)**
**Executive Engineer**
32040/11/0003/1819 **Kandhamal M.I. Division, Phulbani**

# କିଡ୍ନୀ : କିଛି କଥା



ଶରୀରର ପ୍ରମୁଖ ଅଙ୍ଗ ମଧ୍ୟରୁ କିଡ୍ନୀ ଅନ୍ୟତମ। ଏଥିରେ କିଛି ସମସ୍ୟା ଦେଖାଦେଲେ ତାହାକୁ ଅବହେଳା କରିବା ଉଚିତ ନୁହେଁ। ଶରୀର ଭିତରେ ପ୍ରବାହିତ ହେଉଥିବା ରକ୍ତକୁ କିଡ୍ନୀ ବିଶୋଧନ କରି ସେଥିରୁ ବିଷାକ୍ତ ତତ୍ତ୍ୱକୁ ନିଷ୍କାସନ କରିଥାଏ। ତେବେ ଏଥିରେ କିଛି ସମସ୍ୟା ଦେଖାଦେଲେ ଜାଣିବେ କିପରି ? କିଡ୍ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ପ୍ରଥମେ ହାତଗୋଡ଼ ଫୁଲିଯାଏ। ରକ୍ତଚାପ ଅସନ୍ତୁଳିତ ରହେ। ଅସ୍ଥିର ଯୋଡ଼ାସ୍ଥଳୀରେ ଦରଜ ଅନୁଭୂତ ହୁଏ। ଦୁର୍ବଳ ଲାଗେ। ବାନ୍ତି ଉଠାଏ, ହୁଏ ମଧ୍ୟ। ନିଦ୍ରାଜନିତ ସମସ୍ୟା ଦେଖାଦିଏ। କିଡ୍ନୀ ରୋଗ ବଢ଼ିଗଲେ ଶ୍ୱାସକ୍ରିୟାରେ ବାଧା ସୃଷ୍ଟିହୁଏ। କିଡ୍ନୀକୁ ସୁସ୍ଥ ରଖିବା ପାଇଁ ପ୍ରତିଦିନ ପ୍ରଚୁର ପାଣି ପିଅନ୍ତୁ। କିଡ୍ନୀ ସମସ୍ୟା ଦେଖାଦେଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ତେଣୁ ପ୍ରୋଟିନଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଡାଲି, ପନିର, ମାଛମାଂସ, ସୋୟାବିନ ଆଦି ଖାଆନ୍ତୁ, ଯେଉଁଥିରେ ପ୍ରୋଟିନ୍ ଭରି ରହିଛି। ପ୍ରତିଦିନ ଅତିକମ୍‌ରେ ୫ଗ୍ରାମ ଲୁଣ ଖାଆନ୍ତୁ। ନିଶାଦ୍ରବ୍ୟ ସେବନ କରୁଥିଲେ ସେପରି ଅଭ୍ୟାସ ତୁରନ୍ତ ପରିହାର କରନ୍ତୁ। ଯଦି କିଡ୍ନୀଜନିତ ସମସ୍ୟାର କୌଣସି ଲକ୍ଷଣ ଅନୁଭବ କରୁଛନ୍ତି ତେବେ ବିଳମ୍ବ ନ କରି କିଡ୍ନୀ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

# ବର୍ଷାଦିନେ ସକ୍ରିୟ ରହିବ ପାଚନକ୍ରିୟା



- ସନ୍ତୁଳିତ ତଥା ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ।
- ବର୍ଷାଦିନେ ଅଧିକ ପରିମାଣରେ ସାଲାଡ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। କାରଣ ଏହି ଦିନରେ କଞ୍ଚା ଖାଦ୍ୟରେ ଅଧିକ ପରିମାଣରେ ବ୍ୟାକ୍ଟେରିଆ ରହିଥାଆନ୍ତି।
- ଏହି ଦିନରେ ଯଦି ଘରେ ବ୍ରେଡଜାତୀୟ ଖାଦ୍ୟ ରଖୁଛନ୍ତି ତେବେ ତାହାକୁ ଅଧିକ ଦିନ ରଖନ୍ତୁ ନାହିଁ। କାରଣ ଅଧିକ ଦିନ ରହିବା ଦ୍ୱାରା ସେଥିରେ ଫିମ୍ପି ହୋଇଯାଏ, ଯାହା ଶରୀର ପାଇଁ କ୍ଷତିକାରକ।
- ରାସ୍ତାକଡରେ ଉଠା ଦୋକାନ କିମ୍ବା ଢାବାରେ ପ୍ରସ୍ତୁତ ଖାଦ୍ୟ ଯେତେ କମ ଖାଇବେ ସେତେ ଭଲ। କାରଣ ଏଭଳି ଖାଦ୍ୟ ପାଚନକ୍ରିୟାକୁ ପ୍ରଭାବିତ କରିଥାଏ।
- ବର୍ଷାଦିନେ ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ପେଟରେ ଗ୍ୟାଷ୍ଟ୍ରିକଜନିତ ସମସ୍ୟା ସୃଷ୍ଟି କରିବ।
- ବର୍ଷାଦିନେ ଅଧିକ ପରିମାଣରେ ମାଛ, ମାଂସ ଆଦି ଖାଆନ୍ତୁ ନାହିଁ। କାରଣ ଏଥିରୁ ଫୁଡ୍ ପଏଜନିଂର ଭୟ ରହିଛି।

# ବୁଦ୍ଧିମତ୍ତାକୁ ପ୍ରଭାବିତ କରେ ଅତ୍ୟଧିକ ଧୂମପାନ



ଧୂମପାନର କୁପ୍ରଭାବ ଶରୀର ଉପରେ ପଡୁଛି ବୋଲି ଜାଣି ମଧ୍ୟ ଅନେକେ ଏହାକୁ ଅଭ୍ୟାସରେ ପରିଣତ କରିଥାଆନ୍ତି। ପରବର୍ତ୍ତୀ ସମୟରେ ଏହା କବଳରୁ ମୁକୁଳିବା କଷ୍ଟକର ହୋଇଥାଏ। ଯଦି ଜଣେ ବ୍ୟକ୍ତି ଅତ୍ୟଧିକ ଧୂମପାନ କରୁଥାଆନ୍ତି ତେବେ ତାହା ଦ୍ୱାରା ତାଙ୍କର ବୁଦ୍ଧିମତ୍ତା ପ୍ରଭାବିତ ହୋଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏହାବ୍ୟତୀତ ଜଣେ ସାଧାରଣ ମଣିଷ ଏବଂ ଧୂମପାନ କରୁଥିବା ମଣିଷ ଆୟୁଷରେ ଫରକ ରହିଥାଏ। ଧୂମପାନ କରୁଥିଲେ ସେମାନଙ୍କର ଆୟୁଷ ସାଧାରଣ ମଣିଷର ଆୟୁଷଠାରୁ ପାଖାପାଖି ୧୦ବର୍ଷ କମ୍ ହୋଇଥାଏ ବୋଲି ମତ ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ। ଅତ୍ୟଧିକ ଧୂମପାନ ଦ୍ୱାରା ଜଣେ ବ୍ୟକ୍ତିର ବୁଦ୍ଧିମତ୍ତା ପ୍ରଭାବିତ ହେବା ସହ ମାନସିକ ସ୍ତରରେ ଧୀରେ ଧୀରେ ଦୁର୍ବଳ ଅନୁଭବ କରିଥାଆନ୍ତି ବୋଲି ଏହି ଗବେଷଣାରୁ ଜଣାପଡିଛି।



# ଡେଙ୍ଗୁର ଆୟୁର୍ବେଦୀୟ ଉପଚାର

"ଜ୍ୱର, ଶରୀରରେ ତାପମାତ୍ରା ବୃଦ୍ଧି, ମୁଣ୍ଡ ବିନ୍ଧା, ଆଖି ପଛପଟ ବ୍ୟଥା, ବାନ୍ତି ଲାଗିବା, ଗଣ୍ଠି ବ୍ୟଥା, ମାଂସପେଶୀ ବ୍ୟଥା, ଶରୀରରେ ଲାଲ ଲାଲ ଚକଡା ଦେଖାଦେବା, ଦୁର୍ବଳ ଲାଗିବା, ପାଦ ତଳ ଭାଗ କୁଣ୍ଡାଇ ହେବା ଆଦିକୁ ଡେଙ୍ଗୁର ଲକ୍ଷଣ ଭାବରେ ନିଆଯାଇଥାଏ। ଜଣେ ସୁସ୍ଥ ବ୍ୟକ୍ତିଙ୍କର ରକ୍ତରେ ପ୍ଲେଟଲେଟ୍ ପରିମାଣ ଏକଲକ୍ଷରୁ ୪.୫ ଲକ୍ଷ ଥିବା ବେଳେ ଏହା ୪-୫ ହଜାରକୁ କମି ଆସେ। ରୋଗୀର ନାକ, ମୁହଁ, ତ୍ୱଚା, ପରିସ୍ରାଦ୍ୱାର ଦେଇ ରକ୍ତ କ୍ଷରଣ ହୋଇଥାଏ।"


ଡା. ଆଶିଷ ବାନାର୍ଜୀ

ଡେଙ୍ଗୁ ଏକ ମାରାତ୍ମକ ଜ୍ୱର । ଏହା ଏକ ମଶାବାହକ ରୋଗ। ଏହି ମଶା ଡେଙ୍ଗୁ ରୋଗୀକୁ ଦଂଶନ କରି ତାହାର ରକ୍ତକୁ ଶୋଷେ ଏବଂ ଏହି ରକ୍ତ ଉକ୍ତ ମଶା ପେଟରେ ୮-୧୦ଦିନ ପର୍ଯ୍ୟନ୍ତ ରହିଥାଏ। ଯଦି ଏହି ମଶା କୌଣସି ସୁସ୍ଥ ବ୍ୟକ୍ତିଙ୍କୁ ଦଂଶନ କଲା ତେବେ ସେହି ବ୍ୟକ୍ତିଠାରେ ଡେଙ୍ଗୁର ଲକ୍ଷଣ ପ୍ରକାଶ ପାଇଥାଏ। ବୁଦା, ସନ୍ତସନ୍ତିଆ ଜାଗା, ଅନେକ ଦିନ ପର୍ଯ୍ୟନ୍ତ ପାଣି ଜମି ରହୁଥିବା ସ୍ଥାନରେ ଏଭଳି ମଶା ନିଜର ବଂଶ ବିସ୍ତାର କରିଥାଆନ୍ତି। ଏହି ମଶା ସୁସ୍ଥ ମଣିଷକୁ କାମୁଡିଲେ ତାହାର ସିଧାସଳଖ ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡିଥାଏ। ଫଳରେ ରକ୍ତରେ ଅନୁଚକ୍ରିକା ବା ପ୍ଲେଟଲେଟ ପରିମାଣ କମିବାକୁ ଲାଗେ। ଏହାଦ୍ୱାରା ଶରୀରରୁ ରକ୍ତ କ୍ଷରଣ ହୋଇଥାଏ, ଯାହାଦ୍ୱାରା ରୋଗୀ ଦୁର୍ବଳ ଏବଂ ନିସ୍ତେଜ ହୋଇପଡେ।

**କିପରି ଜାଣିବେ :** ଜ୍ୱର, ଶରୀରରେ ତାପମାତ୍ରା ବୃଦ୍ଧି, ମୁଣ୍ଡ ବିନ୍ଧା, ଆଖି ପଛପଟ ବ୍ୟଥା, ବାନ୍ତି ଲାଗିବା, ଗଣ୍ଠି ବ୍ୟଥା, ମାଂସପେଶୀ ବ୍ୟଥା, ଶରୀରରେ ଲାଲ ଲାଲ ଚକଡା ଦେଖାଦେବା, ଦୁର୍ବଳ ଲାଗିବା, ପାଦ ତଳ ଭାଗ କୁଣ୍ଡାଇ ହେବା ଆଦିକୁ ଡେଙ୍ଗୁର ଲକ୍ଷଣ ଭାବରେ ନିଆଯାଇଥାଏ। ଜଣେ ସୁସ୍ଥ ବ୍ୟକ୍ତିଙ୍କର ରକ୍ତରେ ପ୍ଲେଟଲେଟ୍ ପରିମାଣ ଏକଲକ୍ଷରୁ ୪.୫ ଲକ୍ଷ ଥିବା ବେଳେ ଏହା ୪-୫ ହଜାରକୁ କମି ଆସେ। ରୋଗୀର ନାକ, ମୁହଁ, ତ୍ୱଚା, ପରିସ୍ରାଦ୍ୱାର ଦେଇ ରକ୍ତ କ୍ଷରଣ ହୋଇଥାଏ। ଏପରି କି ଅବହେଳା କାରଣରୁ ରୋଗୀ ମୃତ୍ୟୁବରଣ କରିଥାଏ।

**ଆୟୁର୍ବେଦୀୟ ଉପଚାର :** ଗୁଡୁଚି, ଅଦା, ତୁଳସୀ, ଅଳେଇଚ କ୍ୱାଥ ଦିନକୁ ଦୁଇ ଥର ଖାଆନ୍ତୁ। ଅମୃତଭଣ୍ଡା ପତ୍ର ରସ ୧୦-୨୦ ମିଲି ୨-୩ ଥର ଦେବେ। ପାଚିଲା ଅମୃତଭଣ୍ଡା ଖାଇଲେ କିଛି କ୍ଷତି ନାହିଁ। ଗହମ ଚାରା ଗଛର ୧୫୦ ମିଲି ରସ ଦିନକୁ ଥରେ ପିଇବେ। ବୈତାଳୁରେ ପ୍ରଚୁର ପରିମାଣରେ ଭିଟାମିନ-କେ ଥାଏ, ଯାହା କି ରକ୍ତ ସ୍କନ୍ଦନରେ ସହାୟକ ହୋଇଥାଏ। ଏହାର ତରକାରି ବା ସିଝା ବା ୧୫୦ ମିଲି ରସ ସହ ମହୁ ଏକ ଚାମଚ ମିଶାଇ ପିଇବେ। ତୁଳସୀ ରସ ବା ଡାଳକୁ ୧୫୦-୨୦୦ ମିଲି ପାଣିରେ ଫୁଟାଇ ତା' ସହ ତୁଳସୀ ପତ୍ର ୭ଟି, ଅଳ୍ପ ଜୁଆଣି, ଅଦା ମିଶାଇ ଉଷୁମ କରି ପିଇବେ।



**ଆହାର :** ଏହି ଜ୍ୱର ହେଲେ ଔଷଧ ସହ କ୍ଷୀର, ସାଗୁ, ଫୁଟାପାଣି ଥଣ୍ଡା କରି ପ୍ରଚୁର ପରିମାଣରେ ପିଇବେ। ବେଦନା, ମୌସୁମୀ ରସ, ପଇଡ ପାଣି ପିଇବେ।

**ମନେ ରଖନ୍ତୁ :** ଡେଙ୍ଗୁ ଜ୍ୱରକୁ ଅବହେଳା କରନ୍ତୁ ନାହିଁ। ପ୍ରଥମେ ଏହାର ଲକ୍ଷଣ ପ୍ରତି ଅବଗତ ରହନ୍ତୁ। ଯଦି କୌଣସି ଲକ୍ଷଣ ପ୍ରକାଶ ପାଇଲା ତେବେ ବିଳମ୍ବ ନ କରି ନିକଟସ୍ଥ ହସ୍‌ପିଟାଲରେ ଥିବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରାତିରେ ମଶାରି ଟାଙ୍ଗି ଶୁଅନ୍ତୁ। ଏହାକୁ ଏପରି ଟାଙ୍ଗନ୍ତୁ ଯେପରି ଏହାର ତଳପଟ ଦେଇ ମଶା ପଶି ନ ପାରିବେ। ଡେଙ୍ଗୁଠାରୁ ଦୂରେଇ ରହିବା ପାଇଁ ନିଜକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଅପରିଷ୍କାର ପୋଷାକ ପିନ୍ଧନ୍ତୁ ନାହିଁ। ଅଳିଆ ଆବର୍ଜନା ପଡିଥିବା ସ୍ଥାନଠାରୁ ନିଜକୁ ଦୂରେଇ ରଖନ୍ତୁ। ଯଦି ଆପଣ ଡେଙ୍ଗୁ ଦ୍ୱାରା ଆକ୍ରାନ୍ତ ବୋଲି ଜଣାପଡିଲା ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଇ ନିଅନ୍ତୁ। ଡେଙ୍ଗୁ ବିଷୟରେ ଯଦି ଆପଣଙ୍କର ସବିଶେଷ ଜ୍ଞାନ ନାହିଁ, ତେବେ ଅନ୍ୟମାନଙ୍କୁ ପରାମର୍ଶ ଦିଅନ୍ତୁ ନାହିଁ। ଡେଙ୍ଗୁ ବିଷୟରେ ଭଲ ଭାବରେ ଜାଣିବା ପାଇଁ ନିକଟସ୍ଥ ହସ୍‌ପିଟାଲକୁ ଯାଇ ସେଠାରେ ଥିବା ଡାକ୍ତରଙ୍କ ନିକଟରୁ ଏ ସମ୍ପର୍କରେ ଟିକିନିଖି ବୁଝିନିଅନ୍ତୁ।

-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ଜାଗତିକ ଉଷ୍ମତା ଓ ନିଦ୍ରାହୀନତା


ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା



ମଣିଷ ତଥାକଥିତ ପ୍ରଗତି ପଛରେ ଅନ୍ଧ ଭାବେ ଧାଇଁବା ଏବଂ ଯନ୍ତ୍ର ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହେବାର ପରିଣାମ ସ୍ୱରୂପ ବଢ଼ିଚାଲିଥିବା ସବୁଜଗୃହ ବାଷ୍ପର ନିର୍ଗମନ ହେତୁ ଘଟୁଥିବା ଜାଗତିକ ଉଷ୍ମତା ବୃଦ୍ଧିର ଭୌତିକ ଜଗତ ଉପରେ ପଡୁଛି ଅତି ବ୍ୟାପକ ପ୍ରଭାବ। ଏଣୁ ଏହାର ହ୍ରାସ ପାଇଁ ବିଭିନ୍ନ ମହଲରେ ଚାଲିଛି ତୁହାକୁ ତୁହା ବିଚାର ଆଲୋଚନା। କୋପେନ୍-ହାଗେନ୍ ଠାରୁ ପ୍ୟାରିସ୍ ମଧ୍ୟରେ କେତେ କ'ଣ ନିଷ୍ପତ୍ତି ନିଆଗଲାଣି ଏହାକୁ ନିୟନ୍ତ୍ରିତ କରିବାକୁ। ବୈଜ୍ଞାନିକମାନେ ଗୋଟିକ ପରେ ଗୋଟିଏ କରି ନୂତନ ମାର୍ଗ ଦେଖାଇ ଚାଲିଛନ୍ତି ସବୁଜଗୃହ ବାଷ୍ପର ନିର୍ଗମନକୁ ପ୍ରତିହତ କରିବା ପାଇଁ। କିନ୍ତୁ, ତାହା ସମ୍ଭବ ହେଉନି। ଫଳରେ ବାୟୁରେ ଅଙ୍ଗାରକାମ୍ଳର ମାତ୍ରା ଅତିକ୍ରମ କରିସାରିଲାଣି। ନିରାପଦ ସ୍ତର ରୂପେ ପରିଗଣିତ ନିୟୁତ ପ୍ରତି ୪୦୦ ଭାଗକୁ। ଫଳରେ ସମ୍ଭବତଃ ଜାଗତିକ ଉଷ୍ମତା ଏକ ଅଣଲେଉଟା ଅବସ୍ଥାରେ ପହଞ୍ଚି ସାରିଲାଣି। ତଥାପି ଆମର ଚେତନା ଉଦୟ ହେଉନି। ବିକାଶର ଦ୍ୱାହିଦେଇ, ବିଶେଷକରି ଅଧିକ ନିର୍ଗମନ ଘଟାଉଥିବା ଶିଳ୍ପୋନ୍ନତ ଦେଶମାନେ ଏହାକୁ ଅଣଦେଖା କରିଚାଲିଛନ୍ତି ନିଜର ସାମୟିକ ସ୍ୱାର୍ଥସାଧନ ଲାଗି। ଫଳରେ ଯେଉଁସବୁ ବିପର୍ଯ୍ୟୟମାନ ଘଟିବାରେ ଲାଗିଛି ତନ୍ମଧ୍ୟରୁ କେତୋଟି ହେଲା ପାଣିପାଗ ଅନିୟମିତତା, ସମୁଦ୍ରର ଜଳସ୍ତର ବୃଦ୍ଧି, ଘନଘନ ଝଡ଼ବାତ୍ୟା, ଗ୍ରୀଷ୍ମପ୍ରବାହ, ଋତୁଚକ୍ରରେ ପରିବର୍ତ୍ତନ ଇତ୍ୟାଦି। ପୁନଶ୍ଚ ଉତପ୍ତ ଓ ଆର୍ଦ୍ର ପରିବେଶ ବିବିଧ ବୀଜାଣୁମାନଙ୍କ ବଂଶବୃଦ୍ଧି ଘଟାଇ ଜନସ୍ୱାସ୍ଥ୍ୟ ଏବଂ କୃଷିକୁ କ୍ଷତି ପହଞ୍ଚାଇବା ସଙ୍ଗେ ସଙ୍ଗେ ଆମ ଚୟାପଚୟ ପ୍ରକ୍ରିୟାର ପ୍ରାକୃତିକତାକୁ ମଧ୍ୟ ବିକୃତ କଲାଣି। ଛୋଟ ବୋଲି ମନେ ହେଲେ ହେଁ ଆମ ଦୈନନ୍ଦିନ ଜୀବନ ଓ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାର ଅନ୍ୟଏକ କୁପ୍ରଭାବ କଥା ଏବେ କହିଲେଣି ବୈଜ୍ଞାନିକମାନେ- ତାହା ହେଲା ନିଦ୍ରାହୀନତା।

> ବୈଜ୍ଞାନିକଙ୍କ ଆକଳନ ଅନୁସାରେ ସବୁଜଗୃହ ବାଷ୍ପର ନିର୍ଗମନ ଯଦି ବର୍ତ୍ତମାନ ହାରରେ ବଢିବଢି ଚାଲେ, ତା'ହେଲେ ସେହି ଅନୁସାରେ ମଧ୍ୟ ବଢିବାରେ ଲାଗିବ ବିନିଦ୍ର ରଜନୀ। ଅତଏବ ୨୦୫୦ ମସିହାରେ ଆମେରିକାରେ ମାସକୁ ହାରାହାରି ଅଧିକ ୬ରାତି ଅଳ୍ପବହୁତ ଅନିଦ୍ରାରେ କଟିବ ଏବଂ ୨୦୯୯ ମସିହା ବେଳକୁ ତାହା ଦୁଇଗୁଣରୁ ଅଧିକ ହେବ – ଅର୍ଥାତ୍ ପ୍ରାୟ ୧୪ ରାତିକୁ ବୃଦ୍ଧି ପାଇବ।




ବିଗତ (ଜୁଲାଇ, ୨୦୧୭) ବର୍ଷ ଏହାକୁ ନେଇ 'ସାଇନ୍ସଆଡ୍‌ଭାନ୍ସ'ରେ ଏକ ନିବନ୍ଧ ପ୍ରକାଶ କରିଥିଲେ ହାଓ୍ୱାର୍ଡ ବିଶ୍ୱବିଦ୍ୟାଳୟ ଏବଂ ସାମାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଠାରେ ଏକକାଳୀନ କାର୍ଯ୍ୟରତ ପ୍ରଫେସର ନିକ୍ ଓବ୍ରାଡୋଭିଚ୍ ଓ ତାଙ୍କ ସହଗବେଷକମାନେ। ତହିଁରେ ସେମାନେ ସୂଚିତ କରିଥିଲେ ଯେ' ଜାଗତିକ ଉଷ୍ମତା ବୃଦ୍ଧି ସହିତ ତାଳଦେଇ ବଢିଚାଲିବ ଆମର ନିଦ୍ରାବିହୀନ ରାତ୍ରି ସଂଖ୍ୟା। ବିଶେଷକରି ଗ୍ରୀଷ୍ମକାଳରେ ଏହା ଅଧିକ ହେବ। ଶୀତତାପ ନିୟନ୍ତ୍ରଣ କରିବାକୁ ଅକ୍ଷମ ବୃଦ୍ଧମାନେ ମାତ୍ରାଧିକ ଭାବେ ଏହାର ଶିକାର ହେବେ।

ଏହି ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ସବୁଜଗୃହ ବାଷ୍ପର ନିର୍ଗମନ ଯଦି ବର୍ତ୍ତମାନର ହାରରେ ବଢିବଢି ଚାଲେ, ତା'ହେଲେ ସେହି ଅନୁସାରେ ମଧ୍ୟ ବଢିବାରେ ଲାଗିବ ବିନିଦ୍ର ରଜନୀ। ଅତଏବ ୨୦୫୦ ମସିହାରେ ଆମେରିକାରେ ମାସକୁ ହାରାହରି ଅଧିକ ୬ରାତି ଅଳ୍ପବହୁତ ଅନିଦ୍ରାରେ କଟିବ ଏବଂ ୨୦୯୯ ମସିହା ବେଳକୁ ତାହା ଦୁଇଗୁଣରୁ ଅଧିକ ହେବ – ଅର୍ଥାତ୍ ପ୍ରାୟ ୧୪ ରାତିକୁ ବୃଦ୍ଧି ପାଇବ।

ଅତି ଗରମ କିମ୍ବା ଅତି ଶୀତ ନିଦ୍ରାରେ ବାଧା ଉପୁଜାଉଥିବା କଥା ଆଗରୁ ଜଣାଅଛି। ତେବେ, ପାଣିପାଗ ପରିବର୍ତ୍ତନ ଓ ଜାଗତିକ ଉଷ୍ମତା ଯୋଗୁ ଏହା ଏତେଦୂର ଯିବ ବୋଲି କେହି ଭାବି ନ ଥିଲେ। ବିଗତ ୨୦୧୫ରେ ଆମେରିକାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବାରୁ ଏହାର ଆକଳନ କରିବାକୁ ଆରମ୍ଭକଲେ ଓବ୍ରାଡୋଭିଚ୍ ଏବଂ ତାଙ୍କ ସହଯୋଗୀମାନେ।

ଅଧିକ ତାପମାତ୍ରାର ପ୍ରଭାବ ଗଣନାକରିବା ପାଇଁ ସେମାନେ ଆମେରିକାର "ସେଣ୍ଟରସ୍ ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଏଣ୍ଡ ପ୍ରିଭେନସନ୍" ସଂସ୍ଥାରୁ ତଥ୍ୟମାନ ସଂଗ୍ରହ କରିଥିଲେ। ଏହି ସର୍ବେକ୍ଷଣରେ ଲୋକଙ୍କୁ ସେମାନଙ୍କ ନିଦ୍ରାର ଢାଞ୍ଚା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଉଚ୍ଚ ତାପମାତ୍ରା ଓ ନିଦ୍ରାହୀନତା ମଧ୍ୟରେ ଏକ ନିଶ୍ଚିତ ସମ୍ପର୍କ ସେଥିରୁ ଜଣାପଡ଼ିଲା। ଭବିଷ୍ୟବାଣୀ ଶୁଣାଇବା ପାଇଁ ସେମାନେ ସବୁଜଗୃହ ବାଷ୍ପର ଅଧିକ ନିର୍ଗମନ ଘଟିଲେ କେଉଁ ସ୍ଥାନରେ ତାପମାତ୍ରା କେତେ ଅଧିକ ହେବ ଏବଂ ତଦ୍ୱାରା ନିଦ୍ରା କିପରି ପ୍ରଭାବିତ ହେବ କମ୍ପ୍ୟୁଟର ସାହାଯ୍ୟରେ ତାହାର ଏକ ଆକଳନ କରିଛନ୍ତି। ଡ. ଓବ୍ରାଡୋଭିଚ୍‌ଙ୍କ ମତରେ ଜଣକର ନିଦ୍ରା ସମ୍ପର୍କରେ ସେ ଦେଇଥିବା ସୂଚନା ତା' ମନେରଖିବା ଶକ୍ତି ଉପରେ ନିର୍ଭର କରେ। ଏଣୁ ଏ ଅଧ୍ୟୟନକୁ ଆହୁରି ନିଶ୍ଚିତ କରିବା ପାଇଁ ସେମାନେ ଏବେ କିଛି ସ୍ୱେଚ୍ଛାସେବୀଙ୍କୁ ବିଜ୍ଞାନାଗାରର ନିୟନ୍ତ୍ରିତ ପରିବେଶ ମଧ୍ୟରେ ରଖି ବିଭିନ୍ନ ତାପମାତ୍ରାରେ ସେମାନଙ୍କ ନିଦ୍ରାର ଢାଞ୍ଚାର ଯାନ୍ତ୍ରିକ ଲିପିବଦ୍ଧ କରିବେ। ଅତଏବ ତହିଁରୁ ଏ ଦୁଇଟି ମଧ୍ୟରେ ସମ୍ପର୍କ ତ୍ରୁଟି ମୁକ୍ତ ଭାବେ ନିର୍ଦ୍ଧାରିତ ହୋଇପାରିବ। ଏକ ସୁସ୍ଥ ଜୀବନଯାପନ ଲାଗି ନିଦ୍ରା ଆମର ଅତ୍ୟାବଶ୍ୟକ। ଏହା ମସ୍ତିଷ୍କକୁ ବିଶ୍ରାମ ଦିଏ ଏବଂ ଚୟାପଚୟ ପ୍ରକ୍ରିୟାକୁ ମନ୍ଥର କରେ। ଆମ ଜୈବିକ ଘଡିକା ଉପରେ ମଧ୍ୟ ଏହାର ପ୍ରଭାବ ରହିଛି। ଏଣୁ ଉଭୟ ଦେହ ଓ ମନର ସ୍ୱାସ୍ଥ୍ୟ ଲାଗି ଏହା ଅତ୍ୟନ୍ତ ଉପଯୋଗୀ। ସେଥିପାଇଁ ବୟସ ଉପରେ ନିର୍ଭରକରି ଆମର ପ୍ରତ୍ୟହ ୬ରୁ ୮ ଘଣ୍ଟା ଶୋଇବା ନିହାତି ଦରକାର। ଶିଶୁମାନଙ୍କ ପାଇଁ ଏହା ଆହୁରି ଅଧିକ। ଏଣୁ ନିଦ୍ରା କମିକମି ଯିବା ଅର୍ଥ ଏ ସମସ୍ତ ପ୍ରକ୍ରିୟା ଉପରେ ପଡିବ ତାହାର କୁପ୍ରଭାବ। ଜାଗତିକ ଉଷ୍ମତା ବୃଦ୍ଧିପାଇ ଚାଲିଲେ ଏ ସମସ୍ୟା ବଢି ବଢି ଚାଲିବ। ବିଶେଷକରି ବିଷୁବ ମଣ୍ଡଳର ଉଷ୍ମ ଜଳବାୟୁରେ ବାସ କରୁଥିବା ଲୋକେ ଏହାଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତ ହେବେ।

-ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରିବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୬

## ସ୍ୱାସ୍ଥ୍ୟ ସୂଚନା

- ଦୈନନ୍ଦିନ ଖାଦ୍ୟ ତାଲିକାରେ ଛତୁ ସାମିଲ କରନ୍ତୁ। ଏଥିରେ ଗ୍ଲୁକାନ୍ସ ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଥଣ୍ଡା ସୃଷ୍ଟି କରାଉଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିଦିଏ। କେବଳ ସେତିକି ନୁହେଁ, ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ।
- ମହୁରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ତତ୍ତ୍ୱ ଯାହା ଶରୀରକୁ ଅନିଷ୍ଟ ପହଞ୍ଚାଉଥିବା ବ୍ୟାକ୍ଟେରିଆଗୁଡ଼ିକୁ ମାରିଦେଇଥାଏ। ମହୁ ମିଶ୍ରିତ ଚା' ପିଇଲେ ତାହା ଶରୀରରୁ ଥଣ୍ଡା ଦୂର କରିଥାଏ।
- ଆପଣ ଥଣ୍ଡାଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ପ୍ରତିଦିନ ସକାଳୁ ୨-୩ ପାଖୁଡ଼ା କଞ୍ଚା ରସୁଣ ଖାଆନ୍ତୁ। ଏହା ଶରୀର ପାଇଁ କେତେ ଉପକାରୀ ତାହା ଜାଣିପାରିବେ।
- ଥଣ୍ଡା ଯୋଗୁ ନାକ ରୁନ୍ଧି ହୋଇଯାଉଛି କି ? ଏଥିରୁ ଉପଶମ ପାଇବା ପାଇଁ ଗରମ ଚିକେନ ସୁପ୍ ପିଇପାରନ୍ତି। ଏହାଦ୍ୱାରା ଶ୍ୱାସକ୍ରିୟାଜନିତ ସମସ୍ୟା ଦୂର ହୋଇଥାଏ।
- ନିଜକୁ ସୁସ୍ଥ ରଖିବା ପାଇଁ ପନିପରିବାରୁ ପ୍ରସ୍ତୁତ ସୁପ୍ ପିଅନ୍ତୁ।
- ପ୍ରତିଦିନ ଭିଟାମିନ୍-ସି ଯୁକ୍ତ ଖାଦ୍ୟ ଖାଆନ୍ତୁ। ଶରୀରକୁ ସୁସ୍ଥ ରଖିବାରେ ଏହା ସହାୟକ ହୋଇଥାଏ।
- ବୟସ ବଢ଼ିବା ସହ ଅନେକେ ସ୍ମରଣ ଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଭିଟାମିନ୍ ବି-୧୨ଯୁକ୍ତ ଖାଦ୍ୟ ସ୍ମରଣ ଶକ୍ତିକୁ ପ୍ରଖର କରିବା ସହ ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ତେଣୁ ନିଜର ଖାଦ୍ୟ ତାଲିକାରେ ଏଭଳି ଖାଦ୍ୟ ସାମିଲ କରନ୍ତୁ।
- ବୟସ ୫୦ ଟପିଲେ ତାହାର ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ତେଣୁ ଏହି ସମୟରେ ଅଧିକ କ୍ୟାଲସିୟମ ଏବଂ ଭିଟାମିନ୍ ଡି'ଯୁକ୍ତ ଖାଦ୍ୟ ଖାଆନ୍ତୁ।
- ବୃଦ୍ଧାବସ୍ଥାରେ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ନିୟମିତ ଆଖି ପରୀକ୍ଷା କରାଇ ନିଅନ୍ତୁ। ତା'ସହ ଓମେଗା-୩ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ।





## ସଂକ୍ଷେପରେ

### ଏୟାର ଇଣ୍ଡିଆର ୪ ସହାୟକ କମ୍ପାନୀ ବିକ୍ରି ଯୋଜନା

**ନୂଆଦିଲ୍ଲୀ,୧୬-୯:** କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ୪ଟି ସହାୟକ କମ୍ପାନୀକୁ ବିକ୍ରି କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଦେଶର ରାଜଧାନୀରେ ଥିବା ଏୟାର ଇଣ୍ଡିଆର ମୁଖ୍ୟାଳୟ, ଦେଶର ବିଭିନ୍ନ ଅଞ୍ଚଳରେ ଥିବା ସମ୍ପତ୍ତି, ଏୟାରଲାଇନ ଆଲାଏଡ ସର୍ଭିସେସ୍ ଲିମିଟେଡ(ଏଏଏସ୍ଏଲ୍) ଏବଂ ହୋଟେଲ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଚ୍ସିଆଇ)କୁ ବିକ୍ରି କରାଯିବ। ଏୟାର ଇଣ୍ଡିଆର ବିକ୍ରି ପ୍ରକ୍ରିୟାକୁ ଆଗେଇ ନେବା ଲାଗି ସରକାର କମ୍ପାନୀର ସମସ୍ତ ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ସୂଚନାଥାଉ କି, ସରକାର ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର ୭୬ ପ୍ରତିଶତ ଅଂଶଧନ ବିକ୍ରି କରିବାରେ ବିଫଳ ହେବା ପରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍ଲୀଙ୍କ ଅଧ୍ୟକ୍ଷତାରେ ବସିଥିବା ମନ୍ତ୍ରୀ ଗୋଷ୍ଠୀ ବୈଠକରେ ଏହାକୁ ବିକ୍ରି କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

### ଜନଧନ ଯୋଜନାରେ ଯୋଡି ହେଲେ ଆହୁରି ୨୦ ଲକ୍ଷ ଆକାଉଣ୍ଟଧାରୀଙ୍କ ସଂଖ୍ୟା ପହଞ୍ଚିଲା ୩୨.୬୧ କୋଟି

**ନୂଆଦିଲ୍ଲୀ,୧୬-୯:** ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ସେପ୍ଟେମ୍ବର ୫ ସୁଦ୍ଧା ଏହି ଯୋଜନାରେ ଆହୁରି ୨୦ ଲକ୍ଷ ଲୋକ ସାମିଲ ହୋଇଛନ୍ତି। ଫଳରେ ଏହି ଯୋଜନାରେ ଆକାଉଣ୍ଟଧାରୀଙ୍କ ସଂଖ୍ୟା ବଢ଼ି ୩୨.୬୧ କୋଟିରେ ପହଞ୍ଚି ଯାଇଛି। କେନ୍ଦ୍ର ସରକାର ଜନଧନ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଏହାକୁ ଖୋଲା ଅବଧିର ଯୋଜନା ରୂପେ ପରିବର୍ତ୍ତିତ କରିବା ସହିତ ଏହାର ବୀମା ସୁରକ୍ଷା ବୃଦ୍ଧି କରିଛନ୍ତି। ଏଥିସହିତ ଆକାଉଣ୍ଟଧାରୀଙ୍କ ପାଇଁ ଓଭରଡ୍ରାଫ୍ଟ ପରିମାଣକୁ ଦ୍ୱିଗୁଣିତ କରି ୧୦ ହଜାର ଟଙ୍କା ଦୁର୍ଘଟଣା ବୀମା ସୁରକ୍ଷାକୁ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି କାରଣରୁ ଗରିବଙ୍କ ମଧ୍ୟରେ ଏହି ଯୋଜନା ପ୍ରତି ଆକର୍ଷଣ ବଢ଼ିବାରେ ଲାଗିଛି। ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୫ ମଧ୍ୟରେ ଜନଧନ ଯୋଜନାରେ ମୋଟ୍ ୩୨.୬୧ କୋଟି ଖାତା ଖୋଲାଯାଇଛି ଓ ଏଥିରେ ମୋଟ୍ ୧୨୬୬.୪୩ କୋଟି ଟଙ୍କା ଜମା ହୋଇଛି। ତଥ୍ୟରୁ ଜଣାପଡିଛି ଯେ, ଅଗଷ୍ଟ ୨୮ ପରେ ଆକାଉଣ୍ଟ ଖୋଲିଥିବା ୭ କୋଟି ୧୮ ବ୍ୟକ୍ତିଙ୍କୁ ଉକ୍ତ ଯୋଜନାରେ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସୁରକ୍ଷା ମିଳିବ।



“ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍(ଏଚ୍ସିଆଇଏଲ୍) ଚାହିଁଲେ ଖୁବ୍ ଶୀଘ୍ର ଭାରତରେ ବିଦ୍ୟୁତ୍ ଚାଳିତ ଯାନ ନିର୍ମାଣ ପାଇଁ ସମସ୍ତ ବ୍ୟବସ୍ଥା କରି ପାରିବ।

– ରାଜେଶ ଗୋଏଲ, ବରିଷ୍ଠ ଉପସଭାପତି, ଏଚ୍ସିଆଇଏଲ୍



“ଦେଶରେ ଦର ବୃଦ୍ଧି ଏକ ବଡ଼ ସମସ୍ୟାରେ ପରିଣତ ହେଲାଣି। ତୁରନ୍ତ ଏହାକୁ ରୋକା ନ ଗଲେ ଆସନ୍ତା ସାଧାରଣ ନିର୍ବାଚନରେ କେନ୍ଦ୍ର ସରକାରଙ୍କୁ ମହଙ୍ଗା ପଡ଼ିବ।

– ବାବା ରାମଦେବ, ପ୍ରତିଷ୍ଠାତା, ପତଞ୍ଜଳି ଆୟୁର୍ବେଦ

# ରଦ୍ଦ ହେବ ୨୧ ଲକ୍ଷ ନିର୍ଦ୍ଦେଶକଙ୍କ ଡିଆଇଏନ୍

**ନୂଆଦିଲ୍ଲୀ,୧୫-୯**

■ ଶେଷ ହୋଇଛି ଡେଡ୍ଲାଇନ

■ କେୱାଇସି ନିୟମ ମାନିଛନ୍ତି ୧୨.୧୬ ଲକ୍ଷ ନିର୍ଦ୍ଦେଶକ

■ ଭୋଗିପାରନ୍ତି ଆଇନଗତ କାର୍ଯ୍ୟାନୁଷ୍ଠାନ




ଦେଶରେ କମ୍ପାନୀ ଆଇନ ଅନ୍ତର୍ଗତ ପଞ୍ଜୀକରଣ ହୋଇଥିବା କମ୍ପାନୀଗୁଡ଼ିକର ନିର୍ଦ୍ଦେଶକମାନେ ଏବେ ଅଡୁଆରେ। ଏହି ପଞ୍ଜୀକୃତ କମ୍ପାନୀର ନିର୍ଦ୍ଦେଶକ ବୋର୍ଡରେ ଥିବା ପ୍ରାୟ ୨୧ ଲକ୍ଷ ନିର୍ଦ୍ଦେଶକଙ୍କ ଆଇଡେଣ୍ଟିଫିକେଶନ ନମ୍ବର (ଡିଆଇଏନ୍) ରଦ୍ଦ କରାଯିବ। ଏହି ପ୍ରକ୍ରିୟା ଆରମ୍ଭ ହୋଇ ସାରିଲାଣି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି।

ନୋ ୟୋର କଷ୍ଟମର (କେୱାଇସି) ନିୟମ ପାଳନ କରିବାରେ ଏହି ନିର୍ଦ୍ଦେଶକମାନେ ବିଫଳ ହୋଇଥିବାରୁ ସେମାନଙ୍କ ଡାଇରେକ୍ଟର ଆଇଡେଣ୍ଟିଫିକେଶନ ନମ୍ବର ରଦ୍ଦ କରାଯିବ। ଯଦିଓ ପରବର୍ତ୍ତୀ ସମୟରେ ସେମାନେ ପୁଣି ଥରେ ଏହି ନମ୍ବର ହାସଲ କରି ପାରିବେ ତଥାପି ସେମାନଙ୍କୁ ବିଭିନ୍ନ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ। ୫୦୦୦ ଟଙ୍କା ଦେୟ ପୈଠ କରିବା ସହିତ ବିଭିନ୍ନ କାଗଜପତ୍ର ଦେଖାଇବାକୁ ହେବ। ଏପରି କି ସେମାନେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ବୋଲି ଅଧିକାରୀ ଜଣକ କହିଛନ୍ତି। କିଛିଦିନ ପୂର୍ବରୁ ଭୂତ କମ୍ପାନୀଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରଣାଳୟ ବିଚାର କରିବା ପରେ ଏବେ ନିର୍ଦ୍ଦେଶକଙ୍କ ଆଡ଼କୁ ନଜର କରିଛି।

ସୂଚନା ଅନୁସାରେ ଚଳିତ ବର୍ଷ ଜୁନ୍ରେ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା ଯେ, ସମସ୍ତ ନିର୍ଦ୍ଦେଶକଙ୍କ କେୱାଇସ ଗ୍ରହଣ କରାଯିବ। ଏଥିପାଇଁ ନୂତନ ନିୟମ ଅନୁସାରେ 'ଡିଆଇଆର୍-୩ କେୱାଇସି' ଫର୍ମ ସେପ୍ଟେମ୍ବର ୧୫ସୁଦ୍ଧା ପୂରଣ କରିବାର ଥିଲା। ଏହି ଧାର୍ଯ୍ୟ ସମୟ ଅତିବାହିତ ହୋଇସାରିଥିବା ବେଳେ ମୋଟ ୩୩ ଲକ୍ଷ ନିର୍ଦ୍ଦେଶକଙ୍କ ମଧ୍ୟରୁ ମାତ୍ର ୧୨ ଲକ୍ଷ ୧୬ ହଜାର ନିର୍ଦ୍ଦେଶକ ଏହି ଫର୍ମ ପୂରଣ କରିଛନ୍ତି। ବାକି ପାଖାପାଖି ୨୧ ଲକ୍ଷ ନିର୍ଦ୍ଦେଶକ ସମୟ ପୂର୍ବରୁ ଫର୍ମ ପୂରଣ କରି ନାହାନ୍ତି। ତେଣୁ ନିୟମ ଅନୁସାରେ ଚଳିତ ବର୍ଷ ମାର୍ଚ୍ଚ ୩୧ ବା ଏହା ପୂର୍ବରୁ ଯେଉଁମାନେ ଡାଇରେକ୍ଟର ଆଇଡେଣ୍ଟିଫିକେଶନ ନମ୍ବର ପାଇଛନ୍ତି ସେମାନଙ୍କୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ମାସକ ଭିତରେ ମାଲ୍ୟାଙ୍କ ବିରୋଧରେ ଚାର୍ଜଶିଟ୍

**ନୂଆଦିଲ୍ଲୀ,୧୬-୯**

### ଏଥିରେ ଯୋଡା ହେବେ ବ୍ୟାଙ୍କ ଅଧିକାରୀ



କିଙ୍ଗଫିଶର ଏୟାର ଲାଇନ୍ସକୁ ୬୦୦୦ କୋଟି ଟଙ୍କା ଋଣ ପ୍ରଦାନ ମାମଲାରେ ସିବିଆଇ ଏହାର ପ୍ରମୁଖ ବିଜୟ ମାଲ୍ୟାଙ୍କ ବିରୋଧରେ ବର୍ଷକ ପୂର୍ବେ ଚାର୍ଜଶିଟ୍ ଦାଖଲ କରିଥିବା ବେଳେ ମାସକ ଭିତରେ ଆଉ ଏକ ଚାର୍ଜଶିଟ୍ ଦାଖଲ କରିବାକୁ ଯାଉଛି। ମାଲ୍ୟାଙ୍କୁ ଋଣ ପ୍ରଦାନରେ ସହଯୋଗ କରିଥିବା ବ୍ୟାଙ୍କ ଅଧିକାରୀଙ୍କ ବିରୋଧରେ ମଧ୍ୟ ସିବିଆଇ ଚାର୍ଜଶିଟ୍ ଦାଖଲ କରିବ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ୧୭ଟି ବ୍ୟାଙ୍କ କିଙ୍ଗଫିଶର ଏୟାର ଲାଇନ୍ସକୁ ଉକ୍ତ ଋଣ ପ୍ରଦାନ କରିଥିଲେ, ଯେଉଁଥିରେ ଷ୍ଟେଟ୍ ବ୍ୟାଙ୍କର କେବଳ ୧୬୦୦ କୋଟି ଟଙ୍କା ରହିଛି। ସେହିପରି ଆଇଡିବିଆଇ ବ୍ୟାଙ୍କରୁ ୯୦୦ କୋଟି ଟଙ୍କା ଋଣ ନେଇ ଠକି ଥିବା ମାଲ୍ୟାଙ୍କ ବିରୋଧରେ ସିବିଆଇ ପକ୍ଷରୁ ପୂର୍ବରୁ ଏକ ଚାର୍ଜଶିଟ୍ ଦାଖଲ କରାଯାଇ ସାରିଛି। ୨୦୧୫ ଓ ୨୦୧୬ରେ ମାଲ୍ୟାଙ୍କ ବିରୋଧରେ ଦୁଇଟି ମାମଲା ଦାଏର ହୋଇଥିଲା। ବ୍ୟାଙ୍କ ଅଧିକାରୀମାନଙ୍କ ନାମ ଗୋପନ ରଖି ଜଣେ ଅଧିକାରୀ କହିଛନ୍ତି ଯେ, ପ୍ରଥମ ମାମଲାର ତଦନ୍ତ ପ୍ରାୟତଃ ଶେଷ ହୋଇଛି ଏବଂ ମାସକ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରାଯିବ। ଷ୍ଟେଟ ବ୍ୟାଙ୍କ ସହ ୧୭ଟି ବ୍ୟାଙ୍କର କାର୍ଯ୍ୟରତ ଓ ଅବସର ନେଇଥିବା ଅଧିକାରୀଙ୍କ ନାମ ଚାର୍ଜଶିଟ୍ରେ ରହିଥିବା କୁହାଯାଉଛି। ସେମାନେ ମାଲ୍ୟାଙ୍କୁ ଋଣ ପ୍ରଦାନରେ ସହାୟତା କରିଥିଲେ ବୋଲି ସିବିଆଇ ତଦନ୍ତରୁ ଜାଣିପାରିଥିଲା। ଏହାଛଡା ଋଣ ପ୍ରଦାନରେ ହାତ ଥିବା ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ଉପରେ ଏବେ ସିବିଆଇର ନଜର ରହିଛି।

# ୟୁଆଇଡିଏଆଇ ରାଜ୍ୟଗୁଡ଼ିକୁ ଦେବ ୨୦୦ କୋଟି

**ନୂଆଦିଲ୍ଲୀ, ୧୬-୯(ପି.ଟି.)**

■ ତାଲୁକ ସ୍ତରରେ ରହିବ ଆଧାର ପଞ୍ଜୀକରଣ ମେଶିନ୍

■ ପ୍ରତି ବିଦ୍ୟାଳୟରେ ହେବ କ୍ୟାମ୍ପ

■ ଜିଲ୍ଲା ପ୍ରଶାସନ ନେବ ପରିଚାଳନା ଦାୟିତ୍ୱ



ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଆଧାର ପଞ୍ଜୀକରଣ ଏବଂ ସେଥିରେ ସଂଶୋଧନ ଆଦି କାର୍ଯ୍ୟ ସକାଶେ ତାଲୁକ ସ୍ତରରେ ଆଧାର ଏନ୍ରୋଲ୍ମେଣ୍ଟ ମେଶିନ ବ୍ୟବସ୍ଥା କରାଯିବ। ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ରାଜ୍ୟ ସରକାରଗୁଡ଼ିକୁ ଏଥିପାଇଁ ୨୦୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ଘୋଷଣା କରିଛି।

ଆଧାର କାର୍ଡ ନ ଥିଲେ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାରେ କୌଣସି ଅସୁବିଧା ନାହିଁ। କୌଣସି ଅଧିକାରୀ ଛାତ୍ରୀଛାତ୍ରଙ୍କୁ ଆଧାର ଆଳ ଦେଖାଇ ନାମ ଲେଖାରୁ ବଞ୍ଚିତ କରିପାରିବେ ନାହିଁ। କିଛି ଦିନ ପୂର୍ବରୁ ୟୁଆଇଡିଏଆଇ ଏଭଳି ନିର୍ଦ୍ଦେଶ ଦେବା ପରେ ପୁଣି ତାଲୁକ ସ୍ତରରେ ପଞ୍ଜୀକରଣ ବ୍ୟବସ୍ଥା କରାଇବା ପାଇଁ ନିଷ୍ପତ୍ତି ନେଇଛି। ପ୍ରତି ତାଲୁକସ୍ତରରେ ଅତି କମ୍ରେ ଦୁଇଟି ଏହିଭଳି ମେଶିନ ରହିବ। ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଆଧାର ପଞ୍ଜୀକରଣ ଓ ସଂଶୋଧନ କାର୍ଯ୍ୟ ସମ୍ପାଦିତ ହେବ। ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଅଜୟ ଭୂଷଣ ପାଣ୍ଡେ ଏହା କହିଛନ୍ତି।

ଏହି ମେଶିନ ପ୍ରତି ବିଦ୍ୟାଳୟକୁ ନିଆଯିବ। ପ୍ରତ୍ୟେକ ବର୍ଷ ଅତିକମ୍ରେ ବିଦ୍ୟାଳୟରେ ଦୁଇଥର ଆଧାର ପଞ୍ଜୀକରଣ ଶିବିର କରାଯିବ ବୋଲି ସେ କହିଛନ୍ତି। ଏହି ଯୋଜନାକୁ ୟୁଆଇଡିଏଆଇ ପ୍ରାଥମିକ ଅବସ୍ଥାରେ ମଞ୍ଜୁରୀ ପ୍ରଦାନ କରିଛି। ପରବର୍ତ୍ତୀ ସମୟରେ ପ୍ରତି ରାଜ୍ୟକୁ ଏଥିପାଇଁ ପାଣ୍ଠି ପ୍ରଦାନ କରିବ। ଫଳରେ କୌଣସି ଛାତ୍ରୀଛାତ୍ର ଆଧାର ନ ଥିବା କାରଣରୁ ନାମ ଲେଖାରୁ ବଞ୍ଚିତ ହେବେ ନାହିଁ ବୋଲି ପାଣ୍ଡେ ସ୍ପଷ୍ଟ କରିଛନ୍ତି।

## ବିଦେଶୀ କମ୍ପାନୀ ପାଇଁ ଆସିପାରେ କମନ୍ ଆପ୍ଲିକେଶନ ଫର୍ମ

**ନୂଆଦିଲ୍ଲୀ, ୧୬-୯(ପି.ଟି.)**

ଯେଉଁ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ପୁଞ୍ଜି ନିବେଶ କରିବା ପାଇଁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏକ କମନ୍ ଆପ୍ଲିକେଶନ ଫର୍ମ ବ୍ୟବସ୍ଥା କରାଯିବ। ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ଏଭଳି ଏକ ପ୍ରସ୍ତାବ ଉପରେ ବିଚାର ଚଳାଇଛି। ବ୍ୟବସାୟ ବାତାବରଣକୁ ସହଜ କରିବା ପାଇଁ ସେବି ଏଭଳି ନିଷ୍ପତ୍ତି ନେଇ ପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ ଏହା କହିଛନ୍ତି। ଚଳିତ ସପ୍ତାହରେ ସେବି ବୋର୍ଡର ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଏ ସମ୍ପର୍କିତ ଆଲୋଚନା ହେବାର ସମ୍ଭାବନା ରହିଛି ବୋଲି ଅଧିକାରୀ ଜଣକ କହିଛନ୍ତି। ବର୍ତ୍ତମାନର ନିୟମ ଅନୁସାରେ ସେବି ଅନ୍ତର୍ଗତ ପଞ୍ଜୀକୃତ ହେବା ପାଇଁ ପୃଥକ ଭାବେ ଫର୍ମ ପୂରଣ କରିବାକୁ ହେଉଛି। ବ୍ୟାଙ୍କ ଆକାଉଣ୍ଟ, ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ୍) ଆଦି ବିଭିନ୍ନ ଆବଶ୍ୟକତା ପାଇଁ ପୃଥକ ଆବେଦନ କରିବାକୁ ପଡୁଛି ବୋଲି ସେ କହିଛନ୍ତି।

### ଗ୍ୟାସ୍ ଚୋରି ମାମଲା

## ରିଲାଏନ୍ସ ସପକ୍ଷରେ ଆସିଥିବା ରାୟକୁ ଚ୍ୟାଲେଞ୍ଜ କରିବେ ସରକାର

**ନୂଆଦିଲ୍ଲୀ,୧୬-୯**

ଓଏନଜିସି ଗ୍ୟାସ୍ ଚୋରି ମାମଲାରେ କେନ୍ଦ୍ର ସରକାର ରିଲାଏନ୍ସ ବିରୋଧରେ ପୁନର୍ବାର ଅଦାଲତ ଯିବେ। ଆଇନ ମନ୍ତ୍ରଣାଳୟ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତର ରାୟକୁ ଚ୍ୟାଲେଞ୍ଜ କରିବା ଲାଗି ପ୍ରସ୍ତୁତ ଅପିଲକୁ ଅନୁମୋଦନ କରିଛନ୍ତି। ଓଏନ୍ଜିସିର ଗ୍ୟାସ୍ ଫିଲ୍ଡରୁ ରିଲାଏନ୍ସ ଗ୍ୟାସ୍ ଚୋରି କରିଥିବାରୁ ସରକାର ଏହି କମ୍ପାନୀଠାରୁ ୧.୫ ବିଲିୟନ ଡଲାର କ୍ଷତିପୂରଣ ଦାବି କରିଥିଲେ। ଏହାକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତରେ ଚ୍ୟାଲେଞ୍ଜ କରିଥିଲା। ଅଦାଲତ ଜୁଲାଇରେ ରିଲାଏନ୍ସ ସପକ୍ଷରେ ରାୟ ଶୁଣାଇଥିଲେ। ଏହାକୁ କିପରି ଚ୍ୟାଲେଞ୍ଜ କରାଯାଇପାରିବ ସେନେଇ ତୈଳ ମନ୍ତ୍ରଣାଳୟ ପକ୍ଷରୁ ଆଇନ ମନ୍ତ୍ରଣାଳୟର ପରାମର୍ଶ ଲୋଡାଯାଇଥିଲା। ଅନ୍ତର୍ଜାତୀୟ ଅଦାଲତ ଦ୍ୱାରା ପ୍ରଦତ୍ତ ରାୟ ଉତ୍ପାଦନ ଭାଗିଦାରୀ ଚୁକ୍ତିର ଖିଲାପ କରୁଛି। ଅଦାଲତ ଚୁକ୍ତିର ସର୍ତ୍ତାବଳୀକୁ ଅଣଦେଖା କରିଛନ୍ତି ବୋଲି ଆଇନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଣୁ ଏହି ରାୟ ବିରୋଧରେ ସରକାର ହାଇକୋର୍ଟ ଯାଇପାରିବେ ବୋଲି ଆଇନ ମନ୍ତ୍ରଣାଳୟ ମତପ୍ରକାଶ କରିଛନ୍ତି।

# ୯୩ ଜଳସେଚନ ପ୍ରକଳ୍ପକୁ ୬୫,୬୩୪କୋଟି

**ନୂଆଦିଲ୍ଲୀ, ୧୬-୯**

### ନାବାର୍ଡର ଋଣ ମଞ୍ଜୁରୀ



ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା(ପିଏମ୍କେଏସ୍ୱାଇ) ଅନ୍ତର୍ଗତ ୯୩ଟିପ୍ରମୁଖ ଜଳସେଚନ ପ୍ରକଳ୍ପକୁ ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ(ନାବାର୍ଡ) ୬୫,୬୩୪.୯୩ କୋଟି ଟଙ୍କା ଋଣ ମଞ୍ଜୁର କରିଛି। ନାବାର୍ଡର ଅଧ୍ୟକ୍ଷ କେ. ଭନୱାଲା ରବିବାର ଏହି ସୂଚନା ଦେଇଛନ୍ତି।

ଉପରୋକ୍ତ ୯୩ଟି ପ୍ରକଳ୍ପ ୨୦୧୯ ସୁଦ୍ଧା ଶେଷ କରିବା ପାଇଁ ଧାର୍ଯ୍ୟ ହୋଇଛି। ସେଥିପାଇଁ ୭୦ ହଜାର କୋଟି ଟଙ୍କା ଋଣ ପ୍ରଦାନ କରାଯିବ ବୋଲି ମଧ୍ୟ ଭନୱାଲା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୮୬ଟି ପ୍ରକଳ୍ପ ପାଇଁ ପ୍ରାୟ ୨୩ ହଜାର ୪୦୨ କୋଟି ୭୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଂଶ ପାଖାପାଖି ୧୫,୨୪୨ କୋଟି ଟଙ୍କା ଥିବାବେଳେ ରାଜ୍ୟଗୁଡିକର ଅଂଶ ୮,୧୬୦.୭୦ କୋଟି ଟଙ୍କା ରହିଛି। ଏବେ ସୁଦ୍ଧା ପ୍ରାୟ ୧୮ଟି ପ୍ରକଳ୍ପ ଶେଷ ହୋଇଥିବାବେଳେ ଆଉ ୭ଟି ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ରହିଛି। ନାବାର୍ଡ ଅଧ୍ୟକ୍ଷଙ୍କ କହିବା ଅନୁସାରେ ଉତ୍ତରପ୍ରଦେଶରେ ସର୍ବାଧିକ ଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସେହିପରି ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ତେଲେଙ୍ଗାନାର କେତୋଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ଦୀର୍ଘମିଆଦି ଉଠାଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖାପାଖି ୯୯% ଅଂଶ ନାବାର୍ଡ ବହନ କରୁଛି ବୋଲି ସେ କହିଛନ୍ତି।

## ସମବାୟର ପୁନରୁତ୍ଥାନ ଆବଶ୍ୟକ: ଆର୍ବିଆଇ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୧୬-୯**

କୃଷି କ୍ଷେତ୍ରରେ ଦେଖାଦେଇଥିବା ବିପର୍ଯ୍ୟୟକୁ ସମ୍ଭାଳିବାକୁ ହେଲେ ସମବାୟ ସେକ୍ଟରର ପୁନରୁତ୍ଥାନ ଆବଶ୍ୟକ ବୋଲି ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶକ ସତୀଶ ମାରାଠେ ଦୃଢ଼ୋକ୍ତି କରିଛନ୍ତି। ସେ କହିଛନ୍ତି ଯେ, କେବଳ କୃଷିଜାତ ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇ ଦେଲେ ଚାଷୀକୁଳର ଦୁର୍ଦ୍ଦଶାର ସମାଧାନ ହେବନି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଉନ୍ନତି କରିବାକୁ ହେଲେ ସମବାୟ ସେକ୍ଟରର ଯୋଗଦାନର ଆବଶ୍ୟକତା ରହିଛି। ସେହିପରି ଚାଷୀ ଯେପରି ତା'ର ଉଚିତ୍ ମୂଲ୍ୟ ପାଇବ ତାହା ମଧ୍ୟ ଦେଖିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମାରାଠେ କହିଛନ୍ତି ଯେ, ଭାରତରେ କୃଷି ଉତ୍ପାଦର ମାତ୍ର ୨୦ ପ୍ରତିଶତ ପ୍ରକ୍ରିୟାକୃତ ହେଉଛି। ଅନ୍ୟପକ୍ଷରେ ବିକଶିତ ତଥା ଦକ୍ଷିଣ ଏସିଆରେ ଦେଶଗୁଡିକରେ ୮୦ ପ୍ରତିଶତ କୃଷି ଉତ୍ପାଦର ପ୍ରକ୍ରିୟାକରଣ କରାଯାଉଛି। କେବଳ ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇ ଦେଲେ ଚାଷୀଙ୍କ ସମସ୍ୟାର ସମାଧାନ ହୋଇଯିବନି। ସମବାୟ ସେକ୍ଟରକୁ ପୁନରୁଜ୍ଜୀବିତ କରିବାକୁ ହେବ। ସମବାୟ ଗଠନକୁ ମୌଳିକ ଅଧିକାର ଭାବେ ବିବେଚନା ପାଇଁ ୯୭ତମ ସମ୍ବିଧାନ ସଂଶୋଧନ ନ୍ୟାୟରେ ଏହାର ନିୟମରେ ପରିବର୍ତ୍ତନ କରିବାକୁ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଜିଡିପିରେ ସମବାୟର ଯୋଗଦାନ କେତେ ସେ ସମ୍ପର୍କରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍ଓ) ନିକଟରେ ତଥ୍ୟ ନାହିଁ।

### ଶକ୍ତି କ୍ଷେତ୍ରରେ ଏନ୍ପିଏ ଆଶଙ୍କା

## ଉଚ୍ଚସ୍ତରୀୟ ବୈଠକ ପ୍ରତି ରିଜର୍ଭ ବ୍ୟାଙ୍କର ଅନାଗ୍ରହ

**ନୂଆଦିଲ୍ଲୀ,୧୬-୯**

ବ୍ୟାଙ୍କଗୁଡିକ ପକ୍ଷରୁ ଶକ୍ତି କ୍ଷେତ୍ରରେ ପ୍ରଦାନ କରାଯାଇଥିବା ଋଣ ଅନାଦାୟ ଋଣ(ଏନ୍ପିଏ)ରେ ପରିବର୍ତ୍ତନ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏଗୁଡିକର ସମାଧାନ ଲାଗି ବ୍ୟାଙ୍କଗୁଡିକ ଏନ୍ସିଏଲଟିର ଦ୍ୱାରସ୍ଥ ହେବାକୁ ଚାହୁଁନାହାନ୍ତି। ଏହାଦ୍ୱାରା ସେମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବେ। ଏହି କାରଣରୁ କେନ୍ଦ୍ର ସରକାର କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲେ। ଏଥିରେ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ)କୁ ସାମିଲ କରାଯାଇଥିଲା। କିନ୍ତୁ ଏଥିରେ ସାମିଲ ହେବାକୁ ଆର୍ବିଆଇ ଅନିଚ୍ଛୁକ ଥିବା ଜଣାପଡିଛି। ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଅଗଷ୍ଟ ୩୧ ଓ ଚଳିତ ମାସ ୧୪ରେ ଉକ୍ତ କମିଟିର ବୈଠକ ବସିଥିଲେ ହେଁ ଆର୍ବିଆଇ ପ୍ରତିନିଧି ଯୋଗ ଦେଇ ନ ଥିଲେ। ଅନାଦାୟ ଋଣ ମାମଲାର ସମାଧାନ ଲାଗି ଯେଉଁ ନିୟମାବଳୀ ପ୍ରସ୍ତୁତ କରାଯାଇଛି ତାହାକୁ ତିଳେମାତ୍ର କୋହଳ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଆର୍ବିଆଇ ଅଦାଲତକୁ ଜଣାଇଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଏହି ନିଷ୍ପତ୍ତିରେ ଅଟଳ ଥିବା ଦର୍ଶାଇଛି। ସମ୍ପତ୍ତି ପୁନଃନିର୍ମାଣ କମ୍ପାନୀ ଗଠନ ସପକ୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ନାହିଁ ବୋଲି ପୂର୍ବରୁ ଏହା ସ୍ପଷ୍ଟ କରିସାରିଛି। ଏପରିପ୍ରେକ୍ଷୀରେ ବୈଠକରେ ଯୋଗଦେବାର ଯଥାର୍ଥତା ନାହିଁ ବୋଲି କୁହାଯାଇଛି। ବୈଠକ ହେବା ପୂର୍ବରୁ ଶକ୍ତି ମନ୍ତ୍ରୀ ଆର୍.କେ. ସିଂ କହିଥିଲେ ଯେ, ଉକ୍ତ ବୈଠକରେ ଯୋଗ ଦେବା ଲାଗି ଆର୍ବିଆଇକୁ ନିମନ୍ତ୍ରଣ କରାଯାଇଛି। ସରକାରଙ୍କ ଦ୍ୱାରା ଗଠିତ ଉକ୍ତ କମିଟିରେ ରେଲୱେ, ଅର୍ଥ, ଶକ୍ତି ଓ କୋଇଲା ମନ୍ତ୍ରଣାଳୟର ପ୍ରତିନିଧିମାନଙ୍କୁ ସାମିଲ କରାଯାଇଛି। ଆର୍ବିଆଇ ଏହାର ପ୍ରଣୀତ ନିୟମକୁ କୋହଳ କରୁ ବୋଲି କେନ୍ଦ୍ର ସରକାର ଚାହୁଁଛନ୍ତି।

## ୭୪୩୯ କୋଟି ଟଙ୍କା ଟିକସ ଦେଇଛି ୱାଲମାର୍ଟ

**ନୂଆଦିଲ୍ଲୀ,୧୬-୯(ପି.ଟି.)**

ଆମେରିକାଭିତ୍ତିକ ରିଟେଲ କର୍ପୋରେଶନ ୱାଲ୍ମାର୍ଟ ଭାରତର ପ୍ରମୁଖ ଇ-କମର୍ସ କମ୍ପାନୀ ଫ୍ଲିପ୍କାର୍ଟ ଅଧିଗ୍ରହଣ ପାଇଁ ୭,୪୩୯ କୋଟି ଟଙ୍କା ଟିକସ ପ୍ରଦାନ କରିଛି। ଜଣେ ଟିକସ ଅଧିକାରୀ ଏହା କହିଛନ୍ତି। ସେପ୍ଟେମ୍ବର ୭ରେ ୱାଲ୍ମାର୍ଟ ଏହି ଟିକସ ପୈଠ କରିଛି। ୱାଲ୍ମାର୍ଟ ଫ୍ଲିପ୍କାର୍ଟର ପାଖାପାଖି ୪୪ ଅଂଶିଦାରଙ୍କ ଅଂଶଧନ କ୍ରୟ କରିଥିବା ବେଳେ ସେଥମଧ୍ୟରୁ ମାତ୍ର ୧୦ ଜଣଙ୍କ କ୍ଷେତ୍ରରେ ଟିକସ ପୈଠ କରିଛି। ବାକି ୩୪ ଜଣଙ୍କ ପାଇଁ ଏହା ଟିକସ ପ୍ରଦାନ କରିନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି।

# ପରିଚାଳନାଗତ କାର୍ଯ୍ୟରେ ନଷ୍ଟ ହେଉଛି ସମୟ

**ମୁମ୍ବାଇ, ୧୬-୯(ପି.ଟି.)**



ଅଧିକାଂଶ କର୍ମଚାରୀ ଯେଉଁ କାମ ପାଇଁ ନିଯୁକ୍ତ ହେଉଛନ୍ତି, ସେଥିରେ ନିୟୋଜିତ ନ ରହି ଆନୁଷଙ୍ଗିକ ତଥା ପରିଚାଳନାଗତ କାର୍ଯ୍ୟରେ ସମୟ ବିତାଇବାକୁ ବାଧ ହେଉଛନ୍ତି।

ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ଜର୍ମାନି, ଭାରତ, ମେକ୍ସିକୋ ଏବଂ ବ୍ରିଟେନରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ ହୋଇଥିବା ସର୍ଭେରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ପ୍ରକୃତରେ ଯେଉଁ କାର୍ଯ୍ୟ ପାଇଁ କର୍ମଚାରୀ ନିୟୋଜିତ ସେଥିରେ ସେମାନଙ୍କ ସମୟ ଅତିବାହିତ ହେଉ ନାହିଁ। ବରଂ ନିଜ ପରିସର ବହିର୍ଭୂତ ଆନୁସଙ୍ଗିକ କାର୍ଯ୍ୟରେ ସେମାନଙ୍କ ସମୟ ନଷ୍ଟ ହେଉଛି। ଅଧିକାଂଶ କର୍ମଚାରୀଙ୍କୁ ଅଫିସ୍ର ପରିଚାଳନାଗତ କାର୍ଯ୍ୟରେ ନିୟୋଜିତ କରାଯାଉଛି। ନଚେତ୍ ଯେଉଁ କାର୍ଯ୍ୟ ପାଇଁ ସେମାନେ ନିଯୁକ୍ତି ପାଇଛନ୍ତି ସେଥିରେ ସମୟ ନ ଯାଇ ଅନ୍ୟାନ୍ୟ କାମରେ ସମୟ ବିତୁଛି। ପାଖାପାଖି ପ୍ରତି ୧୦ ଜଣରେ ୯ ଜଣଙ୍କ କ୍ଷେତ୍ରରେ ଏଭଳି ଘଟୁଛି।

ଏକ ସର୍ଭେରୁ ଏହା ସାମ୍ନାକୁ ଆସିଛି। କ୍ରୋନସ ନାମକ ଏକ ୱାର୍କଫୋର୍ସ ମ୍ୟାନେଜ୍ମେଣ୍ଟ ସଂସ୍ଥା ୨୮୦୦ କର୍ମଚାରୀଙ୍କ ମତାମତକୁ ନେଇ ଏହି ସର୍ଭେ କରିଥିଲା। ଏଥିରେ ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ଜର୍ମାନି, ଭାରତ, ମେକ୍ସିକୋ ଏବଂ ବ୍ରିଟେନରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମିଲ କରାଯାଇଥିଲା।

ଏଥିରେ କୁହାଯାଇଛି, ପାଖାପାଖି ୪୧% କର୍ମଚାରୀ ସେମାନଙ୍କର କାର୍ଯ୍ୟ ଦିବସରୁ ଏକ ଘଣ୍ଟାରୁ ଅଧିକ ସମୟ ନିଜ ପରିସର ବହିର୍ଭୂତ କାର୍ଯ୍ୟରେ ଲାଗୁଛନ୍ତି। ଖାଲି ସେତିକି ନୁହେଁ, ଏହି କାମ ଦ୍ୱାରା ନିଜ ସଂଗଠନ ପାଇଁ କୌଣସି ଫଳ ମିଳୁନାହିଁ ବୋଲି ସେମାନେ କହିଛନ୍ତି। ନିଜ ସହକର୍ମୀଙ୍କୁ ସାହାଯ୍ୟ କରିବା, କମ୍ପାନୀର ପରିଚାଳନାଗତ କାର୍ଯ୍ୟରେ ନ୍ୟସ୍ତ ରହିବା, ମେଲ୍ର ଉତ୍ତର ଦେବା ଆଦି ଅନ୍ୟାନ୍ୟ କାମରେ ସମୟ ନଷ୍ଟ ହେଉଛି। ସେହିପରି ବୈଠକ, ଇମେଲ୍, ଗ୍ରାହକ ସମସ୍ୟା ସମାଧାନ ଭଳି କେତୋଟି କାର୍ଯ୍ୟ ଅଧିକ ସମୟ ନେଉଛି ବୋଲି ଏଥିରେ କୁହାଯାଇଛି। ଚଳିତ ବର୍ଷ ଜୁଲାଇ ୩୧ରୁ ଅଗଷ୍ଟ ୯ ମଧ୍ୟରେ ଏହି ସର୍ଭେ କରାଯାଇଥିଲା।



"ଅଷ୍ଟ୍ରେଲିଆ ବୋଲିଂ ଆଟାକ୍‌କୁ ସାମ୍ନା କରିବାକୁ ହେଲେ ଭାରତକୁ ଏହାର ବ୍ୟାଟିଂରେ କିଛି ସୁଧାର ଆଣିବାକୁ ପଡ଼ିବ।
–ଇଆନ ଚାପେଲ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ



"ମନୁଷ୍ୟ ଜୀବନରେ କ୍ରୀଡ଼ାର ଆବଶ୍ୟକତା ରହିଛି। କେତେକ ଖେଳ ରହିଛି ଯେଉଁଥିରେ ଆମେ ନିଜକୁ ଫିଟ୍ ରଖିପାରିବା।
–ଚୌଧାରୀ ବୀରେନ୍ଦର ସିଂ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ

## ସଂକ୍ଷେପରେ

### ମେରୀକମ୍‌ଙ୍କୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୧୬।୯(ପି.ଟି.):** ଚାମ୍ପିୟନ ମହିଳା ବକ୍ସର ଏମ୍.ସି. ମେରୀକମ୍ (୪୮ କିଗ୍ରା) ଚଳିତ ବର୍ଷ ୩ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୋଲାଣ୍ଡ ଗ୍ଲିୱିସଠାରେ ଚାଲିଥିବା ୧୩ତମ ସିଲେସିଆନ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ଅନ୍ୟପକ୍ଷରେ ମନୀଷା (୫୪ କିଗ୍ରା) ଫାଇନାଲରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ପାଞ୍ଚ ଥର ବିଶ୍ୱ ଚାମ୍ପିୟନ ମେରୀକମ୍ କାଜଖସ୍ତାନର ଏଗେରିମ କାସାନାୟେଭାଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେ ଏହି ପ୍ରତିଯୋଗିତାର ସିନିୟର ବର୍ଗରେ ଏକମାତ୍ର ଭାରତୀୟ ବକ୍ସର ଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩୫ ବର୍ଷୀୟ ଅଲିମ୍ପିକ ବ୍ରୋଞ୍ଜ ପଦକଧାରୀ ନିଜଠାରୁ ଅପେକ୍ଷାକୃତ ଉଚ୍ଚତା ବିଶିଷ୍ଟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମ୍ପୂର୍ଣ୍ଣ ଏକତରଫା ଭାବେ ପରାସ୍ତ କରିଥିଲେ। ତାଙ୍କପରେ ରିଙ୍ଗକୁ ଓହ୍ଲାଇଥିବା ମନୀଷା ୫୪ କିଗ୍ରା ବର୍ଗର ଫାଇନାଲରେ ୨-୩ ବ୍ୟବଧାନରେ ୟୁକ୍ରେନର ଇଭାନା କ୍ରୁପେନିଆଙ୍କଠାରୁ ହାରି ଯାଇଛନ୍ତି। ଏହାବାଦ୍ ସିନିୟର ବର୍ଗରେ ଭାରତ ଲାଗି ପୂର୍ବତନ ବିଶ୍ୱ ଚାମ୍ପିୟନ ଏଲ. ସରିତା ଦେବୀ (୬୦ କିଗ୍ରା), ରିତୁ ଗ୍ରେୱାଲ (୫୧ କିଗ୍ରା), ଲୋଭଲିନା ବୋର୍ଗୋହାଇନ (୬୯ କିଗ୍ରା) ଓ ପୂଜା ରାଣୀ (୮୧ କିଗ୍ରା) ବ୍ରୋଞ୍ଜ ପଦକ ଜିତିଛନ୍ତି।

### ସର୍ବିୟା ବିପକ୍ଷରେ ଭାରତ ବିଜୟଶୂନ୍ୟ

**କ୍ରାଲଜେଭୋ (ସର୍ବିୟା), ୧୬।୯(ପି.ଟି.):** ଘରୋଇ ସର୍ବିୟା ବିପକ୍ଷ ଏଠାରେ ଚାଲିଥିବା ଡେଭିସ୍ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ଟାଇରେ ଭାରତ ଗୋଟିଏ ବି ମ୍ୟାଚ୍ ଜିତିବାରେ ସମର୍ଥ ହୋଇନାହିଁ। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଏକ ମୁକାବିଲାରେ ଭାରତର ଏନ୍. ଶ୍ରୀରାମ ବାଲାଜୀ ୩-୬, ୧-୬ ସିଧାସଳଖ ସେଟ୍‌ରେ ସର୍ବିୟାର ପେଡ୍‌ଜା କ୍ରିଷ୍ଟେନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ଏଥିସହ ସର୍ବିୟା ବିପକ୍ଷ ଡେଭିସ୍ କପ୍ ମୁକାବିଲାକୁ ଭାରତ ୦-୪ରେ ହାରି ଅଭିଯାନ ଶେଷ କରିଛି। ଏହି ମ୍ୟାଚ୍ ପୂର୍ବରୁ ଭାରତ ଶନିବାର ଅନ୍ୟ ୩ଟି ମ୍ୟାଚ୍ ହାରି ୩-୦ରେ ଆଗୁଆ ଟାଇ ହାରିସାରିଥିଲା। ବିଜୟ ସହ ସର୍ବିୟା ୪-୦ରେ ଅଗ୍ରଣୀ ହୋଇଥିବାବେଳେ ଉଭୟ ଦଳ ଅନ୍ତିମ ତଥା ୫ମ ମ୍ୟାଚ୍ ଖେଳିବାକୁ ରାଜି ହୋଇ ନ ଥିଲେ। ବିଶ୍ୱର ତାରକା ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କ ବିନା ସର୍ବିୟା ଏହି ମୁକାବିଲା ଖେଳିଥିଲେ ମଧ୍ୟ ଭାରତ ଏହାର କୌଣସି ଫାଇଦା ଉଠାଇ ପାରି ନ ଥିଲା। ଭାରତ ଡେଭିସ୍ କପ୍‌ରେ ସର୍ବିୟା ବିପକ୍ଷରେ ମୋଟ୍ ୫ଥର ଖେଳିଥିବାବେଳେ ଏହା ୪ର୍ଥ ପରାଜୟ ଥିଲା। ୧୯୨୭ରେ ଭାରତ ଏହାର ଏକମାତ୍ର ବିଜୟ ହାସଲ କରିଥିଲା। ସେତେବେଳେ ସର୍ବିୟା ୟୁଗୋସ୍ଲୋଭାକିଆ ଭାବେ ପରିଚିତ ଥିଲା।

### ଫାଓ ଲିଗ୍: ଜୟଦୁର୍ଗା, ଓଡ଼ିଶା ପୋଲିସ ବିଜୟୀ

**କଟକ ଅଫିସ,୧୬।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ଜୟଦୁର୍ଗା କ୍ଲବ ଓ ଓଡ଼ିଶା ପୋଲିସ ବିଜୟୀ ହୋଇଛନ୍ତି। ଜୟଦୁର୍ଗା କ୍ଲବ ୨-୧ ଗୋଲରେ ରାଧାରମଣ କ୍ଲବକୁ ପରାସ୍ତ କରିଛି । ଜୟଦୁର୍ଗା ପକ୍ଷରୁ ୨୯ତମ ମିନିଟରେ ପ୍ରଶାନ୍ତ କୁମାର ବେହେରା ଓ ୩୫ତମ ମିନିଟରେ ସିଦ୍ଧାନ୍ତ ଦାସ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ରାଧାରମଣ ପକ୍ଷରୁ ୩୦ତମ ମିନିଟରେ ବୁଦ୍ଧ ହେମ୍ବ୍ରମ ଏକମାତ୍ର ଗୋଲ ସ୍କୋର କରିଥିଲେ । ଓଡ଼ିଶା ପୋଲିସ ୩-୧ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇଥିଲା। ଅଭିମନ୍ୟୁ ପାଣ୍ଡେ ୧୪ତମ ମିନିଟରେ, ବିଜୟ ଘଲାନ ୬୭ତମ ମିନିଟରେ, ବାବୁଲାଲ ମାରାଣ୍ଡି ୭୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ବିଡ଼ାନାସୀ ପକ୍ଷରୁ ବୋହନ ମାଝୀ ୮୦ତମ ମିନିଟରେ ଏକ ମାତ୍ର ଗୋଲ ଦେଇଛନ୍ତି ।

# ଭାରତୀୟ କ୍ୟାମ୍ପରେ ଓଡ଼ିଶାର ୫ ଖେଳାଳି

ନୂଆଦିଲ୍ଲୀ(ପି.ଟି.)/ ଭୁବନେଶ୍ୱର(କ୍ରୀଡ଼ା ପ୍ରତିନିଧି) ୧୬।୯

ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟର ୮ମ ସଂସ୍କରଣ ମାଲେସିଆର ଜୋହର ବାହରୁଠାରେ ଅକ୍ଟୋବର ୬ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ରବିବାର ଘୋଷିତ ୨୪ ଜଣିଆ ଜୁନିୟର କୋର୍ ଖେଳାଳି ତାଲିକାରେ ଓଡ଼ିଶାର ୫ ଜଣ ସ୍ଥାନ ପାଇଛନ୍ତି। ଏହି ୫ ଖେଳାଳି ହେଲେ ଗୋଲକିପର ପଙ୍କଜ କୁମାର ରଜାକ, ଡିଫେଣ୍ଡର ସୁମନ ବେକ୍, ସିରିଲ ଲୁଗୁନ, ମିଡ୍‌ଫିଲ୍ଡର ଗ୍ରେଗୋରି ଖେସ୍ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ୨୪ ଜଣିଆ

**ସୁଲତାନ ଜୋହର କପ୍ ଜୁନିୟର ହକି**

କୋର ଖେଳାଳିଙ୍କୁ ନେଇ ଭାରତୀୟ ଜୁନିୟର ଦଳର କ୍ୟାମ୍ପ ବେଙ୍ଗାଲୁରୁଠାରେ ସୋମବାରଠାରୁ ଆରମ୍ଭ ହେବ। ସେଠାରେ କୋଚ୍ ଜୁଡ୍ ଫେଲିକ୍ସ ଅକ୍ଟୋବର ୪ ପର୍ଯ୍ୟନ୍ତ ଖେଳାଳିଙ୍କୁ ଟ୍ରେନିଂ ଦେବେ। ଏହାପରେ ଚୂଡ଼ାନ୍ତ ଦଳ ମନୋନୟନ ହେବ। କ୍ୟାମ୍ପରେ ଯୋଗ ଦେବାପାଇଁ ଉଭୟ ଗ୍ରେଗୋରି ଓ ଶିଳାନନ୍ଦ ରବିବାର ବେଙ୍ଗାଲୁରୁ ଯାତ୍ରା କରିଥିବା ହକି ଗାଙ୍ଗପୁର ଓଡ଼ିଶା ସମ୍ପାଦକ ଦେବାଶିଷ ଗୌଡ଼ା ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ନିକଟରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଓ ହକି ବିଶ୍ୱକପ ପାଇଁ ଘୋଷିତ ୨୫ ଜଣିଆ ସିନିୟର କୋର୍ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଶା ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲା। ଏବେ ଜୁନିୟର କ୍ୟାମ୍ପ ପାଇଁ ୫ ଜଣଙ୍କୁ ଚୟନ କରାଯାଇଛି।

ସୁଲତାନ ଜୋହର କପ୍‌ର ୭ମ ସଂସ୍କରଣରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେଥିରେ ଖେଳିଥିବା ୮ ଖେଳାଳିଙ୍କୁ ଏଥର ମଧ୍ୟ କ୍ୟାମ୍ପରେ ନିଆ ଯାଇଛି। କେତେକ ନୂଆ ଖେଳାଳିଙ୍କୁ କ୍ୟାମ୍ପରେ ନିଆ ଯାଇଥିବା ଦେଖିବାକୁ ମିଳିଛି। ''ଆମେ ଏପରି ଜୁନିୟର କୋର ଖେଳାଳି ଚୟନ କରିଛୁ ଯେଉଁମାନେ କି ଭବିଷ୍ୟତରେ ଭାରତୀୟ ସିନିୟର ଦଳରେ ଖେଳି ପାରିବେ। ଏବେ ସୁଲତାନ ଜୋହର କପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ଆମର ପ୍ରଥମ ଲକ୍ଷ୍ୟ'' ବୋଲି କୋଚ୍ ଜୁଡ୍ ଫେଲିକ୍ସ ପ୍ରକାଶ କରିଛନ୍ତି। ଦକ୍ଷତା, ଫିଟ୍‌ନେସ୍, ସ୍ପିଡ୍ ଓ ମାନସିକ ଦୃଢ଼ତା ବୃଦ୍ଧିକୁ ମଧ୍ୟ ଆମେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଛନ୍ତି।



ଶିଳାନନ୍ଦ ଲାକ୍ରା




ପଙ୍କଜ କୁମାର ରଜାକ



ଗ୍ରେଗୋରି ଖେସ

**ମନୋନୀତ ଖେଳାଳି**

**ଗୋଲକିପର:** ପଙ୍କଜ କୁମାର ରଜାକ, କମଲବୀର ସିଂ।
**ଡିଫେଣ୍ଡର:** ସୁମନ ବେକ୍, ମହମ୍ମଦ ଫରାଜ, ସୋମଜିତ, ମନଦୀପ ମୋର, ପରମପ୍ରୀତ ସିଂ, ପ୍ରିନ୍ସ, ବରିନ୍ଦର ସିଂ, ସିରିଲ ଲୁଗୁନ।
**ମିଡ୍‌ଫିଲ୍ଡର:** ଗ୍ରେଗୋରି ଖେସ୍, ଯଶଦୀପ ସିୱାଚ୍, ହରମନଜିତ ସିଂ, ବିଷ୍ଣୁକାନ୍ତ ସିଂ, ଗୋପି କୁମାର ସୋନକାର, ବିଶାଲ ଆଣ୍ଟିଲ, ହସପ୍ରୀତ ସିଂ।
**ଫରୱାର୍ଡ:** ଗୁରୁସାହାବଜିତ ସିଂ, ଅମନଦୀପ ସିଂ, ଅଭିଲାଷ ଷ୍ଟାଲିନ, ଅଭିଷେକ, ଏସ.ମନି ସିଂ, ପ୍ରଭଜୋତ ସିଂ, ଶିଳାନନ୍ଦ ଲାକ୍ରା।

## ଭାରତୀୟ ବକ୍ସରଙ୍କୁ ୩ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୧୬।୯(ପି.ଟି.)

ତୁର୍କୀର ଇସ୍ତାନବୁଲରେ ଅନୁଷ୍ଠିତ ଅହମେତ୍ କମେର୍ଟ ବକ୍ସିଂ ଟୁର୍ନାମେଣ୍ଟର ରବିବାର ଭାରତୀୟ ବକ୍ସର ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିମରନଜିତ୍ କୌର (୬୪ କିଗ୍ରା), ମୋନିକା (୪୮ କିଗ୍ରା) ଓ ଭାଗ୍ୟବତୀ କଚାରି (୮୧ କିଗ୍ରା) ନିଜ ନିଜ ଓଜନବର୍ଗରେ ପୋଡିୟମ ଶୀର୍ଷରେ ରହି ସ୍ୱର୍ଣ୍ଣ ସଫଳତା ପାଇଥିଲେ। ୬୪ କିଗ୍ରା ଫାଇନାଲରେ ସିମରନଜିତ୍ ଘରୋଇ ବକ୍ସର ସୀମା କାଲିସକାନଙ୍କୁ ହରାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଲାଇଟ୍ ଫ୍ଲାଏ କାଟାଗୋରୀ ଫାଇନାଲରେ ମୋନିକା ଅନ୍ୟତମ ତୁର୍କୀ ବକ୍ସର ଆୟସେ କାଗିରେରଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାତେଇଥିଲେ। ୮୧ କିଗ୍ରାରେ ଭାଗ୍ୟବତୀ ଘରୋଇ ପ୍ରତିଯୋଗୀ ସେଲମା କାରକୋୟୁନଙ୍କୁ ଫାଇନାଲରେ ପରାସ୍ତ କରିଛନ୍ତି। ଅପରପକ୍ଷରେ ଭାରତୀୟ ବକ୍ସର ପିଙ୍କି ଜାଙ୍ଗ୍ରା (୫୧ କିଗ୍ରା) ଫାଇନାଲରେ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ରହିଥିବାବେଳେ ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ସୋନିଆ ଲାଥର (୫୭ କିଗ୍ରା) ବ୍ରୋଞ୍ଜ ହାସଲ କରିଥିଲେ।

■ ୨-୧ରେ ସିରିଜ ଜିତିଲା ଭାରତ

# ମିଥାଲିଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

କଟୁନାୟକେ (ଶ୍ରୀଲଙ୍କା), ୧୬।୯(ପି.ଟି.)

ଅଧିନାୟିକା ମିଥାଲି ରାଜଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ସତ୍ତ୍ୱେ ଭାରତୀୟ ମହିଳା କ୍ରିକେଟ ଦଳ ରବିବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କଠାରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୫୪ ରନ୍‌ର ଲକ୍ଷ୍ୟକୁ ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ଗୋଟିଏ ବଲ୍ ପୂର୍ବରୁ ୩ ଉଇକେଟ୍‌ରେ ଜିତିନେଇଥିଲା। ବିଜୟ ସତ୍ତ୍ୱେ ଶ୍ରୀଲଙ୍କା ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୧ରେ ହାରିଯାଇଛି। ବୁଧବାରଠାରୁ ଦୁଇଦେଶ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବ।

ସିରିଜର ଏହି ଅନ୍ତିମ ଦିନିକିଆରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରାରମ୍ଭରୁ ଓପନର ଜେମିମା ରୋଡ୍ରିଗୁଏଜ (୦)ଙ୍କ ଉଇକେଟ୍ ହରାଇଥିଲା। ତେବେ ଅଧିନାୟିକା ମିଥାଲି ଓ ଅନ୍ୟତମ ଓପନର ସ୍ମୃତି ମନ୍ଧାନା ୨ୟ ଉଇକେଟ୍‌ରେ ଦୃଢ଼ ବ୍ୟାଟିଂ କରି ଭାରତକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ଉଇକେଟ୍‌ରେ ୧୦୨ ରନ୍‌ର ଭାଗୀଦାରି ହୋଇଥିବାବେଳେ ମନ୍ଧାନା ୫୧ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ହରମନପ୍ରୀତ୍ କୌର (୧୭) ଓ ଦୀପ୍ତି ଶର୍ମା (୩୮)ଙ୍କ ସହ ମିଶି ମିଥାଲି ଭାରତର ସ୍କୋରକୁ ଅଢ଼େଇ ଶହ ରନ୍ ଅତିକ୍ରମ କରାଇଥିଲେ। ନିର୍ଦ୍ଧାରିତ ଓଭରରେ ଭାରତ ୫ ଉଇକେଟ୍ ହରାଇ ୨୫୩ ରନ୍ କରିଥିଲା। ମିଥାଲି ୧୪୩ ବଲ୍‌ରୁ ୧୨୫ ରନ୍ (୧୪ ଚୌକା, ୧ ଛକା)କରିବା ସହ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୩୫ ବର୍ଷୀୟା ମିଥାଲିଙ୍କ କ୍ୟାରିୟରର ୭ମ ଦିନିକିଆ ଶତକ ରହିଥିଲା। ଜବାବରେ ଶ୍ରୀଲଙ୍କା ମହିଳା ଦଳ ଅଧିନାୟିକା ଚାମରି ଆଟ୍ଟାପାଟ୍ଟୁଙ୍କ ୧୧୫ ରନ୍ (୧୩୩ ବଲ, ୧୩ ଚୌକା, ୪ ଛକା)ର ଶତକୀୟ ଇନିଂସ୍ ବଳରେ ୪୯.୫ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର ହାସିନୀ ପେରେରା ୪୫, ଅନୁଷ୍କା ସଞ୍ଜୀବନୀ ୨୨, ନୀଳାକ୍ଷୀ ଡି ସିଲ୍‌ଭା ୧୫ ରନ୍ କରିଥିଲେ। ଝୁଲଣ ଗୋସ୍ୱାମୀ ଓ ମନୀଷା ଯୋଶୀଙ୍କୁ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ପୂର୍ବରୁ ଭାରତ ପ୍ରଥମ ଓ ୨ୟ ଦିନିକିଆକୁ ଯଥାକ୍ରମେ ୯ ଉଇକେଟ୍ ଓ ୭ ରନ୍‌ରେ ଜିତିଥିଲା।




ମିଥାଲି ରାଜ।

**ସଂକ୍ଷିପ୍ତ ସ୍କୋର**

■ **ଭାରତୀୟ ଇନିଂସ୍-** ୨୫୩/୫, ୫୦ ଓଭର (ମିଥାଲି ୧୨୫*, ମନ୍ଧାନା ୫୧, ଦୀପ୍ତି ୩୮, ଉଦେଶିକା ପ୍ରବୋଧିନୀ ୧/୨୦)।

■ **ଶ୍ରୀଲଙ୍କା ଇନିଂସ-** ୨୫୭/୭, ୪୯.୫ ଓଭର (ଚାମରି ୧୧୫, ହାସିନୀ ୪୫, କବିଷା ଦିଲହରି ୧୨*, ଝୁଲଣ ୨/୩୯)।

# ଭୁବନେଶ୍ୱରରେ ହେବ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍

କଟକ ଅଫିସ,୧୬।୯

ଅକ୍ଟୋବର ୨୫ରେ ଭୁବନେଶ୍ୱରରେ ଭାରତ-ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଏକଦିବସୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହା ଓଡ଼ିଶାରେ ଦୃଷ୍ଟିହୀନ କ୍ରିକେଟ କ୍ଷେତ୍ରରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍। ପୂର୍ବରୁ ୨୦୧୭ ଫେବୃୟାରୀ ୭ ତାରିଖରେ ଦୃଷ୍ଟିହୀନ ବିଶ୍ୱକପ୍‌ରେ ଭୁବନେଶ୍ୱର କିଟ୍ ଗ୍ରାଉଣ୍ଡରେ ଭାରତ-ନ୍ୟୁଜିଲାଣ୍ଡ ବିପକ୍ଷ ଏକ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଭାରତ ବିଜୟୀ ହେବା ସହ ପରବର୍ତ୍ତୀ ସମୟରେ ବିଶ୍ୱକପ୍ ମଧ୍ୟ ଜିତିଥିଲା। ତେବେ ଭୁବନେଶ୍ୱରର କେଉଁ ଗ୍ରାଉଣ୍ଡରେ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍‌ଟି ଖେଳାଯିବ ତାହା ସ୍ଥିର କରାଯାଇ ନାହିଁ। ଭାରତ-ଶ୍ରୀଲଙ୍କା ଦୃଷ୍ଟିହୀନ କ୍ରିକେଟ ସିରିଜିର ଦ୍ୱିତୀୟ ମ୍ୟାଚ୍‌ଟି ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଆୟୋଜନ କରିବାକୁ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ମହାସଂଘ ଅନୁମୋଦନ ପ୍ରଦାନ କରିଛି ବୋଲି ଜଣାପଡ଼ିଛି। ୨୩ ତାରିଖରେ ଦିଲ୍ଲୀଠାରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ହେବା ବେଳେ ୨୫ ତାରିଖରେ ଭୁବନେଶ୍ୱରରେ ଦ୍ୱିତୀୟ ମ୍ୟାଚ୍ ଓ ଅନ୍ତିମ ମ୍ୟାଚ୍‌ଟି ୨୭ ତାରିଖରେ କଲିକତାଠାରେ ଖେଳାଯିବ। ଏ ନେଇ ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରକାଶ କୁମାର ରଥଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସ୍ଥିତ ଓଏଲ୍‌ଏସ୍ ସଭାଗୃହରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, କୋଷାଧକ୍ଷ ପ୍ରଜ୍ଞା ପରମିତା ବେହେରା, ମ୍ୟାନେଜର ଯୋଗେନ୍ଦ୍ର କୁମାର ଜାନୀଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ମ୍ୟାଚ୍ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସଭାପତି ତଥା ଅନ୍ତର୍ଜାତୀୟ ଖେଳାଳି ମହମ୍ମଦ ଜାଫର ଇକ୍ବାଲ କହିଛନ୍ତି, ଭୁବନେଶ୍ୱରରେ ମ୍ୟାଚ୍ ହେବା ନିଶ୍ଚିତ। ଆଗାମୀ କିଛି ଦିନ ମଧ୍ୟରେ ଭେନ୍ୟୁ ଘୋଷଣା କରାଯିବା ସହ ଆୟୋଜନ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜାଫର କହିଥିଲେ। ଅନ୍ୟପକ୍ଷରେ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ଏଯାଏଁ ଜାତୀୟ ଦଳ ଘୋଷଣା କରାଯା ନଥିବା ବେଳେ ଦଳରେ ଓଡ଼ିଆ ଖେଳାଳି ରହିବାର ଆଶା ରହିଛି ବୋଲି ସେ କହିଛନ୍ତି।

# କେରଳା ବ୍ଲାଷ୍ଟର୍ସ ଅଂଶଧନ ବିକିଲେ ସଚିନ

ମୁମ୍ବାଇ,୧୬।୯

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ସିଜନ ଆରମ୍ଭ ହେବା ପୂର୍ବରୁ ଫ୍ରାଞ୍ଚାଇଜ କେରଳା ବ୍ଲାଷ୍ଟର୍ସର ଅନ୍ୟତମ ଅଂଶୀଦାର ଲିଜେଣ୍ଡ କ୍ରିକେଟର ସଚିନ ତେନ୍ଦୁଲକର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସେ ନିଜ ଅଂଶଧନ ବିକ୍ରି ଦେଇଛନ୍ତି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଗତ ୪ ବର୍ଷ ହେଲା ଦଳ ଜଡ଼ିତ ହୋଇ ରହିଥିଲେ। ସେ ପ୍ରାୟତଃ କ୍ଲବ ମ୍ୟାଚ୍‌ବେଳେ ଷ୍ଟାଡିୟମ୍‌ରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ତେନ୍ଦୁଲକରଙ୍କ ସହ ଟଲିଉଡ ଆକ୍ଟର ଆଲ୍ଲୁ ଅର୍ଜୁନ, ନାଗାର୍ଜୁନା, ଚିରଞ୍ଜୀବୀ ଓ ଉଦ୍ୟୋଗପତି ନିମାଗାଡା ପ୍ରସାଦ ଫ୍ରାଞ୍ଚାଇଜ୍‌ର ଅଂଶୀଦାର ଅଛନ୍ତି। ''ପଞ୍ଚମ ବର୍ଷ କ୍ଲବ ପାଇଁ ବିଲ୍ଡିଂ ନିର୍ମାଣ କରିବା ଗୁରୁତ୍ୱପୂର୍ଣ୍ଣ। ଏବେ ମୋ କାର୍ଯ୍ୟ ତୁଲାଇବାର ସମୟ ଆସିଯାଇଛି। କ୍ଲବର ଅନ୍ୟ ଅଂଶୀଦାରଙ୍କ ସହ ଆଲୋଚନା କରିବା ପରେ ମୁଁ କେରଳା ବ୍ଲାଷ୍ଟର୍ସ ସହ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି।

# ଓଡ଼ିଶାରୁ ନୃସିଂହ, ଆଶୁତୋଷ, ପ୍ରଭାତ ଭାଗନେବେ

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଏଭରେଷ୍ଟ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ-ଡୋ ଚାମ୍ପିୟନଶିପ୍‌ର ୩ୟ ସଂସ୍କରଣ ନେପାଳର କାଭ୍ରିସ୍ଥିତ ଧୁଲିଖେଲ୍ ମିରାବେଲ୍ ରିସର୍ଟରେ ଚଳିତମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଟାଏକୋଣ୍ଡୋ-ଡୋ ଫେଡେରେଶନରୁ କୋଚ୍‌ଙ୍କ ସମେତ ମୋଟ ୩ ଜଣ ଭାଗନେବେ। ସେମାନେ ହେଲେ କୋଚ୍ ପ୍ରଭାତ ଚନ୍ଦ୍ର ସାହୁ ଏବଂ ସିନିୟର ମାଷ୍ଟର୍ସ ନୃସିଂହ ସିଂ ଓ ଆଶୁତୋଷ ସାହାଣୀ। ନେପାଳରେ ପ୍ରତିଯୋଗିତା ଅବସରରେ ଏକ ସେମିନାର ମଧ୍ୟ ଅନୁଷ୍ଠିତ ହେବ। ପ୍ରଭାତ ଉକ୍ତ ସେମିନାରରେ ଅଂଶଗ୍ରହଣ କରିବେ। ପ୍ରକାଶ ଯୋଗ୍ୟ ଯେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତରୁ ମୋଟ ୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା କୋଚ୍ ଓ ୨ ଖେଳାଳି ଆସନ୍ତା ୧୮ ତାରିଖରେ ନେପାଳ ଯାତ୍ରା କରିବେ ବୋଲି ଓଡ଼ିଶା ଟାଏକୋଣ୍ଡୋ-ଡୋ ଫେଡେରେଶନ ସଭାପତି ଓମ୍ ପ୍ରକାଶ ଧଳ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ''ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେଠାରେ ସେମିନାର ଅବସରରେ ଟାଏକୋଣ୍ଡୋର ଆଡ୍‌ଭାନ୍ସ ଟ୍ରେନିଂ ମଧ୍ୟ ଦିଆଯିବ। ଟ୍ରେନିଂ ନେଲେ କୋଚ୍ ଓ ପ୍ରତିଯୋଗୀ ନିଶ୍ଚିତଭାବେ ଅଧିକ କିଛି ଶିଖି ପାରିବେ'' ବୋଲି ଓମ୍‌ପ୍ରକାଶ କହିଛନ୍ତି। ''ଜାତୀୟ ସ୍ତରରେ ଆମ ପ୍ରଦର୍ଶନ ବେଶ୍ ଭଲ। ନିକଟରେ କେରଳରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗୀତାରେ ମଧ୍ୟ ଆମେ ଦକ୍ଷତା ଦେଖାଇଥିଲୁ। ନେପାଳରେ ହେବାକୁ ଯାଉଥିବା ସେମିନାରରେ ଅନେକ କଥା ଜାଣିବାକୁ ମିଳିବ ଏବଂ ଅଭିଜ୍ଞତା ହାସଲ ହୋଇ ପାରିବ'' ବୋଲି କୋଚ୍ ପ୍ରଭାତ ପ୍ରକାଶ କରିଛନ୍ତି। ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବାରୁ ସ୍ୱାଭାବିକଭାବେ ବେଶ୍ ଉତ୍ସାହିତ ଅଛନ୍ତି ନୃସିଂହ ଓ ଆଶୁତୋଷ। ଅନ୍ତର୍ଜାତୀୟ ପ୍ରତିଯୋଗିତା ହୋଇଥିବାରୁ ସେଥିରେ ବିଭିନ୍ନ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେଣୁ ଜାତୀୟ ପ୍ରତିଯୋଗିତା ନିଶ୍ଚିତ ଟପ୍ ରହିବ। ତେବେ ଆମେ ଜାତୀୟ ସ୍ତରରେ ଅନେକ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛୁ। ସେହି ଅଭିଜ୍ଞତାକୁ ପାଥେୟ କରି ଆମେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମଧ୍ୟ ସଫଳ ହେବାନେଇ ଆଶା ରଖିଛୁ ବୋଲି ଉଭୟ ନୃସିଂହ ଓ ଆଶୁତୋଷ ପ୍ରକାଶ କରିଛନ୍ତି।




(ବାମରୁ) ନୃସିଂହ ସିଂ, ଓମ୍ ପ୍ରକାଶ ଧଳ, ପ୍ରଭାତ ଚନ୍ଦ୍ର ସାହୁ, ଆଶୁତୋଷ ସାହାଣୀ।

**ଏଭରେଷ୍ଟ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ**

## ସୌରାଷ୍ଟ୍ର ଦଳରେ ପୂଜାରା, ଜାଡେଜା

ରାଜକୋଟ,୧୬।୯(ପି.ଟି.)

ଆଗାମୀ ବିଜୟ ହଜାରେ ଟ୍ରଫି ଲାଗି ରବିବାର ସୌରାଷ୍ଟ୍ର ଦଳ ଘୋଷଣା ହୋଇଯାଇଛି। ଏହି ଦଳରେ ଭାରତୀୟ ଦଳର ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ସ୍ଥାନ ପାଇଛନ୍ତି। ଗତଥରର ରନର୍ସଅପ୍ ସୌରାଷ୍ଟ୍ର ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ଭେଟିବ। ଏହି ଟୁର୍ନାମେଣ୍ଟରେ ସୌରାଷ୍ଟ୍ର ମୋଟ ୮ଟି ମ୍ୟାଚ୍ ଖେଳିବ। କିନ୍ତୁ ଦଳରେ ସ୍ଥାନ ପାଇଥିବା ଦୁଇ ନିୟମିତ ଭାରତୀୟ ଟେଷ୍ଟ ଦଳର ଖଳାଳି ପୂଜାରା ଓ ଜାଡେଜା ୫ମ ମ୍ୟାଚ୍‌ଠାରୁ ଖେଳିପାରିବେ ନାହିଁ। କାରଣ ଆସନ୍ତା ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତୀୟ ଦଳ ଘରୋଇ ଟେଷ୍ଟ ସିରିଜ୍ ଖେଳିବ।

“ଆମ ଦଳରେ କେବଳ ଜଣେ ମାତ୍ର ଅଭିଜ୍ଞ ଖେଳାଳି ଥିଲେ। ସାଫ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପରାଜିତ ହେବା ଏହାର ମୁଖ୍ୟ କାରଣ।
– ଷ୍ଟିଫେନ୍ କନଷ୍ଟାଣ୍ଟିନ୍, ଭାରତ ଫୁଟ୍‌ବଲ କୋଚ୍



“ଗ୍ୟାମ୍ବଲିଂ ସ୍କାଣ୍ଡାଲ ପାଇଁ ମୋ କ୍ୟାରିୟର ପ୍ରତି ବିପଦ ଦେଖାଦେଇଥିଲା। ଜାପାନ ଓପନ ଜିତିବା ପରେ ମୋ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।
–କେଣ୍ଟୋ ମୋମୋତା, ଜାପାନ ବ୍ୟାଡମିଣ୍ଟନ ଖେଳାଳି



## ସଂକ୍ଷେପରେ

### ବିଶ୍ୱ ରେକର୍ଡ ଭାଙ୍ଗିଲେ କିପ୍‌ଚୋଗେ

ବର୍ଲିନ,୧୬।୯(ଏଏଫ୍‌ପି): କେନିଆର ଇଲିଉଡ୍ କିପ୍‌ଚୋଗେ ମାରାଥନରେ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ରବିବାର ଅନୁଷ୍ଠିତ ବର୍ଲିନ ମାରାଥନକୁ ସେ ଦୁଇଘଣ୍ଟା ଏକ ମିନିଟ୍ ୩୯ ସେକେଣ୍ଡରେ ଶେଷକରି ଏହି କୃତିତ୍ୱ ହାସଲ କରିଛନ୍ତି। ୩୩ ବର୍ଷୀୟ ମାରାଥନ ଧାବକ ୪୨.୧୯୫ କିମି ବିଶିଷ୍ଟ ରେସ୍‌ରେ ଡେନିସ୍ କିମେଟୋଙ୍କ ରେକର୍ଡକୁ ୧ ମିନିଟ୍ ୧୭ ସେକେଣ୍ଡ ବ୍ୟବଧାନରେ ଭାଙ୍ଗିଛନ୍ତି। ପୂର୍ବତନ ଧାବକ ଡେନିସ୍ ୪ ବର୍ଷ ପୂର୍ବେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ମଡର୍ନ ମାରାଥନ ଚାମ୍ପିୟନ କିପ୍‌ଚୋଗେ ପ୍ରତ୍ୟେକ ଇଭେଣ୍ଟରେ ଏକତରଫା ଭାବେ ବିଜୟୀ ହେଉଛନ୍ତି। ସେ ଏ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନଶିପ୍‌ରେ ୫ ହଜାର ମି. ମାରାଥନରେ ୨୦୦୩ରେ ସ୍ୱର୍ଣ୍ଣ ଓ ୨୦୦୭ରେ ରୌପ୍ୟ ଏବଂ ୨୦୦୮ ଓ ୨୦୦୪ ଅଲିମ୍ପିକ୍ସରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନ୍ତିମ ୧୧ଟି ରେସ୍‌ରୁ ସେ ୧୦ଥର ଚାମ୍ପିୟନ ହୋଇସାରିଛନ୍ତି। ବର୍ଲିନରେ କ୍ରମାଗତ ୩ୟ ଥର ଜିତିବା ସହ ରିଓ ଅଲିମ୍ପିକ୍ସ, ହାମ୍ବର୍ଗ, ରୋଟରଡାମ ଓ ସିକାଗୋଠାରେ ମାରାଥନ ଜିତିଥିଲେ।

**ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଉଦ୍‌ଯାପିତ**

### ଓଡ଼ିଶାକୁ ମୋଟ୍ ୩୮ ପଦକ

କଟକ ଅଫିସ,୧୬।୯- ବିହାରର ପାଟନାଠାରେ ୩୦ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ମୋଟ୍ ୩୮ ପଦକ ଜିତିଛନ୍ତି । ଏହା ମଧ୍ୟରେ ୧୦ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୧୩ଟି ବ୍ରୋଞ୍ଜ ରହିଛି । ପ୍ରଥମ ଦିନରେ ୬ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୯ଟି ବ୍ରୋଞ୍ଜକୁ ମିଶାଇ ଓଡ଼ିଶା ୨୩ଟି ପଦକ ହାସଲ କରିଥିବା ବେଳେ ଦ୍ୱିତୀୟ ଦିନରେ ୪ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ଜିତିଥିଲା ।

ଦ୍ୱିତୀୟ ଦିନରେ ୧୬ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ଧନମତୀ ଖେସ୍, ୨୦ବର୍ଷରୁ କମ୍ ବାଳିକା ହାମରରେ ଉଜ୍ଜ୍ୱଳିକା ପ୍ରିୟଦର୍ଶିନୀ, ୧୮ବର୍ଷରୁ କମ ବାଳକ ୮୦୦ମିଟର ଦୌଡ଼ରେ ଦିଲ୍ଲୀପ ନାୟକ, ୧୮ବର୍ଷରୁ କମ୍ ବାଳିକା ୨୦୦ମିଟର ଦୌଡ଼ରେ ସୁଖୀ ବସ୍କି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୨୦ବର୍ଷରୁ କମ ବାଳିକା ୧୦୦ମିଟର ହର୍ଡଲ୍ସରେ ରାଇବାରୀ ତିରିଆ, ୧୬ବର୍ଷରୁ କମ୍ ବାଳିକା ୮୦୦ମିଟର ଦୌଡ଼ରେ ସୁସ୍ମିତା ଟିଗା, ୧୪ବର୍ଷରୁ କମ ବାଳିକା ଲଙ୍ଗଜମ୍ପରେ ଯମୁନା ଟୁଡୁ, ୧୮ବର୍ଷରୁ କମ୍ ବାଳକ ହାମରରେ ଅଭିଶେକ ପଣ୍ଡା, ୧୮ବର୍ଷରୁ କମ୍ ବାଳିକା ହାଇଜମ୍ପରେ ମୋନିକା କୁଜୁର, ୨୦ବର୍ଷରୁ କମ୍ ବାଳକ ସଟ୍‌ପୁଟରେ ଆଲୋକ କୁମାର ଦାସ, ୧୮ବର୍ଷରୁ କମ୍ ବାଳିକା ମିଡ୍‌ଲେ ରିଲେରେ ମନୀଷା ମେରେଲ, ସୁଖୀ ବସ୍କି, ସବିତା ମହାନ୍ତ, ଜ୍ୟୋତ୍ସ୍ନା ସବର ରୌପ୍ୟ ଜିତିଥିଲେ । ୧୪ବର୍ଷରୁ କମ୍ ବାଳିକା ହାଇଜମ୍ପରେ ସବିତା ଟପ୍ପୋ, ୧୬ବର୍ଷରୁ କମ୍ ବାଳିକା ସଟ୍‌ପୁଟରେ ନେତ୍ରମଣୀ ସିଂ, ୨୦ବର୍ଷରୁ କମ୍ ବାଳକ ୮୦୦ମିଟର ଦୌଡ଼ରେ ସୁଶାନ୍ତ ଲୋକା ଓ ୪୦୦ମିଟର ହର୍ଡଲ୍ସରେ ପ୍ରସନଜିତ ଖାଖା ବ୍ରୋଞ୍ଜ ପଦକ ଜିତିଛନ୍ତି ।

# ହାମିଲଟନଙ୍କୁ ସିଙ୍ଗାପୁର ଗ୍ରାଁ ପ୍ରି ଟାଇଟଲ

ସିଙ୍ଗାପୁର, ୧୬।୯ (ପି.ଟି.)

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ସିଙ୍ଗାପୁର ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ଆଉ ୬ ରାଉଣ୍ଡ ରେସ୍ ବାକିଥିବାବେଳେ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଟେବୁଲରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସେବାଷ୍ଟିଆନ ଭେଟେଲଙ୍କଠାରୁ ପଏଣ୍ଟ ବ୍ୟବଧାନ ୪୦କୁ ବୃଦ୍ଧି କରିପାରିଛନ୍ତି। ଗତ ୫ଟି ରେସ୍‌ରେ ଏହା ହେଉଛି ତାଙ୍କର ଚତୁର୍ଥ ବିଜୟ। ପୋଲ ପୋଜିଶନ ହାସଲ କରିଥିବା ହାମିଲଟନ ରବିବାର ରେସ୍‌ରେ ରେଡ୍ ବୁଲର ମାକ୍ସ ଭର୍ଷ୍ଟାପେନଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଭର୍ଷ୍ଟାପେନ ୮.୯ ସେକେଣ୍ଡ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ହାମିଲଟନ ଏହି ରେସ୍‌ରୁ ସର୍ବାଧିକ ୨୫ ପଏଣ୍ଟ ଅର୍ଜନ କରିଥିବାବେଳେ ଫେରାରିର ଏଠାରେ ତୃତୀୟ ସ୍ଥାନ ଅଧିକାର କରିବା ସହ ୧୫ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ମର୍ସିଡିଜର ଅନ୍ୟତମ ଡ୍ରାଇଭର ଭାଲଟେରି ବୋଟାସ ଚତୁର୍ଥ ହୋଇଥିବାବେଳେ ଫେରାରିର କିମି ରାଇକୋନେନ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ସେହିପରି ୬ଷ୍ଠ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ରେଡ୍ ବୁଲର ଡାନିଏଲ ରିକାର୍ଡୋଙ୍କୁ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ୧୧ତମ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ଫର୍ନାଣ୍ଡୋ ଆଲୋଁସୋ ୭ମ ସ୍ଥାନରେ ରହିଥିଲେ। ଟପ୍ ୧୦ରେ ଯଥାକ୍ରମେ ରହିଥିବା ଅନ୍ୟମାନେ ହେଲେ ରେନଲ୍ଟର କାର୍ଲୋସ ସେଞ୍ଜ, ସୌବେରର ଚାର୍ଲ୍‌ସ ଲେକ୍‌ରେକ୍ ଏବଂ ରେନଲ୍ଟର ନିକୋ ହକେନବର୍ଗ। ଫୋର୍ସ ଇଣ୍ଡିଆର ପ୍ରଦର୍ଶନ ଖରାପ ରହିଥିଲା। ସର୍ଗିଓ ପେରେଜ ୧୬ତମ ସ୍ଥାନ ସହ ତାଙ୍କ ରେସ୍ ଶେଷ କରିଥିଲେ। ଦୁର୍ଘଟଣାର ସମ୍ମୁଖୀନ ହୋଇ ଟିମ୍‌ର ଅନ୍ୟତମ ଡ୍ରାଇଭର ଏଷ୍ଟିବାନ ଓକନଙ୍କୁ ରେସ୍ ଅଧାରୁ ଓହରିଯିବାକୁ ପଡ଼ିଥିଲା।



ଟ୍ରଫି ସହ ଲୁଇସ୍ ହାମିଲଟନ।

■ ଏସିଆ କପ୍ କ୍ରିକେଟ

# ପାକିସ୍ତାନ ବିଜୟୀ

ଦୁବାଇ, ୧୬।୯ (ପି.ଟି.)

ଏସିଆ କପ୍ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ପାକିସ୍ତାନ ୮ ଉଇକେଟରେ ହଂକଂକୁ ପରାସ୍ତ କରିଛି। ଗ୍ରୁପ୍ ଏ'ର ଏହି ମ୍ୟାଚରେ ୧୧୭ ରନର ବିଜୟ ଲକ୍ଷ୍ୟକୁ ପାକିସ୍ତାନ ୨୩.୪ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଇମାମ ଉଲ୍ ହକ୍ ୫୦ ଏବଂ ଶୋଏବ ମଲିକ ୯ ରନ କରି ଅପରାଜିତ ରହିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହଂକଂ ୩୭.୧ ଓଭରରେ ମାତ୍ର ୧୧୬ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପାକିସ୍ତାନର ଟପ୍ କ୍ୱାଲିଟି ବୋଲିଂର ଉଚିତ ମୁକାବିଲା କରିପାରି ନ ଥିଲା। କିଞ୍ଚିତ ଶାହ ୨୬ ଓ ଆଇଜାଜ୍ ଖାଁ ୨୭ ରନ କରିଥିଲେ। ଅଧିନାୟକ ଅଂଶୁମାନ ରଥଙ୍କର ୧୯ରନ ଯୋଗଦାନ ରହିଥିଲା। ପାକିସ୍ତାନ ତରଫରୁ ସବୁଠାରୁ ସଫଳ ବୋଲର ସିମର ଉସ୍‌ମାନ ଖାଁ ୧୯ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିବାବେଳେ ଶାଦାବ ଖାଁ (୨/୩୧) ଓ ହସନ ଅଲି (୨/୧୯) ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ହଂକଂ:** ୩୭.୧ ଓଭରରେ ୧୧୬/ଅଲଆଉଟ (ଆଇଜାଜ୍ ଖାଁ–୨୭; ଉସ୍‌ମାନ ଖାଁ–୩/୧୯)।

**ପାକିସ୍ତାନ:** ୨୩.୪ ଓଭରରେ ୧୨୦/୨ ( ଇମାମ ଉଲ ହକ– ୫୦*, ବାବର ଆଜାମ–୩୩; ଏହେସାନ ଖାଁ–୨/୩୪)।

**ଆଜିର ମ୍ୟାଚ୍**

**ଶ୍ରୀଲଙ୍କା ବନାମ ଆଫଗାନିସ୍ତାନ**

ସ୍ଥାନ: ଆବୁଧାବି
ସମୟ: ଅପରାହ୍ନ ୫ଟା

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**





ଜାତୀୟ କ୍ୟାମ୍ପ ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ହକି ଦଳର କୋଚ ହରେନ୍ଦ୍ର ସିଂ ଏବଂ ଖେଳାଳିମାନେ ।

# କଳିଙ୍ଗ ଷ୍ଟାଡିୟମରେ ଜାତୀୟ ହକି କ୍ୟାମ୍ପ ଆଜିଠାରୁ

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ ପାଇଁ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ହକି ଦଳର କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏକମାସ ଧରି ଚାଲିବାକୁଥିବା ଏହି କ୍ୟାମ୍ପରେ କୋର ଗ୍ରୁପରେ ସ୍ଥାନ ପାଇଥିବା ୨୫ ଖେଳାଳି ପ୍ରଶିକ୍ଷଣ ନେବେ। କୋଚ୍ ହରେନ୍ଦ୍ର ସିଂ ଓ ୨୩ ଖେଳାଳି ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅବଶିଷ୍ଟ ୨ ଖେଳାଳି ସୋମବାର ଆସିବେ ବୋଲି ଜଣାଯାଇଛି। ସୋମବାର ଅପରାହ୍ନରେ ଖେଳାଳିମାନେ ଜିମ୍‌ରେ ସମୟ କାଟିବେ, ମଙ୍ଗଳବାରରୁ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିବାରୁ ଦଳରେ ଥିବା ଦୋଷ ଦୁର୍ବଳତା ଦୂରକୁ ପ୍ରାଥମିକତା ଦିଆଯିବ ବୋଲି କୋଚ୍ ହରେନ୍ଦ୍ର ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଖେଳାଳିଙ୍କ ଫିଟ୍‌ନେସ ଏବଂ ଆହତ ସମସ୍ୟାକୁ କିପରି ଏଡ଼ାଇ ଦିଆଯାଇ ପାରିବ ତା' ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଏସିଆନ ଗେମ୍ସରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଦଳରେ କେତେକ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ତେଣୁ ଆଗାମୀ ୨ଟି ଟୁର୍ଣ୍ଣାମେଣ୍ଟରେ ଦଳ ନୂଆ କମ୍ବିନେଶନରେ ଖେଳିବା ସ୍ପଷ୍ଟ ହୋଇଛି। ଭୁବନେଶ୍ୱର ହେଉଛି ଦେଶର ଅନ୍ୟତମ ଶ୍ରେଷ୍ଠ ଗ୍ରାଉଣ୍ଡ। ପିଲାମାନେ ଏଠାରେ ଖେଳିବାକୁ ଭଲ ପାଆନ୍ତି ଏବଂ ଏଠାକାର ଦର୍ଶକ ସମର୍ଥନ ବହୁତ ଭଲ। ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ସମ୍ପ୍ରତି ଆହତ ସମସ୍ୟା ମଧ୍ୟଦେଇ ଗତି କରୁଛନ୍ତି। ତେବେ ଏସିଆନ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରିଥିବା ଅମିତ ରୋହିଦାସଙ୍କୁ କାହିଁକି ଦଳରେ ସାମିଲ କରାଗଲାନି ତା'ର କୌଣସି ଉତ୍ତର ଦେବାକୁ ସେ ମନା କରି ଦେଇଥିଲେ। ପ୍ରକାଶ ଯୋଗ୍ୟ ଯେ, ଓଡ଼ିଶାରେ ହକି ବିଶ୍ୱକପ ହେବାକୁ ଯାଉଥିଲେ ହେଁ କ୍ୟାମ୍ପ ପାଇଁ ଜଣେ ହେଲେ ଓଡ଼ିଶା ଖେଳାଳି ମନୋନୀତ ହୋଇ ନାହାନ୍ତି।

## ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର

# କ୍ୱାର୍ଟର ଫାଇନାଲରେ ଜଗଦୀଶ

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ପଟିଆସ୍ଥିତ ୬ପକେଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ରେ ରବିବାର ବିପର୍ଯ୍ୟୟ ଘଟାଇବା ସହ ଜଗଦୀଶ ମହାନ୍ତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ପ୍ରଥମେ ୭ମ ସିଡ୍ ସୌଭାଗ୍ୟ ବେହେରା ଓ ପରେ ଅଶ୍ୱିନୀ ପଟନାଏକଙ୍କୁ ପରାସ୍ତ କରିଛନ୍ତି। ତାଙ୍କ ବ୍ୟତୀତ ଜୀତେନ ଷଡ଼ଙ୍ଗୀ, ସୁବ୍ରତ ଦାସ, ଆକାଶ ମହାପାତ୍ର, କୁନାଲ ଅଗ୍ରୱାଲ, ରୁମିତ ଗୁପ୍ତା ଓ ଅନୁଜ ପଣ୍ଡା ମଧ୍ୟ କ୍ୱାର୍ଟରରେ ପହଞ୍ଚିଛନ୍ତି। ମ୍ୟାଚ ଗୁଡ଼ିକର ଫଳାଫଳ: ସୁବ୍ରତ ଦାସ ୪–୦ ମାନସ ବେଉରା, ଅର୍ପିତ ଅଗ୍ରୱାଲ ୪–୨ ସୁମିତ ହେମ୍ବ୍ରମ, ଜଗଦୀଶ ମହାନ୍ତି ୪–୩ ସୌଭାଗ୍ୟ ବେହେରା, ଶାରଦା ବେହେରା ୪–୨ ରାକେଶ ପ୍ରଧାନ, ନିଶ୍ଚୟ ମିଶ୍ର ୪–୧ ଶିବାଶିଷ ବିଶ୍ୱାଳ, କୁନାଲ ଅଗ୍ରୱାଲ ୪–୩ ସୁମନ ପଟନାଏକ, ଜୀତେନ ଷଡ଼ଙ୍ଗୀ ୪–୦ ତରୁଣ ପଟନାଏକ, ଅମିୟ ନାଏକ ୪–୨ ନିଶ୍ଚୟ ମିଶ୍ର, ଆକାଶ ମହାପାତ୍ର ୪–୧ ସତ୍ୟଦୀପ ଦାସ, ସୁବ୍ରତ ଦାସ ୪–୦ ରଞ୍ଜୀତ ପତି, କୁନାଲ ଅଗ୍ରୱାଲ ୪–୧ ଶାରଦା ବେହେରା, ଜଗଦୀଶ ମହାନ୍ତି ୪–୦ ଅଶ୍ୱିନୀ ପଟନାଏକ, ରୁମିତ ଗୁପ୍ତା ୪–୧ ସମୀର ଅଲୀ, ଅନୁଜ ପଣ୍ଡା ୪–୧ ମିଶାଲ ସ୍ୱାଇଁ।

■ ଜାତୀୟ ସିନିୟର ମହିଳା ଫୁଟବଲ

# ଟିକିନା ଓଡ଼ିଶା ଅଧିନାୟିକା

କଟକ ଅଫିସ,୧୬।୯

ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ କଟକରେ ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୨୭ଟି ଦଳ ଭାଗ ନେଉଥିବା ବେଳେ ବାରବାଟୀ ଷ୍ଟାଡିୟମ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ ଓ ବିଡ଼ାନାସୀ ଗ୍ରାଉଣ୍ଡରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ । ଏ ନେଇ ରବିବାର ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୨୦ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି । ଗୋଲକିପର ଟିକିନା ସାମଲ ଦଳର ଅଧିନାୟିକା ରହିଥିବା ବେଳେ ପ୍ୟାରୀ ଖାଖା ଉପଅଧିନାୟିକା ରହିଛନ୍ତି । ଘୋଷିତ ଓଡ଼ିଶା ଦଳ: ଟିକିନା ସାମଲ, ସୁକାନ୍ତି ରାଉଳ–ଗୋଲକିପର, ନନ୍ଦିନୀ ମୁଣ୍ଡା, ଜ୍ୟୋତ୍ସ୍ନା ମଲିକ, ସୋନାଲୀ ଓରାମ, ପାର୍ବତୀ କୁଜୁର, ଦିଗି ମାଝୀ, ଜୁଲି କିଶାନ–ଡିଫେଣ୍ଡର, ସିନୁଲତା ସାହୁ, ଜବାମଣୀ ସୋରେନ୍, ଜସମଣୀ ସାମଦ, ଆରତୀ ସେଠୀ, ସୁସ୍ମିତା ଦଳେଇ, ଝରଣା ମଲ୍ଲିକ, ଦମୟନ୍ତୀ ତିରିଆ, ବନ୍ୟା କବିରାଜ–ମିଡ଼ ଫିଲ୍ଡର, ପ୍ୟାରୀ ଖାଖା, ଅଞ୍ଜୁ ତମାଙ୍ଗ, ସତ୍ୟବତୀ ଖାଡ଼ିଆ, ସୁଭଦ୍ରା ସାହୁ–ଷ୍ଟ୍ରାଇକର। କୋଚ/ମ୍ୟାନେଜର– ଗାୟତ୍ରୀ ମଲ୍ଲିକ, ଫିଜିଓ–ମୋନାଲିସା ସାହୁ ।

■ ଜାତୀୟ ଫେନ୍ସିଂ ଉଦ୍‌ଯାପିତ

# ମଣିପୁର ୩ ବିଭାଗରେ ଦଳଗତ ଚାମ୍ପିୟନ

କଟକ ଅଫିସ,୧୬।୯

ଓଡ଼ିଶା ରାଜ୍ୟ ଫେନ୍ସିଂ ଆସୋସିଏଶନ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୦ତମ ସବଜୁନିୟର ଓ ୧୫ତମ କ୍ୟାଡେଟ୍ ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ସବ୍‌ଜୁନିୟର ବାଳିକା, ବାଳକ ଓ କ୍ୟାଡେଟ ବାଳିକା ବର୍ଗରେ ମଣିପୁର ଦଳଗତ ଭାବେ ଚାମ୍ପିୟନ ହୋଇଛି। ଅନ୍ୟ ପକ୍ଷରେ ଆୟୋଜକ ଓଡ଼ିଶା ପଦକଶୂନ୍ୟ ରହିଛି। କ୍ୟାଡେଟ ବାଳିକାରେ ଦଳଗତ ଭାବେ ମଣିପୁର ଚାମ୍ପିୟନ ହୋଇଥିବା ବେଳେ ଜମ୍ମୁ ଓ କାଶ୍ମିରୀ ରନର୍ସଅପ, ହରିୟାଣା, କର୍ଣ୍ଣାଟକ ମିଳିତ ଭାବେ ଦ୍ୱିତୀୟ ରନର୍ସଅପ ହୋଇଛନ୍ତି। କ୍ୟାଡେଟ ବାଳକ ଦଳଗତ ଭାବେ ଛତିଶଗଡ଼ ଚାମ୍ପିୟନ, ସର୍ଭିସେସ୍ ରନର୍ସଅପ, ହରିୟାଣା ଦ୍ୱିତୀୟ ରନର୍ସଅପ, ସବ୍‌ଜୁନିୟର ବାଳକ ଦଳଗତ ଭାବେ ମଣିପୁର ଚାମ୍ପିୟନ, ସର୍ଭିସେସ୍ ରନର୍ସଅପ, କେରଳ ଦ୍ୱିତୀୟ ରନର୍ସଅପ, ସବ୍‌ଜୁନିୟର ବାଳିକା ଦଳଗତ ଭାବେ ମଣିପୁର ଚାମ୍ପିୟନ, କେରଳ ରନର୍ସଅପ, ମହାରାଷ୍ଟ୍ର ଦ୍ୱିତୀୟ ରନର୍ସଅପ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଫେନ୍ସିଂ ଆସୋସିଏଶନ ଅଫ ଇଣ୍ଡିଆ ସମ୍ପାଦକ ବସିର ଅହମ୍ମଦ ଖାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଫେନ୍ସିଂ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀ।



## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ

**ଲହୁଣିପଡା, ୧୬।୯ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣିପଡା ଥାନା ଅନ୍ତର୍ଗତ କଜଳା ଗ୍ରାମରେ ସାପ କାମୁଡାରେ ଜଣେ ଯୁବତୀଙ୍କ ରବିବାର ମୃତ୍ୟୁ ଘଟିଛି। ଯୁବତୀ ଜଣକ ହେଲେ ଗ୍ରାମର ସ୍ୱର୍ଗତ ପାଉଲସ ମୁଣ୍ଡାଙ୍କ ଝିଅ ମିଲନ (୨୦) । ସେ ଘରେ ଶୋଇଥିବାବେଳେ ସାପ କାମୁଡି ଦେଇଥିଲା । ଶନିବାର ରାତି ପ୍ରାୟ ୧୦ଟା ବେଳେ ଏହି ଘଟଣା ଘଟିଥିଲା। ପରେ ସେ ପରିବାର ଲୋକଙ୍କୁ କହିଥିଲେ। କିନ୍ତୁ ତାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଝଡାଫୁଙ୍କା କରିବା ପାଇଁ ନିକଟସ୍ଥ ଗ୍ରାମର ଗୁଣିଆ ପାଖକୁ ଘର ଲୋକେ ନେଇଥିଲେ। ଝଡାଫୁଙ୍କା କରି ନିରାଶ ହେବା ପରେ ଘରକୁ ଆଣିଥିଲେ । ପଡିଶା ଲୋକ ଖବର ପାଇ ଲହୁଣିପଡା ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ଧବିଶ୍ୱାସ ଓ ସଚେତନତା ଅଭାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଗ୍ରାମବାସୀ କହିବା ସହିତ ଦୁଃଖ ପ୍ରକାଶ କରିଛନ୍ତି। ଖବର ପାଇ ଲହୁଣିପଡା ପୋଲିସ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ପରେ ହସ୍ତାନ୍ତର କରିଛି।

### ଗଣେଶ ପୂଜା ଚାନ୍ଦା ନ ଦେବାରୁ ମହିଳାଙ୍କୁ ମାଡ଼

ରାଉରକେଲା ଅଫିସ,୧୬।୯- ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ପାୱାର ହାଉସ ରୋଡ୍‌ରେ ରହୁଥିବା ଜଣେ ମହିଳାଙ୍କୁ ଶୁକ୍ରବାର ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅଞ୍ଚଳର ସନ୍ଦୀପ ମହାନ୍ତି ନାମକ ଜଣେ ଯୁବକ ଅପରାହ୍ନ ୩ଟା ୪୫ରେ ମହିଳାଙ୍କ ଘରକୁ ଆସି ୩ହଜାର ଟଙ୍କା ଗଣେଶ ପୂଜା ଚାନ୍ଦା ମାଗିଥିଲେ। ଚାନ୍ଦା ନ ଦେବାରୁ ମହିଳାଙ୍କ ଦୋକାନ ଜାଳି ଦେବାକୁ ଧମକ ଦେବା ସହ ତାଙ୍କ ଚୁଟି ଘୋଷାଡ଼ି ମାଡ଼ ମାରିଥିଲେ। ଏପରିକି ସନ୍ଦୀପ ମହିଳାଙ୍କ ଛାତିକୁ ଗୋଇଠା ମାରିଥିବା ସଙ୍ଗିନ ଅଭିଯୋଗ ହୋଇଛି। ପୋଲିସ ସନ୍ଦୀପଙ୍କ ବିରୋଧରେ ଦଫା ୩୮୫, ୩୫୪, ୫୦୬ ଓ ୨୨୩ ବଳରେ ଏକ ମାମଲା (ନଂ. ୨୮୯/୨୦୧୮) ରୁଜୁ କରିଛି। ସନ୍ଦୀପ ଫେରାର ହୋଇଯାଇଥିବା ପୋଲିସ କହିଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଗଣେଶ ମୂର୍ତ୍ତି ଭଷାଣିକୁ ନେଇ ଗୋଷ୍ଠୀ ସଂଘର୍ଷ

**ବୀରମହାରାଜପୁର, ୧୬।୯ (ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ ଜଟିଆପାଲି ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣୀକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି । ଏହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ଠେଲାପଥର ମାଡରେ ୮ଜଣ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ପୃଥକ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଉକ୍ତ ଗଣ୍ଡଗୋଳ ଘଟିଥିବାରୁ ଗାଁରେ ଉତ୍ତେଜନା ଲାଗି ରହିଛି । ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ କରାଯାଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମତେ ବୀରମହାରାଜପୁରଠାରୁ ପ୍ରାୟ ୨୦କିମି ଦୂରବର୍ତ୍ତୀ ଆଭ୍ୟନ୍ତରୀଣ କେନ୍‌ଝରିଆପାଲି ପଞ୍ଚାୟତ ଅନ୍ତର୍ଗତ ଜଟିଆପାଲିରେ ଶନିବାର ଅପରାହ୍ଣରେ ଏହି ଘଟଣା ଘଟିଥିଲା। ଭସାଣୀ ଶୋଭାଯାତ୍ରା ଚାଲିଥିବାବେଳେ ଉତ୍ତେଜନା ପ୍ରକାଶ ପାଇ ସଂଘର୍ଷର ରୂପ ନେଇଥିଲା । ବୀରମହାରାଜପୁର ଥାନାରେ ରୁଜୁ ହୋଇଥିବା ପ୍ରଥମ ମାମଲା (ନଂ ୧୩୩/୧୮) ଅନୁଯାୟୀ ଦଳିତ ସମ୍ପ୍ରଦାୟର ୫ଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସମେତ ଅନ୍ୟମାନଙ୍କୁ ଅଭିଯୁକ୍ତ କରାଯାଇଛି। ଏମାନଙ୍କ ବିରୋଧରେ ୧୪୭, ୧୪୮, ୩୩୭, ୧୪୯ ଦଫାରେ ମାମଲା ରୁଜୁ କରାଯାଇଥିବାବେଳେ ପ୍ରତିପକ୍ଷ ଗୋଷ୍ଠୀଙ୍କର ୩ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସମେତ ଅନ୍ୟମାନେ ଜଡିତ ଥିବା ଅଭିଯୋଗ ହୋଇଛି । ଏମାନଙ୍କ ବିରୋଧରେ ଆଇପିସିର ୧୪୭, ୧୪୮, ୩୪୧, ୩୨୩, ୩୩୭, ୧୪୯ ଏବଂ ଏସସି/ଏସଟି ଆକ୍ଟର ଦଫା ୩ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ନେଇ ଥାନା ଆଇପିସି କୁଶ ପାଣିଗ୍ରାହୀଙ୍କଠାରୁ ପ୍ରକାଶ ।

### ପଲିଟେକ୍‌ନିକ୍‌ରେ ଶିଳ୍ପ ସଚେତନତା ଶିବିର

**ସୋନପୁର,୧୬।୯(ନି.ପ୍ର.)-** ଜିଲା ଶିଳ୍ପକେନ୍ଦ୍ର ସୁବର୍ଣ୍ଣପୁର ଆନୁକୂଲ୍ୟରେ ଶିଳ୍ପ ସଚେତନତା ଶିବିର ସ୍ଥାନୀୟ ସରକାରୀ ପଲିଟେକନିକ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ଗୌରହରି ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉଦ୍ୟୋଗୀ ହେବା ସହିତ ଜିଲାରେ ଶିଳ୍ପ ସ୍ଥାପନର ବିଭିନ୍ନ ଦିଗ ଓ ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ଦାମୋଦର ନାଏକ, ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ, ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳତାର ବିଭିନ୍ନ ମାଧମ ଉପରେ ପରାମର୍ଶ ଦେଇଥିଲେ। ସହକାରୀ କୃଷି ଯନ୍ତ୍ରୀ ଇଂ. ପ୍ରଭାତ ରଞ୍ଜନ ଖାଖା, ସହକାରୀ ମତ୍ସ୍ୟ ଅଧିକାରୀ ଲିମନ ଚନ୍ଦ୍ରାକାର ଉପସ୍ଥିତ ଥିଲେ। ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଶିଳ୍ପ ବିକାଶ ଅଧିକାରୀ ଜୟଦେବ ଦାସ ହସ୍ତ ଓ କୁଟୀର ଶିଳ୍ପ ସ୍ଥାପନାର ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।




ଆଲୋଚନାଚକ୍ରରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ନେତୃବୃନ୍ଦ।

# ଜମି ଅଧିଗ୍ରହଣରେ ବିଳମ୍ବ

**ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ**

- ଧାର୍ଯ୍ୟ ସମୟରେ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ନେଇ ପ୍ରଶ୍ନବାଚୀ
- ତେଲ, ବାଘ ଓ ସାଲ୍‌ଙ୍କି ନଦୀ ଉପରେ ବ୍ରିଜ୍ ନିର୍ମାଣ ଦାବି

**ସୋନପୁର,୧୬।୯ (ନି.ପ୍ର.)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଓଡିଶାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ରେଳପଥ। ପୂର୍ବ ଓଡିଶା ଓ ପଶ୍ଚିମ ଓଡିଶାକୁ ସଂଯୋଗ କରିବା ତଥା ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ଏହି ପ୍ରକଳ୍ପ ଏକ ମାଇଲ ଖୁଣ୍ଟ ଭାବେ କାମ କରିବ। ଏହି ବହୁ ପ୍ରତିକ୍ଷିତ ପ୍ରକଳ୍ପର ପରିକଳ୍ପନା ସ୍ୱାଧୀନତାର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ୧୯୮୧ରୁ ପ୍ରଥମେ ସର୍ଭେ କରାଯାଇ ପ୍ରତି ମାଇଲ ପିଛା ୧ଲକ୍ଷ ୧୯ ହଜାର ଟଙ୍କା ବ୍ୟୟ ଅଟକଳ କରା ଯାଇଥିଲା। ୧୯୪୫ରେ ଦ୍ୱିତୀୟ ସର୍ଭେ ହୋଇଥିଲା। ୧୯୯୪ରେ ପ୍ରକଳ୍ପଟି ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ୨୦୦୭ରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ କେନ୍ଦ୍ରରେ ବିଭିନ୍ନ ସମୟରେ କ୍ଷମତାସୀନ ସରକାର ପ୍ରକଳ୍ପକୁ ଅଣଦେଖା କରି ଆସିଥିଲେ। ଏବେ ମୋଦି ସରକାରଙ୍କ ସମୟରେ ରେଳ ବଜେଟ୍‌ରେ ଏହି ରେଳପଥ ପାଇଁ ଭଲ ବ୍ୟୟବରାଦ ହେଉଛି। ଖୋର୍ଦ୍ଧାରୁ ନୟାଗଡ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇଛି। ସେହିପରି ବଲାଙ୍ଗୀର ପଟୁ କାମ ଆରମ୍ଭ ହୋଇ ଭଇଁଷାପାଲି ପହଞ୍ଚିଲାଣି। ଉଭୟ ପଟୁ କାମ କରି ୨୦୨୧ଜୁନ୍ ସୁଦ୍ଧା ଏହି ରେଳ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ରେଳ ବିଭାଗ ଓ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷର କରିଛନ୍ତି। ତେବେ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ପୁଣି ବିଳମ୍ବ ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।

ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଦାବିରେ ରବିବାର ସୁବର୍ଣ୍ଣପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲାର କ୍ରିୟାନୁଷ୍ଠାନ କମିଟିର ମିଳିତ ଆଲୋଚନାଚକ୍ର 'ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ କେତେବାଟ' ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର କ୍ରିୟାନୁଷ୍ଠାନ କମିଟିର ଆବାହକ ଶ୍ୟାମା ଓଁ ପ୍ରସାଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରରେ ସୋନପୁରର ଗୋବିନ୍ଦ ମହାରଣା, ବଲାଙ୍ଗୀରର ଭବାନୀଶଙ୍କର ଶତପଥୀ ଓ ବୌଦ୍ଧର ଦେବାଶିଷ ପୁରୋହିତ ଆଲୋଚକ ଭାବେ ଯୋଗଦେଇ ଆମେ ସବୁ କ୍ଷେତ୍ରରେ ଅବହେଳିତ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଯଦି ଏହି ରେଳପଥ ସମ୍ପୂର୍ଣ୍ଣ ନ ହୁଏ ତେବେ ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲାର ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ବକ୍ତାଭାବେ ବିଜେଡି ନେତା ଅଭିମନ୍ୟୁ କୁଶଳ, ଭାଜପା ନେତା ବଳଦେବ ପ୍ରସାଦ ବେଦବାକ୍ ଓ ଜାତୀୟ କଂଗ୍ରେସ ନେତା ଜୀତେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ନିଜ ନିଜ ଦଳ ଭିତରେ ଏହି ଦାବି ପାଇଁ କୋର କମିଟି ଗଠନ ପୂର୍ବକ ଦାବି ଉପସ୍ଥାପନା କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧର ଶଶାଙ୍କ ଶେଖର ମିଶ୍ର, ବିପ୍ର ଚରଣ ମହାନ୍ତି, ବଲାଙ୍ଗୀରର ବିକ୍ରମ କେଶରୀ ବହିଦାର, କିଶୋର ମିଶ୍ର, ଗୋପବନ୍ଧୁ ପୁରୋହିତ, ଡୁଙ୍ଗୁରିପାଲିର ପି.ରାଜୁ, ବୀରମହାରାଜପୁରର କିଶୋର ହୋତା, ପ୍ରିୟବ୍ରତ ସାହୁ, ସୋନପୁରର ଗୋରିଶ୍ୟାମ ପଣ୍ଡା, ସର୍ବେଶ୍ୱର ପୁରୋହିତ, ପୁରୁଷୋତ୍ତମ ପାଣିଗ୍ରାହୀ, ପର୍ଶୁରାମ ମିଶ୍ର, ଗଦାଧର ବାରିକ୍, ଦିଲ୍ଲିପ ପାତ୍ର, ରାଜୀବ ନାୟକ, ଛାତ୍ରନେତା ଆଲୋକ ଦାସ, ତାପସ କୁମାର ବେଉରିଆ ଓ ଅଧ୍ୟାପକ ସୁମନ୍ତ କୁମାର ମିଶ୍ର ଆଲୋଚନାରେ ଭାଗନେଇ ନିଜ ନିଜର ମତ ଉପସ୍ଥାପନା କରିଥିଲେ । ଆଲୋଚନାର ଶେଷ ପର୍ଯ୍ୟାୟରେ ଘାସିରାମ ପଣ୍ଡା ନିର୍ଯ୍ୟାସ ଉପସ୍ଥାପନ କରି ବିଭିନ୍ନ ପ୍ରସ୍ତାବ ସମ୍ମିଳିତ କରି ଉପସ୍ଥାପନା କରିଥିଲେ ଯେ, ସୁବର୍ଣ୍ଣପୁର ଜିଲାର ୩୦ଟି ଗ୍ରାମରୁ ଏଯାଏଁ ୧୪ଟି ଗ୍ରାମରେ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଥିବା ବେଳେ ବାକି ୧୬ଟି ଗ୍ରାମରେ କୌଣସି ପଦକ୍ଷେପ ନିଆଯାଇନି। ସେହିପରି ବୌଦ୍ଧ ଜିଲାର ମୋଟ ୧୦୨ଟି ଗ୍ରାମର ଜମି ଅଧିଗ୍ରହଣ ଆଦୌ ହେଇ ନଥିବାରୁ ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହୋଇଥିଲା। ଜମି ଅଧିଗ୍ରହଣ କାର୍ଯ୍ୟାଳୟ ସୁବର୍ଣ୍ଣପୁର ଓ ବୌଦ୍ଧରେ ଶୀଘ୍ର ଖୋଲାଯିବା ସହିତ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ ପାଇଁ ଦାବି କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତତଃ ପକ୍ଷେ ୩ମାସରେ ଥରେ ଜମି ଅଧିଗ୍ରହଣ କାର୍ଯ୍ୟର ସମୀକ୍ଷା କରନ୍ତୁ ବୋଲି ଦାବି ହୋଇଥିଲା। ସେହିପରି ସୁବର୍ଣ୍ଣପୁରରୁ ବୌଦ୍ଧ ମଧ୍ୟରେ ଥିବା ନଦୀ, ନାଳ ଓ ଜଳାଶୟ ଗୁଡିକରେ ବ୍ରିଜ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ ବୋଲି ଦାବି କରିବା ସହିତ ଆସନ୍ତା ୨୧ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡା ଗସ୍ତ ସମୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ମତପ୍ରକାଶ ପାଇଥିଲା। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଗୋଟିଏ ଦିନରେ ତିନି ଜିଲାରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭୁବନେଶ୍ୱରରେ ମିଳିତ ଖବରଦାତା ସମ୍ମିଳନୀ, ଜନସାଧାରଣଙ୍କ ଦ୍ୱାରା ସୋସିଆଲ ମିଡିଆରେ ଏହି ଦାବି ସମ୍ପର୍କରେ ସରକାରଙ୍କ ଉପରେ ଚାପ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ୱେବ୍ ପୋର୍ଟାଲ ମାଧ୍ୟମରେ ଦାବି ଜଣାଇବା ନିଷ୍ପତ୍ତି ହୋଇଥିଲା। ସରକାର ଦାବି ପ୍ରତି ଅଣଦେଖା କଲେ ଦଳୀୟ ନେତାଙ୍କୁ ସାମାଜିକ ବାସନ୍ଦ, ଆସନ୍ତା ନିର୍ବାଚନରେ ଉଚିତ୍ ଜବାବ ଦେବା ପାଇଁ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ଦୃଢୋକ୍ତି ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ବିଗତ ଦିନମାନଙ୍କରେ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଦିବଙ୍ଗତ ସଂଗ୍ରାମୀ ଶ୍ରୀଧର ନାଏକ ଓ ଆଇନଜୀବୀ ସନାତନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ ପୂର୍ବକ ଉଭୟଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶ୍ରୀବତ୍ସ ମଲ୍ଲିକ, ରାଧେଶ୍ୟାମ ପୁରୋହିତ, ପଦ୍ମଲୋଚନ ମହଲା, ଶେଷଦେବ ମେହେର, କାଶିନାଥ ମିଶ୍ର, ସଚ୍ଚିଦାନନ୍ଦ ଦାଶ, ଗଣେଷ ସାହୁ, ଦେବଦତ୍ତ ମହାପାତ୍ର ଓ ଲଡୁକିଶୋର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ପରବର୍ତ୍ତୀ ବୈଠକ ବୌଦ୍ଧରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ଦଶହରା ପୂଜା ପ୍ରସ୍ତୁତି ବୈଠକ

**ଜହ୍ନାପଙ୍କ, ୧୬।୯ (ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ମାରୁତି ଯୁବକ ସଂଘର ଏକ ପ୍ରସ୍ତୁତି ବୈଠକ ସଂଘ କାର୍ଯ୍ୟାଳୟରେ ଶନିବାର ସୁଧାଂଶୁଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମିଶ୍ର ପ୍ରଥମେ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହାପରେ ମାରୁତି ଯୁବକ ସଂଘର ମୂଳ ସଭ୍ୟ, ନାଟ୍ୟ ନିର୍ଦ୍ଦେଶକ ତଥା ଶିକ୍ଷକ ଝସକେତନ ମିଶ୍ରଙ୍କ ଅକାଳ ବିୟୋଗ ଯୋଗୁଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ଜଗଦିଶ ବାରିକ ବୈଠକରେ ଏଜେଣ୍ଡା ଉପସ୍ଥାପନ କରିଥିବା ବେଳେ କୋଷାଧ୍ୟକ୍ଷ ସଞ୍ଜିତ ପ୍ରଧାନ ଦଶହରାର ବ୍ୟୟ ଅଟକଳ ଉପସ୍ଥାପନା କରିଥିଲେ । ସଭ୍ୟ ଗାର୍ଗବ ପ୍ରଧାନ ଏବର୍ଷ ଗାଡି ମଟରରୁ ଚାନ୍ଦା ଆଦାୟକୁ ସଂପୂର୍ଣ୍ଣ ବିରୋଧ କରିଥିଲେ । ବରିଷ୍ଠ ସଭ୍ୟ ସୁଧାଂଶୁଶେଖର ପ୍ରଧାନଙ୍କୁ ନାଟ୍ୟ ପରିଚାଳକ ଭାବେ ମନୋନୀତ କରାଗଲା । ଏବର୍ଷ ଦଶହରାରେ ରାମାୟଣ ପାରାୟଣ ଓ ଏକାଦଶୀରେ ନାଟକ ମଞ୍ଚସ୍ଥ ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା । ଦଶହରାକୁ ଆକର୍ଷଣୀୟ ଓ ସୁଚାରୁରୂପେ ପରିଚାଳନା ପାଇଁ ଗ୍ରାମବାସୀଙ୍କ ସହଯୋଗ କାମନା କରିବାକୁ ବୈଠକ ନିଷ୍ପତ୍ତି ନିଆଗଲା । ଶେଷରେ ବରିଷ୍ଠ ସଭ୍ୟ ସୁଧାଂଶୁ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ସୁରେନ୍ଦ୍ର ବେହେରା, ସୁରେନ୍ଦ୍ର ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ମଧୁସୂଦନ ପ୍ରଧାନ, ଦିଲୀପ ପ୍ରଧାନ, ପୃଥିରାଜ ପ୍ରଧାନ, ଆଲୋକ ପ୍ରଧାନ, ଦଶରଥ ପ୍ରଧାନ ପ୍ରମୁଖ ଯୋଗଦେଇ ନିଜ ନିଜର ମତାମତ ଦେଇଥିଲେ ।

### ସପ୍ତଦୀପାର ୯୬ତମ ସାହିତ୍ୟ ଆସର

**ବୀରମହାରାଜପୁର, ୧୬।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସପ୍ତଦୀପା ସାହିତ୍ୟ ସଂସଦର ୯୬ତମ ଭ୍ରାମ୍ୟମାଣ ଆସର ରବିବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହର ପ୍ରଥମ ସୋପାନରେ ଅନୁଷ୍ଠିତ ହୋଇଥିଲା ସାହିତ୍ୟ ସଭା। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ସନ୍ୟାସୀ ଶତପଥୀ ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ୍ ପ୍ରଦୀପ୍ତ ପୁରୋହିତ ସମ୍ମାନିତଅତିଥିଭାବେ ଯୋଗ ଦେଇଥିଲେ। ସମାଜର ଐତିହ୍ୟ ଓ ସଂସ୍କୃତି ସାହିତ୍ୟ ମାଧ୍ୟମରେ ପ୍ରତିଫଳିତ ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପରେ ଆୟୋଜିତ କବିତା ପାଠୋତ୍ସବରେ ମଧୁସୂଦନ ମିଶ୍ର, ଅନ୍ତର୍ଯ୍ୟାମୀ ରଥ, ଘାସିରାମ ବାରିକ, ଚିତ୍ତରଞ୍ଜନ ଗଡତିଆ, ଭଗବାନ ବାଘ, ରବିଚନ୍ଦ୍ର ସାହୁ ପ୍ରମୁଖ କବି ସ୍ୱରଚିତ କବିତ ଆବୃତ୍ତି କରିଥିଲେ। ଏହାର ସଂଯୋଜନା କରିଥିଲେ ଅକ୍ରୁର ହୋତା ଏବଂ ପ୍ରହ୍ଲାଦ ନାଏକ। ପ୍ରାରମ୍ଭରେ ଯୁଗଳ କିଶୋର ମିଶ୍ର ଆଭିମୁଖ୍ୟ ପ୍ରକାଶ କରିଥିବାବେଳେ ଶେଷରେ ବଳରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥର ଆସର ଆୟୋଜନରେ ଶିବ ପ୍ରସାଦ ହୋତା, ରମେଶ ପ୍ରସାଦ ରଥ, ସୁଶୀଳ ପାଣିଗ୍ରାହୀ ଓ ଗୁଣସାଗର ପଣ୍ଡା ପ୍ରମୁଖ ସହାୟତା କରିଥିଲେ ।

# ମହିଳା ସମାବେଶ ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ,୧୬।୯ (ସ୍ୱ.ପ୍ର)**

ଭାଜପା ପକ୍ଷରୁ ଆସନ୍ତା ୨୪ ତାରିଖରେ ପୁରୀ ଠାରେ ଏକ ମହିଳା ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି । ଏ ନେଇ ବୌଦ୍ଧ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏହି ସମାବେଶକୁ ସଫଳ କରିବା ପାଇଁ ଜିଲା ସଭାନେତ୍ରୀ ନମିତାରାଣୀ ଦାସଙ୍କ ଅଧକ୍ଷତାରେ ରବିବାର ପୂର୍ତ୍ତ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଭାନେତ୍ରୀ ଦାସ କହିଲେ, ବର୍ତ୍ତମାନ ଭାଜପା ପକ୍ଷରୁ ମହିଳାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ବୌଦ୍ଧ ଜିଲାରେ ଆଜିବି ମହିଳା ମାନେ ଅବହେଳିତ ଓ ଶିକ୍ଷାକ୍ଷେତ୍ରରେ ବହୁ ପଛରେ ପଡିଯାଇଛନ୍ତି । ଆସନ୍ତା ୨୪ରେ ପୁରୀଠାରେ ହେବାକୁ ଥିବା ମହିଳା ସମାବେଶରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହା ଯୋଗ ଦେଉଛନ୍ତି। ଯେପରି ଜିଲାର ମହିଳାମାନେ ଏହି ସମାବେଶରେ ସେଥିପାଇଁ ମୋର୍ଚ୍ଚା ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଦାସ କହିଥିଲେ । ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୀତାଞ୍ଜଳି ବାଘ କହିଲେ, ଭାଜପା ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ସମାବେଶରେ ଜିଲାର ୧୦ଟି ମଣ୍ଡଳରୁ ପ୍ରାୟ ୧୫୦ ଜଣ କର୍ମକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ । ବୈଠକରେ ଜିଲା ସଭାପତି ସୌମିତ୍ରୀ ନାଏକ, ଉପସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ମାଗୁଣି ଗାଇଗୌରିଆ, କୃଷକ ମୋର୍ଚ୍ଚା ସଭାପତି ସୂର୍ଯ୍ୟନାରାୟଣ ମହାପାତ୍ର, କୃଷକ ମୋର୍ଚ୍ଚା ସମ୍ପାଦକ ସୁଧାଂଶୁ ଡାଙ୍ଗ, ଯୁବନେତା ଇଂ ରାକେଶ ତ୍ରିପାଠୀ, ସରୋଜ ପ୍ରଧାନ, ଭାଜପା ନେତା ନିରଞ୍ଜନ କର୍ଣ୍ଣ, ଅନୀଲ ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ଜିଲାରେ ମହିଳାମାନେ ଶିକ୍ଷା କ୍ଷେତ୍ରରେ ବହୁ ପଛରେ ପଡିଥିବା କହିଥିଲେ । ବୈଠକରେ ମହିଳା ମୋର୍ଚ୍ଚା ଉପସଭାପତି ଶୈଳେନ୍ଦ୍ରୀ ସାହୁ, ଅଙ୍କୁରୀ ତାଣ୍ଡି, ସମ୍ପାଦିକା ସୁଚିତ୍ରା କର୍ଣ୍ଣ, ସୋନୁରାଣୀ ବାଘ, କୋଷାଧକ୍ଷ ସୁଭଦ୍ରା ନାଏକଙ୍କ ସମେତ ବହୁ ମହିଳା କର୍ମକର୍ତ୍ତା ଯୋଗ ଦେଇଥିଲେ ।




ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପୂର୍ତ୍ତ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଦଳୀୟ କର୍ମକର୍ତ୍ତା।

# ଥାନା ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

**ବୌଦ୍ଧ,୧୬।୯ (ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ପଞ୍ଚାୟତର ସରପଞ୍ଚ ଓ ତାଙ୍କ ସହଯୋଗୀ ୧୪ ନଂ ୱାର୍ଡ ସଭ୍ୟାଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେବା ଅଭିଯୋଗରେ ହରଭଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁସାରେ, ହରଭଙ୍ଗା ପଞ୍ଚାୟତ କୁଟିଝାର ଗ୍ରାମର ୧୪ ନଂ ୱାର୍ଡ ସଭ୍ୟା ସାବିତ୍ରୀ ମଲିକଙ୍କୁ ଗତ ୧୪ ତାରିଖ ରାତି ପ୍ରାୟ ୧୦ଟା ସମୟରେ ସରପଞ୍ଚ ସୁମଞ୍ଜି ଲାଲ ଓ ସହଯୋଗୀ ଅଶୋକ ଦିହୁଡି ଗାଳି ଗୁଲଜ କରିବା ଜାତିଆଣ ମନ୍ତବ୍ୟ ଦେଇଥିଲେ। ୱାର୍ଡସଭ୍ୟା ଏ ନେଇ ଗତ ୧୫ ତାରିଖରେ ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତୁରନ୍ତ ଗିରଫ କରିବାକୁ ଗ୍ରାମର ୩୦ରୁ ଅଧିକ ମହିଳା ଥାନା ଆଗରେ ବିକ୍ଷୋଭ କରିଥିଲେ । ଫଳରେ ହରଭଙ୍ଗା ଥାନା ପୋଲିସ ଏକ ମାମଲା (ନଂ.୬୯/୧୮) ରୁଜୁ କରି ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କୁ ଅଟକ ରଖିଥିଲା। ରବିବାର ଏସଡିପିଓ ସାଲେଷ୍ଟିନ ଟିଗା ହରଭଙ୍ଗା ଥାନାକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ଏବଂ ଅଟକ ସରପଞ୍ଚ ଓ ସହଯୋଗୀଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲେ। ଏ ନେଇ ଏସଡିପିଓ ଟିଗାଙ୍କୁ ପଚାରିବାରୁ କୁଟିଝାର ନୂଆବନ୍ଧରେ ମାଛ ଜାଆଁଳ ଛାଡିବା ନେଇ ଗ୍ରାମର ୱାର୍ଡ ସଭ୍ୟା ଓ ସରପଞ୍ଚଙ୍କ ମଧ୍ୟରେ ଏଭଳି ଗଣ୍ଡଗୋଳ ହୋଇଛି । ମାମଲାର ସୁପରଭିଜନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।



ହରଭଙ୍ଗା ପଞ୍ଚାୟତର ସରପଞ୍ଚ ଓ ତାଙ୍କ ସହଯୋଗୀ ୧୪ ନଂ ୱାର୍ଡ ସଭ୍ୟାଙ୍କ ବିରୋଧରେ ଥାନା ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

**ଜାତିଆଣ ମନ୍ତବ୍ୟ ଅଭିଯୋଗ**

### ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ୍

# ପୂଜାକୁ ଆକର୍ଷଣୀୟ କରାଯିବ

**ଅମରପାଲି, ୧୬।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁଷୁର୍ଣ୍ଣୀରେ ଚଳିତବର୍ଷ ହେବାକୁ ଥିବା ୩୬ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବିଦ୍ୟାଧର ଖୁର୍ଡିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣୀ ଗତବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ଗଜଲକ୍ଷ୍ମୀ ପୂଜାକୁ ଅଧିକ ଯାକଜମକରେ କରିବାକୁ ପ୍ରସ୍ତାବ ଆଗତ କରାଯାଇଛି। ଚାରିଦିନ ଧରି ହେବାକୁ ଉକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟହ ଦିନବେଳା ରାମାୟଣ ପାରାୟଣ ହେବା ସହିତ ଭଜନ, ସଂକୀର୍ତ୍ତନ୍ୟ ଏବଂ ସନ୍ଧ୍ୟାବେଳେ ମରାସୁର ରଜ ଓ ଅପେରା ଆୟୋଜନ ହେବ। ଭଷାଣୀ ଶୋଭାଯାତ୍ରାରେ ପାରମ୍ପରିକ ଓ ଆଧୁନିକ ନୃତ୍ୟ ସହିତ ଘଣ୍ଟବାଦ୍ୟ, ଦୁଲଦୁଲି ଆଦି ସାମିଲ ହେବ। ସଭା ଶେଷରେ ବଳରାମ ପଧାନ ଧନ୍ୟବଦା ଅର୍ପଣ କରିଥିଲେ। ବୈଠକରେ ମୁଷୁର୍ଣ୍ଣୀ ସମିତି ସଭ୍ୟ ଚିତ୍ତରଞ୍ଜ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ମନୋଜ ନାଏକ, ସଞ୍ଜୀବ ସାହୁ, କୁଶ କୁମାର ସାହୁ, ଶାନ୍ତନୁ ଖେତୀ, ପ୍ରକାଶ ଚନ୍ଦ୍ର ପଣ୍ଡା, ଶ୍ୟାନ ନନ୍ଦ, ସୁନୀଳ ପଧାନ ପ୍ରମୁଖ ଯୋଗ ଦେଇଥିଲେ ।



ଗଜଲକ୍ଷ୍ମୀ ପୂଜାର ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।
- ମେରି ଆଣ୍ଟିନ



## ସଂକ୍ଷେପରେ

### ଟୁର୍ନାମେଣ୍ଟ: ବାଙ୍ଗଟିକ୍ରା ଚାମ୍ପିୟନ

**ସରଣ୍ଡା, ୧୬।୯ (ଡି.ଏନ.ଏ):** ଅତାବିରା ବ୍ଲକ ପୁଟପୁଟପାଲିର ମାଁ ଚଉରାସୀ ଯୁବକ ସଂଘ ତରଫରୁ ୧୪ତମ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍ ବାଙ୍ଗଟିକ୍ରା ଓ ଲୁଇସିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଙ୍ଗଟିକ୍ରା ୬-୫ ଗୋଲରେ ବିଜୟୀ ହୋଇଛି । ସାମାଜିକ କର୍ମୀ ଗୋବିନ୍ଦ ନାଗ ମୁଖ୍ୟଅତିଥି, ଉଜ୍ଜଳ ସଂସ୍କାର ସଭାପତି ସୁଧାଂଶୁ ତ୍ରିପାଠୀ, ସମ୍ପାଦକ ସୁରେଶ କୌଶିକ, ସଂଯୋଜକ ଜୟପ୍ରକାଶ ଶର୍ମା ଓ ମହିଳା ମୋର୍ଚ୍ଚା ସଂଯୋଜକ ସଞ୍ଜୁଲତା ଶତପଥି ଉପସ୍ଥିତ ଥିଲେ ।

### ଏକଦିବସୀୟ ଫୁଟବଲ ପ୍ରତିଯୋଗିତା

**ବରଗଡ଼ ଅଫିସ୍,୧୬।୯**-ବରଗଡ଼ ବ୍ଲକ ଅନ୍ତର୍ଗତ ତାଲଶ୍ରୀଗିଡ଼ାରେ ଶନିବାର ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜୟଲାଲ ଭୋଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ବହଲପାଲି ଓ ବରଗଡ଼ ୟୁନାଇଟେଡ୍ କ୍ଲବ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ଏଥିରେ ବହଲପାଲି, ବରଗଡ଼, ପତ୍ରାପାଲି, ଧିରପୁର, କଲାପାଣି, ଡାଲବ, ବରଗାଁ ଏବଂ ଚାରଭାଟି ଦଳ ଅଂଶଗ୍ରହଣ କରିଥିଲେ । ଡାଲବ ଓ ବରଗାଁ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଡାଲବ ୩-୨ ଗୋଲରେ ବିଜୟୀ ହୋଇଥିଲା । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଶିଳ୍ପପତି ଜିତେନ୍ଦ୍ର ଦାଶ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ରଞ୍ଜୁ ବାଗ, ରୋହିତ ଛତ୍ରିଆ ଖେଳ ପରିଚାଳନା କରିଥିଲେ । ରମେଶ ସାହୁ, ସାନ୍ତ ସାହୁ, ରକ୍ମଣ ମହାପାତ୍ର, ରାଜୁ ସାହୁ, ଶ୍ରୀକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଦେଢ଼େଣମାଲରେ ନୂଆଁଖାଇ ଭେଟଘାଟ

**ଘଣ୍ଟାପଡା, ୧୬।୯ (ଡି.ଏନ.ଏ)**

ଭାଇଚାରର ପର୍ବ ନୂଆଁଖାଇ । ଏହାର ଏକ ଝଲକ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ୧ନଂ ଜୋନ ଅଧୀନ ଆମ୍ବଗାଁ ଗ୍ରାମ ପଞ୍ଚାୟତ ଦେଢ଼େଣମାଲ ଗ୍ରାମରେ ଦେଖିବାକୁ ମିଳିଛି । ଆଦିବାସୀ (ଗୌଡ) ସମ୍ପ୍ରଦାୟର ଅଧିକାଂଶ ଅଧିବାସୀ ଏଠାରେ ବସବାସ କରନ୍ତି। କାଁ ଭାଁ ଅନ୍ୟ ଜାତିର ପ୍ରାୟ ୧ହଜାର ଜନବସତି ଗ୍ରାମରେ ଆଜିକୁ ୫ବର୍ଷ ହେଲା ନୂଆଁଖାଇ ପର୍ବରେ ଏକତ୍ରିତ ହୋଇ ନୂଆଁ ଖାଇଥାନ୍ତି। ଇଷ୍ଟଦେବୀ କନ୍ଧେନବୁଢ଼ୀଙ୍କଠାରେ ନୂଆଁ କୁଣ୍ଡା ଚୁଡା ଦେଇସାରିଲା ପରେ ସମସ୍ତେ ଏକାଠି ବସି ନୂଆଁ ଖାଇଥାନ୍ତି । ପରେ ଚାଲେ ଭେଟଘାଟର ପ୍ରସ୍ତୁତି ।

ଏହି କ୍ରମରେ ବିଷ୍ଣୁପ୍ରିୟା ଯୁବକ ସଂଘ ଦ୍ୱାରା ପାଳିତ ହୋଇଛି ନୂଆଁଖାଇ ଭେଟଘାଟ। ରବିବାର ନୂଆଁ ଭେଟ୍‌ର ପ୍ରସ୍ତୁତି ପର୍ବରେ ବାଦ୍ୟ ଯନ୍ତ୍ରଦ୍ୱାରା ନିମନ୍ତ୍ରିତ ଅତିଥିମାନଙ୍କୁ ପାଛୋଟି ସମ୍ବର୍ଦ୍ଧନା କରିଥାନ୍ତି । ଏହି ଉତ୍ସବରେ ଆଞ୍ଚଳିକ କନ୍ଧ ସମାଜ ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ସାମନ୍ତ ମାଝୀ ମୁଖ୍ୟଅତିଥି, ଗୌଡ ସମାଜ ସଭାପତି ଘାସିରାମ ପୁଟା, କନ୍ଧ ସମାଜ ସମ୍ପାଦକ ଧର୍ମୁ କଅଁର ସମ୍ମାନିତ ଅତିଥି ଏବଂ ଖବରଦାତା ପ୍ରଭାତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଗୌନ୍ତିଆଁ ରାଜେନ୍ଦ୍ର ଭୋଇ ସଭାକାର୍ଯ୍ୟ ପରିଚଳନା କରିଥିଲେ । ସାମାଜିକ କର୍ମୀ ବୁଲୁ ରଣା ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିବଶଙ୍କର କାଲସେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ରାଜକିଶୋର ଭୋଇ, ସମ୍ପାଦକ ନିରଞ୍ଜନ ପୁଟା, ସଦସ୍ୟ ରାଧାକାନ୍ତ ଭୋଇ, ଛାୟାକାନ୍ତ ଭୋଇ, ପୃଥ୍ୱୀପତି ରଣା, ଲକ୍ଷ୍ମୀଧର ରଣା, ରଞ୍ଜିତ ପୁଟା, ଗୋପୀନାଥ ଭୋଇ, ତେଜରାଜ କଅଁର, ତେଜବନ୍ତ ରଣା, ବିଷ୍ଣୁ ବାଘ ପ୍ରମୁଖ ସହଯୋଗ କରିଥିଲେ ।



ଦେଢ଼େଣମାଲରେ ନୂଆଁଖାଇ ପାଳନ କରାଯାଉଛି।

# କଳାହାଣ୍ଡିକୁ ହରାଇ ବରଗଡ଼ ଚାମ୍ପିୟନ

**ଗଣ୍ଡତୁରୁମ, ୧୬।୯ (ଡି.ଏନ.ଏ.)**

ଭେଡେନ ବ୍ଲକ ମେହେନା ଡ. ବି. ଆର. ଆମ୍ବେଡ଼କର କ୍ଲବ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ କଳାହାଣ୍ଡିକୁ ୧-୦ ଗୋଲରେ ହରାଇ ବରଗଡ ୟୁନାଇଟେଡ କ୍ଲବ ଚାମ୍ପିୟନ ହୋଇଛି । ସେମିଫାଇନାଲ ମ୍ୟାଚରେ ଯଥାକ୍ରମେ ଘେଁସକୁ ଏବଂ ସୁନ୍ଦରଗଡକୁ ହରାଇ କଳାହାଣ୍ଡି ଓ ବରଗଡ ଦଳ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିଲେ । ପ୍ରମୋଦ ଆଚାର୍ଯ୍ୟ, ଭାଜପା ନେତା ଉର୍କୁଲୁ ତାଣ୍ଡି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ଯୁବ ମୋର୍ଚ୍ଚା ସଭାପତି ରିକନ ପଟ୍ଟନାୟକ, ପପଙ୍ଗା ମଣ୍ଡଳ ସଭାପତି ଜୟନ୍ତ ହୋତା, ଯଶୋବନ୍ତ ରନବିଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ରଞ୍ଜୁ ଛତ୍ରିଆ, ପ୍ରଦୀପ ଦାଶ, ପଞ୍ଚାନନ ପାତ୍ର ଓ ଅଶ୍ୱିନୀ ମେହେର ଖେଳ ପରିଚାଳନା କରିଥିଲେ । ସମ୍ବଲପୁର, ଘେଁସ, ସୋନପୁର, ବରଗଡ, ଦେବଗଡ, ସୁନ୍ଦରଗଡ, କଳାହାଣ୍ଡି ଓ ଲୋଇସିଂହା ପ୍ରମୁଖ ୮ଟି ଦଳ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସୋନପୁର,୧୬।୯ (ନି.ପ୍ର.)**

ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାଇକେନପାଲି ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିବିରରେ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ, ଡାକ୍ତର ସରୋଜ କୁମାର ପଟେଲ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଫାର୍ମାଶିଷ୍ଟ ହୃଷିକେଶ ମିଶ୍ର ଏଥିରେ ସହଯୋଗ କରିଥିଲେ । ତିନିଦିନ ଧରି ଚାଲିଥିବା ଏହି ସ୍ୱାସ୍ଥ୍ୟ ଶିବିରରେ ପାଖାପାଖି ୩୦୦ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଥିଲା ।

# ମାନବିକତାର ଉଦାହରଣ ସାଜିଲେ କୈଳାସ

**ସିଂଘିଯୁବା,୧୬।୯ (ଡି.ଏନ୍.ଏ.)**

ଅଭାବ, ଅନାଟନ ସତ୍ତ୍ୱେ ଉଦାରବାଦୀ ଚିନ୍ତାଧାରା। ଲୋଭ, ମୋହ, ମାୟାରୁ ଊର୍ଦ୍ଧ୍ୱରେ ରହି ମଣିଷପଣିଆ ଜାହିର୍ କରିବାର ମାନସିକତା। ଏହା ହିଁ ବାସ୍ତବରେ ମାନବିକତା। ଯାହାର ଜ୍ୱଳନ୍ତ ଉଦାହରଣ ହୋଇଛନ୍ତି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଆଦିବାସୀପଡ଼ାର କୈଳାସ ଭୁଏ(୨୭)। ଗୋପାଳନ ଓ ଧାନଚାଷ କରି ପରିବାର ପରିପୋଷଣ କରୁଥିବା ଭୁଏ ପାଇଥିଲେ ଏକ ମନିପର୍ସ। ଯେଉଁଥିରେ ଥିଲା ୨ଟି ଏଟିଏମ୍ କାର୍ଡ ଆଉ ୧୭ହଜାର ଟଙ୍କା। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ ମନିପର୍ସରେ ଥିବା ଉକ୍ତ ଟଙ୍କା ତାଙ୍କ ମାନବିକତାକୁ ଦୁର୍ବଳ କରିପାରି ନଥିଲା। ଠିକଣା ଜାଗାରେ ଉକ୍ତ ମନିପର୍ସ ପହଞ୍ଚାଇବାକୁ ତାଙ୍କ ମନ ବ୍ୟାକୁଳ ହୋଇଉଠିଥିଲା। ଶେଷରେ ସେ ଏହି ମହତ୍ କାର୍ଯ୍ୟରେ ସଫଳ ମଧ ହେଲେ।

ଘଟଣାଟି ଥିଲା ଏହିପରି। ଶନିବାର କୈଳାସ କୌଣସି ଏକ କାମରେ ବରଗଡ଼ ଯାଇଥିଲେ। ସେଠାରୁ ବାଇକ୍‌ରେ ବରପାଲି ଦେଇ ଘରକୁ ଫେରିବା ସମୟରେ ରାତି ପ୍ରାୟ ୮ଟା ୪୦ରେ କୁଶନପୁରୀ ଛକରେ ଥିବା ଦୋକାନରେ ଚା ପିଇଥିଲେ। ସେଠାରୁ କିଛି ବାଟ ଆସିଲା ପରେ ବାଇକ୍ ଆଲୁଅରେ ରାସ୍ତାରେ ଏକ ମନିପର୍ସ ପଡ଼ିଥିବା ଦେଖିଥିଲେ। ପର୍ସର ଗୋଟିଏ ପାଖରେ ୨ଟି ଏଟିଏମ୍ ଓ ଏକ ଭୋଟର ପରିଚୟ ପତ୍ର ଥିଲା। ଅପରପାର୍ଶ୍ୱରେ ନଗଦ ୧୭ହଜାର୩୧ଟଙ୍କା ରହିଥିଲା। ଭୋଟର କାର୍ଡରେ ଲଳିତ ଭୁଏ, ବଲାଙ୍ଗୀର ଜିଲା ଆଗଲପୁର ଗ୍ରାମପଞ୍ଚାୟତ ଗୁଡିମୁଣ୍ଡା ଗ୍ରାମ ଉଲ୍ଲେଖ ରହିଥିଲା। କୈଳାସ ଉକ୍ତ ପର୍ସକୁ ଧରି କୁଶନପୁରୀ ଛକ୍‌କୁ ଫେରି ଆସିଥିଲେ। ଲଳିତଙ୍କ ଠିକଣା ବିଷୟରେ ଲୋକଙ୍କୁ ପଚରାଉଚୁରା କରିଥିଲେ। ମାତ୍ର ତାଙ୍କ ବିଷୟରେ କେହି କିଛି କହି ପାରି ନ ଥିଲେ। ପରେ ସେ ନିଜ ଘର ବାଙ୍କିଘିର୍ଡିକୁ ଫେରି ଆସିଥିଲେ। ବିନିକା ଡାକ୍ତରଖାନାରେ କାମ କରୁଥିବା ଆଗଲପୁର ଗ୍ରାମର ଜଣେ ପରିଚିତ ଲୋକଙ୍କ ସହାୟତାରେ କୈଳାସ ପାଇଥିଲେ ଲଳିତଙ୍କ ମୋବାଇଲ ଫୋନ ନମ୍ବର। ଲଳିତଙ୍କୁ ଯୋଗାଯୋଗ କରି ସେ ତାଙ୍କ ପର୍ସ ପାଇଥିବା କହିଥିଲେ। ଏଥିରେ ଲଳିତ ଖୁସିରେ ଆତ୍ମହରା ହୋଇ ଉଠିଥିଲେ। ରବିବାର ସକାଳେ ବାଙ୍କିଘିର୍ଡି ଗ୍ରାମର ଆଦିବାସୀ ପଡ଼ାରେ ପହଞ୍ଚିଥିଲେ। କୈଳାସଙ୍କୁ ଭେଟି ତାଙ୍କଠାରୁ ଗାଁ ଗଣେଶ ପୂଜା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମନିପର୍ସ ସଂଗ୍ରହ କରିଥିଲେ। ପର୍ସରେ ଯାହା କିଛି ପୂର୍ବରୁ ଥିଲା ତାହା ସୁରକ୍ଷିତ ରହିଥିବା ଜାଣି କୈଳାସଙ୍କୁ ସାଧୁବାଦ ଜଣାଇଥିଲେ। ପର୍ସରୁ ଅଧା ଟଙ୍କା କୈଳାସଙ୍କ ହାତକୁ ବଢ଼ାଇଥିଲେ। ମାତ୍ର ତାହାକୁ ଗ୍ରହଣ କରି ନ ଥିଲେ କୈଳାସ। ଏଥିରେ ଲଳିତ ତାଙ୍କୁ ଆତିଥ୍ୟ ପ୍ରଦାନ କରିବା ପୂର୍ବକ ତାଙ୍କ ଗାଁରେ ଚାଲିଥିବା ନାଟକ ଦେଖାଇବା ପାଇଁ ସାଙ୍ଗରେ ଯିବାକୁ କହିଥିଲେ। କୈଳାସଙ୍କ ଏହି ମହତପଣିଆ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।



କୈଳାସ ଭୁଏ।

## କବାଡ଼ି : ଛତିଶଗଡ଼ ଚାମ୍ପିୟନ

**ପାଇକମାଳ, ୧୬।୯ (ଡି.ଏନ.ଏ)**

ପାଇକମାଲ ବ୍ଲକ ଭୂତମୁଣ୍ଡା ଗ୍ରାମରେ ଦୁଇ ଦିନ ଧରି ଚାଲିଥିବା କବାଡି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି । ନୂଆପଡାର ମାଗୁରପାଣି ଓ ଛତିଶଗଡର ପାଟଜମ୍ବର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ପାଟଜମ୍ବର ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣ ସଭାରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ଯୋଗଦେଇ ଛତିଶଗଡର ପାଟଜମ୍ବର, ନୂଆପଡାର ମାଗୁରପାଣି, ନନ୍ଦପୁର ଓ ଛତିଶଗଡର ମହୋଦା ଦଳକୁ ଯଥାକ୍ରମେ ୧ମ, ୨ୟ, ୩ୟ ଓ ୪ର୍ଥ ପୁରସ୍କାର ବଣ୍ଟନ କରିଥିଲେ । ଗୋକୁଳ ଡନସନା, ଡିକିରାମ ଡନସନା, ପ୍ରକାଶ ମିଶ୍ର, ବୈବସ୍ୱତ ପ୍ରଧାନ, ଜୀବଲାଲ ନାୟକ ଖେଳ ପରିଚାଳନା କରିଥିଲେ । ଶନିବାର ଖେଳକୁ ପାଇକମାଳ ବ୍ଲକ ଅଧକ୍ଷ ଉଦ୍‌ଘାଟନ କରି ଖେଳକୁ ଆରମ୍ଭ କରିଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194
07496852157

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ।
ଅଗ୍ରିମ 90,00,000/-
ଭଡ଼ା - 50,000/-।
ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପଵନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ ୨5 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର
FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now
9953851922

Aital Companyରେ
ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର - 9870548744
କଟକ - 7290022882
ଅନୁଗୁଳ - 7290027866
ବଲାଙ୍ଗୀର - 9870548676
ପୁରୀ - 7290022876
ବରଗଡ଼ - 7290027864
ଭଦ୍ରକ - 7290022886
ଗଞ୍ଜାମ - 7290027860
ଯାଜପୁର - 9870548373
ଖୋର୍ଦ୍ଧା - 9870549050
କୋରାପୁଟ - 9870549092
ମୟୂରଭଞ୍ଜ - 7290022884
ସମ୍ବଲପୁର - 7290022879
ସୁନ୍ଦରଗଡ଼ - 7290027868
Shop No. 108, 1st Floor, M.G. Road, Gurgaon

9911436726, 9540938429

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମୋବାଇଲ ଫାଟି ଛାତ୍ର ଗୁରୁତର

**ପାଇକମାଳ, ୧୬।୯ (ଡି.ଏନ.ଏ):** ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ପତ୍ରାଗୁଡା ଗ୍ରାମରେ ରବିବାର ଅପରାହ୍ନରେ ମୋବାଇଲ ଫାଟି ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ପଦ୍ମପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ପତରାଗୁଡା ଗ୍ରାମର ଭୀମସେନ ବହିଦାରଙ୍କ ପୁଅ ଶୁଭଂ ବହିଦାର (୧୧) ଘରେ ମୋବାଇଲ ଖେଳୁଥିବା ବେଳେ ହଠାତ୍ ଫାଟିଯିବାରୁ ତାଙ୍କ ହାତରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା ।

### ଶ୍ରମିକ ଶିକ୍ଷା ଦିବସ

**ଭଟଲି,୧୬।୯(ଡି.ଏନ.ଏ):** ବରଗଡ଼ ଜିଲା ଭଟଲି ସ୍ଥିତ ଶ୍ରୀ ଶ୍ରୀ ଶ୍ୟାମ ବିହାରୀ ମନ୍ଦିର ଧର୍ମଶାଳା ପରିସରରେ ଭାରତ ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରାଳୟ ଏବଂ ରାଉରକେଲା ଆଞ୍ଚଳିକ ନିର୍ଦ୍ଦେଶାଳୟ ପକ୍ଷରୁ ଶ୍ରମିକ ଶିକ୍ଷା ଦିବସ-୨୦୧୮ ପାଳିତ ହୋଇଯାଇଛି। ଭଟଲି ଏକଲବ୍ୟର ସହଭାଗିତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶକ୍ତି, ଶ୍ରମ ଓ ଇଏସ୍ଆଇ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହୋଇଥିବା ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଯୋଜନା ମାଧମରେ ଯେଭଳି କୌଣସି ଶ୍ରମିକ ଶ୍ରେଣୀର ଲୋକେ ନିରକ୍ଷର ନ ରୁହନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜାନକୀରାମ ପଣ୍ଡା ଏବଂ ଶ୍ୟାମଲାଲ ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା ଏବଂ ରେଡ୍ଡି ନାଗାର୍ଜୁନ ନୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଟଲି, କେନ୍ଦୁଗୁଡ଼ିଆ, କୁଇଶିରା, ହାତୀସର ଆଦି ଗ୍ରାମର ଶତାଧିକ ଏସ୍ଏଚ୍ଜି ମହିଳା ଯୋଗ ଦେଇଥିଲେ ।

### ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର

**ପଦ୍ମପୁର, ୧୬।୯ (ଡି.ଏନ.ଏ.):** ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ସଭାରେ ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାସ ସଭାପତିତ୍ୱ କରିଥିଲେ । ପୂର୍ବତନ ଛାତ୍ରୀ ସୁମିତା ମିଶ୍ର ଓ ପ୍ରତାପ ମିଶ୍ର ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଇଂଲିଶର ସାଧନ କର୍ମୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନର ରାଜେଶ ଖମାରୀ, ଧୀରୋଜ କୁମାର ପଟ୍ଟନାୟକ, ଜୀବବିଜ୍ଞାନର ସାଧନ କର୍ମୀ ଦ୍ୱାଦଶ କୁମାର ପଧାନ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ସନ୍ଦେହ ଦୂର କରିଥିଲେ । ବସନ୍ତ ବାଗ ଓ ନନ୍ଦିନୀ ବାଗ ସହଯୋଗ କରିଥିଲେ। ରାଜବୋରାସମ୍ବର, ଝାରବନ୍ଧ, ପାଇକମାଲ, ଗାଇସିଲାଟ ବ୍ଲକର ୧୭ ଜଣ ସାଇନିଂ ଷ୍ଟାର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ନୃସିଂହନାଥରେ ହେବ ଚିତାଭସ୍ମ ବିସର୍ଜନ

**ବରଗଡ଼ ଅଫିସ୍,୧୬।୯:** ବହୁମୁଖୀ ପ୍ରତିଭା ତଥା ବରିଷ୍ଠ ଖବରଦାତା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଚିତାଭସ୍ମ ଛତିଶଗଡ଼ ଗଙ୍ଗା କୁହାଯାଉଥିବା ନୃସିଂହନାଥରେ ବିସର୍ଜନ କରାଯିବ । ଆସନ୍ତା ୧୯ତାରିଖ ସକାଳେ ବରଗଡ଼ ସାମ୍ବାଦିକ ଭବନରେ ରଖାଯାଇଥିବା ଚିତାଭସ୍ମ ନେଇ ଖବରଦାତାମାନେ ନୃସିଂହନାଥ ଅଭିମୁଖେ ଯାତ୍ରା କରିବେ। ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁସାରେ ଆସନ୍ତା ୧୯ତାରିଖ ସକାଳ ୬ଟାରୁ ଅସ୍ଥି କଳସ ଯାତ୍ରା ବରଗଡ଼ କଚେରୀ ପରିସର ସାମ୍ବାଦିକ ଭବନରୁ ବାହାରିବ। ସେହିପରି ଆସନ୍ତା ୨୧ତାରିଖ ଦଶାହ ଅବସରରେ ବରଗଡ଼ ସହରର ବିଜୁ ପଟ୍ଟନାୟକ ଟାଉନ ହଲରେ ଏକ ନାଗରିକ ଶ୍ରଦ୍ଧାଞ୍ଜଳି ସଭାର କାର୍ଯ୍ୟକ୍ରମ ରହିଛି ।

### ବରପାଲି ତହସିଲ ଛକରେ ଚୋରି

**ବରପାଲି, ୧୬।୯ (ଡି.ଏନ.ଏ):** ବରପାଲି ତହସିଲ ଛକ ଓ ଲେଣ୍ଡା ଛକରେ ଶନିବାର ରାତିରେ ଚୋରି ହୋଇଛି । ତହସିଲ ଛକର ଚିତ୍ତରଞ୍ଜନ ସାହୁଙ୍କ ପାନ ଦୋକାନରୁ କସମେଟିକ ସାମଗ୍ରୀ ସହ ଅନ୍ୟାନ୍ୟ କେତେକ ସରଞ୍ଜାମ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି ।

# ଭାଇଚାରା ବାର୍ତ୍ତା ଦେଇଛି ନୂଆଁଖାଇ

**ବିଜେପୁର/ଅତାବିରା/ପଦ୍ମପୁର/ ପାଇକମାଳ, ୧୬।୯ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଭୈରୋପୁର ଗ୍ରାମରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଅଗ୍ରଗାମୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ସମାରୋହକୁ ବୁଡାପାଲି ସରପଞ୍ଚ ଜୟକୃଷ୍ଣ ଡନସନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ହରିପ୍ରିୟା ମେହେର ସମ୍ମାନୀତ ଅତିଥି, ସୁଦନ ବରିହା ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ । ନୂଆଁଖାଇ ପଶ୍ଚିମ ଓଡିଶାର ଜନଜୀବନ ସହିତ ଜଡିତ । ବନ୍ୟା ହେଲେ କୂଳର ଅଳିଆ ଆବର୍ଜନାକୁ ନଇ ଧୋଇଦିଏ। ସେହିପରି ଏହି ପର୍ବ ଏ ଅଞ୍ଚଳର ଘରଦ୍ୱାର ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରକୁ ସଫା କରିଦେବା ସହ ମଣିଷ ମନରୁ ରାଗ ରୋଷ ଦୂର କରିଦିଏ । ଫଳରେ କଳି ତକରାଳ ହୋଇ ଭାଙ୍ଗି ଯାଇଥିବା ସମ୍ପର୍କକୁ ନୂଆଁଖାଇ ଜୁହାର ଭେଟ ପୁଣି ଯୋଡିଦିଏ । ସୁତରାଂ ଅନନ୍ୟ ଭାଇଚାରାର ବାର୍ତ୍ତା ଦେଉଛି ନୂଆଁଖାଇ ବୋଲି ଅତିଥିମାନେ ମତପୋଷଣ କରିଥିଲେ । କବି ଜଗତ୍‌ଜୀବନ ରାମ ଡନସନା ଉତ୍ସବକୁ ସଂଯୋଜନା କରିଥିଲେ । ନୃପରାଜ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

**ଅତାବିରା, (ଡି.ଏନ.ଏ.):** ବାଉଁଶରୁ ତିଆରି ଅନିକା, ଭୁଗା ଆଦି ସାମଗ୍ରୀ ତିଆରି ହୋଇଥିବା ନୂଆଁ ପାତ୍ରରେ ଭାତ, ଡାଲି, ତରକାରୀ ସହ ବିଭିନ୍ନ ସୁଆଦିଆ ଖାଇବା ଜିନିଷ ରନ୍ଧାଯାଇ ଏକା ସହିତ ଗ୍ରାମର ଛୋଟରୁ ବଡ ସମସ୍ତେ ନୂଆଁଖାଇ ଥିଲେ ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଡାଲବ ପଞ୍ଚାୟତ ସ୍ଥିତ ପୋଡଟିକ୍ରା ଗ୍ରାମବାସୀ। ଏହି ଅବସରରେ ଲରମ୍ବାର କୈଳାସ ସେଟ ଓ ସାଥିଙ୍କ ଭଜନ ସନ୍ଧ୍ୟା ସହ ଗାଁର ଛୋଟ ଛୋଟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଦୁର୍ଗାପ୍ରସାଦ ଛୁରିଆ, ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ରମୋଦ ଦନ୍ତା, ସୁଜିତ ଦାଶ, ଲକ୍ଷ୍ମଣ ଚନ୍ଦ୍ରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପୋଡଟିକ୍ରାର ସତ୍ୟନାରାୟଣ ସେଟ, ଉପେନ୍ଦ୍ର ସ୍ୱାଇଁ, ଚନ୍ଦ୍ରଶେଖର ବାଗ, ବଦ୍ରିନାରାୟଣ ସେଟ, ଶିବନାରାୟଣ ପାଢ଼ୀ, ସୁବାଷ ମିର୍ଦ୍ଧା, ରାଜୀବ ବଢ଼େଇ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ।

**ପଦ୍ମପୁର, (ଡି.ଏନ.ଏ.):** ପଦ୍ମପୁର ବ୍ଲକ ଅନ୍ତର୍ଗତ ଦର୍ଲିଗୁଡା ବାରିକ ପରିବାର ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଏକତ୍ର ନୂଆଁଖାଇ ପର୍ବରେ ସାମିଲ ହୋଇ ଏକତାର ଭାବ ଦେଖାଇଥିଲେ। ଯୁବ ସଙ୍ଗଠକ ନିର୍ମଳ କୁମାର ବାରିକଙ୍କ ଉଦ୍ୟମରେ ଧଉଳିବାହାଲ, ବଇହାପାଲିର ବାରିକ ପରିବାରମାନେ ଆସି ଦର୍ଲିଗୁଡାଠାରେ ଏକତ୍ର ନୂଆଁଖାଇରେ ସାମିଲ ହୋଇଥିଲେ। ବିଗତ ୧୧ ବର୍ଷ ହେବ ଏହି ପରମ୍ପରା ରହିଥିବା ବାରିକ ପରିବାର ତରଫରୁ ପ୍ରକାଶ। ସେହିପରି ପଦ୍ମପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଡିହି ଗ୍ରାମର ଯୁବ ତାରକା ପରିଷଦ ଦ୍ୱାରା ନୂଆଁଖାଇ ଭେଟଘାଟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ହୋଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ରିଙ୍କୁ ମେହେରଙ୍କ ସଂଯୋଜନାରେ କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଦିବସରେ ବିଶିଷ୍ଟ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ଏବଂ କବି ସୁରେନ୍ଦ୍ର ସାହୁଙ୍କ ସଂଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ କିଶୋର ଚନ୍ଦ୍ର ଦାଶ, ପଙ୍କଜିନୀ ପ୍ରଧାନ, ସୁରେଶ ବାଗ ପ୍ରମୁଖ ଯୋଗଦେଇ ନୂଆଁଖାଇ ଭେଟଘାଟ୍‌ର ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ତାରକା ସାଂସ୍କୃତିକ ପରିଷଦ ତରଫରୁ ଶିଶୁ ନୃତ୍ୟ ଶିଳ୍ପୀ ସମାରୀ ମେହେର, ଆଭା ମେହେର ଓ ପ୍ରିତିଶ ଦାଶ ଏବଂ ବୋଡସମ୍ଭର ଯୁବ ସେନାର କାର୍ଯ୍ୟକର୍ତ୍ତାମାନଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଏହି ଅବସରରେ ସ୍ୱନାମଧନ୍ୟ କଳାକାର ଶତ୍ରୁଘ୍ନ ଲୁହାର, ନବୀନ କୁଅଁର ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ।

**ପାଇକମାଳ, (ଡି.ଏନ.ଏ):** ପାଇକମାଳ ବ୍ଲକ ଛିନ୍ଦେଇକେଲା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପରିସରରେ କର୍ମକର୍ତ୍ତାମାନେ ରବିବାର ନୂଆଁଖାଇ ଭେଟଘାଟ କରିଥିଲେ । ପରେ କ୍ଲବର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । ସଭାପତି ଭାବେ ନୀଳ ସାହୁ, ଉପସଭାପତି ପିଣ୍ଟୁ ସାହୁ, ସମ୍ପାଦକ ଆନନ୍ଦ ସାହୁ, କୋଷାଧ୍ୟକ୍ଷ ନରେଶ କୁମାର ସାହୁ ମନୋନିତ ହୋଇଥିଲେ । ସଭ୍ୟ ଭାବେ ମଣ୍ଟୁ ସାହୁ, ଜତିନ କୁମାର ସାହୁ, ଜୟକିଶୋର ସୁନା ଓ ଅନୀଲ କୁମାର ସାହୁଙ୍କୁ ମନୋନୀତ କରାଯିବା ସହ ୧୦ଜଣ ବରିଷ୍ଠ ସଭ୍ୟଙ୍କୁ ଉପଦେଷ୍ଟା କମିଟିର ସଭ୍ୟ କରାଯାଇଥିଲା । ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଧୁମ୍‌ଧାମ୍‌ରେ ଚାଲିଛି ଉତ୍ସବ**



ଭେଡେନ ବ୍ଲକ ଡାଲବ ପଞ୍ଚାୟତ ପୋଡଟିକ୍ରା ଗାଁରେ ଏକାଠି ନୂଆଁ ଖାଉଛନ୍ତି ।



ଶିବିରରେ ମହିଳାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଛନ୍ତି ।

## ନୂଆଁଖାଇ ଭେଟଘାଟରେ ରକ୍ତଦାନ ଶିବିର

**ଜାମଟିକ୍ରା, ୧୬।୯ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ଦେବାହାଲ ସେବାଶ୍ରମ ବିଦ୍ୟାଳୟ ପରିସରରେ ଜୟକିଶାନ ପାଠାଗାର ଆନୁକୂଲ୍ୟରେ ରବିବାର ନୂଆଁଖାଇ ଭେଟଘାଟ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଗ୍ରାମ୍ୟ ବିଦ୍ୟୁତୀକରଣ ନିଗମର ମୁଖ୍ୟ ସୁରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଡା. ଶଙ୍କର ରାମଚନ୍ଦାନୀ ସମ୍ମାନିତ ଅତିଥି, ଅତାବିରା ରାଜସ୍ୱ ବିଭାଗର ଉପପ୍ରବନ୍ଧକ ଶମ୍ଭୁଭୁଷଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବୁର୍ଲା ସ୍ଥିତ ଭୀମସାର ରକ୍ତ ଭଣ୍ଡାରର ଅଧିକାରୀମାନେ ୬୨ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ପାଠାଗାରର ସଦସ୍ୟମାନେ ନୂଆଁଖାଇ ଦିନ ଗ୍ରାମରେ ରକ୍ତଦାନ ପାଇଁ ଏକ ଜନସଚେତନତା ସଭା କରିଥିଲେ ଓ ମହିଳାମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ଫଳରେ ୧୭ଜଣ ମହିଳା ରକ୍ତଦାନ କରିଥିଲେ। ବରଗଡ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁଶେଖର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡା. ରାମଚନ୍ଦାନୀ ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ସୁସମ୍ପର୍କ ଉପରେ ଆଲୋଚନା କରିଥିଲେ । ବିନୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜତିନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଦ୍ଧଦେବ ପ୍ରଧାନଙ୍କ ସ୍ମୃତିସଭା

**ବରଗଡ଼ ଅଫିସ୍,୧୬।୯**

ବରଗଡ଼ କଲ୍ୟାଣ ମଣ୍ଡପଠାରେ ଶନିବାର ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘର ପ୍ରତିଷ୍ଠାତା, ନିର୍ଦ୍ଦେଶକ ସ୍ୱର୍ଗତ ବୁଦ୍ଧଦେବ ପ୍ରଧାନଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡ଼ିଶା କଳାକାର ସଂଘ ଏବଂ ସ୍ୱର୍ଗତ ପ୍ରଧାନଙ୍କ ସହଧର୍ମିଣୀ କନକ ପ୍ରଧାନଙ୍କ ସହଯୋଗରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ବରଗଡ଼ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ପ୍ରୀତମ ସିଂ, ବସନ୍ତ ମଞ୍ଜରୀ ଦାସ, ନଗେନ୍ଦ୍ର ନାଥ ସ୍ୱାଇଁ, ବରଗଡ଼ ଧନୁଯାତ୍ରାର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଡଃ ତପସ୍ୱିନୀ ଗୁରୁ ଓ ସଙ୍ଗୀତା ଷଡ଼ଙ୍ଗୀ ସଂଯୋଜକ ଭାବେ ଉପସ୍ଥିତ ଥିଲେ । କଳାକାର ସଂଘ ସଭାପତି ଦୟାନିଧି ପ୍ରଧାନ ଓ ସମ୍ପାଦକ ଜଗଦାନନ୍ଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାର କୃତୀ ଛାତ୍ର ଦେବଶ୍ରୀ ପ୍ରକାଶ ମୁର୍ମୁ, ଅଭିଷେକ ମିଶ୍ର ଏବଂ ବିଶିଷ୍ଟ କଳାକାର କଳାକାହ୍ନୁ ଚୌହାନ ଓ ଅଲେଖ ପ୍ରଧାନଙ୍କୁ ବୁଦ୍ଧଦେବ ପ୍ରଧାନ ସମ୍ମାନ ପ୍ରଦାନ କରାଯାଇଥିଲା । ବରଗଡ଼ରେ ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଏବଂ ତାଙ୍କ ନାମରେ ସହରର ଏକ ଛକକୁ ନାମିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ପଦ୍ମନାଭ ସାହୁ, ମନୋଜ ପ୍ରଧାନ, ମନୋଜ ମିଶ୍ର, ମଣ୍ଟୁ ପ୍ରଧାନ, ପ୍ରଦୀପ ଧାନୁକା ପ୍ରମୁଖ ସହଯୋଗ କରିଥିଲେ ।




ବରଗଡ଼ କଲ୍ୟାଣ ମଣ୍ଡପଠାରେ ଶନିବାର ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘର ପ୍ରତିଷ୍ଠାତା, ନିର୍ଦ୍ଦେଶକ ସ୍ୱର୍ଗତ ବୁଦ୍ଧଦେବ ପ୍ରଧାନଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ପାଇକମାଳ, ୧୬।୯(ଡି.ଏନ.ଏ.)**

ପାଇକମାଳ ଥାନା ଭେଙ୍ଗରାଜପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଲଦା ଗ୍ରାମ ଜମି ମଧ୍ୟରେ ଥିବା ଏକ ଚହଲାରୁ ଜଣେ ଯୁବକଙ୍କ ମୃତଦେହକୁ ପାଇକମାଳ ପୋଲିସ ରବିବାର ସନ୍ଧ୍ୟାରେ ଉଦ୍ଧାର କରିଛି । ମୃତ ଯୁବକ ହେଲେ ମଲଦା ଗ୍ରାମର ଅଭିମନ୍ୟୁ ଛତର(୨୧) । ମୃତ ଅଭିମନ୍ୟୁଙ୍କ ବଡଭାଇ ସୁଦାମ ଛତର ପାଇକମାଳ ଥାନାରେ ଖବର ଦେବା ପରେ ଆଇଆଇସି ବିଶ୍ୱଜିତ ମନବୋଧ ଘଟଣାସ୍ଥଳକୁ ପହଞ୍ଚି ଯୁବକଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଥିଲେ । ଏ ନେଇ ଏକ ମାମଲା (ନଂ. ୧୪୬/୧୮) ରୁଜୁ ହୋଇଛି । ଅନ୍ୟପକ୍ଷେ ହତ୍ୟା ସନ୍ଦେହରେ ପୋଲିସ ୩ଜଣ ଯୁବକଙ୍କୁ ଥାନାକୁ ଆଣି ପଚାରଉଚରା କରୁଛି ।

## ଗଣେଶଙ୍କ ଲଡୁ ୨୫ ହଜାର ଟଙ୍କା

**ଭେଡ଼େନ, ୧୬।୯(ଡ଼ି.ଏନ.ଏ)**

ବରଗଡ଼ ଜିଲା ପଧାନପାଲି ରାଓଟିକ୍ରାରେ ହୋଇଥିବା ଗଣେଷ ପୂଜା ଉତ୍ସବରେ ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳିଛି । ଏହି ପୂଜାରେ ଗଣେଷଙ୍କ ପାଖରେ ୩୨ କିଲୋ ଓଜନର ବୁନ୍ଦିଲଡ୍ଡୁ ଭୋଗ ଲାଗିଥିଲା। ପୂଜା ପରେ ଭଷାଣି ସମୟରେ ଏହି ଲଡ୍ଡୁକୁ ନିଲାମ କରାଯାଇଥିଲା । ସ୍ଥାନୀୟ ଶ୍ରଦ୍ଧାଳୁ ଶମ୍ଭୁ ଜାଲ ଏହାକୁ ସର୍ବୋଚ୍ଚ ୨୫ ହଜାର ଟଙ୍କାରେ ନିଲାମରେ ନେଇଥିଲେ । ପରେ ଏହି ଲଡ୍ଡୁ ସହ ଶୋଭାଯାତ୍ରାରେ ଜାଲ ଏବଂ ଅନ୍ୟ କର୍ମକର୍ତ୍ତା ଗ୍ରାମ ପରିକ୍ରମା କରିଥିଲେ। ଗଣେଷ ପୂଜା ଅବସରରେ ବିଭିନ୍ନ ଦିବସରେ ବିଲେଇପାଲି, ଖରମୁଣ୍ଡା, ହୁତମା, ଲେଣ୍ଡା ଆଦି ଗ୍ରାମର ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ ।



ନିଲାମ ହୋଇଥିବା ଲଡ୍ଡୁ ସହ ଶୋଭାଯାତ୍ରାରେ ଗ୍ରାମବାସୀ ।

## କଫ ସିରପ୍ ଜବତ, ଜଣେ ଗିରଫ

**ବରଗଡ଼ ଅଫିସ୍,୧୬।୯**

ବରଗଡ଼ ଟାଉନ ଥାନା ପୋଲିସ ୬୦ଟି କଫ ସିରଫ ଜବତ କରିଛି । ଏହା ସହିତ ଏଥିରେ ସମ୍ପୃକ୍ତ ସ୍ଥାନୀୟ କେଶବନଗର ନିବାସୀ ପଞ୍ଚା ପ୍ରଧାନଙ୍କୁ ଗିରଫ କରିଛି। ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ଉପକାରାଗାରକୁ ପଠାଇ ଦିଆଯାଇଛି । ଏ ନେଇ ସ୍ଥାନୀୟ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୪୬୦/୧୮) ରୁଜୁ କରି ଏହାର ଅଧିକ ତଦନ୍ତ କରୁଛି ।

## ଆକାଶବାଣୀ ଶ୍ରୋତା ସଂଘର ସାଧାରଣ ସଭା

**ସରଣ୍ଡା, ୧୬।୯ (ଡି.ଏନ.ଏ)**

ଆକାଶବାଣୀ ଶ୍ରୋତା ସଂଘର କାର୍ଯ୍ୟକାରୀ କମିଟିର ଏକ ସାଧାରଣ ସଭା ଗାନ୍ଧୀ ପାର୍କ ସ୍ଥିତ ଶାରଦା କମ୍ପ୍ଲେକ୍ସଠାରେ ରବିବାର ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି କୃଷ୍ଣଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ସଭାରେ ସଂଘର ପ୍ରତିଷ୍ଠାତା ସଦସ୍ୟ ତଥା ଉପଦେଷ୍ଟା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ଉଦ୍ଦେଶ୍ୟରେ ଜୁହାର ଭେଟଘାଟ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ସଦସ୍ୟମାନଙ୍କ ଦ୍ୱାରା ଆକାଶବାଣୀ ସମ୍ବଲପୁର ଏବଂ ବରଗଡ ରେଡିଓ ଗୁଞ୍ଜନ ବିଷୟରେ ଆଲୋଚନା କରାଗଲା । କୃଷ୍ଣଚନ୍ଦ୍ର ପ୍ରଧାନ, ଅଶୋକ ସାହୁ, ସୁଦାମ ମହାପାତ୍ର, ଜଗନ୍ନାଥ ସାହୁ, ସୁରେନ୍ଦ୍ର କଠାର, ସୁଦାମ ସାହୁ, ସରୋଜ ରଥ, ଲକ୍ଷ୍ମଣ ସୁନା ଉପସ୍ଥିତ ଥିଲେ ।

## ରାଣାପ୍ରତାପ ସ୍କୁଲରେ ସାଇନିଂ ଷ୍ଟାର ଶିକ୍ଷଣ ଶିବିର

**ବରଗଡ଼ ଅଫିସ୍,୧୬।୯**

ବରଗଡ଼ ଶିକ୍ଷା ଜିଲା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଣାପ୍ରତାପ ହାଇସ୍କୁଲରେ ରବିବାର ବରଗଡ଼ ବ୍ଲକ ସାଇନିଂ ଷ୍ଟାର ଛାତ୍ରୀଛାତ୍ରଙ୍କ ତୃତୀୟ ଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଣାପ୍ରତାପ ହାଇସ୍କୁଲର ପୂର୍ବତନ ଛାତ୍ର ନିମାଇଁ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ । ଆସନ୍ତା ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସେ ନିଜ ତରଫରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ୫୮ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସାଧନକର୍ମୀ ଶିବଶଙ୍କର ଦାଶ, ବିରେନ୍ଦ୍ର ଦାଶ, ମମତା ପଣ୍ଡା, ଭାବନା ସାହୁ, ଟୁନା କର୍ଣ୍ଣ, ସୁବୋଧ ସାହୁ, ମକରଧ୍ୱଜ ଭୋଇ ପରିଚାଳନା କରିଥିଲେ। ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ, ଭାର୍ଗବ ନାଏକ ନୂତନ ସାଇନିଂ ଷ୍ଟାର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଗାପୂଜା ପାଇଁ ରାବଣ ବରଣ

**ପାଇକମାଳ, ୧୬।୯ (ଡି.ଏନ.ଏ)**

ଆସନ୍ତା ଦୁର୍ଗାପୂଜା ପାଇଁ ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଏକ ସଭା ପ୍ରତାପ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭାରେ ୬୭ତମ ସାର୍ବଜନୀନ ଦୁର୍ଗାପୂଜା କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ରାବଣ ଭୂମିକାରେ ଅଭିନୟ କରିବା ପାଇଁ ସୁଜିତ କୁମ୍ଭାରଙ୍କୁ ବରଣ କରାଯାଇଥିଲା । ଏଥିସହ ରାମ ଭୂମିକା ପାଇଁ ଓମ୍ ପ୍ରକାଶ ରଣା, ମହାମନ୍ତ୍ରୀ ପାଇଁ ମଧୁସୂଦନ ରଣା ଓ ରଘୁମଣି ବାରିକଙ୍କୁ ବରଣ କରାଯାଇଥିଲା।



ମାଣ୍ଡୋସିଲ ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ରାବଣ ଓ ଅନ୍ୟ ଚରିତ୍ର ଅଭିନେତାମାନଙ୍କୁ ବରଣ କରାଯାଉଛି ।

ସଙ୍ଗୀତ ଗାୟକ ମଙ୍ଗଳ ବରିହା ଓ ନାଟ୍ୟ ନିର୍ଦ୍ଦେଶକ ଲଳିତ ଜଗତଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସୁବାଷ ହଂସ, ଜଗନ୍ନାଥ ପୁଟା, ଧନସିଂ ପଟେଲ, ରାଧେଶ୍ୟାମ ପଟେଲ, କିଶୋର ଖୁଣ୍ଟିଆ, ନବୀନ ଡନସନା ଉପସ୍ଥିତ ଥିଲେ ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ୨୦୦୯ ମାଟ୍ରିକ ବ୍ୟାଚ ବନ୍ଧୁମିଳନ

**ଅମରପାଲି, ୧୬।୯ (ଡି.ଏନ.ଏ)-** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲର ୨୦୦୯ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ସ୍ଥାନୀୟ ଇରିଗେସନ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୧୦୦ଜଣ ପୂର୍ବତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଏହି ଅବସରରେ କୁବେର କର୍ମୀଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା । ସଭାରେ ଅନୀଲ ସାହୁ, ଗଣେଷ ମେହେର, ସୂର୍ଯ୍ୟନାରାୟଣ ପଣ୍ଡା, ମୁକେଶ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିବର୍ଷ ଅତିକମ୍‌ରେ ଥରେ ସମସ୍ତେ ଏକାଠି ହେବାକୁ ନିଷ୍ପତ୍ତି ନିଆଯାଇଥିଲା ।

### ବୃକ୍ଷରୋପଣ କଲେ ମହିଳା ଗୋଷ୍ଠୀ

**ଅମରପାଲି, ୧୬।୯ (ଡି.ଏନ.ଏ)-** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧିନ କର୍ଡାପାଲି ଗ୍ରାମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବୃକ୍ଷରୋପଣ କରିଥିଲେ। ଜାମୁଁ, ଅଁଳା, ପଳାସ, ବେଲ ଆଦି ୫୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା। ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକୃର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନମିତା ରାଣୀ ପାଣିଗ୍ରାହୀ, ରୀନା ବିଶ୍ୱାଳ, ଅଗାଧୁ ସାମଲ, ଦୈତାରୀ ବିଶ୍ୱାଳ, ନରେନ୍ଦ୍ର ଭୋଇ, ମନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

### ନୂଆଁଖାଇରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଜହ୍ନାପଙ୍କ, ୧୬।୯ (ଡି.ଏନ.ଏ.)-** ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ କମିରା ଗ୍ରାମରେ ନୂଆଁଖାଇ ଉପଲକ୍ଷେ ନୂଆଁଖାଇ ଭେଟଘାଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଗାଁର ଶିଶୁମାନଙ୍କୁ ନେଇ ମ୍ୟୁଜିକ୍ ଚେୟାର, ଦହି ହାଣ୍ଡି ଭଙ୍ଗା, ସଙ୍ଗୀତ, ଡ୍ୟାନ୍ସ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାହାଜପାଲ ଜଗନ୍ନାଥ ଭଜନ ପରିଷଦ ଦ୍ୱାରା ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ବଢ଼ିଗାଁ ସରପଞ୍ଚ ପ୍ରତିନିଧି ଅଜିତ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ପ୍ରଧାନ, ରାଜୀବ ଲୋଚନ ଦାସ ଏବଂ ସୁଧାଂଶୁଶେଖର ମିଶ୍ର ଯୋଗଦେଇ ଶିଶୁ କଳାକାରଙ୍କୁ ପୁରସ୍କୃତ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ବିକ୍ରମ ପ୍ରଧାନ ଓ ଅରୁପ ଦାସ ମଞ୍ଚ ପରିଚାଳନା କରିଥିଲେ। ଟିଙ୍କୁଲ ପ୍ରଧାନ, ଉତ୍ତମ ବାରିକ, ସତ୍ୟବ୍ରତ ଦେଓ, ମହେନ୍ଦ୍ର ହୋତା, ଗ୍ରାମ୍ୟ କମିଟିର ସଭାପତି ତପନ ସାହୁ, ସମ୍ପାଦକ ସୁମନ୍ତ ନାଏକ, ସନ୍ତୋଷ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆଖପାଖ ଗାଁର ଦର୍ଶକମାନେ ଭରପୁର ମଜା ନେଇଥିଲେ। ଗାଁରେ ଏଭଳି ଏକ କାର୍ଯ୍ୟକ୍ରମ ହେଉଥିବାରୁ ସମସ୍ତଙ୍କ ମନରେ ଅନନ୍ଦ ଦେଖାଦେଇଥିଲା।




ଆଲୋଚନାଚକ୍ରରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଓ ନେତୃବୃନ୍ଦ।

# ଜମି ଅଧିଗ୍ରହଣରେ ବିଳମ୍ବ

**ସୋନପୁର,୧୬।୯ (ନି.ପ୍ର.)**

**ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ**
- ଧାର୍ଯ୍ୟ ସମୟରେ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ନେଇ ପ୍ରଶ୍ନବାଚୀ
- ତେଲ, ବାଘ ଓ ସାଲ୍‌ଙ୍କି ନଦୀ ଉପରେ ବ୍ରିଜ୍ ନିର୍ମାଣ ଦାବି

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଓଡିଶାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ରେଳପଥ। ପୂର୍ବ ଓଡିଶା ଓ ପଶ୍ଚିମ ଓଡିଶାକୁ ସଂଯୋଗ କରିବା ତଥା ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ଏହି ପ୍ରକଳ୍ପ ଏକ ମାଇଲ ଖୁଣ୍ଟ ଭାବେ କାମ କରିବ। ଏହି ବହୁ ପ୍ରତିକ୍ଷିତ ପ୍ରକଳ୍ପର ପରିକଳ୍ପନା ସ୍ୱାଧୀନତାର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ୧୯୮୧ରୁ ପ୍ରଥମେ ସର୍ଭେ କରାଯାଇ ପ୍ରତି ମାଇଲ ପିଛା ୧ଲକ୍ଷ ୧୯ ହଜାର ଟଙ୍କା ବ୍ୟୟ ଅଟକଳ କରା ଯାଇଥିଲା। ୧୯୪୫ରେ ଦ୍ୱିତୀୟ ସର୍ଭେ ହୋଇଥିଲା। ୧୯୯୪ରେ ପ୍ରକଳ୍ପଟି ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ୨୦୦୭ରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ କେନ୍ଦ୍ରରେ ବିଭିନ୍ନ ସମୟରେ କ୍ଷମତାସୀନ ସରକାର ପ୍ରକଳ୍ପକୁ ଅଣଦେଖା କରି ଆସିଥିଲେ। ଏବେ ମୋଦି ସରକାରଙ୍କ ସମୟରେ ରେଳ ବଜେଟ୍‌ରେ ଏହି ରେଳପଥ ପାଇଁ ଭଲ ବ୍ୟୟବରାଦ ହେଉଛି । ଖୋର୍ଦ୍ଧାରୁ ନୟାଗଡ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇଛି। ସେହିପରି ବଲାଙ୍ଗୀର ପଟୁ କାମ ଆରମ୍ଭ ହୋଇ ଭଇଁଷାପାଲି ପହଞ୍ଚିଲାଣି। ଉଭୟ ପଟୁ କାମ କରି ୨୦୨୧ଜୁନ୍ ସୁଦ୍ଧା ଏହି ରେଳ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ରେଳ ବିଭାଗ ଓ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷର କରିଛନ୍ତି। ତେବେ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ପୁଣି ବିଳମ୍ବ ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।

ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ଦାବିରେ ରବିବାର ସୁବର୍ଣ୍ଣପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲାର କ୍ରିୟାନୁଷ୍ଠାନ କମିଟିର ମିଳିତ ଆଲୋଚନାଚକ୍ର 'ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ କେତେବାଟ' ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର କ୍ରିୟାନୁଷ୍ଠାନ କମିଟିର ଆବାହକ ଶ୍ୟାମା ଓଁ ପ୍ରସାଦ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରରେ ସୋନପୁରର ଗୋବିନ୍ଦ ମହାରଣା, ବଲାଙ୍ଗୀରର ଭବାନୀଶଙ୍କର ଶତପଥୀ ଓ ବୌଦ୍ଧର ଦେବାଶିଷ ପୁରୋହିତ ଆଲୋଚକ ଭାବେ ଯୋଗଦେଇ ଆମେ ସବୁ କ୍ଷେତ୍ରରେ ଅବହେଳିତ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଯଦି ଏହି ରେଳପଥ ସମ୍ପୂର୍ଣ୍ଣ ନ ହୁଏ ତେବେ ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲାର ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ବକ୍ତାଭାବେ ବିଜେଡି ନେତା ଅଭିମନ୍ୟୁ କୁଶଳ, ଭାଜପା ନେତା ବଳଦେବ ପ୍ରସାଦ ବେଦବାକ୍ ଓ ଜାତୀୟ କଂଗ୍ରେସ ନେତା ଜୀତେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ନିଜ ନିଜ ଦଳ ଭିତରେ ଏହି ଦାବି ପାଇଁ କୋର କମିଟି ଗଠନ ପୂର୍ବକ ଦାବି ଉପସ୍ଥାପନା କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧର ଶଶାଙ୍କ ଶେଖର ମିଶ୍ର, ବିପ୍ର ଚରଣ ମହାନ୍ତି, ବଲାଙ୍ଗୀରର ବିକ୍ରମ କେଶରୀ ବହିଦାର, କିଶୋର ମିଶ୍ର, ଗୋପବନ୍ଧୁ ପୁରୋହିତ, ଡୁଙ୍ଗୁରିପାଲିର ପି.ରାଜୁ, ବୀରମହାରାଜପୁରର କିଶୋର ହୋତା, ପ୍ରିୟବ୍ରତ ସାହୁ, ସୋନପୁରର ଗୋରିଶ୍ୟାମ ପଣ୍ଡା, ସର୍ବେଶ୍ୱର ପୁରୋହିତ, ପୁରୁଷୋତ୍ତମ ପାଣିଗ୍ରାହୀ, ପର୍ଶୁରାମ ମିଶ୍ର, ଗଦାଧର ବାରିକ୍, ଦିଲ୍ଲିପ ପାତ୍ର, ରାଜୀବ ନାୟକ, ଛାତ୍ରନେତା ଆଲୋକ ଦାସ, ତାପସ କୁମାର ବେଉରିଆ ଓ ଅଧାପକ ସୁମନ୍ତ କୁମାର ମିଶ୍ର ଆଲୋଚନାରେ ଭାଗନେଇ ନିଜ ନିଜର ମତ ଉପସ୍ଥାପନା କରିଥିଲେ । ଆଲୋଚନାର ଶେଷ ପର୍ଯ୍ୟାୟରେ ଘାସିରାମ ପଣ୍ଡା ନିର୍ଯ୍ୟାସ ଉପସ୍ଥାପନ କରି ବିଭିନ୍ନ ପ୍ରସ୍ତାବ ସମ୍ମିଳିତ କରି ଉପସ୍ଥାପନା କରିଥିଲେ ଯେ, ସୁବର୍ଣ୍ଣପୁର ଜିଲାର ୩୦ଟି ଗ୍ରାମରୁ ଏଯାଏଁ ୧୪ଟି ଗ୍ରାମରେ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଥିବା ବେଳେ ବାକି ୧୬ଟି ଗ୍ରାମରେ କୌଣସି ପଦକ୍ଷେପ ନିଆଯାଇନି। ସେହିପରି ବୌଦ୍ଧ ଜିଲାର ମୋଟ ୧୦୨ଟି ଗ୍ରାମର ଜମି ଅଧିଗ୍ରହଣ ଆଦୌ ହେଇ ନଥିବାରୁ ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହୋଇଥିଲା। ଜମି ଅଧିଗ୍ରହଣ କାର୍ଯ୍ୟାଳୟ ସୁବର୍ଣ୍ଣପୁର ଓ ବୌଦ୍ଧରେ ଶୀଘ୍ର ଖୋଲାଯିବା ସହିତ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ ପାଇଁ ଦାବି କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତତଃ ପକ୍ଷେ ୩ମାସରେ ଥରେ ଜମି ଅଧିଗ୍ରହଣ କାର୍ଯ୍ୟର ସମୀକ୍ଷା କରନ୍ତୁ ବୋଲି ଦାବି ହୋଇଥିଲା। ସେହିପରି ସୁବର୍ଣ୍ଣପୁରରୁ ବୌଦ୍ଧ ମଧ୍ୟରେ ଥିବା ନଦୀ, ନାଳ ଓ ଜଳାଶୟ ଗୁଡିକରେ ବ୍ରିଜ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ ବୋଲି ଦାବି କରିବା ସହିତ ଆସନ୍ତା ୨୧ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡା ଗସ୍ତ ସମୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ମତପ୍ରକାଶ ପାଇଥିଲା। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଗୋଟିଏ ଦିନରେ ତିନି ଜିଲାରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭୁବନେଶ୍ୱରରେ ମିଳିତ ଖବରଦାତା ସମ୍ମିଳନୀ, ଜନସାଧାରଣଙ୍କ ଦ୍ୱାରା ସୋସିଆଲ ମିଡିଆରେ ଏହି ଦାବି ସମ୍ପର୍କରେ ସରକାରଙ୍କ ଉପରେ ଚାପ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ୱେବ୍ ପୋର୍ଟାଲ ମାଧ୍ୟମରେ ଦାବି ଜଣାଇବା ନିଷ୍ପତ୍ତି ହୋଇଥିଲା। ସରକାର ଦାବି ପ୍ରତି ଅଣଦେଖା କଲେ ଦଳୀୟ ନେତାଙ୍କୁ ସାମାଜିକ ବାସନ୍ଦ, ଆସନ୍ତା ନିର୍ବାଚନରେ ଉଚିତ୍ ଜବାବ ଦେବା ପାଇଁ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ଦୃଢୋକ୍ତି ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ବିଗତ ଦିନମାନଙ୍କରେ ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଦିବଙ୍ଗତ ସଂଗ୍ରାମୀ ଶ୍ରୀଧର ନାଏକ ଓ ଆଇନଜୀବୀ ସନାତନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ ପୂର୍ବକ ଉଭୟଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶ୍ରୀବତ୍ସ ମଲ୍ଲିକ, ରାଧେଶ୍ୟାମ ପୁରୋହିତ, ପଦ୍ମଲୋଚନ ମହଲା, ଶେଷଦେବ ମେହେର, କାଶିନାଥ ମିଶ୍ର, ସଚ୍ଚିଦାନନ୍ଦ ଦାଶ, ଗଣେଷ ସାହୁ, ଦେବଦତ୍ତ ମହାପାତ୍ର ଓ ଲଡୁକିଶୋର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ପରବର୍ତ୍ତୀ ବୈଠକ ବୌଦ୍ଧରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ଦଶହରା ପୂଜା ପ୍ରସ୍ତୁତି ବୈଠକ

**ଜହ୍ନାପଙ୍କ, ୧୬।୯ (ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ମାରୁତି ଯୁବକ ସଂଘର ଏକ ପ୍ରସ୍ତୁତି ବୈଠକ ସଂଘ କାର୍ଯ୍ୟାଳୟରେ ଶନିବାର ସୁଧାଂଶୁଶେଖର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମିଶ୍ର ପ୍ରଥମେ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହାପରେ ମାରୁତି ଯୁବକ ସଂଘର ମୂଳ ସଭ୍ୟ, ନାଟ୍ୟ ନିର୍ଦ୍ଦେଶକ ତଥା ଶିକ୍ଷକ ଝସକେତନ ମିଶ୍ରଙ୍କ ଅକାଳ ବିୟୋଗ ଯୋଗୁଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ଜଗଦିଶ ବାରିକ ବୈଠକରେ ଏଜେଣ୍ଡା ଉପସ୍ଥାପନ କରିଥିବା ବେଳେ କୋଷାଧକ୍ଷ ସଞ୍ଜିତ ପ୍ରଧାନ ଦଶହରାର ବ୍ୟୟ ଅଟକଳ ଉପସ୍ଥାପନା କରିଥିଲେ । ସଭ୍ୟ ଗାର୍ଗବ ପ୍ରଧାନ ଏବର୍ଷ ଗାଡି ମଟରରୁ ଚାନ୍ଦା ଆଦାୟକୁ ସଂପୂର୍ଣ୍ଣ ବିରୋଧ କରିଥିଲେ । ବରିଷ୍ଠ ସଭ୍ୟ ସୁଧାଂଶୁଶେଖର ପ୍ରଧାନଙ୍କୁ ନାଟ୍ୟ ପରିଚାଳକ ଭାବେ ମନୋନୀତ କରାଗଲା । ଏବର୍ଷ ଦଶହରାରେ ରାମାୟଣ ପାରାୟଣ ଓ ଏକାଦଶୀରେ ନାଟକ ମଞ୍ଚସ୍ଥ ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା । ଦଶହରାକୁ ଆକର୍ଷଣୀୟ ଓ ସୁଚାରୁରୂପେ ପରିଚାଳନା ପାଇଁ ଗ୍ରାମବାସୀଙ୍କ ସହଯୋଗ କାମନା କରିବାକୁ ବୈଠକ ନିଷ୍ପତ୍ତି ନିଆଗଲା । ଶେଷରେ ବରିଷ୍ଠ ସଭ୍ୟ ସୁଧାଂଶୁ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ସୁରେନ୍ଦ୍ର ବେହେରା, ସୁରେନ୍ଦ୍ର ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ମଧୁସୂଦନ ପ୍ରଧାନ, ଦିଲୀପ ପ୍ରଧାନ, ପୃଥିରାଜ ପ୍ରଧାନ, ଆଲୋକ ପ୍ରଧାନ, ଦଶରଥ ପ୍ରଧାନ ପ୍ରମୁଖ ଯୋଗଦେଇ ନିଜ ନିଜର ମତାମତ ଦେଇଥିଲେ ।

### ସପ୍ତଦୀପାର ୯୬ତମ ସାହିତ୍ୟ ଆସର

**ବୀରମହାରାଜପୁର, ୧୬।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସପ୍ତଦୀପା ସାହିତ୍ୟ ସଂସଦର ୯୬ତମ ଭ୍ରାମ୍ୟମାଣ ଆସର ରବିବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହର ପ୍ରଥମ ସୋପାନରେ ଅନୁଷ୍ଠିତ ହୋଇଥିଲା ସାହିତ୍ୟ ସଭା। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ସନ୍ୟାସୀ ଶତପଥୀ ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ୍ ପ୍ରଦୀପ୍ତ ପୁରୋହିତ ସମ୍ମାନିତଅତିଥିଭାବେ ଯୋଗ ଦେଇଥିଲେ। ସମାଜର ଐତିହ୍ୟ ଓ ସଂସ୍କୃତି ସାହିତ୍ୟ ମାଧ୍ୟମରେ ପ୍ରତିଫଳିତ ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପରେ ଆୟୋଜିତ କବିତା ପାଠୋତ୍ସବରେ ମଧୁସୂଦନ ମିଶ୍ର, ଅନ୍ତର୍ଯ୍ୟାମୀ ରଥ, ଘାସିରାମ ବାରିକ, ଚିତ୍ତରଞ୍ଜନ ଗଡତିଆ, ଭଗବାନ ବାଘ, ରବିଚନ୍ଦ୍ର ସାହୁ ପ୍ରମୁଖ କବି ସ୍ୱରଚିତ କବିତ ଆବୃତ୍ତି କରିଥିଲେ। ଏହାର ସଂଯୋଜନା କରିଥିଲେ ଅକ୍ରୁର ହୋତା ଏବଂ ପ୍ରହ୍ଲାଦ ନାଏକ । ପ୍ରାରମ୍ଭରେ ଯୁଗଳ କିଶୋର ମିଶ୍ର ଆଭିମୁଖ୍ୟ ପ୍ରକାଶ କରିଥିବାବେଳେ ଶେଷରେ ବଳରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏଥର ଆସର ଆୟୋଜନରେ ଶିବ ପ୍ରସାଦ ହୋତା, ରମେଶ ପ୍ରସାଦ ରଥ, ସୁଶୀଳ ପାଣିଗ୍ରାହୀ ଓ ଗୁଣସାଗର ପଣ୍ଡା ପ୍ରମୁଖ ସହାୟତା କରିଥିଲେ ।

# ମହିଳା ସମାବେଶ ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ,୧୬।୯ (ସ୍ୱ.ପ୍ର)**

ଭାଜପା ପକ୍ଷରୁ ଆସନ୍ତା ୨୪ ତାରିଖରେ ପୁରୀ ଠାରେ ଏକ ମହିଳା ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି । ଏ ନେଇ ବୌଦ୍ଧ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏହି ସମାବେଶକୁ ସଫଳ କରିବା ପାଇଁ ଜିଲା ସଭାନେତ୍ରୀ ନମିତାରାଣୀ ଦାସଙ୍କ ଅଧକ୍ଷତାରେ ରବିବାର ପୂର୍ତ୍ତ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଭାନେତ୍ରୀ ଦାସ କହିଲେ, ବର୍ତ୍ତମାନ ଭାଜପା ପକ୍ଷରୁ ମହିଳାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ବୌଦ୍ଧ ଜିଲାରେ ଆଜିବି ମହିଳା ମାନେ ଅବହେଳିତ ଓ ଶିକ୍ଷାକ୍ଷେତ୍ରରେ ବହୁ ପଛରେ ପଡିଯାଇଛନ୍ତି । ଆସନ୍ତା ୨୪ରେ ପୁରୀଠାରେ ହେବାକୁ ଥିବା ମହିଳା ସମାବେଶରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହା ଯୋଗ ଦେଉଛନ୍ତି। ଯେପରି ଜିଲାର ମହିଳାମାନେ ଏହି ସମାବେଶରେ ସେଥିପାଇଁ ମୋର୍ଚ୍ଚା ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଦାସ କହିଥିଲେ । ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୀତାଞ୍ଜଳି ବାଘ କହିଲେ, ଭାଜପା ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ସମାବେଶରେ ଜିଲାର ୧୦ଟି ମଣ୍ଡଳରୁ ପ୍ରାୟ ୧୫୦ ଜଣ କର୍ମକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ । ବୈଠକରେ ଜିଲା ସଭାପତି ସୌମିତ୍ରୀ ନାଏକ, ଉପସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ମାଗୁଣି ଗାଇଗୌରିଆ, କୃଷକ ମୋର୍ଚ୍ଚା ସଭାପତି ସୂର୍ଯ୍ୟନାରାୟଣ ମହାପାତ୍ର, କୃଷକ ମୋର୍ଚ୍ଚା ସମ୍ପାଦକ ସୁଧାଂଶୁ ଡାଙ୍ଗ, ଯୁବନେତା ଇଂ ରାକେଶ ତ୍ରିପାଠୀ, ସରୋଜ ପ୍ରଧାନ, ଭାଜପା ନେତା ନିରଞ୍ଜନ କର୍ଣ୍ଣ, ଅନୀଲ ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ଜିଲାରେ ମହିଳାମାନେ ଶିକ୍ଷା କ୍ଷେତ୍ରରେ ବହୁ ପଛରେ ପଡିଥିବା କହିଥିଲେ । ବୈଠକରେ ମହିଳା ମୋର୍ଚ୍ଚା ଉପସଭାପତି ଶୈଳେନ୍ଦ୍ରୀ ସାହୁ, ଅଙ୍କୁରୀ ତାଣ୍ଡି, ସମ୍ପାଦିକା ସୁଚିତ୍ରା କର୍ଣ୍ଣ, ସୋନୁରାଣୀ ବାଘ, କୋଷାଧକ୍ଷ ସୁଭଦ୍ରା ନାଏକଙ୍କ ସମେତ ବହୁ ମହିଳା କର୍ମକର୍ତ୍ତା ଯୋଗ ଦେଇଥିଲେ ।




ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପୂର୍ତ୍ତ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଦଳୀୟ କର୍ମକର୍ତ୍ତା।

# ଥାନା ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

**ବୌଦ୍ଧ,୧୬।୯ (ସ୍ୱ.ପ୍ର)**

**ଜାତିଆଣ ମନ୍ତବ୍ୟ ଅଭିଯୋଗ**

ବୌଦ୍ଧ ଜିଲା ହରଭଙ୍ଗା ପଞ୍ଚାୟତର ସରପଞ୍ଚ ଓ ତାଙ୍କ ସହଯୋଗୀ ୧୪ ନଂ ୱାର୍ଡ ସଭ୍ୟାଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେବା ଅଭିଯୋଗରେ ହରଭଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁସାରେ, ହରଭଙ୍ଗା ପଞ୍ଚାୟତ କୁଟିଝାର ଗ୍ରାମର ୧୪ ନଂ ୱାର୍ଡ ସଭ୍ୟା ସାବିତ୍ରୀ ମଲିକଙ୍କୁ ଗତ ୧୪ ତାରିଖ ରାତି ପ୍ରାୟ ୧୦ଟା ସମୟରେ ସରପଞ୍ଚ ସୁମଞ୍ଜି ଲାଲ ଓ ସହଯୋଗୀ ଅଶୋକ ଦିହୁଡି ଗାଳି ଗୁଲଜ କରିବା ଜାତିଆଣ ମନ୍ତବ୍ୟ ଦେଇଥିଲେ। ୱାର୍ଡସଭ୍ୟା ଏ ନେଇ ଗତ ୧୫ ତାରିଖରେ ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତୁରନ୍ତ ଗିରଫ କରିବାକୁ ଗ୍ରାମର ୩୦ରୁ ଅଧିକ ମହିଳା ଥାନା ଆଗରେ ବିକ୍ଷୋଭ କରିଥିଲେ । ଫଳରେ ହରଭଙ୍ଗା ଥାନା ପୋଲିସ ଏକ ମାମଲା (ନଂ.୬୯/୧୮) ରୁଜୁ କରି ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କୁ ଅଟକ ରଖିଥିଲା। ରବିବାର ଏସଡିପିଓ ସାଲେଷ୍ଟିନ ଟିଗା ହରଭଙ୍ଗା ଥାନାକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ଏବଂ ଅଟକ ସରପଞ୍ଚ ଓ ସହଯୋଗୀଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲେ। ଏ ନେଇ ଏସଡିପିଓ ଟିଗାଙ୍କୁ ପଚାରିବାରୁ କୁଟିଝାର ନୂଆବନ୍ଧରେ ମାଛ ଜାଆଁଳ ଛାଡିବା ନେଇ ଗ୍ରାମର ୱାର୍ଡ ସଭ୍ୟା ଓ ସରପଞ୍ଚଙ୍କ ମଧ୍ୟରେ ଏଭଳି ଗଣ୍ଡଗୋଳ ହୋଇଛି । ମାମଲାର ସୁପରଭିଜନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।



ହରଭଙ୍ଗା ପଞ୍ଚାୟତର ସରପଞ୍ଚ ଓ ତାଙ୍କ ସହଯୋଗୀ ୧୪ ନଂ ୱାର୍ଡ ସଭ୍ୟାଙ୍କ ବିରୋଧରେ ଥାନା ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

### ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ୍

# ପୂଜାକୁ ଆକର୍ଷଣୀୟ କରାଯିବ

**ଅମରପାଲି, ୧୬।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀରେ ଚଳିତବର୍ଷ ହେବାକୁ ଥିବା ୩୬ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବିଦ୍ୟାଧର ଖୁର୍ଡିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ସତ୍ୟମୋହନ ବେଦପାଣୀ ଗତବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ଗଜଲକ୍ଷ୍ମୀ ପୂଜାକୁ ଅଧିକ ଯାକଜମକରେ କରିବାକୁ ପ୍ରସ୍ତାବ ଆଗତ କରାଯାଇଛି। ଚାରିଦିନ ଧରି ହେବାକୁ ଉକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟହ ଦିନବେଳା ରାମାୟଣ ପାରାୟଣ ହେବା ସହିତ ଭଜନ, ସଂକୀର୍ତ୍ତନ୍ୟ ଏବଂ ସନ୍ଧ୍ୟାବେଳେ ମରାସୁର ରଜ ଓ ଅପେରା ଆୟୋଜନ ହେବ। ଭଷାଣୀ ଶୋଭାଯାତ୍ରାରେ ପାରମ୍ପରିକ ଓ ଆଧୁନିକ ନୃତ୍ୟ ସହିତ ଘଣ୍ଟବାଦ୍ୟ, ଦୁଲଦୁଲି ଆଦି ସାମିଲ ହେବ। ସଭା ଶେଷରେ ବଳରାମ ପଧାନ ଧନ୍ୟବଦା ଅର୍ପଣ କରିଥିଲେ। ବୈଠକରେ ମୁର୍ଷୁଣ୍ଡୀ ସମିତି ସଭ୍ୟ ଚିତ୍ତରଞ୍ଜ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜ ଗୋପାଳ ପାଣିଗ୍ରାହୀ, ମନୋଜ ନାଏକ, ସଞ୍ଜୀବ ସାହୁ, କୁଶ କୁମାର ସାହୁ, ଶାନ୍ତନୁ ଖେତୀ, ପ୍ରକାଶ ଚନ୍ଦ୍ର ପଣ୍ଡା, ଶ୍ୟାନ ନନ୍ଦ, ସୁନୀଳ ପଧାନ ପ୍ରମୁଖ ଯୋଗ ଦେଇଥିଲେ ।



ଗଜଲକ୍ଷ୍ମୀ ପୂଜାର ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଧରିତ୍ରୀ DHARITRI
ସମ୍ବଲପୁର,ସୋମବାର, ୧୭ ସେପ୍ଟେମ୍ବର, ୨୦୧୮



ନିଜକୁ ଯିଏ ବିଶ୍ୱାସ କରେ ନାହିଁ, ସେ ପରମାତ୍ମାଙ୍କୁ ବା କିପରି ବିଶ୍ୱାସ କରିପାରିବ।
- ବ୍ୟାସଦେବ



## ସଂକ୍ଷେପରେ

### ବ୍ରାହ୍ମଣୀନାଳ ପୋଲ କାମ ନିମ୍ନମାନର

ହେମଗିର, ୧୬।୯ (ଡି.ଏନ.ଏ.)

ଏମ୍‌ସିଏଲ ଅନୁଦାନରେ ବରପାଲି ଛକରୁ କନିକା ସାଇଡିଂ ପର୍ଯ୍ୟନ୍ତ ପ୍ରାୟ ୧୮କି.ମି. ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ କାମ ଚାଲିଛି । ଏହି ରାସ୍ତାର ଅଟକଳ ପରିମାଣ ପ୍ରାୟ ୨୦୦ କୋଟି ଟଙ୍କା ରହିଛି। ରାସ୍ତାଟି ପିଡବ୍ଲୁଡି ଅଧୀନରେ ରହିଛି। ଏମସିଏଲ ଦୀର୍ଘ ଦିନ ଧରି କିନ୍ତୁ ଏହି ରାସ୍ତାରେ କୋଇଲା ପରିବହନ କରି ଚାଲିଛି। ଏଣୁ ଦୁର୍ଘଟଣା ଘଟୁଛି। ପ୍ରଦୂଷଣ ବି ହେଉଛି। ଏଣୁ ଲୋକଙ୍କ ଦାବି ଯୋଗୁ ଏମ୍‌ସିଏଲ୍ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ଅନୁଦାନ ରାଶି ଦେଇଛି। ଜିଆର୍ ଇନଫ୍ରାଷ୍ଟ୍ରକ୍ଚର୍ ଉକ୍ତ ରାସ୍ତା କାମ ହାତକୁ ନେଇଛି। ତେବେ ଏହି ଚାରିଥାକିଆ ରାସ୍ତାରେ ହେମଗିର ଓ କନିକା ମଝିରେ ବ୍ରାହ୍ମଣୀ ନାଳା ପଡେ। ୨୦୦୩ ନାଳା ଉପରେ ପୋଲ ନିର୍ମାଣ ହୋଇଥିଲା। ହେଲେ ସେହି ପୋଲଟି ଦୁର୍ବଳ ହୋଇ ଭାଙ୍ଗି ଗଲା। ଏଣ ଗତ ଡିସେମ୍ବରରେ ତାହାକୁ ଭାଙ୍ଗି ଦିଆଗଲା। ଏମସିଏଲ ଏବେ ନୂତନ ପୋଲ ନିର୍ମାଣ କରିଛି। ହେଲେ ନିର୍ମାଣର ୪ ମାସ ନ ପୂରୁଣୁ ସେଥିରେ ଫାଟ ସୃଷ୍ଟି ହୋଇଛି । ଏଥିରୁ ପୋଲ ତିଆରିରେ ନିମ୍ନମାନର କାମ ହୋଇଥିବା ସ୍ପଷ୍ଟ ବାରି ହେଉଛି। ହେଲେ ପୋଲ ନିର୍ମାଣକାରୀ ସଂସ୍ଥା ଓ ପ୍ରଶାସନିକ ଅଧିକାରୀଙ୍କ ଭିତରେ ମଧୁଚନ୍ଦ୍ରିକା ଯୋଗୁ ଏହାର ତଦନ୍ତ କରାଯାଉ ନାହିଁ। ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଲେ ମଧ ବିଭାଗୀୟ ସରକାରୀ ଅଧିକାରୀ ନିଦାବିଷ୍ଟ ସାଜିଛନ୍ତି।

### ରାସ୍ତା କାମରେ ଦୁର୍ନୀତି

ହେମଗିର, ୧୬।୯ (ଡି.ଏନ.ଏ.)

ହେମଗିର ବ୍ଲକର ମନୋହରପୁର-ସରବାହାଲ ରାସ୍ତା କାମକୁ ଛତିଶଗଡ ରାୟପୁରର ବିଶାଳ ବିଲ୍ଡର୍ସ ହାତକୁ ନେଇଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପାଣ୍ଠି ଦେଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତଦାରଖ କରୁଛନ୍ତି । ୨୦୧୬ରେ କାମ ଆରମ୍ଭ ହୋଇ ୨୦୧୭ରେ ଶେଷ ହେବା ପାଇଁ ଧାର୍ଯ୍ୟ ସମୟ ରହିଥିଲା। ହେଲେ ପ୍ରାୟ ଦେଢ଼ କି.ମି. ରାସ୍ତା ତିଆରି ହୋଇଛି। ତାହାବି ଅତି ନିମ୍ନମାନର । ଯେତିକି ରାସ୍ତା ନିର୍ମାଣ ହୋଇଛି ତାହା ପୁଣି ଫାଟି ଗଲାଣି।

# ତେଜିଲା ମଦ ବିରୋଧୀ ଆନ୍ଦୋଳନ



ମଦ ବିକ୍ରି ବିରୋଧରେ ମହିଳାମାନେ ମୁରିବାହାଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ମୁରିବାହାଲ, ୧୬।୯(ଡି.ଏନ.ଏ.)

**ମୁରିବାହାଲ ଥାନା**
- ୪ଏସ୍‌ଏଚ୍‌ଜି ନେତୃତ୍ୱରେ ମହିଳା ଥାନାର ଦ୍ୱାରସ୍ଥ
- ମଦ ସମ୍ପୂର୍ଣ୍ଣ ବନ୍ଦ କରା ନ ଗଲେ ଆନ୍ଦୋଳନ ତୀବ୍ର ହେବ
- କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଲା ପୋଲିସ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମରେ ତେଜିଛି ମଦ ବିରୋଧୀ ଆନ୍ଦୋଳନ। ରବିବାର ଗାଁର ଶହ ଶହ ମହିଳା ମୁରିବାହାଲ ଥାନାର ଦ୍ୱାରସ୍ଥ ହୋଇ ସେମାନଙ୍କ ମଦ ବିରୋଧୀ ସ୍ୱରକୁ ଜୋରଦାର କରିଛନ୍ତି। ଗାଁରେ କୁଚିଆ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଥାନା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଦାବି ପ୍ରତି କର୍ଣ୍ଣପାତ କରା ନ ଗଲେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ଚେତାବନୀ ମଧ ଦେଇଛନ୍ତି।

ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ ୨ଜଣ କୁଚିଆ ମଦ ବେପାରୀ ମଦ ରାନ୍ଧି ଏବଂ ଭାଟିରୁ ମଦ ଆଣି ଗାଁରେ ଖୁଲମଖୁଲା ବିକ୍ରୟ କରୁଛନ୍ତି। ମଦ ବିକ୍ରି ବନ୍ଦ କରିବା ପାଇଁ ବାରମ୍ବାର କହିଲେ ବି ସେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏପରି କି ମଦକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଉଦ୍ଦେଶ୍ୟରେ ପୂର୍ବରୁ ୩/୪ ଥର ଗ୍ରାମରେ ସଭା କରାଯାଇ ସମ୍ପୃକ୍ତ ବେପାରୀଙ୍କୁ କୁହାଯାଇଛି। ଟିଟିଲାଗଡସ୍ଥିତ ଅବକାରୀ ବିଭାଗର ଅଧିକାରୀମାନଙ୍କୁ ମଧ ଏ ନେଇ ସେମାନେ ଅଭିଯୋଗ କରିଛନ୍ତି। ହେଲେ ଅବକାରୀ କିମ୍ବା ମୁରିବାହାଲ ଥାନା କର୍ତ୍ତୃପକ୍ଷ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ଫଳରେ ସମ୍ପୃକ୍ତ କୁଚିଆ ମଦ ବେପାରୀ ଜଣଙ୍କ ଅଧିକ ପ୍ରୋତ୍ସାହିତ ହୋଇ ତାଙ୍କ ବ୍ୟବସାୟକୁ ବଢାଇ ଚାଲିଛନ୍ତି। ଅପରପକ୍ଷରେ ଅବାଧ ମଦ ବିକ୍ରି ଯୋଗୁ ଗ୍ରାମରେ ପ୍ରତ୍ୟେକ ଦିନ ଗଣ୍ଡଗୋଳ, ମାରପିଟ ହେଉଛି। ମଦ ଖାଇ ନିଶାସକ୍ତମାନେ ରାସ୍ତାରେ ଅଶାନ୍ତିକର ପରିବେଶ ସୃଷ୍ଟି କରୁଛନ୍ତି। ଏହାର ପ୍ରଭାବ ସ୍କୁଲ ପିଲା ଓ ମହିଳାଙ୍କ ଉପରେ ପଡୁଛି। ସହଜରେ ଗାଁରେ ମଦ ଉପଲବ୍ଧ ହେଉଥିବାରୁ ଗାଁର ଯୁବଗୋଷ୍ଠୀ ମଦ ପ୍ରତି ଆକର୍ଷିତ ହେଉଛନ୍ତି। ଶ୍ରମଜୀବୀ ସେମାନଙ୍କ ରୋଜଗାରର ବଡ ଭାଗ ନିଶା ସେବନରେ ସାରି ଦେଉଥିବାରୁ ଆର୍ଥିକ ଅବସ୍ଥା ଖରାପ ହେବାରେ ଲାଗିଛି। ଏଥିପାଇଁ ପାରିବାରିକ ଅଶାନ୍ତି ଚରମ ସୀମାରେ ପହଞ୍ଚିଲାଣି। ଏହାକୁ ବିରୋଧ କରି ଗ୍ରାମର ମା ଲକ୍ଷ୍ମୀ, ଜୟମା ଖଣ୍ଡେଶ୍ୱରୀ, ମା ପରଦେଶନ୍ ଓ ମା କାଳୀକା ୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଗ୍ରାମର ମହିଳାମାନେ ବାଧହୋଇ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆବଶ୍ୟକ ତଦନ୍ତ କରି ସମ୍ପୃକ୍ତ କୁଚିଆ ମଦ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଜାତୀୟ ରାଜପଥ ୫୯କୁ ଅବରୋଧ କରାଯିବ ବୋଲି ଏହି ଅବସରରେ ସେମାନେ ଚେତାବନୀ ଦେଇଛନ୍ତି। ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଏସଆଇ ତୁଳସୀରାମ ଶବର ଓ ଏଏସଆଇ ରବି ନାରାୟଣ ତ୍ରିପାଠୀ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜନନୀ ବାଗ, ନନ୍ଦନୀ କେତକୀ, ଅମ୍ବିକା ବେହେରା, କେଶରୀ କେତକୀ, କିଆବତୀ ବାଗ, ମଞ୍ଜୁ କେତକୀ, ନମିତା ମହାକୁର ପ୍ରମୁଖଙ୍କ ନେତୃତ୍ୱରେ କରାଯାଇଥିବା ଏହି ମଦ ବିରୋଧୀ ଅଭିଯାନରେ ପଞ୍ଚୁ ବେହେରା, ହୁକାର କେତକୀ, ଧନରମନ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

ଯୁବକଙ୍କ ଉନ୍ମତ୍ତ କାଣ୍ଡ

# ଛୁରି ଭୁସି ବାପପୁଅଙ୍କୁ ଘାଇଲା କଲେ

**ପୋଲିସର ତନାଘନା ଜାରି**

ନୂଆପଡ଼ା ଅଫିସ/ସିନାପାଲି,୧୬।୯

ନୂଆପଡ଼ା ଜିଲା ସିନାପାଲି ଥାନା ଅଧୀନ ଗୋଡ଼ାଲ ଗ୍ରାମରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଘର ବାରଣ୍ଡାରେ ବସିଥିବା ୨ଜଣ ବ୍ୟକ୍ତିଙ୍କୁ ସରୋଜ ଜୋଷୀ(୪୫) ନାମକ ଯୁବକ ଅତର୍କିତ ଭାବେ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ଦୁଇଜଣଙ୍କ ଛାତିରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ପୋଲିସ ଘଟଣାର ତନାଘନା ଚଳାଇଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଥାନାରେ ଦଫା ୩୪୧, ୨୯୪, ୩୨୩, ୩୨୬, ୫୦୬ ବଳରେ ଏକ ମାମଲା (ନଂ. ୧୮୫/୧୮) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଗୋଡ଼ାଲ ଗ୍ରାମର ସୁରେନ୍ଦ୍ର ନାଥ ପଣ୍ଡା(୫୮) ନିଜ ଘର ବାରଣ୍ଡାରେ ବସିଥିବା ବେଳେ ସରୋଜ ଅତର୍କିତ ଭାବେ ମାଡ଼ି ଆସି ଏକ ଧାରୁଆ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ସୁରେନ୍ଦ୍ରଙ୍କ ପୁଅ ଅଭିଳାଷ ଏହାର ପ୍ରତିବାଦ କରିବାରୁ ସରୋଜ ତାଙ୍କୁ ମଧ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ସରୋଜ ଫେରାର ହୋଇଯାଇଥିଲେ। ଏନେଇ ସୁରେନ୍ଦ୍ରଙ୍କ ପରିବାର ଲୋକେ ଥାନାରେ ସୂଚନା ଦେବା ପରେ ପୋଲିସ ଛାନଭିନ କରିଥିଲା। ସୂଚନାଯୋଗ୍ୟ, ସରୋଜ ପୂର୍ବରୁ ନିଜ ବଡ଼ବାପାଙ୍କୁ ଆକ୍ରମଣ କରିଥିବାବେଳେ ଜଣେ ସ୍କୁଲ ପିଅନଙ୍କୁ ମଧ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ସରୋଜଙ୍କ ଏପରି କାଣ୍ଡକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତାଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସେ ଅନ୍ୟମାନଙ୍କ ପାଇଁ ମଧ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ସିନାପାଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ଗଉଡ଼ଙ୍କୁ ପଚାରିବାରୁ ସେ କହିଲେ, ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖୁବ୍‌ଶୀଘ୍ର ସରୋଜଙ୍କୁ ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଯିଶୁଙ୍କ ବଳିଦାନ ଉଦାରତାର ଉଦାହରଣ

କୁଆଁରମୁଣ୍ଡା,୧୬।୯(ଡି.ଏନ.ଏ.)

କୁଆଁରମୁଣ୍ଡା ବ୍ଲକ କାଦୋବାହାଲ ପଞ୍ଚାୟତର ଗୋଘର ଚର୍ଚ୍ଚରେ ରବିବାର ବାଇବେଲ ଶିକ୍ଷା କର୍ମଶାଳା ଆୟୋଜିତ ହୋଇଯାଇଛି। ପ୍ରଭୁ ଯିଶୁଖ୍ରୀଷ୍ଟ ସମଗ୍ର ଜଗତର ମାନବ ସମାଜ ସୁଖ, ଶାନ୍ତି ପ୍ରତିଷ୍ଠା ପାଇଁ ନିଜକୁ ବଳିଦାନ ଦେଇ ଉଦାରତାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି। ପବିତ୍ର ଧର୍ମଗ୍ରନ୍ଥ ବାଇବେଲ୍‌ରେ ଏହା ଲିଖିତ। ଆମେ ଏହାକୁ ଅନୁକରଣ କରିବା ଉଚିତ୍। କୋମଳମତି ଛାତ୍ରୀଛାତ୍ରମାନେ ଆପଣାର ଅନ୍ତକରଣ ସହ ପଡୋଶୀଙ୍କୁ ଆତ୍ମୀୟତାର ସହ ଶ୍ରଦ୍ଧା କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୁଆଁରମୁଣ୍ଡା ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା ଏହା ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର, ବୀରମିତ୍ରପୁରର ପୂର୍ବତନ ବିଧାୟକ ନିହାର ସୁରିନ୍, କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର, କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାସଁଦା, ଶ୍ୟାମା ସାହ, ଭୱା ଏକ୍କା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194
07496852157

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
9773820765
8512004851

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ । ଅଗ୍ରିମ 90,00,000/- ଭଡ଼ା - 50,000/-। ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପୱନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ ୨5 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now **********
7310644383

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/-ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର
FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପଛେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now
9953851922

Aital Companyରେ
ଘରେ ବସି ପୁଅ–ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।

| | |
|---|---|
| ଭୁବନେଶ୍ୱର | 9870548744 |
| କଟକ | 7290022882 |
| ଅନୁଗୁଳ | 7290027866 |
| ବଲାଙ୍ଗୀର | 9870548676 |
| ପୁରୀ | 7290022876 |
| ବରଗଡ଼ | 7290027864 |
| ଭଦ୍ରକ | 7290022886 |
| ଗଞ୍ଜାମ | 7290027860 |
| ଯାଜପୁର | 9870548373 |
| ଖୋର୍ଦ୍ଧା | 9870549050 |
| କୋରାପୁଟ | 9870549092 |
| ମୟୂରଭଞ୍ଜ | 7290022884 |
| ସମ୍ବଲପୁର | 7290022879 |
| ସୁନ୍ଦରଗଡ଼ | 7290027868 |

Shop No. 108, 1st Floor, M.G. Road, Gurgaon

ବାବା ଭାରତରେ ଖୋଲା ଆହ୍ୱାନ, କଣ ଆପଣ ଚିନ୍ତିତ କି?
ବାବା ଆରିଫ ଅଲୀ
9911436726, 9540938429

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ନିର୍ବାଚନରେ ଅଧିକ କଳାଟଙ୍କା ଖର୍ଚ୍ଚ ହେଉଛି। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ହେଉଥିବା ଟଙ୍କାର ଅପବ୍ୟବହାର ରୋକିବା ପାଇଁ ପ୍ରଚଳିତ ଆଇନ ଯଥେଷ୍ଟ ନୁହେଁ।

- ଓ.ପି. ରାୱତ୍, ମୁଖ୍ୟ ନିର୍ବାଚନ କମିଶନର

## ସଂକ୍ଷେପରେ

### ସେଁପୁରରେ ନୂଆଁଖାଇ ଭେଟ୍‌ଘାଟ୍

**ଭବାନୀପାଟଣା, ୧୬।୯ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ସେଁପୁରଠାରେ ଶନିବାର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାଜେଶ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୁଞ୍ଜବିହାରୀ ସାହୁ, ଭିକାରୀ ଚରଣ ସାହୁ, ଶିବପ୍ରସାଦ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ, ସମିତି ସଭ୍ୟ ଲିଙ୍ଗରାଜ ଯୁଆଡ, ପ୍ରଧାନ ଆଚାର୍ଯ୍ୟ ଇନ୍ଦୁଭୂଷଣ ସାହୁ, ପାଣ୍ଡବ ମାଝି, ସୁଶିଳା ଜାନୀ, ମକରଧ୍ୱଜ ସାହୁ, ନରେଶ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରୋଶନ ଲାଲ ଛତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ସୁଧାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

ସାନଫୁର୍ଲା-ଛୋରିଆଗଡ଼ ସବ୍‌ମାଇନର କେନାଲ

# ବିଭାଗୀୟ ଅବହେଳା: ଚାଷୀ କଲେ ଘାଇ ମରାମତି

**ଜୁନାଗଡ଼, ୧୬।୯ (ଡି.ଏନ୍.ଏ)**

ଚାଷ ଜମିକୁ ଜଳସେଚନ କରିବା ପାଇଁ ସରକାର କେନାଲ ବ୍ୟବସ୍ଥା କରିଛନ୍ତି। ହେଲେ କଳାହାଣ୍ଡି ଜିଲା ଇନ୍ଦ୍ରାବତୀ କୁସମୁଖୁଣ୍ଟି ଡିଭିଜନ କେନାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାଗ ଯୋଗୁ ଅଞ୍ଚଳର ଚାଷୀମାନେ ଠିକ ଭାବେ ପାଣି ପାଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଏପରି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସାନଫୁର୍ଲା-ଛୋରିଆଗଡ଼ ସବ୍‌ମାଇନର କେନାଲରେ। ବର୍ଷେ ହେବ ଏହି କେନାଲରେ ଘାଇ ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ ମରାମତି କରାଯାଇପାରୁ ନାହିଁ। ଫଳରେ କେନାଲ ପାଣି ତଳ ଅଞ୍ଚଳକୁ ଠିକ୍ ଭାବେ ଯାଇପାରୁ ନାହିଁ। ଫଳରେ ଛୋରିଆଗଡ଼ ଗ୍ରାମର ପ୍ରାୟ ୨ଶହ ଏକର ଚାଷ ଜମି ଜଳସେଚନରୁ ବଞ୍ଚିତ ହୋଇଥିବା ଜଣାପଡିଛି। ଏପରି କି ଘାଇ ମରାମତି କରିବା ପାଇଁ ଚାଷୀମାନେ ସ୍ଥାନୀୟ ପାଣି ପଞ୍ଚାୟତ କର୍ତ୍ତୃପକ୍ଷ, ଇନ୍ଦ୍ରାବତୀ କର୍ତ୍ତୃପକ୍ଷ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ କିଛି ଉପାୟ ନ ଥିବାରୁ ଶେଷରେ ରବିବାର ସ୍ଥାନୀୟ ଚାଷୀମାନେ ଏକତ୍ରିତ ହୋଇ ଉକ୍ତ ଘାଇକୁ ବାଲିବସ୍ତା ପକାଇ ମରାମତି କରିଛନ୍ତି। ଫଳରେ ତଳ ଅଞ୍ଚଳକୁ କିଛି ପରିମାଣରେ ପାଣି ଯାଉଥିବା ଦେଖିବାକୁ ମିଳିଛି। ତେବେ ଏହା କ୍ଷଣସ୍ଥାୟୀ ହୋଇ ନ ଥିବା ବେଳେ ଇନ୍ଦ୍ରାବତୀ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଚାଷୀ ମହଲରେ ଦାବି ହୋଇଛି।



ଘାଇକୁ ମରାମତି କରୁଛନ୍ତି ଛୋରିଆଗଡ ଗ୍ରାମର ଚାଷୀ

### ସଂଘବଦ୍ଧ ଆକ୍ରମଣରେ ମଦଭାଟି ମ୍ୟାନେଜର ଗୁରୁତର

**ଭବାନୀପାଟଣା, ୧୬।୯ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ କେଗାଁ ଥାନା ଅଧୀନ ଚନ୍ଦନପୁର ଦେଶୀ ମଦ ଭାଟିରେ ଶନିବାର ରାତିରେ ସ୍ଥାନୀୟ କେତେଜଣ ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ମଦଭାଟି ମ୍ୟାନେଜର ପାରବଲ ସିଂ ଗୁରୁତର ଆହତ ହୋଇଛନ୍ତି। ଏପରି କି ଲୋକେ ମଦ ନଷ୍ଟ କରି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ ରବିବାର ନୂଆଁଖାଇ ବାସିଥିବାରୁ କିଛି ଲୋକ ସଂଘବଦ୍ଧ ହୋଇ ଚନ୍ଦନପୁର ଭାଟିକୁ ଆସି ମଦ ମାଗିଥିଲେ। ଏପରି କି ମଦରେ ଅଧିକ ପାଣି ମିଶା ଯାଉଥିବା ଅଭିଯୋଗ କରି ଭାଟି କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ଭାଟି କର୍ମଚାରୀମାନେ ପ୍ରତିବାଦ କରିବାରୁ ଉତ୍ତ୍ୟକ୍ତ ଲୋକ ସେମାନଙ୍କୁ ମାଡ ମାରିବା ସହ ମଦ ବୋତଲ ଫିଙ୍ଗା ଫୋପଡ଼ା କରିଥିଲେ। ଆକ୍ରମଣରେ ମ୍ୟାନେଜର ସିଂଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ସେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# କଳାହାଣ୍ଡିର ସରୁନ୍ ପାୟାସିଂଙ୍କୁ ସ୍ୱର୍ଣ୍ଣ ପଦକ



୩୦ତମ ଇଷ୍ଟଜୋନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୧୮ରେ ସ୍ୱର୍ଣ୍ଣ ପଦକ ବିଜେତା ସରୁନ୍ ପାୟାସିଂ।

**ଇଷ୍ଟଜୋନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ଲଙ୍ଗଜମ୍ପ**

**ଭବାନୀପାଟଣା, ୧୬।୯ (ଡି.ଏନ୍.ଏ)**

ବିହାର ପାଟଣାରେ ଅନୁଷ୍ଠିତ ହୋଇଥିବା ୩୦ତମ ଇଷ୍ଟଜୋନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୧୮ରେ କଳାହାଣ୍ଡି ଜିଲାର ସରୁନ୍ ପାୟାସିଂ ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୭.୨୪ ମି.ଦୂରତା ଜମ୍ପ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ କହିଛନ୍ତି। ସରୁନ୍ ଭବାନୀପାଟଣା ଅଧୀନ ବୋର୍ଡା ପଞ୍ଚାୟତ ପଲନା ଗ୍ରାମର ତୁରେସିଲା ପାୟାସିଂ ଓ ତାରଚନ୍ ପାୟାସିଂଙ୍କ ପୁତ୍ର। ସ୍ୱର୍ଣ୍ଣପଦକ ବିଜେତା ସରୁନ୍ ୨୦୧୬ରୁ ଭୁବନେଶ୍ୱରସ୍ଥିତ ସ୍ପୋର୍ଟ୍ସ ହଷ୍ଟେଲରେ ରହି ପାଠ ପଢୁଛନ୍ତି। କଳାହାଣ୍ଡି ଜିଲାର ଏହି ଉଦୀୟମାନ ଛାତ୍ର ଜାତୀୟସ୍ତରରେ ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ଜିଲା କ୍ରୀଡ଼ା ଅଧିକାରୀ ନାୟକ, ଜିଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଉପସଭାପତି ସୁରେନ୍ଦ୍ର ତ୍ରିପାଠୀ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, ଭାରତ ଭୂଷଣ ଠାକୁର, ଜିଲାର ବହୁ ବୁଦ୍ଧିଜୀବୀ ତଥା କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ସରୁନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନିଆରା ପର୍ବ ଅରାନ୍ଧିଆ: ଚୁଲିରେ ନାଗନାଗୁଣୀ ପୂଜା



ତୈଳିକ ବୈଶ୍ୟ ପରିବାର ଅରାନ୍ଧିଆ ପାଳନ ଅବସରରେ ଚୁଲିରେ ନାଗନାଗୁଣୀ ପୂଜା କରୁଛନ୍ତି।

**ରିଷିଡା, ୧୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ତୈଳିକ ବୈଶ୍ୟ କିଛି ପରିବାର ଭାଦ୍ରବ ସପ୍ତମୀ ତିଥିରେ ରବିବାର ଅରାନ୍ଧିଆ ପର୍ବ ପାଳନ କରିଛନ୍ତି। ପରିବାରର କୌଣସି ଘରେ ଚୁଲି ଜଳାଇ ନ ଥିଲେ। ଏପରି କି ରନ୍ଧାବଢ଼ା ମଧ୍ୟ କରି ନ ଥିଲେ। ଚୁଲିରେ ଧାନଗଛ, ଗୋବି ଫୁଲ, ନାଗ ନାଗୁଣୀ ତିଆରି କରି ପୂଜା କରିଥିଲେ। ଏହି ତିଥିରେ ଶ୍ରୀକୃଷ୍ଣ କାଳୀୟ ଦଳନ କରିଥିଲେ। ତେଣୁ ଗୋପପୁରବାସୀ ଶ୍ରୀକୃଷ୍ଣଙ୍କ ମଙ୍ଗଳ କାମନା କରିଥିଲେ।

# ବୋଲେରୋ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**କଲମପୁର/ଧର୍ମଗଡ଼, ୧୬।୯ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଧୀନ ଦୁଲିକବନ୍ଧ ଛକ ନିକଟରେ ଶନିବାର ରାତ୍ରିରେ ଏକ ବୋଲେରୋ ଗାଡି ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କଲମପୁର ବ୍ଲକ ବଡ଼କୁଟ୍ରୁ ଗ୍ରାମର ସୌରଭ ପଣ୍ଡା(୨୨) ଏବଂ ବିଜମରା ଗ୍ରାମର ପଦ୍ମନାଭ ରଣା(୨୧)। ମିଳିଥିବା ସୂଚନା ମୁତାବକ, ଶନିବାର ରାତ୍ରିରେ ସୌରଭ ଓ ପଦ୍ମନାଭ ଏକ ବାଇକ୍‌ରେ ବାଣ୍ଡିଗାଁରୁ ବିଜମରା ଯାଉଥିବାବେଳେ ଦୁଲକିବନ୍ଧ ନିକଟରେ ଏକ ବୋଲେରୋ ଗାଡି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡିଥିଲେ। ଘଟଣା ସ୍ଥଳରେ ପଦ୍ମନାଭଙ୍କ ମୃତ୍ୟୁ ଘଟିଥିବାବେଳେ ସୌରଭ ଗୁରୁତର ଆହତ ହୋଇଥିଲେ। ସୌରଭଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଜୟପାଟଣା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୨୩୬) ରୁଜୁ କରିଛି। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇ ବୋଲେରୋ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ପୋଲିସ ରବିବାର ସକାଳେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ତୁରନ୍ତ ବୋଲେରୋ ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି।

### ସ୍ୱଚ୍ଛ ଭାରତ ପକ୍ଷ ପାଳିତ

**ଭବାନୀପାଟଣା, ୧୬।୯ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ କାମଠଣା ପଞ୍ଚାୟତ ଭଙ୍ଗାବାରୀ ଗ୍ରାମରେ ସ୍ୱଚ୍ଛଭାରତ ପକ୍ଷ ପାଳିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଅଭିଯାନର ଜିଲା ସଂଯୋଜକ ଲୋକନାଥ ଦୁର୍ଗାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ତ୍ରିମୋହନ ସାହୁ, ଉପସଭାପତି ମନୋଜ କୁମାର ତାଣ୍ଡି, ବିଶାଖା ନାଏକ, ବଳଭଦ୍ର ଦୁର୍ଗା, ଉଚ୍ଛବ ନାଏକ, ମନୋହର ଦୀପ, ରାମକୃଷ୍ଣ ଦୁର୍ଗା, ଚନ୍ଦୁଲାଲ ଛତ୍ରିଆ, ଅମିତ ଦୁର୍ଗା ପ୍ରମୁଖ ସାମିଲ ହୋଇଥିଲେ।

# ବୋର୍ଡା ଅଞ୍ଚଳରେ ସାରର ଅଭାବ, ଚିନ୍ତାରେ ଚାଷୀ

**ଭବାନୀପାଟଣା, ୧୬।୯ (ଡି.ଏନ.ଏ.)**

ଭବାନୀପାଟଣା ବ୍ଲକ ବୋର୍ଡା ଅଞ୍ଚଳରେ ପ୍ରାୟ ଏକ ମାସ ହେଲା ୟୁରିଆ ସାର ଅଭାବ ଦେଖା ଦେଇଛି। ଫଳରେ ଚାଷୀ ସରକାରୀ ଧାର୍ଯ୍ୟ ମୂଲ୍ୟରୁ ୨ ଗୁଣା ଅଧିକ ଦାମ ଦେଇ ସାର କ୍ରୟ କରିବାକୁ ବାଧ ହେଉଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସାରର କୃତ୍ରିମ ଅଭାବ ଯୋଗୁ ଚାଷ କାର୍ଯ୍ୟ ଧିମେଇ ଯାଇଛି। ଠିକ୍ ସମୟରେ ସାରର ବ୍ୟବହାର କରାଯାଇ ପାରୁ ନ ଥିବାରୁ ଧାନ, କପା ଚାଷ ଅମଳ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। କଳାହାଣ୍ଡିରେ ୟୁରିଆ ସାର ଅଭାବ ଯୋଗୁ ଅଞ୍ଚଳର ଚାଷୀମାନେ ପଡୋଶୀ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରୁ ୟୁରିଆ ସାର ବସ୍ତା ପିଛା ୬ ଶହରୁ ୭ ଶହ ଟଙ୍କା ଦେଇ କିଣୁଥିବା ଅଭିଯୋଗ ହେଉଛି। ବିଭାଗୀୟ ଅବହେଳା ଯୋଗୁ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ ବ୍ୟବସାୟୀମାନେ ମାଲାମାଲ ହେଉଛନ୍ତି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସ୍ମିତାରାଣୀ ସେଠୀଙ୍କୁ ପଚାରିବାରୁ ସାରର ଅଭାବ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଖୁବ ଶୀଘ୍ର ଚାଷୀଙ୍କୁ ସାର ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଚଳିତ ବର୍ଷ ପ୍ରାଥମିକ କୃଷି ସମବାୟ ସମିତିମାନଙ୍କରେ ସାର ଯୋଗାଇ ଦିଆ ନ ଯାଇ ଡିଲରମାନଙ୍କୁ ଦିଆଯାଇଥିବାରୁ ସାରର କଳାବଜାର ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କୁ ଯଥା ଶୀଘ୍ର ସାର ଯୋଗାଇ ଦେବା ପାଇଁ କିଷାନ କ୍ଷେତ ମଜଦୁର କଂଗ୍ରେସର ଜିଲା ସଭାପତି ସଚ୍ଚିଦାନନ୍ଦ ମହାଖୁଡ ଦାବି କରିଛନ୍ତି।



### ସ୍ୱଚ୍ଛ ଗାଁ, ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଆହ୍ୱାନ

**ବଡଗାଁ, ୧୬।୯ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ନେହେରୁ ଯୁବ କେନ୍ଦ୍ର (ଏନୱାଇକେ)ର ଜିଲା ଯୁବ ସଂଯୋଜକ କେ. ଭେଙ୍କଟରମଣ, ଡିଲେଶ୍ୱର ନାଏକ, ବଡଗାଁ ଡାକ୍ତରଖାନାର ସ୍ୱାସ୍ଥ୍ୟକର୍ମୀ ପଙ୍କଜ ପୃଷେଟ, ନରହରୀ ପୃଷେଟ ଅତିଥି ଭାବେ ଯୋଗ ଦେଇଥିଲେ। ଗାଁକୁ ସଫା ରଖିବା ଓ ପ୍ଲାଷ୍ଟିକ ମୁକ୍ତ ସମାଜ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ସମସ୍ତେ ମିଶି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଡିଲେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ୮୦ ପରିବାର ଏକାଠି ହେଲେ, ନୂଆଁ ଖାଇଲେ

**ବଙ୍ଗୋମୁଣ୍ଡା, ୧୬।୯ (ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ବ୍ଲକ୍ ତାଲଭଟା ଗାଁରେ ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଛି। ୮୦ ପରିବାରର ୫ଶହ ସଦସ୍ୟ ଏକାଠି ବସି ନବାନ୍ନ ଖାଇଛନ୍ତି। ଏହି ସାମୂହିକ ନବାନ୍ନ ସେବନ ଭାତୃତ୍ୱଭାବର ପ୍ରତୀକ ନୂଆଁଖାଇକୁ ନିଆରା କରି ତୋଳିଛି। ପ୍ରେମ, ସହାନୁଭୂତି ଓ ଏକତାର ଏହା ଯେ ଏକ ଜ୍ୱଳନ୍ତ ଉଦାହରଣ ଚର୍ଚ୍ଚା ହେଉଛି। ଗାଁରେ ଏକ ପାହୁର ଯାତ୍ରାର ଆୟୋଜନ କରାଯାଇଥିଲା। ପ୍ରତି ଘରୁ ସପରିବାର ଏହି ଯାତ୍ରାରେ ସାମିଲ ହୋଇଥିଲେ। ଗାଁ ମୁଣ୍ଡରେ ଥିବା ଭଗବତ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା ଏହି ଶୋଭାଯାତ୍ରା। ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ନବାନ୍ନ ପୂଜା କାର୍ଯ୍ୟକ୍ରମ ହୋଇଥିଲା । କୀର୍ତ୍ତନ ବେହେରା, ନଟବର ବେହେରା, ପୁରୁଷୋତ୍ତମ ବେହେରା ପ୍ରମୁଖଙ୍କ ସଂଯୋଜନାରେ ପୂଜା କାର୍ଯ୍ୟ କରାଯାଇଥିଲା। ନୂଆ ଅନ୍ନ, ପଞ୍ଚାମୃତ, ଗୁଡ଼, ମହୁ, କଦଳୀ ଆଦିର ମିଶ୍ରଣରେ ନବାନ୍ନ ପ୍ରସ୍ତୁତ ହୋଇଥିଲା। ଏହାକୁ ସମସ୍ତେ ଉତ୍କଣ୍ଠାର ସହ ଗ୍ରହଣ କରିଥିଲେ। ଏହା ପରେ ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥିଲା । ବୟୋଜ୍ୟୋଷ୍ଠ ଲୋକଙ୍କୁ କନିଷ୍ଠମାନେ ମୁଣ୍ଡିଆ ମାରି ଆଶିର୍ବାଦ ନେଇଥିଲେ। ବେଶ୍ ଦୀର୍ଘ ସମୟ ଧରି ଚାଲିଥିଲା ଏହି ଭେଟ୍‌ଘାଟରେ ଭାଗବତ ମନ୍ଦିର ପରିସର ଉଚ୍ଛୁଳି ଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମମାନ ମଧ୍ୟ ହୋଇଥିଲା। ଉପସ୍ଥିତ ଗାଁର ବୟୋବୃଦ୍ଧମାନେ ନବାନ୍ନ ଉତ୍ସବର ମହନୀୟତାକୁ ଦର୍ଶାଇଥିଲେ। ଅଧ୍ୟାପକ ନଟବର ବେରୋରା ନବାନ୍ନ ପାଳନର ମହାନ ପରମ୍ପରା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ବିଳମ୍ବିତ ରାତିରେ "ବର୍ଷେକେର ତିହାର ନୁଆଁଖାଇ- ଜୀବନ ଥିଲେ ଆର୍ ବରଷେ ମିଲି ମିଶି ନୁଆଁ ଖାଏମା ଗରସେ' ଗୀତରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।



ଭଗବତ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ନବାନ୍ନ ସେବନ କାର୍ଯ୍ୟକ୍ରମ।

# ଉପରଝରରେ ନୂଆଁଖାଇ ଭେଟଘାଟ୍

**ଦେଓଗାଁ, ୧୬।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ଶିଶୁମନ୍ଦିରଠାରେ ଶନିବାର ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି । ପ୍ରଧାନାଚାର୍ଯ୍ୟ ସୂର୍ଯ୍ୟମଣୀ ବୁଧିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଳାମ୍ବର ମିଶ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ ନାୟକ ଷାଣ୍ଢ ମୁଖ୍ୟ ବକ୍ତା, ଝସକେତନ ସାହୁ, ଝାଙ୍କର ମାଝି, ସମିତି ସଭ୍ୟା ବୀଣାପାଣି ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ, ନେହେରୁ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ମନ୍ଦିରର ଏହି ଭେଟ୍‌ଘାଟ ଆୟୋଜନକୁ ସ୍ୱାଗତ କରିଥିଲେ । ଏହି ଅବସରରେ ଲଳିତ ମୋହନ ସାହୁଙ୍କ ପରିଚାଳନାରେ ଶିଶୁମନ୍ଦିର ଶିଶୁମାନଙ୍କ ଦ୍ୱାରା କଂସ ବଧ ନାଟକ, ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା । ଗୁରୁମା ମମତାରାଣୀ ସା, ଆୟା ମଞ୍ଜୁ ପଧାନ, କମିଟି ସମ୍ପାଦକ ଦୁଃଖୁଶ୍ୟାମ ବିଶ୍ୱାଳ, ସଭାପତି କୋଷାଧ୍ୟକ୍ଷ ସଞ୍ଜୀବ ପଧାନ, ନୀଳକଣ୍ଠ ପଧାନ, ସୋମ୍ୟ ମିଶ୍ର, ରମା ରଞ୍ଜନ ସାହୁ, ସୁନିଲ ସାହୁ, ଶେଷଦେବ ବାରିକ, ଆନନ୍ଦ ସେଠ ଏହାକୁ ପରିଚାଳନା କରିଥିଲେ । ଈଶ୍ୱର ପଧାନ ଧନ୍ୟବାଦ ଦେଇଥିଲେ।



ଶିଶୁମନ୍ଦିରର କୁନି କୁନି ଶିଶୁମାନଙ୍କ ଦ୍ୱାରା ପରିବେଷିତ କଂସ ବଧ ନାଟକ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ
ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଔଷଧ ଦୋକାନୀ ଗିରଫ

ରାଉରକେଲା ଅଫିସ,୧୬।୯- ଛେଣ୍ଡ ଅଞ୍ଚଳରେ ଥିବା ଏକ ଔଷଧ ଦୋକାନକୁ ଆସିଥିବା ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଶନିବାର ଛେଣ୍ଡ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଔଷଧ ଦୋକାନୀ ମୁନା ସାହୁ (୪୮)ଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଦଫା ୩୫୪ ବଳରେ ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଏକ ବସ୍ତିର ସମ୍ପୃକ୍ତ ମହିଳା ଶନିବାର ମୁନାଙ୍କ ଦୋକାନକୁ ଔଷଧ କିଣିବାକୁ ଆସିଥିଲେ। ଏହି ସମୟରେ ମୁନା ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ମହିଳା ଏହାର ପ୍ରତିବାଦ କରିବାରୁ ମୁନା ଉତ୍‌କ୍ଷିପ୍ତ ହୋଇ ମହିଳାଙ୍କୁ ଦୁର୍ବ୍ୟବହାର କରିଥିଲେ।

### ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗ

ରାଉରକେଲା ଅଫିସ,୧୬।୯- ବିବାହ ପ୍ରତିଶ୍ରୁତି ଦେଇ ସେକ୍ଟର-୬ ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ପଡ଼ୋଶୀ ଯୌନ ନିର୍ଯାତନା ଦେଇଥିବା ସେକ୍ଟର-୭ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦଫା ୧୦୪, ୩୬୩, ୩୬୬, ୩୭୬, ପକ୍ସୋ/୬୬(ଏ) ୬୭, ୬୭(ଏ)(ବି) ବଳରେ ଏକ ମାମଲା (ନଂ-୨୧୨/୨୦୧୮) ରୁଜୁ କରି ଅଭିଯୁକ୍ତ ରାଧାକାନ୍ତ ନନ୍ଦ (୨୨)ଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କୁ ପ୍ରଲୋଭିତ କରି ଗତ ମେ ମାସରୁ ରାଧାକାନ୍ତ ନିଜ ଘରେ ରଖି ଶାରୀରିକ ସମ୍ପର୍କ ସ୍ଥାପନ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ବିବାହ ପାଇଁ ଜିଦ୍ କରିବାରୁ ରାଧାକାନ୍ତ ତାଙ୍କୁ ଘରୁ ବାହାର କରିଦେଇଥିଲେ। ଏତିକି ନୁହେଁ, ନାବାଳିକାଙ୍କ ପରିବାର ପକ୍ଷରୁ ଘଟଣାକୁ ବିରୋଧ କରାଯିବାରୁ ତାଙ୍କ ଫଟୋ ସୋସିଆଲ ସାଇଟ୍‌ରେ ଭାଇରାଲ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶନିବାର ରାତିରେ ସେକ୍ଟର-୭ ଥାନାରେ ଅଭିଯୋଗ କରାଯାଇଥିଲା।

### ଦିଲୁ ନାୟକଙ୍କ ଦେହାନ୍ତ ଆମକୁ ମର୍ମାହତ କରିଛି

ରାଉରକେଲା ଅଫିସ,୧୬।୯- ମହାନଗର ନିଗମ କର୍ମଚାରୀ ସଂଘ ଉପସଭାପତି ଦିଲୁ ନାୟକଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ଆର୍‌ଡିଏ ଅଧକ୍ଷ ସାରଦା ନାୟକ ଯୋଗଦେଇ ଦିଲୁଙ୍କ ପରି ଜଣେ ପରୋପକାରୀ ମିଷ୍ଟଭାଷୀ ସରଳ ମଣିଷଙ୍କ ଦେହାନ୍ତ ଆମକୁ ମର୍ମାହତ କରିଛି ବୋଲି କହିଥିଲେ। ଉପସ୍ଥିତ କର୍ମଚାରୀ ସଂଘ ନେତା ଓ ସଦସ୍ୟ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିରେ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ଚଇନି, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ରାୟ, ଉପସଭାପତି କଳିଙ୍ଗ ଗୁରୁ, ସମ୍ପାଦକ ଅକ୍ଷୟ ପାତ୍ର, ସମାରୁ ବିଭାର, ଦଣ୍ଡ ନାୟକ, ମନୋରଞ୍ଜନ ଧଳ, ଚନ୍ଦ୍ରଶେଖର ରାଓ, ପ୍ରଦୀପ ବିଶ୍ୱାଳ, ଦିଲୀପ ପରିଡ଼ା, ରବୀନ୍ଦ୍ର ଦାସ, ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡ ହରିବନ୍ଧୁ ଭବନଠାରେ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ୧୨ଦଫା ଦାବିରେ ଚକାଜାମ ଡାକରା

ରାଉରକେଲା ଅଫିସ,୧୬।୯

ସହରବାସୀଙ୍କ ଜୀବନରେଖା ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ତୁରନ୍ତ ସମାପ୍ତ କରିବା, ଜିଲାରେ ବନ୍ଦ ପଡ଼ିଥିବା କଳକାରଖାନା ଖୋଲିବା, ସରକାରୀ କାର୍ଯ୍ୟାଳୟରେ ଖାଲି ପଦ ପୂରଣ, ଶିକ୍ଷା ବ୍ୟବସ୍ଥାର ସରଳୀକରଣ, କଳକାରଖାନାରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି, ପ୍ରଦୂଷଣ ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଦି ୧୨ଦଫା ଦାବି ନେଇ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଆସନ୍ତା ୨୮ ତାରିଖରେ ଘଣ୍ଟିକିଆ ଚକାବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ରବିବାର ହରିବନ୍ଧୁ ଭବନଠାରେ ଆୟୋଜିତ ବୈଠକରେ ଏହି ଘୋଷଣା କରାଯାଇଛି। ଏହି ଅବସରରେ ଯୁବ ସଂଘ ରାଜ୍ୟ ସଭାପତି ସଦାନନ୍ଦ ସାହୁ କହିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୁବମାରଣ ନୀତିକୁ ବରଦାସ୍ତ କାରଯିବ ନାହିଁ। ସମାଜରେ ଅପମିଶ୍ରଣକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସରକାର ମୁହଁ ଖୋଲୁନାହାନ୍ତି। ସେହିଭଳି ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅହେତୁକ ଫି ବୃଦ୍ଧିରେ ଅଭିଭାବକ ଅତିଷ୍ଠ ହୋଇ ପଡ଼ିଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଛାତ୍ରୀଛାତ୍ରଙ୍କୁ ବସ୍‌ରେ ଯାତାୟନ ନେଇ ରିହାତି ପ୍ରଦାନ କରାଯାଉନି। ଏମିତି ସମସ୍ୟା ନେଇ ସଂଗଠନ ବାରମ୍ବାର ଉଦ୍‌ବେଗ ପ୍ରକାଶ କରିଆସୁଛି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ସଂଗଠନ ପକ୍ଷରୁ ଉପରୋକ୍ତ ଦାବି ନେଇ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୧ରୁ ୧୨ଟା ପର୍ଯ୍ୟନ୍ତ ପାନପୋଷ ବ୍ରିଜଠାରେ ରାସ୍ତାରୋକୋ କରାଯିବ ବୋଲି ସେ କହିଥିଲେ। ଯୁବ ସଂଘ ନେତା ଅରୁଣ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘ ରାଜ୍ୟ ଆବାହକ ଜଗନ୍ନାଥ ପାତ୍ର ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର କେବଳ ନିଜ ଦଳର ସ୍ଥିତି ସୁଦୃଢ଼ ନେଇ ବ୍ୟସ୍ତ ରହୁଥିବା ଅଭିଯୋଗ କରିଥିଲେ। ଏହି ଚକାଜାମ ଆନ୍ଦୋଳନ ରାଉରକେଲା ସମେତ ସମଗ୍ର ରାଜ୍ୟରେ କରାଯିବ ବୋଲି ସୂଚନା ଦିଆଯାଇଛି। ରାଉରକେଲାରେ ଏହାକୁ ସଫଳ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ଏଥିରେ ପୁଷ୍ପଲତା ସ, ମାଧବୀ ନାଗ, ଅରୁଣ ଦୀପ, ମଧୁସ୍ମିତା ନାଗ, ରିଙ୍କି ଦୀପ, ସ୍ୱପ୍ନା ବାରିକ, ମହେଶ୍ୱର ଦୀପ, ଭାଗ୍ୟଧର ରାଉତ, ଅଲେଖ ଓଝା ଓ କାର୍ତ୍ତିକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ମାନବିକତା' ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୧୬।୯

ସାମାଜିକ ସଙ୍ଗଠନ ମାନବିକତା ପକ୍ଷରୁ ରବିବାର ସ୍ଥାନୀୟ ସେକ୍ଟର-୨୧ସ୍ଥିତ ଆଇନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆର୍‌ଡିଏ ଅଧକ୍ଷ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମାନବିକତା ଅନୁଷ୍ଠାନର ଅଧକ୍ଷ ପ୍ରଶାନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୋଟ ୫୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଶଙ୍କର ଜେନା, ଜ୍ଞାନେନ୍ଦ୍ର ଜେନା, ପ୍ରଦୀପ ପଟ୍ଟନାୟକ, ଶ୍ରୀଚରଣ ମହାନ୍ତି, ସୁଶାନ୍ତ ଦାସ, ଧର୍ମେନ୍ଦ୍ର ରାୟ, ଗୋଲ୍ଡି ସିଂ, ମୀନ ନାୟକ, ବିଭୂତି ପୁହାଣ, ଅନୁପ ସାମଲ, ଏମ୍‌ଡି ଖାଲିଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୀବନବିନ୍ଦୁର ସଂଯୋଜକ କୁନବିହାରୀ ଦାସ, କଲେଜ ଅଧକ୍ଷ ମନୋରଞ୍ଜନ ଦାସ, ନୟନ ରଞ୍ଜନ ନନ୍ଦି ପ୍ରମୁଖ ଉପସ୍ଥିତ ଥିଲେ।


ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।


ରାଉରକେଲା ରେଳ ଷ୍ଟେଶନଠାରେ ଆଖି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁ ଓ ଅନୁଷ୍ଠାନର କର୍ମକର୍ତ୍ତା।

## 'ଆଖି' ପକ୍ଷରୁ ସେବାମୂଳକ କାର୍ଯ୍ୟ

ରାଉରକେଲା ଅଫିସ,୧୬।୯

ସାମାଜିକ ସଙ୍ଗଠନ ଆଖି ପକ୍ଷରୁ ସପ୍ତାହରେ ଥରେ ନିୟମିତ ସହରର ବିଭିନ୍ନ ସ୍ଥାନରେ ସେବାମୂଳକ କାର୍ଯ୍ୟ ଜାରି ରହିଛି। ରବିବାର ସଙ୍ଗଠନର କର୍ମକର୍ତ୍ତା ରାଉରକେଲା ରେଳ ଷ୍ଟେଶନଠାରେ ଅସହାୟ ଶିଶୁମାନଙ୍କୁ ନୂଆ ପୋଷାକ ଓ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରିଥିଲେ। ଏହି ଅବସରରେ ସମ୍ପୃକ୍ତ ଶିଶୁମାନଙ୍କୁ ନିଶା ସେବନଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାଠାରୁ ଦୂରେଇ ରହୁଥିବା ଏହି ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ଉଦ୍ୟମ କରିଥିଲେ। ଏହି ଅବସରେ ସଭାପତି ଅବିନାଶ ଶୁକ୍ଳା କହିଥିଲେ, ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଅସହାୟଭାବେ ଘୂରି ବୁଲୁଥିବା ପିଲାଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଏପରି ଶିଶୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପାରିପାରିବ ଓ ସାମାଜିକ ସ୍ନେହ ମମତାରୁ ବଞ୍ଚିତ ଏହି ପିଲାଙ୍କ ପାଇଁ ପ୍ରଶାସନ ନିର୍ଦ୍ଦିଷ୍ଟ ଯୋଜନା କରିବା ଉଚିତ ବୋଲି ଶୁକ୍ଳା ମତ ପ୍ରକାଶ କରିଥିଲେ। ଏହି ଅବସରରେ ରାଉରକେଲା ବସ୍‌ଷ୍ଟାଣ୍ଡରେ ଘୂରି ବୁଲୁଥିବା ଜଣେ ମାନସିକ ଦିବ୍ୟାଙ୍ଗଙ୍କୁ ଉଦ୍ଧାର କରାଯାଇ ନୂଆ ପୋଷାକ ଓ ଖାଦ୍ୟ ପ୍ରଦାନ ସହ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏଥିରେ ସିଲୁ ଦାସ, ନାରାୟଣ ସ୍ୱାଇଁ, ଜିତୁ ପ୍ରଧାନ, ଚିନ୍ମୟ ସାମଲ, ନିର୍ମଳ ପାଲ, ଦେବିକା ମିଶ୍ର, ଦୁଷ୍ମନ୍ତ ଦଲେଇ, ଆଶିଷ ସାହୁ, ସୁବୋଧ କଂସାରୀ, ବିବେକ ଅଗ୍ରୱାଲ, ଇମରାନ ଖାନ, ଦୀପନ ନାୟକ ଓ ପ୍ରକାଶ ସୋନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ଥାଭାବ: ଚିକିତ୍ସାରୁ ବଞ୍ଚିତ ଅନିତା

### ଗୋଆରେ ଦାଦନ ଖଟୁଛନ୍ତି ବାପା

ସୁନ୍ଦରଗଡ଼,୧୬।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅଲାପକା ପଞ୍ଚାୟତ ଧଉରାଦାଣ୍ଡ ଗ୍ରାମର ଗଙ୍ଗାଧର ତିର୍କୀ ଓ ରୁପା ତିର୍କୀଙ୍କ ୧୪ ବର୍ଷର ଝିଅ ଅନିତାଙ୍କ ନିକଟରେ ସରକାରୀ ଯୋଜନା ଅପହଞ୍ଚ ହୋଇଛି। ଚିକିତ୍ସା ଅଭାବରୁ ଅନିତାଙ୍କ ଗୋଡ଼ ଦୁଇଟି ଅଚଳ ହୋଇଯାଇଥିବାରୁ ଏବେ ସେ ପ୍ରାୟ ୫ ବର୍ଷ ହେବ ଖଟିଆରେ ପଡ଼ି ରହିଛନ୍ତି। ପରିବାର ମୁହଁରେ ଦାନା ଗଣ୍ଡେ ଦେବାକୁ ଗଙ୍ଗାଧର ଗୋଆରେ ଦାଦନ ଖଟୁଥିବାବେଳେ ଭଙ୍ଗା କୁଡ଼ିଆ ଘରେ ମୁଣ୍ଡ ଗୁଞ୍ଜି ମା'ଝିଅ ବଞ୍ଚି ରହିଛନ୍ତି।

ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ବେଳେ ଅନିତାଙ୍କ ୨ ଗୋଡ଼ ଅଚଳ ହୋଇଯାଇଥିଲା। ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ହୋଇ ନ ପାରିବାରୁ ଏଯାଏ ଭଲ ହୋଇନାହିଁ। ପାଠ ପଢ଼ିବା ପାଇଁ ମନରେ ଅନେକ ଆଗ୍ରହ ଥିଲେ ମଧ ଏଥିରେ ବାଧକ ସାଜିଛି ତାଙ୍କ ଅକ୍ଷମତା। ଅଚଳ ଗୋଡ଼ରେ କେମିତି ସ୍କୁଲ ଯିବି ବୋଲି ସେ ପ୍ରଶ୍ନ କରନ୍ତି। ମୋ ଗୋଡ଼ ଦୁଇଟିକୁ ଭଲ କରିଦିଅ ବୋଲି କହି ବାହୁନି କାନ୍ଦନ୍ତି। ଗାଁ ପାଖ ଶାଗଯୋର ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପାଠ ପଢ଼ି ଆସୁଥିଲି। ଏବେ ସହପାଠୀମାନେ ହାତ ଧରାଧରି ହୋଇ ସ୍କୁଲ ଯିବା ଦେଖିଲେ ମନରେ କି ଭାବନା ସୃଷ୍ଟି ହୁଏ ତାହା ବର୍ଣ୍ଣନା କରିପାରିବି ନାହିଁ ବୋଲି କହିଛନ୍ତି ଅନିତା। ଅନିତାଙ୍କ କହିବା ଅନୁଯାୟୀ, ପ୍ରଥମେ ଗୋଟିଏ ଗୋଡ଼ରେ ଯନ୍ତ୍ରଣା ହୋଇ ତାହା ଅଚଳ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ୨ଟିଯାକ ଗୋଡ଼ ଅଚଳ ହୋଇଗଲା। ଆଖପାଖ ଚିକିତ୍ସାଳୟରେ ଚିକିତ୍ସା ପରେ ମଧ କୌଣସି ଉନ୍ନତି ହେଲାନାହିଁ। ଆର୍ଥିକ ଅନଟନ ମଧରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଥିବା ବେଳେ ବାପା ମୋ ଚିକିତ୍ସା ପାଇଁ ଆବଶ୍ୟକ ଟଙ୍କା ଆଣିବେ କେଉଁଠୁ ବୋଲି କୁହନ୍ତି ଅନିତା। ସାମାଜିକ କର୍ମୀ ଶାନ୍ତନୁ କୁସୁମ ଅନିତାଙ୍କ ଘରେ ପହଞ୍ଚି ତାଙ୍କ ଦୁଃଖ କାହାଣୀ ଶୁଣିବା ପରେ ପ୍ରଶାସନ ତାଙ୍କ ଚିକିତ୍ସା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।


ସାମାଜିକ କର୍ମୀ ଶାନ୍ତନୁ କୁସୁମ, ମା' ରୁପା ଓ ଅଜାଙ୍କ ସହ ଅନିତା।


ଭାଜପାରେ ସାମିଲ ହୋଇଥିବା ନୂଆ ସଭ୍ୟଙ୍କ ଗହଣରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟ କର୍ମକର୍ତ୍ତା।

## ନିଶା ବିରୋଧୀ ଆନ୍ଦୋଳନ ବ୍ୟାପକ କରିବାକୁ ଆହ୍ୱାନ

ରାଉରକେଲା ଅଫିସ,୧୬।୯

ସୁନ୍ଦରଗଡ଼ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଏକ ବୈଠକ ଜଗଦା ଉତ୍କଳ ନବଜୀବନ ମଣ୍ଡଳ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଅଦ୍ୱୈତ ବିଶ୍ୱାଳ ଅଧକ୍ଷତା କରିଥିଲେ। ଜିଲା ସର୍ବୋଦୟ ମଣ୍ଡଳ ପୁନର୍ଗଠନ ଓ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ତଥା ଓଡ଼ିଶାରେ ଚାଲିଥିବା ନିଶା ନିବାରଣ ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍କଳ ନବଜୀବନ ମଣ୍ଡଳ ଶାଖା ସମ୍ପାଦକ ବୈଦ୍ୟନାଥ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଲେ, ଯେତେ ସବୁ ଅପରାଧ ଘଟିଛି ତାହା ମଧରେ ନିଶା ଏକ ପ୍ରମୁଖ କାରଣ। ନିଶା ନିବାରଣ ଅଭିଯାନର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ କହିଲେ ଚଳିତବର୍ଷ ଅକ୍ଟୋବର ୨ରୁ ମାହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସାରା ଦେଶରେ ପାଳନ କରାଯାଉଛି। ତାଙ୍କର ୧୮ଟି ରଚନାତ୍ମକ କାମ ମଧରୁ ନିଶା ନିବାରଣକୁ ସେ ଅଧିକ ଗୁରୁତ୍ୱ ଦେଉଥିଲେ। ଗାନ୍ଧିଜୀ କହୁଥିଲେ, ତାଙ୍କୁ ଯଦି ଗୋଟିଏ ଦିନ ପାଇଁ ଦେଶର ମୁଖ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥାନ୍ତା ତେବେ ସେ ପ୍ରଥମେ ନିଶା ବନ୍ଦ କରିଥାନ୍ତେ। ଏଣୁ ତାଙ୍କର ଏହି ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ନିଶା ନିବାରଣ ଆନ୍ଦୋଳନକୁ ବ୍ୟାପକ କରିବାକୁ ମଣ୍ଡଳ ଆହ୍ୱାନ ଦେଇଥିଲେ। ଏନ୍‌ଆଇଟିର ଅବସରପ୍ରାପ୍ତ ପ୍ରଫେସର ଉର୍ମିଳା ପଣ୍ଡା ଏଥିରେ ଯୋଗଦେଇ କହିଲେ, ଗାନ୍ଧିଜୀଙ୍କ ମୂଳ ଉଦ୍ଦେଶ୍ୟ ଥିଲା ନିଶା ନିବାରଣ। ଏହା ଯେକୌଣସି ପରିସ୍ଥିତିରେ ବନ୍ଦ କରାଗଲେ ସମାଜ ଓ ଜାତି ପାଇଁ ଅତ୍ୟନ୍ତ ମଙ୍ଗଳମୟ ହେବ ବୋଲି ପଣ୍ଡା ମତ ପ୍ରକାଶ କରିଥିଲେ। ଜିଲା କଂଗ୍ରେସ ସଭାନେତ୍ରୀ ପ୍ରଭାତୀ ମିଶ୍ର ନିଜ ବକ୍ତବ୍ୟରେ କହିଲେ, ମଦ ଏକ ସମାଜିକ ସମସ୍ୟାରେ ପରିଣତ ହୋଇଛି। ମହିଳା ଓ ଯୁବକମାନେ ଅଣ୍ଟା ଭିଡ଼ି ଠିଆ ହେଲେ ଏହାକୁ ନିଶ୍ଚିତ ରୂପେ ବନ୍ଦ କାରାଯାଇ ପାରିବ। ଆଇନଜୀବୀ ନାରାୟଣ ଦାସ କହିଥିଲେ, ନିଶା ସେବନ ଯୋଗୁ ଆଜି ସମାଜରୁ ମାନବବିକତା ଲୋପ ହେବାରେ ଲାଗିଛି। ଏନେଇ ସରକାର ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। ଏଥିରେ ପ୍ରଫେସର ଶଶୀକାନ୍ତ ଆଚାର୍ଯ୍ୟ, ରଘୁନାଥ ପଣ୍ଡା, ପୀତାମ୍ବର ନାୟକ, ଶ୍ରଦ୍ଧା ଷଡ଼ଙ୍ଗୀ, ସଞ୍ଜୀବ ମହାନ୍ତି, ସନ୍ତୋଷ ନାୟକ, ଲକ୍ଷ୍ମୀଧର ନାୟକ, କୈଳାସ ସାହୁ, ପ୍ୟାରୀ ସମାସୀ ଓ ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୁନନ୍ଦା ବରାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ୩ଶହରୁ ଅଧିକ ଲୋକ ଭାଜପାରେ ସାମିଲ

ରାଉରକେଲା ଅଫିସ,୧୬।୯

ସେକ୍ଟର-୩ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ରବିବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଉପସ୍ଥିତିରେ ଜଗଦା, ଝିରପାଣି, ଗୋପାଳଟୋଲି ଓ ସେକ୍ଟର ଅଞ୍ଚଳର ୩ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଦଳରେ ସାମିଲ ହୋଇଥିବା ଘୋଷଣା କରାଯାଇଛି। ଭାଜପା ଯୁବ ନେତା ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଯୋଗଦେଇଥିବା ଏହି ବ୍ୟକ୍ତିମାନଙ୍କୁ ମନ୍ତ୍ରୀ ଓରାମଙ୍କ ସମେତ ଉପସ୍ଥିତ ଦଳୀୟ ନେତୃମଣ୍ଡଳୀ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ଓରାମ କହିଲେ, ମୁଁ ନିଜେ ଦିନେ ୧୫ଜଣ ଲୋକଙ୍କ ଉପସ୍ଥିତିରେ ଏକ ଟଙ୍କା ସଭ୍ୟ ଚାନ୍ଦା ଦେଇ ଏହି ଦଳରେ ମିଶିଥିଲି। ଏବେ ପରିସ୍ଥିତି ବଦଳିଛି। କେନ୍ଦ୍ର ନେତୃତ୍ୱାଧୀନ ମୋଦି ସରକାରଙ୍କ ଜନହିତକର ଯୋଜନାରେ ଲୋକେ ଆକୃଷ୍ଟ ହୋଇ ଦଳରେ ସାମିଲ ହେଉଛନ୍ତି। ତଳ ସ୍ତରର ଲୋକଙ୍କ ଉତ୍ଥାନ ପାଇଁ ଭାଜପା ନିଷ୍ଠାର ସହ କାମ କରୁଛି। ସହଯୋଗ ମିଳିଲେ ଆଗାମୀ ଦିନରେ ଆହୁରି ଅଧିକ କଲ୍ୟାଣକାରୀ ଯୋଜନାରେ ଲୋକେ ସାମିଲ ହୋଇପାରିବେ ବୋଲି ଓରାମ କହିଥିଲେ। କାର୍ଯ୍ୟକ୍ରମରେ ପାନପୋଷ ସାଙ୍ଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା, ମୁଖପାତ୍ର ଭଗବାନ ରାଉତ, ନିହାର ରାୟ, ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ରଘୁ ବଳ, ତପନ ସ୍ୱାଇଁ, ରାଇସନ ତିର୍କୀ, ପରେଶ ମିଶ୍ର ଓ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ବିଶ୍ୱକର୍ମା ପୂଜା ପାଇଁ ପାନପୋଷ ଛକ ରାସ୍ତା କଡ଼ରେ ଖୋଲିଛି ପୂଜାସାମଗ୍ରୀ ଦୋକାନ।


ଛେଣ୍ଡ ହୃଷୀକେଶ ରାୟ ମହାବିଦ୍ୟାଳୟ ସମ୍ମୁଖରେ ଦୈନିକ ପରିବା ହାଟ ଯୋଗୁ ରାସ୍ତା ଜାମ୍।

ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି, ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା

## ସଂକ୍ଷେପରେ



### ମୋଦିଙ୍କ କାର୍ଯ୍ୟକ୍ରମ: ଜିଲାରେ ବୁଲିବ ୪ ପ୍ରଚାର ଗାଡ଼ି

**ଝାରସୁଗୁଡ଼ା ଅଫିସ,୧୬।୯-** ପ୍ରଧାନମନ୍ତ୍ରୀଙ୍କ ଗସ୍ତର ପ୍ରଚାରପ୍ରସାର ପାଇଁ ଭାଜପା ପକ୍ଷରୁ ଗାଡ଼ି ବନ୍ଦୋବସ୍ତ କରାଯାଇଛି। ଜିଲା ଭାଜପା ପକ୍ଷରୁ ନିୟୋଜିତ ଏହି ୪ ପ୍ରଚାର ଗାଡ଼ିକୁ ରବିବାର ସନ୍ଧ୍ୟାରେ ଉଦ୍‌ଘାଟନ କରାଯାଇଛି। ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ବେହେରାମାଲସ୍ଥିତ କଣ୍ଟ୍ରୋଲ ରୁମ୍‌ଠାରେ ପତାକା ଦେଖାଇ ପ୍ରଚାର ଗାଡ଼ିକୁ ଶୁଭାରମ୍ଭ କରିଛନ୍ତି। ଏହି ପ୍ରଚାର ଗାଡ଼ି ଜିଲାର କୋଣ ଅନୁକୋଣକୁ ଯାଇ ମୋଦିଙ୍କ ସେପ୍ଟେମ୍ବର ୨୨ ଝାରସୁଗୁଡ଼ା ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବ। ଏହି ଉଦ୍‌ଘାଟନୀ ଅବସରରେ ଜିଲା ଭାଜପାର ନରେଶ ନାଏକ, ରଘୁନନ୍ଦନ ପଣ୍ଡା, ସୁନୀଲ ପଣ୍ଡା, ବଲବିନ୍ଦର ସିଂ, ଅନୀଲ ନାୟକ, ପାରସ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ମୋଦିଙ୍କ ଗସ୍ତର ଆଜି ସମୀକ୍ଷା କରିବେ ଧର୍ମେନ୍ଦ୍ର

**ଝାରସୁଗୁଡ଼ା ଅଫିସ,୧୬।୯-** ସେପ୍ଟେମ୍ବର ୨୨ରେ ଝାରସୁଗୁଡ଼ା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ମୋଦିଙ୍କ ଏହି ଗସ୍ତ ଆୟୋଜନର ସମୀକ୍ଷା କରିବେ। ରବିବାର ରାତି କିମ୍ବା ସୋମବାର ଭୋର୍‌ରୁ ପ୍ରଧାନ ଝାରସୁଗୁଡ଼ାରେ ପହଞ୍ଚିବେ। ପୂର୍ବାହ୍ନରେ ଝାରସୁଗୁଡ଼ା ବିମାନବନ୍ଦର ଗସ୍ତକରି ସେଠାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଅନୁଷଙ୍ଗିକ ସୁବିଧା ଏବଂ ସେବାର ସମୀକ୍ଷା କରିବା ପରେ ଏକ ହୋଟେଲରେ ଦଳୀୟ କର୍ମୀଙ୍କୁ ନେଇ ମଧ ଆଲୋଚନା କାର୍ଯ୍ୟକ୍ରମ ରହିଛି। ଏହାପରେ ଖବରଦାତାଙ୍କୁ ବିମାନବନ୍ଦର ଉଦ୍‌ଘାଟନ ସମ୍ପର୍କରେ ସୂଚନା ଦେବେ। ସୋମବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମଧ ଉପସ୍ଥିତ ରହିବା କାର୍ଯ୍ୟକ୍ରମ ରହିଛି।

# ଝାରସୁଗୁଡ଼ା ବିମାନବନ୍ଦରରେ କଳା, ସଂସ୍କୃତିର ଝଲକ

**ଝାରସୁଗୁଡ଼ା ଅଫିସ,୧୬।୯**

ଐତିହାସିକ ପୃଷ୍ଠଭୂମି ବହନ କରୁଥିବା ଝାରସୁଗୁଡ଼ା ବିମାନବନ୍ଦରର ସୌନ୍ଦର୍ଯ୍ୟକରଣ ମନମୁଗ୍ଧକର ହୋଇଛି। ବିମାନବନ୍ଦରର ସ୍ଥାନେ ସ୍ଥାନେ ଓଡ଼ିଶାର ଐତିହ୍ୟ, କଳା, ସଂସ୍କୃତି, ପରମ୍ପରା ଏବଂ ପର୍ଯ୍ୟଟନର ସୂଚନା ବହନ କରୁଥିବା ଫଟୋଚିତ୍ର ଏବଂ ପଟ୍ଟଚିତ୍ର ସ୍ଥାନ ପାଇଛି। ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଲୋକଙ୍କୁ ଗର୍ବ ଅନୁଭବ କରିବାର ଅବକାଶ ସୃଷ୍ଟି କରିବ। ସେଥିପାଇଁ ଝାରସୁଗୁଡ଼ା ବିମାନବନ୍ଦର ଚାରିପାଖରେ, କେଉଁଠି ଓଡ଼ିଶୀ ନୃତ୍ୟର ଚିତ୍ରକଳା କରାଯାଇଛି ତ କେଉଁଠି କୋଣାର୍କ ମନ୍ଦିରର ଐତିହ୍ୟ ପ୍ରଦର୍ଶିତ ହୋଇଛି। ସେହିପରି ପଶ୍ଚିମ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଏବଂ ଐତିହ୍ୟସ୍ଥଳୀ ଭାବେ ସମ୍ବଲପୁରର ହୁମା ଧୁମା, ରାଉରକେଲାର ହନୁମାନ ବାଟିକା, ସୁନ୍ଦରଗଡ଼ ଜିଲାର ଖଣ୍ଡାଧାର ଜଳପ୍ରପାତ, ଝାରସୁଗୁଡ଼ାର ପାହାଡ଼ି ମନ୍ଦିର, ବିକ୍ରମଖୋଲର ଫଟୋଚିତ୍ର ପ୍ରଦର୍ଶିତ କରାଯାଇଛି। ଏହାସହ ସ୍ଥାନୀୟ ଅଞ୍ଚଳରେ ଗୁରୁତ୍ୱ ବହନ କରୁଥିବା କେତେକ ସ୍ଥାନକୁ ବାଦ୍ ଦିଆଯାଇଥିବାରୁ ସେଗୁଡ଼ିକୁ ସ୍ଥାନିତ କରିବା ପାଇଁ କୁହାଯାଇଛି।
ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦେଶର ହାତଗଣତି କେତୋଟି ବିମାନଘାଟି ମଧ୍ୟରେ ଝାରସୁଗୁଡ଼ା ଅନ୍ୟତମ। ନିବେଶକ ରାଷ୍ଟ୍ରସମୂହ ଯୁଦ୍ଧ ସମୟରେ ଏହି ବିମାନବନ୍ଦର ବ୍ୟବହାର କରୁଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ବିମାନବନ୍ଦର ପରିତ୍ୟକ୍ତ ହୋଇପଡ଼ିଥିଲା। ଦୀର୍ଘ ୬୦ ବର୍ଷର ବ୍ୟବଧାନ ପରେ ୨୦୦୮ରେ ଝାରସୁଗୁଡ଼ା ବିମାନବନ୍ଦର ପୁନରୁତ୍ଥାନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ସରକାରଙ୍କ ପରିକଳ୍ପନାର ୧୦ ବର୍ଷ ପରେ ୨୦୧୮ ସେପ୍ଟେମ୍ବର ୨୨ ତାରିଖରେ ଏହାର ଲୋକାର୍ପଣ ସ୍ଥିର ହୋଇଛି। ଐତିହାସିକ ପୃଷ୍ଠଭୂମି ରହିଥିବା ଏହି ବିମାନବନ୍ଦରର ଉଦ୍‌ଘାଟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ଆସୁଛନ୍ତି। ତେଣୁ ବିମାନବନ୍ଦରର କୋଣ ଅନୁକୋଣର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିମାନବନ୍ଦର ପ୍ରାଧିକରଣ ଉଦ୍ୟମରତ। ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ, ସମ୍ବଲପୁରୀ ଲୋକନୃତ୍ୟର ଚିତ୍ରକଳା ବେଶ୍ ମନୋହର। ସେହିପରି ସ୍ଥାନେ ସ୍ଥାନେ କୋଣାର୍କ ସୂର୍ଯ୍ୟମନ୍ଦିର, ବିଶ୍ୱପ୍ରସିଦ୍ଧ ଜଗନ୍ନାଥଙ୍କ ଫଟୋଚିତ୍ର ଆକର୍ଷଣୀୟ। ଏହି ସବୁ ଫଟୋଚିତ୍ର ପ୍ରଦର୍ଶନର ଦୁଇ ପ୍ରମୁଖ କାରଣ ରହିଛି। ଏହାଦ୍ୱାରା ଗୋଟିଏ ପଟେ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାର ପ୍ରଚାରପ୍ରସାର ହେବ ଏବଂ ଅନ୍ୟପଟେ ବିମାନବନ୍ଦରକୁ ଆସୁଥିବା ଯାତ୍ରୀ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ସୂଚନା ପାଇପାରିବେ। ଏ ବାବଦରେ ମତ ଦେଇ ସ୍ଥାନୀୟ ବ୍ୟକ୍ତି ରମେଶ ଗାନ୍ଧୀ କହିଛନ୍ତି, ଦେଶର ଅନ୍ୟାନ୍ୟ ବିମାନବନ୍ଦରଠାରୁ ଝାରସୁଗୁଡ଼ା ବିମାନବନ୍ଦର ସୌନ୍ଦର୍ଯ୍ୟ ସ୍ୱତନ୍ତ୍ର। ଏଠାରେ ଲାଗିଥିବା ସୂଚନାମୂଳକ ଫଟୋଚିତ୍ର ବେଶ୍ ଆକର୍ଷଣୀୟ। କିନ୍ତୁ ବିମାନବନ୍ଦରରେ ଝାରସୁଗୁଡ଼ାର ଇଷ୍ଟଦେବ ଝାଡ଼େଶ୍ୱର ବାବାଙ୍କ ଫଟୋଚିତ୍ର ସ୍ଥାନିତ କରିବାକୁ ଦାବି କରାଯାଉଛି। ସେହିପରି ଅନ୍ୟଜଣେ ସ୍ଥାନୀୟ ବାସିନ୍ଦା ସୁବ୍ରତ ତ୍ରିପାଠୀଙ୍କ କହିବାନୁସାରେ, ଝାରସୁଗୁଡ଼ା ବିମାନବନ୍ଦରରେ ଓଡ଼ିଶାର କେତେକ ଚର୍ଚ୍ଚିତ ଏବଂ ଲୋକପ୍ରିୟ ବିଷୟବସ୍ତୁ ସ୍ଥାନ ପାଇଥିବା ବେଳେ ଆଉ କିଛି ସ୍ଥାନ ପାଇପାରି ନାହିଁ। ସେଗୁଡ଼ିକୁ ସ୍ଥାନିତ କରିବା ଦିଗରେ ବିମାନବନ୍ଦର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ତ୍ରିପାଠୀ ଅନୁରୋଧ କରିଛନ୍ତି।


ବିମାନବନ୍ଦରରେ ପ୍ରଦର୍ଶିତ କୋଣାର୍କ ମନ୍ଦିର ଫଟୋଚିତ୍ର।


ବିମାନବନ୍ଦରରେ ପ୍ରଦର୍ଶିତ ଓଡ଼ିଶୀ ନୃତ୍ୟକଳାର ଫଟୋଚିତ୍ର।



ବିମାନବନ୍ଦରରେ ପ୍ରଦର୍ଶିତ ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ଫଟୋଚିତ୍ର।

# ଅପରାଧୀ ସୋନୁ ଘୋଷ ଗିରଫ

**ବ୍ରଜରାଜନଗର,୧୬।୯(ଡି.ଏନ୍.ଏ.)**

ବ୍ରଜରାଜନଗର ଥାନା ଅନ୍ତର୍ଗତ ଷ୍ଟେଶନପଡ଼ାରେ ରହୁଥିବା ଅପରାଧୀ ସୋନୁ ଘୋଷଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୋନୁ ହତ୍ୟା, ମାରଣାନ୍ତକ ଆକ୍ରମଣ, ଦାଦାବଟି ଆଦି ୫୧ଟି ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି। ତାଙ୍କୁ ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ (ଏନ୍ଏସ୍ଏ)ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବ୍ରଜରାଜନଗର ଥାନା ଅଧିକାରୀ ବିଶ୍ୱାମିତ୍ର ହରିପାଲ କହିଛନ୍ତି।

# ବିଦେଶରେ ଲୋକପ୍ରିୟ ହୋଇଛି ନୂଆଁଖାଇ ଭେଟ୍‌ଘାଟ

**ଝାରସୁଗୁଡ଼ା ଅଫିସ,୧୬।୯**

ଝାରସୁଗୁଡ଼ା ଜମିଦାରପଡ଼ାଠାରେ ରବିବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ବିର୍ସା ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶାର ନୂଆଁଖାଇ ଏବଂ ଭେଟଘାଟ ସାରା ବିଶ୍ୱରେ ପରିଚିତ ଏବଂ ଲୋକପ୍ରିୟ ହୋଇସାରିଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟ ରାଜଧାନୀ ଭୁବନେଶ୍ୱର, ଦେଶ ରାଜଧାନୀ ଦିଲ୍ଲୀ ଏବଂ ଦୁବାଇ, ଆମେରିକା ଭଳି ବହୁ ଦେଶରେ ମଧ ଏହା ପାଳନ କରାଯାଉଛି। କୃଷିଭିତ୍ତିକ ଏହି ପର୍ବ ଭାଇଚାରାର ଅନନ୍ୟ ଅନୁଭୂତି ଦେଇଥାଏ ବୋଲି ମହାନ୍ତି କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କାଉନସିଲର ତ୍ରିନାଥ ଗୁଆଲ ଯୋଗଦେଇ କହିଲେ, ନୂଆଁଖାଇ ଦିନକୁ ଲୋକ ଅପେକ୍ଷା କରି ରହିଥାନ୍ତି। ଦେଶରେ ହେଉ ଅବା ଦେଶ ବାହାରେ, ଯେଉଁଠି ଥିଲେ ବି ଲୋକେ ନିଜ ଘରକୁ ଆସନ୍ତି ଏହି ପର୍ବ ପାଳନ କରିବାକୁ। ଏହି ଅବସରରେ ହେଉଥିବା ଭେଟଘାଟ ପରମ୍ପରା ହିଁ ଆତ୍ମୀୟତାର ପରିଚୟ ଦିଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷା ଯାଜ୍ଞସେନୀ ନାଏକ, ଭବାନୀ କିଷାନ, ସନ୍ୟାସୀ ବାଗ ପ୍ରମୁଖ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ନୂଆଁଖାଇ ଭେଟଘାଟ ଉତ୍ସବରେ ଉପସ୍ଥିତ ଅତିଥି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194
07496852157

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ।
ଅଗ୍ରିମ ୨୦,୦୦,୦୦୦/-
ଭଡ଼ା - 50,000/-।
ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପଵନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ ୨5 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର
FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now
9953851922

Aital Companyରେ
ଘରେ ବସି ପୁଅ–ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000। Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।

| | |
|---|---|
| ଭୁବନେଶ୍ୱର | 9870548744 |
| କଟକ | 7290022882 |
| ଅନୁଗୁଳ | 7290027866 |
| ବଲାଙ୍ଗୀର | 9870548676 |
| ପୁରୀ | 7290022876 |
| ବରଗଡ଼ | 7290027864 |
| ଭଦ୍ରକ | 7290022886 |
| ଗଞ୍ଜାମ | 7290027860 |
| ଯାଜପୁର | 9870548373 |
| ଖୋର୍ଦ୍ଧା | 9870549050 |
| କୋରାପୁଟ | 9870549092 |
| ମୟୂରଭଞ୍ଜ | 7290022884 |
| ସମ୍ବଲପୁର | 7290022879 |
| ସୁନ୍ଦରଗଡ଼ | 7290027868 |

Shop No. 108, 1st Floor, M.G. Road, Gurgaon

9911436726, 9540938429

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ, ପ୍ରକୃତରେ ଇଚ୍ଛାର ହିଁ ଅଭାବ।
- ଭିକ୍ଟର ହ୍ୟୁଗ୍

## ସଂକ୍ଷେପରେ

### ବ୍ରାହ୍ମଣୀନାଳ ପୋଲ କାମ ନିମ୍ନମାନର

**ହେମଗିର, ୧୬।୯ (ଡି.ଏନ.ଏ.)**-ଏମ୍‌ସିଏଲ ଅନୁଦାନରେ ବରପାଲି ଛକରୁ କନିକା ସାଇଡିଂ ପର୍ଯ୍ୟନ୍ତ ପ୍ରାୟ ୧୮କି.ମି. ଚାରିଥାକିଆ ରାସ୍ତା ନିର୍ମାଣ କାମ ଚାଲିଛି । ଏହି ରାସ୍ତାର ଅଟକଳ ପରିମାଣ ପ୍ରାୟ ୨୦୦ କୋଟି ଟଙ୍କା ରହିଛି। ରାସ୍ତାଟି ପିଡବ୍ଲୁଡି ଅଧୀନରେ ରହିଛି। ଏମସିଏଲ ଦୀର୍ଘ ଦିନ ଧରି କିନ୍ତୁ ଏହି ରାସ୍ତାରେ କୋଇଲା ପରିବହନ କରି ଚାଲିଛି। ଏଣୁ ଦୁର୍ଘଟଣା ଘଟୁଛି। ପ୍ରଦୂଷଣ ବି ହେଉଛି। ଏଣୁ ଲୋକଙ୍କ ଦାବି ଯୋଗୁ ଏମ୍‌ସିଏଲ୍ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ଅନୁଦାନ ରାଶି ଦେଇଛି। ଜିଆର୍ ଇନଫ୍ରାଷ୍ଟ୍ରକ୍‌ଚର୍ ଉକ୍ତ ରାସ୍ତା କାମ ହାତକୁ ନେଇଛି। ତେବେ ଏହି ଚାରିଥାକିଆ ରାସ୍ତାରେ ହେମଗିର ଓ କନିକା ମଝିରେ ବ୍ରାହ୍ମଣୀ ନାଳା ପଡେ। ୨୦୦୩ ନାଳା ଉପରେ ପୋଲ ନିର୍ମାଣ ହୋଇଥିଲା। ହେଲେ ସେହି ପୋଲଟି ଦୁର୍ବଳ ହୋଇ ଭାଙ୍ଗି ଗଲା। ଏଣ ଗତ ଡିସେମ୍ବରରେ ତାହାକୁ ଭାଙ୍ଗି ଦିଆଗଲା। ଏମସିଏଲ ଏବେ ନୂତନ ପୋଲ ନିର୍ମାଣ କରିଛି। ହେଲେ ନିର୍ମାଣର ୪ ମାସ ନ ପୂରୁଣୁ ସେଥିରେ ଫାଟ ସୃଷ୍ଟି ହୋଇଛି । ଏଥିରୁ ପୋଲ ତିଆରିରେ ନିମ୍ନମାନର କାମ ହୋଇଥିବା ସ୍ପଷ୍ଟ ବାରି ହେଉଛି। ହେଲେ ପୋଲ ନିର୍ମାଣକାରୀ ସଂସ୍ଥା ଓ ପ୍ରଶାସନିକ ଅଧିକାରୀଙ୍କ ଭିତରେ ମଧୁଚନ୍ଦ୍ରିକା ଯୋଗୁ ଏହାର ତଦନ୍ତ କରାଯାଉ ନାହିଁ। ଗଣମାଧମରେ ବାରମ୍ବାର ଖବର ପ୍ରକାଶ ପାଇଲେ ମଧ ବିଭାଗୀୟ ସରକାରୀ ଅଧିକାରୀ ନିଦାବିଷ୍ଟୁ ସାଜିଛନ୍ତି।



### ରାସ୍ତା କାମରେ ଦୁର୍ନୀତି

**ହେମଗିର, ୧୬।୯ (ଡି.ଏନ.ଏ.)**-ହେମଗିର ବ୍ଲକର ମନୋହରପୁର-ସରବାହାଲ ରାସ୍ତା କାମରେ ଅନୀୟମିତତା। ଏହି କାମକୁ ଛତିଶଗଡ ରାୟପୁରର ବିଶାଳ ବିଲ୍ଡର୍ସ ହାତକୁ ନେଇଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ପାଣ୍ଠି ଦେଇଛି। ତଦାରଖ ଦାୟିତ୍ୱରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରହିଛନ୍ତି । ୨୦୧୬ରେ କାମ ଆରମ୍ଭ ହୋଇ ୨୦୧୭ରେ ଶେଷ ହେବା ପାଇଁ ଧାର୍ଯ୍ୟ ସମୟ ରହିଥିଲା। ହେଲେ ପ୍ରାୟ ଦେଢ଼ କି.ମି. ରାସ୍ତା ତିଆରି ହୋଇଛି। ତାହାବି ଅତି ନିମ୍ନମାନର । ଯେତିକି ରାସ୍ତା ନିର୍ମାଣ ହୋଇଛି ତାହା ପୁଣି ଫାଟି ଗଲାଣି।



ବଡଗାଁ ଦେବ ମଣ୍ଡପରେ ନୂଆଁଖାଇ ଭେଟଘାଟରେ ମଞ୍ଚାସୀନ ଅତିଥି ।



ଧଉଁରାଅଡା କଲ୍ୟାଣ ରାହାସ ମଣ୍ଡପରେ ନୂଆଖାଇ ଭେଟଘାଟ୍‌ରେ ଉପସ୍ଥିତ ଅତିଥି।

■ ନୂଆଁଖାଇ ଭେଟଘାଟରେ ଗୀତନାଚ, ବିଭିନ୍ନ ପ୍ରତିଯୋଗିତା

# ଦକ୍ଷତା ଦେଖାଉଛନ୍ତି ଗ୍ରାମ୍ୟ ପ୍ରତିଭା

**ବଡଗାଁ, ୧୬।୯ (ଡି.ଏନ.ଏ.)**

ସରିଛି ନୂଆଖାଇ। କେତେକ ଜାଗାରେ ଭେଟଖାଟ ବି ସରିଛି। ଆଉ କେତେକ ଜାଗାରେ ଭେଟଘାଟ ଚାଲିଛି। ଏଥିରେ ନାଚଗୀତର ଆସର ଜମୁଛି। ଗାଁ ମହିଳା ଆଉ ପିଲାମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେମାନଙ୍କ ଭିତରେ ଥିବା ପ୍ରତିଭାର ପ୍ରଦର୍ଶନ କରୁଛନ୍ତି। କହିବାକୁ ଗଲେ ନୂଆଖାଇ ଭେଟଖାଘ ଗାଁ ପ୍ରତିଭାର ବିକାଶ କରୁଛି। ଏହିକ୍ରମରେ ବଡଗାଁ ଦେବ ମଣ୍ଡପରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଗୌନ୍ତିଆ ପ୍ରକାଶ ପାଣିଗ୍ରାହୀ, ନିତ୍ୟାନନ୍ଦ ମିଶ୍ର, ଛବିଳ ସେଠ, ଭିକାରୀ ଚରଣ ସା, ଧ୍ରୁବ ଚରଣ ପଣ୍ଡା, ବିରଞ୍ଚି ପଣ୍ଡା, ପ୍ରତାପ ମହାପାତ୍ର, ଜ୍ୟୋତ୍ସ୍ନାମୟୀ ପାଣିଗ୍ରାହୀ, ଉପାଧ୍ୟାୟ ପାଣିଗ୍ରାହୀ, ଚକ୍ରଧର ପୃଷେଟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟରେ ବର୍ଷାରାଣୀ ନାୟକ, ସାଇଶ୍ରିତା ପାଣିଗ୍ରାହୀ, ସୌମ୍ୟା ସା, ହୁଳହୁଳିରେ କୁମୁଦିନୀ ପାଣିଗ୍ରାହୀ, ସୁଷମା ପଣ୍ଡା, ଜ୍ୟୋତ୍ସ୍ନାମୟୀ ପାଣିଗ୍ରାହୀ, ଜିଲାବି ଡିଆଁରେ ଇମାନ ସା, ଆଭା ପଟ୍ଟନାୟକ, ସିଲ୍‌କି ନାୟକ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ନିତ୍ୟାନନ୍ଦ ମିଶ୍ର, ବିରଞ୍ଚି ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଯଶୋବନ୍ତ ପଣ୍ଡା ଓ ଚକ୍ରଧର ପୃଷେଟ ମଞ୍ଚ ପରିଚାଳନା କରିଥିଲେ ।

ସେହିପରି ଲିଟିପଡାରେ ଗଣେଶ ପୂଜା ଅବସରରେ ହୋଇଥିବା ହାଣ୍ଡିଫଡାରେ କୁନୁ ବାଗେ, କୁମାରୀ ବାଗେ, ମୁନୁ ହାସଦା, ମ୍ୟୁଜିକ ଚେୟାରରେ ସାବିତ୍ରୀ ହାସଦା, ସୁନିତା ପ୍ରଧାନ, ମୀନା ବାଗେ, ନୃତ୍ୟରେ ପ୍ରୀତି ବାଗେ, ମନିଷା ଗ୍ରୁପ ଓ ତନିଷା ହାସଦା ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ସିଦ୍ଧାର୍ଥ ପାଣିଗ୍ରାହୀ, ମାନସ ଜେନା ଓ ଜିପିଓ ମୁକ୍ତେଶ୍ୱର ସା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଲଟାପଡା (ଗୌଡପଡା)ରେ ଗଣେଶ ପୂଜା ଉପଲକ୍ଷେ ଆୟୋଜିତ ମ୍ୟୁଜିକ ଚେୟାର ଜୁନିୟରରେ ଗୀତା କର୍ସେଲ, ଅଙ୍କିତା ଚନ୍ଦନ, ଦେବ ଭୈସାଲ, ସିନିୟରରେ ପାୟଲ ଗୌଡ, ସନ୍ତୋଷିନୀ ନାଏକ, ରେବତୀ କଉଡି, ଜୁନିୟର ଡ୍ୟାନ୍ସରେ ରୋନଭ ରାଜ ଗହିର, ଚନ୍ଦନ ଭୌସାଲ, ଉଜଳ ସାହୁ, ଫ୍ୟାନସି ଡ୍ରେସ୍‌ରେ କାଲୋ ଗ୍ରୁପ, ଡ୍ରଇଂ ସିନିୟରରେ ସୁମି ରାଉତ, ଅଙ୍କିତ ପଟେଲ, ଧନେଶ୍ୱର ଚନ୍ଦନ, ଜୁନିୟରରେ ରୋନଭ ରାଜ ଗହିର, ଡିମ୍ପଲ ଭିଡ୍ରିଆ, ପ୍ରିୟରଞ୍ଜନ ଦେହୁରି ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ରାମକୃଷ୍ଣ ସାହୁ, ବିକି ପଣ୍ଡା ଓ ହେମଲତା କର୍ସେଲ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

**ସୁନ୍ଦରଗଡ଼/ଲେଫ୍ରିପଡା, (ଡି.ଏନ.ଏ.)** -ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଅବନକେଲାଠାରେ ନୂଆଖାଇ ଭେଟଘାଟ୍ ପାଳିତ ହୋଇଯାଇଛି। ଟାଙ୍ଗରପାଲି ବ୍ଲକ୍ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ରେମଣ୍ଡା ସରପଞ୍ଚ ଯଶୋବନ୍ତୀ ଭୋଇ, ପ୍ରାବନ୍ଧିକ ଡ.ଭଗବାନ ପଟେଲ, କବି ଅନିଲ କୁମାର ଦାସ, ଉପେନ୍ଦ୍ର ସରାଫ, କ୍ଷୀରୋଦ କୁଅଁର, ମନ୍ଦାକିନୀ ଶତପଥୀ, ମାଧବୀ ପଟେଲ, ରମେଶଚନ୍ଦ୍ର ପଶାୟତ୍, ପଙ୍କଜିନୀ ରାଉତ, ହେମନ୍ତ ପଟେଲ, ରାଜେ ପୂଝାରୀ, ଶୁଭମ୍ ନାଏକ, ତପନ ସାହୁ, ଜୟକୃଷ୍ଣ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଗ୍ରାମର ମହିଳାମାନଙ୍କୁ ନେଇ ଅନୁଷ୍ଠିତ ଭଲ ଭୁଆସେନ ଭାବେ ଅନୁ ସେଟ୍, ସୁମତି ପଟେଲ, ବୀଣା ପଟେଲ ମନୋନୀତ ହୋଇଥିଲେ। ଅତିଥିମାନଙ୍କ ଦ୍ୱାରା ଏହି କୃତୀ ମହିଳାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଯୁବ କବି ଫିରୋଜ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ। ତେବେ ଏହି କାର୍ଯ୍ୟକ୍ରମକୁ ଅବନକେଲା ଗ୍ରାମର ଗଣେଶ ପୂଜା କମିଟି ଆୟୋଜନ କରିଥିଲା। ସନ୍ଧ୍ୟାରେ ଛୋଟ ଛୋଟ ପିଲାମାନଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷେ ଧଉଁରାଅଡା କଲ୍ୟାଣ ରାହାସ ମଣ୍ଡପରେ ୧୪ତମ ନୂଆଖାଇ ଭେଟଘାଟ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜୁ ପଟେଲ ସଭାପତିତ୍ୱ କରିଥିଲେ। ରଘୁମଣୀ ପଟେଲ, ଟଙ୍କଧର ମାଝି, ଖେଳାକର ପାଣ୍ଡେ, ପ୍ରଶାସନିକ ସେବା ଅଧିକାରୀ ଡୋଲାମଣି ପଟେଲ, ପ୍ରଫେସର ଦିଲୀପ ପଟେଲ, ଦୀନବନ୍ଧୁ ପଟେଲ, ରଘୁବୀର ପାଣ୍ଡେ, ଅନନ୍ତରାମ ପଟେଲ, ବନମାଳୀ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ଅବନକେଲାଠାରେ ନୂଆଖାଇ ଭେଟଘାଟ ଅବସରରେ ଉପସ୍ଥିତ ଅତିଥି।

### ଦୁର୍ବୃତ୍ତ ଆକ୍ରମଣରେ ଯୁବକ ଗୁରୁତର

**ଲହଣୀପଡା, ୧୬।(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହଣୀପଡା ଥାନା ଅନ୍ତର୍ଗତ ବରସୁଆଁ ନିକଟସ୍ଥ ଦମାଲୁ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ୟାକୁବ ମୁଣ୍ଡା ଓରଫ ବିନୋଦ (୩୫)। ଦମାଲୁ ଗ୍ରାମର ପର୍ଶୁରାମ ନାଏକଙ୍କ ଘରେ ସେ ଭଡାରେ ରହି ଖଣ୍ଡାଧାର ଖଣିରେ ଶ୍ରମିକ ଭାବେ କାମ କରନ୍ତି। ଶନିବାର ବିଳମ୍ବିତ ରାତିରେ ଅଜଣା ଦୁର୍ବୃତ୍ତମାନେ ଆସି ୟାକୁବଙ୍କୁ ଆକ୍ରମଣ କରି ଚାଲିଯାଇଥିଲେ। ତାଙ୍କୁ ତୁରନ୍ତ ଲହୁଣିପଡା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଏ ସମ୍ପର୍କରେ ଥାନାରେ କୌଣସି ସୂଚନା ନ ଥିବା ପୋଲିସ କହିଛି।

### କର୍ଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ଶପଥ

**ସୁନ୍ଦରଗଡ, ୧୬।୯ (ଡି.ଏନ୍.ଏ.)**

ସଦର ବ୍ଲକ ଅନ୍ତର୍ଗତ କର୍ଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ରବିବାର କର୍ଲାର ଶତାଧିକ ମହିଳା ଶପଥ ନେଇଛନ୍ତି। ଗାଁର ରାହାସ ମଣ୍ଡପରେ ତୁଳେଶ୍ୱରୀ ହଂସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀବତ୍ସ କରସେଲ, ଭଗବାନ ମାଝି, ଦିଲୀପ ଆର୍ଯ୍ୟ, ବିକ୍ରମ ମୁଣ୍ଡୁ, ଏଡୱାର୍ଡ କାଣ୍ଡୁଲାନା, ରଂଜିତ ମୁଣ୍ଡୁ, ସୁଧୀର କୁମୁରା, ଦୂବରାଜ ଜୟପୁରିଆ, ଧରମ ସିଂ ମାଝିଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ। ରୂପାନନ୍ଦ ରଣବିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏକ କମିଟି ଗଠନ କରାଯାଇଛି। ମଦ ବେପାରୀଙ୍କୁ ନୋଟିସ ଜାରି କରିବା, ଜୋରିମାନା ଆଦାୟ କରାଯିବା, ପ୍ରଶାସନକୁ ଦାବିପତ୍ର ପ୍ରଦାନ ଲାଗି ପ୍ରସ୍ତାବ ଗୃହୀତ ହୋଇଛି। ହେମକାନ୍ତି ତନ୍ତୀଙ୍କୁ କମିଟିର ସଭାପତି, ସସ୍ମିତା ମୁଣ୍ଡୁଙ୍କୁ ସଂପାଦିକା ଓ ଦେବଯାନୀ ବାଗଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି।



କାଦୋବାହାଲ ପଞ୍ଚାୟତର ଗୋଘର ଚର୍ଚ୍ଚରେ ଅନୁଷ୍ଠିତ ବାଇବେଲ୍ ଶିକ୍ଷା କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

# କଳୁଙ୍ଗା-ବେଲଡିହି ରାସ୍ତା ବେହାଲ

**ବେଦବ୍ୟାସ, ୧୬।୯ (ଡି.ଏନ.ଏ.)**

ଲାଠିକଟା ବ୍ଲକ ଅନ୍ତର୍ଗତ କଳୁଙ୍ଗା ଗ୍ରାମ ପଞ୍ଚାୟତର କଳୁଙ୍ଗା-ବେଲଡିହି ରାସ୍ତା ବସ୍ଥା ଅତି ଶୋଚନୀୟ ହୋଇପଡିଛି । ସାମାନ୍ୟ ବର୍ଷାରେ ଏହି କାଦୁଅ ପଚପଚ ରାସ୍ତାରେ ଦୁଇ ଚକିଆ ଯାନ କଥା ଛାଡ ସାଇକେଲରେ ଯାଆସ କରିବା କଷ୍ଟସାଧ୍ୟ ହେଲାଣି । ଖରାଦିନେ ରାସ୍ତା ଦୂରବସ୍ଥା ନେଇ ବାରମ୍ବାର ଦାବି କରାଯାଇଥିଲା । ହେଲେ ବିଭାଗୀୟ ଅଧିକାରୀଙ୍କ କର୍ଣ୍ଣପତା ହୋଇ ନ ଥିଲା। ଏବେ ବର୍ଷା ଦିନେ ଏହି ମୋରମ ବିଛା ରାସ୍ତା ବେହାଲ ହୋଇ ପଡିଲାଣି । ବର୍ଷାରେ ମୋରମ ଧୋଇ ହୋଇଯାଇ ରାସ୍ତା କଦର୍ଯ୍ୟ ପାଲଟିଗଲାଣି । ଏଥିରେ ବଡ ବଡ ଗାତ ଦେଖା ଗଲାଣି । ତଥାପି ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ଚେତା ଉଦୟ ହୋଇନି। ଅନ୍ୟପକ୍ଷେ କଳୁଙ୍ଗା ଓ ବେଲଡିହିକୁ ସଂଯୋଗ କରୁଥିବା ଏକ ନାଳ ଉପରେ ନୂତନ କଲଭର୍ଟ ଅଧପନ୍ତରିଆ ଭାବେ ପଡି ରହିଛି। ଏଣୁ କଳୁଙ୍ଗାରେ ଥିବା ପ୍ରାଣୀ ଚିକିତ୍ସାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, କଳୁଙ୍ଗା ଲ୍ୟାମ୍ପ୍ସ, ଡାକଘର ଆଦି ଉପରେ ନିର୍ଭର କରୁଥିବା ଲୋକେ ଯାତାୟତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସଂକ୍ରାନ୍ତରେ କଳୁଙ୍ଗା ସରପଞ୍ଚ ସୀତା ମିଞ୍ଜ କହିଛନ୍ତି ଯେ, ରାସ୍ତା ମରାମତି ନିମନ୍ତେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥାପନ କରାଯାଇଛି। ଏ ବିଷୟରେ ବେଲଡିହି ବାସିନ୍ଦା ଯୁବନେତା ବିନୋଦ କୁଜୁର କହନ୍ତି, ପଞ୍ଚାୟତ ଅଧିକାରୀଙ୍କଠାରୁ ଆରମ୍ଭ କରି ବ୍ଲକ ଅଧିକାରୀ ଓ ଜିଲାପାଳଙ୍କଠାରୁ ନେଇ ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଅଦ୍ୟାବଧି କିଛି ସୁଫଳ ମିଳିନି ।



କଳୁଙ୍ଗା-ବେଲଡିହି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡିଛି ।

■ ଗୋଘର ଚର୍ଚ୍ଚରେ ବାଇବେଲ ଶିକ୍ଷା କର୍ମଶାଳା

# ଯିଶୁଙ୍କ ବଳିଦାନ ଉଦାରତାର ଉଦାହରଣ

**କୁଆଁରମୁଣ୍ଡା, ୧୬।୯ (ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକ କାଦୋବାହାଲ ପଞ୍ଚାୟତର ଗୋଘର ଚର୍ଚ୍ଚରେ ରବିବାର ବାଇବେଲ ଶିକ୍ଷା କର୍ମଶାଳା ଆୟୋଜିତ ହୋଇଯାଇଛି। ପ୍ରଭୁ ଯିଶୁଖ୍ରୀଷ୍ଟ ସମଗ୍ର ଜଗତର ମାନବ ସମାଜ ସୁଖ, ଶାନ୍ତି ପ୍ରତିଷ୍ଠା ପାଇଁ ନିଜକୁ ବଳିଦାନ ଦେଇ ଉଦାରତାର ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି। ପବିତ୍ର ଧର୍ମଗ୍ରନ୍ଥ ବାଇବେଲ୍‌ରେ ଏହା ଲିଖିତ। ଆମେ ଏହାକୁ ଅନୁକରଣ କରିବା ଉଚିତ୍। କୋମଳମତି ଛାତ୍ରୀଛାତ୍ରମାନେ ଆପଣାର ଅନ୍ତକରଣ ସହ ପଡୋଶୀଙ୍କୁ ଆତ୍ମୀୟତାର ସହ ଶ୍ରଦ୍ଧା କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୁଆଁରମୁଣ୍ଡା ଲ୍ୟାମ୍ପ୍ସର ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା ଏହା ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର, ବୀରମିତ୍ରପୁରର ପୂର୍ବତନ ବିଧାୟକ ନିହାର ସୁରିନ୍, କୁଆଁରମୁଣ୍ଡା ବିଡିଓ ପିୟୂଷ ଲୋହାର, କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାସଁଦା, ଶ୍ୟାମା ସାହ, ଭଓ୍ୱା ଏକ୍କା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କାଦୋବାହାଲ ଅଞ୍ଚଳର ସ୍କୁଲ ପିଲାମାନେ ଅଂଶଗ୍ରହଣ କରି ବାଇବେଲ୍ ସମ୍ପର୍କିତ ବିଶେଷ ଜ୍ଞାନ ଆହରଣ କରିଛନ୍ତି।



କୁରେଇବଗା ଗ୍ରାମରେ ସଫେଇରେ ଭାଗ ନେଇଥିବା ଗ୍ରାମବାସୀ।

# ସ୍ୱଚ୍ଛ ଗାଁ, ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଆହ୍ୱାନ

**ବଡଗାଁ, ୧୬।୯ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ନେହେରୁ ଯୁବ କେନ୍ଦ୍ର (ଏନୱାଇକେ)ର ଜିଲା ଯୁବ ସଂଯୋଜକ କେ. ଭେଙ୍କଟରମଣ, ଡିଲେଶ୍ୱର ନାଏକ, ବଡଗାଁ ଡାକ୍ତରଖାନାର ସ୍ୱାସ୍ଥ୍ୟକର୍ମୀ ପଙ୍କଜ ପୃଷେଟ, ନରହରି ପୃଷେଟ ଅତିଥି ଭାବେ ଯୋଗ ଦେଇଥିଲେ। ଗାଁକୁ ସଫା ରଖିବା ଓ ପ୍ଲାଷ୍ଟିକ ମୁକ୍ତ ସମାଜ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ସମସ୍ତେ ମିଶି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଡିଲେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

■ ଗୀତପାହାଡ ବାର୍ଷିକ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଏନ୍‌ଏସ୍‌ସି ଲାକ୍ରାଯୋର ଚାମ୍ପିୟନ

**ବାଲିଶଙ୍କରା, ୧୬।୯ (ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକ ବେହେରାଡିହି ପଞ୍ଚାୟତ ଗୀତପାହାଡ ଫ୍ରାନସିସ୍ କ୍ଲବ ଆନୁକୂଲ୍ୟରେ ଗତ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଗୀତପାହାଡ ବାର୍ଷିକ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଭାରତର ପୂର୍ବତନ ହକି କ୍ୟାପଟେନ ପ୍ରବୋଧ ଟୀର୍କି ଯୋଗ ଦେଇଥିଲେ। ଇଚ୍ଛାଶକ୍ତି, କଠିନ ପରିଶ୍ରମ, ଧୈର୍ଯ୍ୟ ରହିଲେ ଜଣେ ଅନ୍ତର୍ଜାତୀୟ ଖେଳାଳି ହୋଇପାରିବ ବୋଲି ସେ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବେହେରାଡିହି ସରପଞ୍ଚ ପ୍ରତିମା ଧୁରୁଆ, ଖବରଦାତା ସତ ସେଠ, ସାମାଜିକ କର୍ମୀ ଜିତେନ୍ଦ୍ର ନାଏକ, ସରୋଜ ଦାନୀ, ସୀମା ଟୀର୍କି, ରାଜେନ୍ଦ୍ର ଏକ୍କା, ସନାତନ ବାଡା, ଆବ୍ରାହମ ବାଡା ପ୍ରମୁଖ ଯୋଗଦେଇ ହକି ଖେଳ ପ୍ରତି ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହି ଟୁର୍ନାମେଣ୍ଟରେ ୬୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଏନଏସସି ଲାକ୍ରାଯୋର ଓ ଗୀତପାହାଡ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଟାଇବ୍ରେକର ଜରିଆରେ ଲାକ୍ରାଯୋର ଚାମ୍ପିୟନ ହୋଇଥିଲା। ଫ୍ରାନସିସ୍ କ୍ଲବ ସଭାପତି ଥାଦିୟୁସ୍ କୁଜୁର, ସମ୍ପାଦକ ସଞ୍ଜୟ ଟୀର୍କି, ଉପସଭାପତି ସୁନୀଲ ଟୀର୍କି, ସହସମ୍ପାଦକ ବାଚାନ୍ ଟୀର୍କି, କମିଟି ମେମ୍ବର ନିକୋଲାସ ଟପ୍ପୋ, ଆନନ୍ଦମାସି ଟୀର୍କି, ଜୁଏଲ ଏକ୍କା, ଫାଦିୟାନୁସ ଏକ୍କା ଓ ଫାଇନାଲରେ ଖେଳ ପରିଚାଳନା ରାଜଦୀପ ଟୀର୍କି ଓ ରୋଶନ ଏକ୍କା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଗୀତପାହାଡ ବାର୍ଷିକ ହକି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳି।